MSME
UDYAM-OD-13-0044620

ମହ୍ଲାର ଇ-ପତ୍ରିକା

ତ୍ରୀ-ମାସିକ ଇ-ପତ୍ରିକା

ସ୍ମୃତି ତୀର୍ଥ

(ଡ଼ିସେମ୍ବର ୨୦୨୫ ସଂକଳନ)



ଭୁବନେଶ୍ୱର

ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ,
ନିର୍ବିଘ୍ନମ କୁରୁମେ ଦେବ ସର୍ବ କାର୍ଯ୍ୟେଶୁ ସର୍ବଦା ।।

ମହ୍ଲାର

" **ମହ୍ଲାର**" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "**ମହ୍ଲାର**" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧ୍ୟମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦେଶ ...

ଯୋଗାଯୋଗ

ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୪
ଫୋନ ନମ୍ବର : ୮୩୨୮୯୫୧୨୨୯
ଇ-ମେଲ : malharmagazine@gmail.com
ୱେବ ସାଇଟ : Www.MalharOdia.Com

ପାଠକୀୟ ମତାମତ

"ମହ୍ଲାର "ଏକ ପ୍ରେରଣାର ପ୍ରସ୍ରବଣ। ନୂତନତା ସ୍ୱର। ଅଦିନିଆ ବର୍ଷା ଛିଟାରେ ମଉଳି ଯାଉଥିବା ପ୍ରତିଭାର ଜୀବନ୍ୟାସ ମନ୍ତ୍ର। ସୃଜନଶୀଳତାର ବାର୍ତ୍ତାବହ। ଏହା କେବଳ ସାରସ୍ୱତ ଅନୁଷ୍ଠାନ ନୁହେଁ, ଏହା ସମାଜ ସଂସ୍କାରର ସଂସ୍ଥାପକମାନଙ୍କୁ ଖୋଜିବାରେ ସିଦ୍ଧହସ୍ତ ସାରସ୍ୱତ ସାହିତ୍ୟ। ମୁଁ ଏ ଅନୁଷ୍ଠାନ ସହ ଜଡିତ ହେବା ଦିନଠୁ ନିରେଖିଛି, ପାଖରୁ ଜାଣିଛି। ଯାହା ଲେଖିଛି,ତାହା ମୋର ବ୍ୟକ୍ତିଗତ ମତ।

ଡ: ଶୁଭ୍ରା ଦାସ

ମହ୍ଲାର ମାସିକ ପତ୍ରିକା ଭାବରେ ପ୍ରକାଶିତ ହୋଇଆସୁଅଛି। ଏହାର ସମ୍ପାଦକ ମଣ୍ଡଳୀ ଯେଉଁ ପ୍ରୟାସ କରିଛନ୍ତି ତାହା ନିତାନ୍ତ ପ୍ରଶଂଶନୀୟ। ଯେଉଁ ଲେଖକ ଲେଖିକାଗଣ ପାଠକଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଉଛନ୍ତି ସେମାନଙ୍କୁ ପାଠକମାନଙ୍କ ଅଧିକ ନିକଟତର କରାଇବା ସହ ସର୍ଜନମନସ୍କ ଓ ସାହିତ୍ୟମନସ୍କ କରିବା ପାଇଁ ଏହା ପ୍ରେରଣାର ଉତ୍ସ। ଭାଷା ଓ ସାହିତ୍ୟର ବିକାଶ ଦିଗରେ ଏହାର ଭୂମିକାକୁ ଏଡାଇ ଦିଆଯାଇପାରିବ ନାହିଁ । ଭବିଷ୍ୟତରେ ଏ ପତ୍ରିକା ସର୍ଜନଶୀଳ ଲେଖକ ପରିବେଶଟିଏ ସୃଷ୍ଟି କରିବ ଏହା ନିଃସନ୍ଦେହ। ଏଣୁ ସକରାତ୍ମକ ମାନସିକତାଟିଏ ତିଆରି କରିବାରେ ଏକ ପାଦ ବଢାଇଥିବା ହେତୁ ସଂପାଦକ ମଣ୍ଡଳୀଙ୍କୁ ସାଧୁବାଦ ଜଣାଉଛି ।

ହିତେଶ୍ ବେହେରା

ଆପଣଙ୍କ ମହ୍ଲାର ପତ୍ରିକା ରେ ବହୁତ କିଛି ଶିଖିବାକୁ ମିଳେ। ଭଗବାନଙ୍କ କବିତା ରୁ, ପ୍ରେମ, ପ୍ରକୃତି, ରାଗ ଅଭିମାନ ସବୁ ଥାଏ। ଯାହା କି କବି, କବୟତ୍ରୀ ମାନେ ନିଜର ମନରେ ଆସିଥିବା ଭାବନାକୁ ପ୍ରକାଶ କରନ୍ତି କବିତା ମାଧମରେ ଗୋଟିଏ ନିଆରା ରୂପ ଦେଇ, ଏମିତି ସୁନ୍ଦର ଭାବରେ ଚାଲିଥାଉ ଏଇ ମହ୍ଲାର ପତ୍ରିକା । ଜୟ ଜଗନ୍ନାଥ 🙏

ସରସ୍ୱତୀ ମେହେର

ମହ୍ଲାର, ଅତି ସୁଲଳିତ ଏବଂ ଚମକପ୍ରଦ ଅନନ୍ୟ ସୃଷ୍ଟି | ଯାହାକି ନୂତନ ଜିଜ୍ଞାସୁ କରିବାର ଏକ ମହାର୍ଣ୍ଣବ ମାଧମ | ଏହି ସଂଯୋଗରେ ଅଂଶଗ୍ରହଣକରିଥିବାରୁ ନିଜକୁ ଆତ୍ମସନ୍ତୋଷ ମିଳିଛି |
"ମହ୍ଲାର ରାଗ ବର୍ଷାର ଆବାହନ, ଏହା କେବଳ ସ୍ୱର ନୁହେଁ, ଏହା ପ୍ରକୃତି ସହିତ ଏକ ଆତ୍ମୀୟ ସମ୍ପର୍କ।"
"ମହ୍ଲାର ଇ-ପତ୍ରିକା ଓଡ଼ିଆ ସାହିତ୍ୟ ଜଗତରେ ନିଜର ଅନ୍ତଃସ୍ୱରକୁ ବିଶ୍ୱାଭିମୁଖେ ପହଞ୍ଚାଇବାର ଏକ ସୁନ୍ଦର ପ୍ରୟାସ।"

ଶିଳ୍ପଲିପି ବେହେରା

ମହ୍ଲାର ପତ୍ରିକା ସହ ପ୍ରାୟତ ଦୁଇ ବର୍ଷ ହେବ ଯୋଡ଼ି ହେଇ ରହିଛି, ପ୍ରତିଥର ମତେ ସକାରାତ୍ମକ ଭାବରେ ଉତ୍ତର ମିଳିଛି, ସହାୟତା ମଧ ମିଳିଛି, ଏକ ନୂତନ ଲେଖକ କିମ୍ବା ଲେଖିକା ପାଇଁ ଏହା ଏକ ନୂତନ ସମ୍ଭାବନା ନିଶ୍ଚୟ, ଖୁସି ଲାଗେ ନିଜକୁ ପତ୍ରିକାର ଏକ ପୃଷ୍ଠା ମଣ୍ଡିତ କରିବାର ଦେଖି। ଏ ହିଁ ପ୍ରକୃତ ସଫଳତା ହାସଲ ନିଶ୍ଚୟ ଆଗକୁ ବଢ଼ିବାକୁ ଏକ ପ୍ରାରମ୍ଭିକ ପାହାଚ ପରି। ପରିଶେଷରେ ଅଶେଷ ଧନ୍ୟବାଦ ଏହି ପରିବାର କୁ।

ସୁହାସିନୀ ପଟ୍ଟନାୟକ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ମହ୍ଲାର କେବେ ଜଗାଏ , କେବେ ଚେତାଏ | ମରିଯାଉଥିବା ହଜିଯାଉଥିବା ଚିନ୍ତାଚେତନାର ପ୍ରତିଭାକୁ ଖୋଜିଆଣି ପ୍ରକଟକରେ ଆଉ ଆଗେଇନିଏ ଜୀବନଗାଡିକୁ ସରସ ସୁନ୍ଦରକରି..

ରାମଚଂନ୍ଦ୍ର ଜେନା

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ର ଉନ୍ନତି ପାଇଁ ମହ୍ଲାର ଏକ ଦୃଢ଼ ପ୍ରତିବଦ୍ଧତା ଯାହା ଓଡ଼ିଶା ମାଟିର ମାନ,ମୂଲ୍ୟ ଓ ସଚେତ ସୃଜନଶୀଳତା ର ଏହା ଏକ ସମନ୍ୱୟ l ସାହିତ୍ୟ ଜଗତ ରେ ଗ୍ରାମ ଓ ସହର ର ସାହିତ୍ୟିକ ମାନଙ୍କର ଲେଖନୀ କୁ ଭାବନା କୁ ନେଇ ଏକ ନୂତନ ଧାରା ର ଉପସ୍ଥାପନା କରେ ମହ୍ଲାର ଯାହା ସମସ୍ତ ପାଠକଙ୍କ ହୃଦୟକୁ ଛୁଇଁ ପାରିଛି l

ମହ୍ଲାର ଆହୁରି ଆଗକୁ ଯାଉ ଏତିକି ସୁ- ଜଣାଉଛି lଏ ଜୀବନଗାଡିକୁ ସରସ ସୁନ୍ଦରକରି..

ପୁଷ୍ପାଞ୍ଜଳି ପଣ୍ଡା

ମହ୍ଲାର ଏମିତି ଏକ ପତ୍ରିକା ଯାହା ମନୋରଞ୍ଜକ ଓ ଜ୍ଞାନବର୍ଧକ ମଧ୍ଯ,
ସୁନ୍ଦର ପ୍ରଛଦପଟ ସହିତ ଲେଖକ ଲେଖିକା ମାନଙ୍କର ସୃଷ୍ଟିକୁ
ଲୋକଲୋଚନ କୁ ଆଣିଥାଏ,,,
ମହ୍ଲାର ଇ ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଶିଶିର କୁମାର ସାମଲ ସାର୍ ଙ୍କ
ପ୍ରଚେଷ୍ଟା ବହୁ ଉଚ୍ଚ କୋଟିର,,
ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ସାଧୁବାଦ,,,
ସାର୍ ଆମକୁ ମହ୍ଲାର ଜରିଆ ରେ ଜଣେ ଲେଖକ ହେବା ସହିତ ଜଣେ
ପାଠକ ହେବାର ସୁଯୋଗ ଦେଇଛନ୍ତି,,
ମୁଁ ଭଗବାନଙ୍କ ପାଖରେ ଏତିକି କାମନା କରୁଛି ମହ୍ଲାର ଇ ପତ୍ରିକାର
ଛତ୍ରଛାୟା ତଳେ ଆମ ଲେଖନି ମୁନ ଏମିତି ଚାଲିଥାଉ ଓ ମହ୍ଲାର ଇ ପତ୍ରିକାର
ଉତ୍ତରତର ଉନ୍ନତି ହେଉଥାଉ l

ସୁନିତା ଦାଶ

ଅହେତୁକ ସ୍ନେହ, ଅତୁଳ ପ୍ରେମ, ଅମାପ ଭାବନା ଓ ମହମହ ଆନ୍ତରିକତାରେ ସବୁବେଳେ ଭରା ରଙ୍ଗୀନ ପତ୍ରିକା ମହ୍ଲାର ମୋତେ ବହୁତ ଭଲଲାଗେ । ଏହି ପତ୍ରିକାରେ ସ୍ଥାନିତ ହୋଇଥିବା କବିତାଗୁଡ଼ିକ ଅତି ଆପଣାର ଲାଗେ। ଗଳ୍ପଗୁଡ଼ିକ ନିଜର ଦୈନନ୍ଦିନ ଜୀବନ ସହିତ ତାଳମିଳାଇ ଆଗକୁ ବଢିବାର ଖୋରାକ ଦେଇଥାଏ। ସଂପାଦକୀୟ ପୃଷ୍ଠାଗୁଡ଼ିକ ମହ୍ଲାର ପତ୍ରିକାର ଗୁଣବତ୍ତା ଦର୍ଶିତ କରିଥାଏ। ଏହି ପତ୍ରିକାର ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ସାରସ୍ବତ ସାଧୁବାଦ। ଏହି ପତ୍ରିକାର ଉତ୍ତୋରତର କାମନା କରୁଛି ।

ଗୋବର୍ଦ୍ଧନ ସେନାପତି

ମହ୍ଲାର ପତ୍ରିକାର ଏହି ଡ଼ିସେମ୍ବର ସଂସ୍କରଣ "ସ୍ମୃତି ତୀର୍ଥ" ଆପଣଙ୍କୁ କେମିତି ଲାଗିଲା, ନିଶ୍ଚିତ ଭାବେ ମତାମତ ରଖିବେ...

ସମ୍ପର୍କ କରିବା ନିମିତ୍ତ :

ହ୍ୱାଟ୍ସଆପ : ୮୩୨୮୯୫୧୨୨୯

ଇ-ମେଲ : Malharmagazine@Gmail.Com

ୱେବସାଇଟ : WWW.MALHARODIA .COM

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସମ୍ପାଦକୀୟ...

ଶିଶିର କୁମାର ସାମଲ.
ପ୍ରତିଷ୍ଠାତା / ସମ୍ପାଦକ
(ମହ୍ଲାର ଇ-ପତ୍ରିକା)

ପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କର ଚରଣାଶ୍ରିତ, ମାତା ଜଗତ ଜନନୀ ମା ତାରିଣୀ ଙ୍କ ଚରଣ ରେ ମୋର ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛି।

ପ୍ରଥମତଃ ମୁଁ ଯାହାଙ୍କ ପଦ୍ମ ପୟରେ ଚିର ଋଣୀ, ଚିର କୃତଜ୍ଞ ଓ ଚିର ନମନ, ମୋର ପିତା.... ଓ ମୋର ମାତାଙ୍କୁ ସହୃଦ ଧନ୍ୟବାଦ ସହ ସାଷ୍ଟାଙ୍ଗ ପ୍ରଣାମ। ସଦ୍ ଦିଗ୍ଦର୍ଶକ ଯାହାଙ୍କ ଆଶୀର୍ବାଦ, ଅସୀମ ସ୍ନେହ- ଶ୍ରଦ୍ଧା ଓ ପ୍ରେରଣା ରେ ପ୍ରେରିତ ହୋଇ ମୁଁ ଆଜି ଏହି ସ୍ଥାନ ରେ ପହଞ୍ଚି ପାରିଛି। ମୋର ମାତୃ ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ପରିମାର୍ଜିତ ଓ ତାର ଉତ୍ଥାନ ନିମନ୍ତେ ମୋ ଦ୍ଵାରା ସଙ୍କଳିତ " **ମହ୍ଲାର ଇ-ପତ୍ରିକା** ", ଏକ ନୂତନ ଆଶାରେ ପ୍ରାଣ-ସଞ୍ଚାର ।

ଏହି କ୍ଷେତ୍ର ରେ ମୁଁ ବଢ଼ାଇ ଥିବା ମୋର ପ୍ରଥମ ପାଦ। ମୋ ପରିବାରର ଆଶୀର୍ବାଦ ଓ ସ୍ନେହ ପୂର୍ଣ୍ଣ ଭଲ ପାଇବା ମୋତେ ନୂତନ ଦିଗରେ ଚାଲିବା କୁ ଶକ୍ତି ଯୋଗାଉଛି। ସେଥିପାଇଁ ମୁଁ ସଦା ତାଙ୍କ ପାଖରେ ଚିର ନମନ ରହିବି।

ଜଗତମାତାଙ୍କର ଚରଣ ରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡିକ ମଧ୍ୟରେ ମୋର ପୁଣ୍ୟ ଓଡିଶା ଭୂମି, ମୋର ମାତୃଭୂମି ଓଡିଶା ର ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ ଓ ମାର୍ଜିତ କରିବା ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ଵପୂର୍ଣ୍ଣ ମନହେଉଛି। ଏହା ଠାରୁ ଅଧିକ ମହତ୍ତ୍ଵପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତରେ ଥୋଇପାରିବି ତାହା ମୋର ପ୍ରତ୍ୟୟ ହେଉ ନାହିଁ। ଏଥିରେ ରହିଅଛି ମୋର କ୍ଷୁଦ୍ର ଏକ ପ୍ରୟାସ ମୋର କାର୍ଯ୍ୟକ୍ରମ କୁ ପ୍ରୟୋଗାତ୍ମକ କରିବାର ଚାବିକାଠି। ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ପାଇଁ ଯେଉଁ ନୂତନ ଏକ ଆକାଂକ୍ଷା ଜାଗ୍ରତ ହୋଇଅଛି। ତାହାକୁ ମୁଁ ସହୃଦ, ପୂର୍ଣ୍ଣ କରିବାର ପ୍ରଚେଷ୍ଟା ଜାରି ରଖିବି। ଏବଂ ସେମାନଙ୍କୁ ଧନ୍ୟବାଦ ସହ ସ୍ନେହ ପୂର୍ଣ୍ଣ ଭଲପାଇବା ଦେବାକୁ ଚାହିଁବି।

ମୋର ପୁସ୍ତକ " ମହ୍ଲାର" ପ୍ରକାଶନ କ୍ଷେତ୍ର ରେ ସଦା ସହଯୋଗ ଓ ତତ୍ପର ଥିବା ସମସ୍ତ କବି ଓ କବୟତ୍ରୀ ମାନଙ୍କୁ ସ୍ପଷ୍ଟ ବ୍ୟକ୍ତ କରିବା ପାଇଁ ଚାହେଁ କି ଆପଣ ମାନଙ୍କ ସହଯୋଗ ବିନା ମୋର ଏହି କ୍ଷୁଦ୍ର ପ୍ରୟାସ ଆଦୌ ସଫଳଯୁକ୍ତ ହେବା ଅସମ୍ଭବ। ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣ ମାନଙ୍କ ପାଖରେ ସଦା କୃତଜ୍ଞ ରହିବି।

ପରିଶେଷରେ ମୁଁ ଏହା ଆଶା କରୁଅଛି କି "**ମହ୍ଲାର ଇ-ପତ୍ରିକା**" ଟି ପୁସ୍ତକ ଟି ପାଠକୀୟ ମାନଙ୍କର ହୃଦୟ ରେ ସ୍ଥାନ ସୃଷ୍ଟି କରିବା ସହ ଓଡିଶାର ପ୍ରତ୍ୟେକ ଟି କୋଣାନୁକୋଣରେ ପହଞ୍ଚି ପାରୁ...

......ଧନ୍ୟବାଦ.........

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମହ୍ଲାର ଇ-ପତ୍ରିକା ସମ୍ପାଦନା ମଣ୍ଡଳୀ

ଶିଶିର କୁମାର ସାମଲ
(ପ୍ରତିଷ୍ଠାତା / ସମ୍ପାଦକ)

ଶିବଦୂତୀ ପାଣିଗ୍ରାହୀ
(ମୁଖ୍ୟ-ପରିଚାଳିକା)

ରଶ୍ମିରଞ୍ଜନ ସାହୁ
(ମୁଖ୍ୟ-ଉପଦେଷ୍ଟା)

ତ୍ରିନାଥ ନନ୍ଦୀ
(ସଂଯୋଜକ)

କ୍ଷିରାବ୍ଧି ଦାଶ
(ସହ-ସମ୍ପାଦିକା)

ରୀନା ପରିଡ଼ା
(ସହ-ସମ୍ପାଦିକା)

ଟିପ୍ପଣୀ :

- "ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |
- ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |

ନମସ୍କାର,

ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ୧୨ତମ ସଂସ୍କରଣ "ସ୍ମୃତି ତୀର୍ଥ" କୁ ଆପଣ ମାନଙ୍କୁ ଭେଟିଦେଉଛୁ. ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |

ଏହି ସଂସ୍କରଣରେ ମୋଟ ୧୫୮ଟି ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୧୧ଟି ଗଳ୍ପ, ୧୩ଟି ପ୍ରବନ୍ଧ/କାହାଣୀ ଏବଂ ୧୩୫ ଟି କବିତା ସଂକଳନ ରହିଛି .

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, *ସହ-ସମ୍ପାଦକ:* ରଶ୍ମି ରଞ୍ଜନ ସାହୁ, *ସହ-ସମ୍ପାଦିକା:* କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, *ମୁଖ୍ୟ-ପରିଚାଳିକା:* ଶିବଦୂତିପାଣିଗ୍ରାହୀ, *ସଂଯୋଜକ:* ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ମୁଖ-ବନ୍ଧ....

ତ୍ରିନାଥ ନନ୍ଦୀ
ସଂଯୋଜକ: ମହ୍ଲାର ଇ-ପତ୍ରିକା

ମହ୍ଲାର ଇ-ପତ୍ରିକା ଆମ ସଂସ୍କୃତି, ଆମ ମାଟି, ଆମ ମଣିଷ ଓ ଆମ ଭାଷାର ନିଜସ୍ୱ ଉଜ୍ଜ୍ୱଳ ପରିଚୟକୁ ନୂତନ ଦୃଷ୍ଟିରେ ଉପସ୍ଥାପନା କରିବା ମାତ୍ର ନୁହେଁ; ବରଂ ଏକ ସଜଗ, ସସ୍ଫୁର୍ତ୍ତ, ସମ୍ବେଦନଶୀଳ ପାଠକସମୂହକୁ ଏକ ସଂଯୋଗ ମଞ୍ଚରେ ଆଣି ଦେଇବା ଏହାର ମୂଳ ଉଦ୍ଦେଶ୍ୟ। ସାହିତ୍ୟ କେବଳ ପଢ଼ାଯୋଗ୍ୟ ପଦ୍ୟ-ଗଦ୍ୟର ରୂପ ନୁହେଁ; ସେହି ସାହିତ୍ୟ ହେଉଛି ଆମ ଜୀବନର ଖୋଜ, ଆମ ମୂଲ୍ୟର ଅଭିବ୍ୟକ୍ତି ଏବଂ ସମାଜକୁ ଦେଖିବାର ଏକ ଦୃଷ୍ଟିକୋଣ। ମହ୍ଲାର ଆଜି ଏହି ଦୃଷ୍ଟିକୋଣକୁ ଘରେ ଘରେ, ମଣସେ ମଣସେ ପହଞ୍ଚାଇବାକୁ ଚେଷ୍ଟାରତ।

"ମହ୍ଲାର ଇ-ପତ୍ରିକା" ଏକ ସାମୁଦାୟିକ ଚେତନାର ଜୀବନ୍ତ ପ୍ରତିକ। ଏହା କେବଳ ଆଉ ଗୋଟିଏ ପତ୍ରିକା ନୁହେଁ, ବରଂ ଆମ ସମାଜର ସାହିତ୍ୟିକ ସ୍ୱପ୍ନ, ସଂସ୍କୃତିମୂଳକ ସଂବେଦନା ଓ କଳାର ଅନୁଭୂତିକୁ ଏକ ମଞ୍ଚରେ ଆଣି ବସାଇବାର ଏକ ସୁନ୍ଦର ପ୍ରୟାସ। ଏହି ଇ-ପତ୍ରିକାର ଲକ୍ଷ୍ୟ ସମାଜର ନିଜସ୍ୱ ଚିତ୍ରକୁ ସୃଜନାତ୍ମକ ଭାବେ ପ୍ରକାଶ କରିବା। ଆମ ସମାଜର ସାହିତ୍ୟ ହେଉଛି ମଣିଷର ହୃଦୟର ଅଭିଜ୍ଞତାର ଅଙ୍କନ। କବିତା, ଗଦ୍ୟ, କାହାଣୀ, ଉପନ୍ୟାସ, ଆଲୋଚନା—ଏସବୁ ମାଧମ ଦ୍ୱାରା ମଣିଷ ନିଜକୁ ଆଉ ଭଲଭାବେ ଦେଖେ। ସାହିତ୍ୟ ମାନବଜୀବନର ପ୍ରତିବିମ୍ବ, ସମାଜର ଆତ୍ମା, ଓ ମାଟି-ମଣିଷର ମୂଳ ଚେତନାକୁ ଧାରଣ କରି ରଖିଥାଏ ଆମ ସାହିତ୍ୟ ଓ ଭାଷା। "ମହ୍ଲାର ଇ-ପତ୍ରିକା"ର ପ୍ରତ୍ୟେକ ଅଂଶରେ ସେହି ଅନୁଭୂତିକୁ ସମ୍ମାନ ଦେଇବା ଆମ ପ୍ରଥମମ କର୍ତ୍ତବ୍ୟ।

ଏଠାରେ ଆମେ କେବଳ ଆଧୁନିକ ସାହିତ୍ୟକୁ ନୁହେଁ, ଲୋକସାହିତ୍ୟ, ଜାତୀୟ ଓ ଅଞ୍ଚଳୀୟ ସୃଜନଶୀଳତା, ଭୁଲିଯାଉଥିବା ପରମ୍ପରା, ହାରାଉଥିବା କହାଣୀ, ପୁରୁଣା ଲୋକକଥା ଓ ମାଟିର ମୂଳ ସ୍ୱରକୁ ଉଠାଇ ଆଣିବାକୁ ପ୍ରୟାସ କରୁଛୁ। କାରଣ ସାହିତ୍ୟ ମାନେ କେବଳ ଲେଖା ନୁହେଁ, ଏହା ମଣିଷର ଅନୁଭୂତି, ସଂଘର୍ଷ, ସ୍ୱପ୍ନ, ବିଶ୍ୱାସ ଓ ଆଶାର ଏକ ଦୀର୍ଘ ଯାତ୍ରା।

ସଂସ୍କୃତି ହେଉଛି ଏକ ଧନ, ଯାହା ଶତାବ୍ଦୀରୁ ଶତାବ୍ଦୀ ଆମେ ରକ୍ଷା କରି ଆସୁଛୁ। ସଂସ୍କୃତିରେ ରହିଛି ଆମର ଆଚରଣ, ଉତ୍ସବ, ପରମ୍ପରା, ସଂସ୍କାର, ଗୀତ, ନୃତ୍ୟ, ଚାଳଚଳନ ଓ ଜୀବନ ଦେଖିବାର ଏକ ବିଶିଷ୍ଟ ଦୃଷ୍ଟିଭଙ୍ଗୀ। ଆମର ସଂସ୍କୃତି ମାନେ ଆମର ମାଟି, ଆମର ଲୋକ, ଆମର ହାସ-କାନ୍ଦ, ଆମର ଇତିହାସ, ଆମର ଗର୍ବ। ଏହାକୁ ବଞ୍ଚାଇ ରଖିବା, ନୂତନ ପିଢ଼ୀଙ୍କୁ ପରିଚୟ ଜଣାଇବା, ସମୟର ସଙ୍ଗେ ସଙ୍ଗେ ସମ୍ପାଦନ କରି ଆଗକୁ ଆଣିବା "ମହ୍ଲାର"ର ନିଜସ୍ୱ ଧ୍ୟେୟ।

ଏହି ଇ-ପତ୍ରିକାର ମାଧମରେ ଆମେ ସମ୍ପର୍କ ଭିତରେ ବନ୍ଧା ଲୋକ-ଜୀବନର ଅମୂଲ୍ୟ ଅଭିଜ୍ଞତାକୁ ସମେଟିବାକୁ ଚେଷ୍ଟା କରୁ।

କଳା ହେଉଛି ମଣିଷର ନିଜକୁ ଅଭିବ୍ୟକ୍ତ କରିବାର ସବୁଠୁ ସୁନ୍ଦର ଉପାୟ। ଚିତ୍ର, ମୂର୍ତ୍ତି, ନୃତ୍ୟ, ସଙ୍ଗୀତ, ଅଭିନୟ, ନାଟକ, ହସ୍ତଶିଳ୍ପ—ସବୁ କଳାର ଶୈଳୀ ଆମକୁ ସୃଜନାତ୍ମକତାର ଏକ ନୂତନ ପଥ ଦିଆଁ। "ମହ୍ଲାର ଇ-ପତ୍ରିକା" ଏହି କଳାମନଙ୍କ କୁ ନେଇ ଗଢ଼ିଉଠିଥିବା ସୃଜନଶୀଳତା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପରିପୃଷ୍ଠ ପାଇଁ ଏକ ମଞ୍ଚ, ଯେଉଁଠାରେ ତାଙ୍କ ସ୍ୱରକୁ ନୂଆ ଆଲୋକ ମିଳିବ, ତାଙ୍କ କାର୍ଯ୍ୟ କୁ ସମ୍ମାନ ଓ ପାଠକ ମିଳିବ।

ସମୟ ଏବେ ଡିଜିଟାଲ୍‌ର। ପୁସ୍ତକ, ପତ୍ରିକା, ସାହିତ୍ୟ—ସବୁ ଏବେ ନୂଆ ମଞ୍ଚରେ ମଞ୍ଚାସିନ । ଇ-ପତ୍ରିକା ମାନେ କେବଳ ଟେକ୍ନୋଲଜି ସହିତ ଯୁକ୍ତ ହେବା ନୁହେଁ, ବରଂ ଦୂର-ଦୂରାନ୍ତର ପାଠକଙ୍କୁ ଏକ ସମୟରେ ଏକଠି କରି ମନ ଓ ଭାବନାର ବିନିମୟ କରିବା। "ମହ୍ଲାର" ଏହି ଉଦ୍ଦେଶ୍ୟକୁ ନିର୍ବିକଳ୍ପ ଭାବେ ପାଳନ କରିବାର ଆଶା ରଖି ଏହି ଯାତ୍ରା ଆରମ୍ଭ କରିଅଛି। ଏହି ପତ୍ରିକା ପାଠକ, ଲେଖକ, କଳାକାର ଓ ସମାଜର ସମସ୍ତ ସୃଜନାଶୀଳ ମନଙ୍କୁ ଏକ ସେତୁରେ ବାନ୍ଧି ରଖିବ। ଆମ ମାଟିର ଗଳ୍ପ, ଲୋକଙ୍କ ଅନୁଭୂତି, ସୃଜନର ଧାରା, ସ୍ୱପ୍ନ ଓ ସଂଘର୍ଷର ନୂଆ ଅଭିବ୍ୟକ୍ତି ହେଇ ଉଦିତ ହେବ। "ମହ୍ଲାର ଇ-ପତ୍ରିକା" ଆମ ଅନ୍ତରର ସାହିତ୍ୟିକ ଚେତନାକୁ ଜୀବନ୍ତ କରି ରଖିବାର ଏକ ଦୀର୍ଘମିଆଦୀ ପ୍ରୟାସ। ପ୍ରତ୍ୟେକ ଲେଖା, ପ୍ରତ୍ୟେକ କବିତା, ପ୍ରତ୍ୟେକ କଳାକାର୍ଯ୍ୟ ଏଠାରେ କେବଳ ପ୍ରକାଶ ପାଇବାକୁ ନୁହେଁ, ଏହା ପାଠକ ମନରେ ଚିନ୍ତନ, ଅନୁଭୂତି, ମଧ୍ୟରେ ଏକ ସ୍ପର୍ଶ ତିଆରି କରିବ ।

"ମହ୍ଲାର" ଏକ ସ୍ୱର, ଯେଉଁଥିରେ ରହିଛି ମାଟିର ଗନ୍ଧ, ଅନୁଭବର ପକାପକ୍ୱତା , ଶବ୍ଦର ପରିମଳ ଓ ଜୀବନର ନିରବ କବିତା। ସମୟ ଯେତେବେଳେ ନିଜ ତାରାମୟ ପଟଭୂମିରେ ମଣିଷର ସଂସ୍କୃତିକୁ ରେଖାଙ୍କନ କରୁଥାଏ, ସେତେବେଳେ ଅନ୍ତର୍ଜଗତରୁ ଉଠୁଥିବା ଅନୁଭବମୟ ସ୍ୱରଗୁଡ଼ିକ ସାହିତ୍ୟର ଅମର ଗାଥାକୁ ରଚନା କରେ। ସେହି ଅନୁଭବର ଅନେକ ଅବିଷ୍କୃତ ନିହିତ ମଣିକ୍ୟଗୁଡ଼ିକୁ ଧରି ଆଜି ଆମେ ପାଠକମାନଙ୍କ ସମ୍ମୁଖରେ ନେଇଆସୁଛୁ ମହ୍ଲାରର "ସ୍ମୃତି ତୀର୍ଥ" ସଂଖ୍ୟା ।

ସାହିତ୍ୟ ଲୋକସମ୍ମୁଖେ ରହିଥିବା ଶବ୍ଦମାଳିକାର ମାତ୍ର ସମୁଦାୟ ନୁହେଁ; ଏହା ମାନବ ମନର ସ୍ଫୁରଣସୀଳ ଜୀବନଚିତ୍ର। ସୃଷ୍ଟିର ପ୍ରତ୍ୟେକ ମୂଳରେ ଯେପରି ମହାକାଳର ଗୁପ୍ତ ଧ୍ୱନି ସଞ୍ଚିତ ରହିଥାଏ, ସେପରି ସାହିତ୍ୟର ପ୍ରତ୍ୱେକ ପଙ୍କ୍ତି ମଧ୍ୟ ଏକ ସଂସ୍କୃତିକ ସ୍ମୃତିର ଆଲୋକ ବିନ୍ଦୁ। ଅନୁଭବର ଜଳସ୍ଫୁଟିକ ଯେତେବେଳେ ଚିତ୍ରରେ ପରିଣତ ହୁଏ, ସେଠାରେ କଳାର ଆଦିତ୍ୱ ଜାଗ୍ରତ ହୁଏ। ଏବଂ ଏତିହାସିକ ଅବିଭାଜ୍ୟତା, ଲୋକଜୀବନର ସ୍ୱର, ମାଟି ଓ ମାନସିକତା ମିଶି ନିର୍ମାଣ କରେ ସଂସ୍କୃତିର ଗଭୀର ନିମ୍ନାଙ୍କ। ମହ୍ଲାରର ଏହି ସଂସ୍କରଣ ଏକ ମାତ୍ର ପତ୍ରିକା ନୁହେଁ; ଏହା ଆମ ଭିତରର ଆଲୋକକୁ ଦିଆଯାଇଥିବା ଏକ ଆମନ୍ତ୍ରଣ। ଏଠାରେ ସାହିତ୍ୟ ନିଜର ସଫଳତମ ସୂର୍ଯ୍ୟୋଦୟକୁ ଅନୁଭବିତ କରେ, କଳା ନିଜର ସତ୍ୱତମ ରୂପକୁ ଆଲୋକିତ କରେ, ଓ ସଂସ୍କୃତି ନିଜର ପ୍ରାଚୀନ ଦର୍ପଣକୁ ପୁନଃ ପରିଶିଳିତ ରୂପେ ପାଠକଙ୍କ ହାତରେ ଧରାଇଦିଏ। ଯେଉଁଠିରେ ଅନ୍ତରନିହିତ ଭାବଗମ୍ୟତା, ସୃଜନଶୀଳତା, ଚିନ୍ତନ ଓ ରସସ୍ୱାଦ ମିଶିଯାଇ ଏକ ଅଦ୍ୱିତୀୟ ଅନୁଭୂତି ଗଢ଼େ।

ସଂସ୍କୃତିର ଆଗରେ ସଭ୍ୟତା ନିତ୍ୟ ନତମସ୍ତକ। ଯେପରି ଜଳ ନ ଥାଇଲେ ନଦୀ ନିର୍ଜୀବ, ସେପରି ସଂସ୍କୃତି ନ ଥାଇଲେ ମାନବ ମୂଳତ୍ୱ ନିରାଲମ୍ବ। ଆମ ସମାଜର ଲୋକସଂସ୍କୃତି, ଗୀତ, ପାରମ୍ପରିକ ଲୋକକଳା, ରୀତି-ନୀତି, ଉତ୍ସବ-ପର୍ବ ଆମ ଜୀବନର ଅବିରତ ଗାନ। ଏହି ସଂସ୍କରଣ ସେହି ଅନଶ୍ୱର ଅଭିଜ୍ଞତାକୁ ଏକ ସାହିତ୍ୟିକ ରୂପାନ୍ତରଣ ଦେଇଛି। କଳା ହେଉଛି ନିର୍ବାକ ଅଭିବ୍ୟକ୍ତିର ଅତ୍ୟନ୍ତ ସୁକୁମାର ମାଧ୍ୟମ। ଏକ ରେଖା, ଏକ ବର୍ଣ୍ଣ, ଏକ ଭାବ, ସମସ୍ତକିଛି ହାତରେ ଗଢ଼େ ଏକ ଜୀବନ୍ତ କବିତା। ଏହି ପତ୍ରିକାର ମଧ୍ୟରେ ଥିବା କଳାକର୍ମଗୁଡ଼ିକ ଏଭଳି ନିର୍ବାକ ଯାହା ସତ୍ୟକୁ ଅଧିକ ସ୍ପଷ୍ଟ କରେ, ଯାହା ଅନୁଭବକୁ ଶବ୍ଦପେକ୍ଷା ବଢ଼ିଆ ଭାବରେ ପ୍ରକାଶ କରାଇଦିଏ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଆଜିର ଡିଜିଟାଲ ଯୁଗ ମାନବ ଚେତନାକୁ ତୀବ୍ର ଗତିରେ ପରିବର୍ତ୍ତନ ଦେଉଥିବା ସମୟ। କିନ୍ତୁ ପରିବର୍ତ୍ତନ ସତ୍ତ୍ୱେ ମଣିଷର ମୂଳ ସ୍ୱର ଅବିଚଳିତ—ସେହି ସ୍ୱର ହେଉଛି ଅନୁଭବ, ସୃଷ୍ଟି, ପ୍ରେମ, ଦୁଃଖ, ଅନ୍ୱେଷଣ, ଓ ସତ୍ୟର ପ୍ରତି ଅବିରତ ପ୍ରୟାସ। ମହ୍ଲାର ଇ-ପତ୍ରିକା ପ୍ରତ୍ୟେକ ନୂତନ ଅଙ୍କରେ ଏହି ଆନ୍ତରିକ ସ୍ୱରକୁ ନେଇ ପାଠକଙ୍କ ହୃଦୟ ସହିତ ଏକ ସ୍ନେହସୂତ୍ରେ ବାନ୍ଧିବାର ପ୍ରୟାସ କରୁଛି।

ସାହିତ୍ୟସୃଷ୍ଟିଗୁଡ଼ିକରେ ଭାବନାର ଯେଉଁ ଅନ୍ତର୍ଧାରା ବହିଛି ସେମାନେ ମାନବ ଜୀବନର ସବୁଠାରୁ ଗଭୀର ଅନୁଭୂତିର ଶବ୍ଦ-ଛବି। ଏଠାରେ କବିତା ହେଉଛି ଶବ୍ଦରେ ଏକ ଚିତ୍ର, ଗଳ୍ପ ହେଉଛି ଜୀବନର ନିର୍ବଚନୀୟ ସତ୍ୟ, ଲେଖା ହେଉଛି ଅନୁଭବର ନବୀନ ଉଦ୍ଭାସ, ଓ ଚିତ୍ରକଳା ହେଉଛି ଅନ୍ତରମନର ଜ୍ୟୋତିରେଖା।

ଆପଣ ସମସ୍ତଙ୍କ ସହଯୋଗ ଏବଂ ଶୁଭେଚ୍ଛା "ମହ୍ଲାର" ପତ୍ରିକାକୁ ଏକ ଜୀବନ୍ତ ମଞ୍ଚରୂପେ ପରିଣତ କରିଛି—ଯେଉଁଠି ଜୀବନ, ସୃଜନା, ଅନୁଭୂତି ଓ ଆବେଗର ଅବିରାମ ସଂଗୀତ ସ୍ୱତଃସ୍ଫୁର୍ତ ଭାବେ ତାଳବଦ୍ଧ ହୋଇ ଯାଏ। ମହ୍ଲାରର ପୃଷ୍ଠାମାନେ ଏକ ଅନ୍ୱେଷଣ—ସୁନ୍ଦରତାର, ମୂଲ୍ୟବୋଧର, ମାନବୀୟ ସମ୍ବେଦନାର ଓ ସଂସ୍କାରର। ଆମ ଏହି ଯାତ୍ରା ହେଉଛି ଜୀବନର ନିରବ ଅନ୍ତର୍ଗତ ସୂନ୍ଦର୍ଯ୍ୟକୁ ସ୍ପର୍ଶ କରିବା, ଯାହା କେବେ କେବେ ଶବ୍ଦର ତୁଳନାରେ ବଡ଼ ଗମ୍ଭୀର, ବଡ଼ ଅନୁଭବଗମ୍ୟ। ମହ୍ଲାରର ଏହି ଅଙ୍କକୁ ପାଠକମାନଙ୍କ ହାତରେ ଧରାଇବା ବେଳେ ଆମର ଏକମାତ୍ର ଆଶା—ଏହି ପୃଷ୍ଠାମାନେ କେବଳ ପଢ଼ାଯିବ ନୁହେଁ; ସେମାନେ ଅନୁଭବିତ ହେଉ, ହୃଦୟରେ ଥିଆହେଉ, ସ୍ମୃତିରେ ଶୈଳୀ ରେଖା ଏଙ୍କିଯାଉ। ସାହିତ୍ୟ ଓ କଳା ହେଉଛି ମଣିଷତ୍ୱର ଶାଶ୍ୱତୀୟ ଦୀପଶିଖା, ଏହି ପତ୍ରିକା ସେହି ଶିଖାକୁ ଅଧିକ ଉଜ୍ଜ୍ୱଳ କରିବାର ଏକ ସାହସିକ ପ୍ରୟାସ। ମହ୍ଲାରର ଏହି ସୃଜନମୟ ଅଞ୍ଚଳରେ ଆପଣଙ୍କ ସ୍ନେହ, ଆସ୍ଥା ଓ ସାହିତ୍ୟପ୍ରେମ ଆମ ସମସ୍ତଙ୍କ ପ୍ରେରଣା। ଆସନ୍ତୁ, ଆମେ ପଢ଼ିବାକୁ ନୁହେଁ—ଅନୁଭବିବାକୁ ମାନିନେବା; କାରଣ ସାହିତ୍ୟ ହେଉଛି ମାନବ ହୃଦୟର ସବୁଠାରୁ ଉଜ୍ଜ୍ୱଳ ଦର୍ପଣ। ସମାଜ, ସାହିତ୍ୟ, ସଂସ୍କୃତି ଓ କଳାର ମାଧ୍ୟମରେ ଆଲୋକିତ କରିବା ପାଇଁ "ମହ୍ଲାର ଇ-ପତ୍ରିକା"ର ଯାତ୍ରା ଆରମ୍ଭ ହେଉଛି। ଏହି ଯାତ୍ରାରେ ଆପଣ ଅଛନ୍ତି, ଆମେ ଅଛୁ, ଆମର ସ୍ୱପ୍ନ ଅଛି—ଏବଂ ଏହି ତିନୋଟି ମିଶିଲେ କୌଣସି ସୃଜନକୁ ରୋକି ପାରିବନାହିଁ।

ମହ୍ଲାର'ର ଆରମ୍ଭ ଆପଣଙ୍କ ହାତରେ, ଆପଣଙ୍କ ମନରେ, ଆପଣଙ୍କ ସହଯୋଗରେ। ଏହି ସଂସ୍କରଣ ସମସ୍ତ ପାଠକଙ୍କୁ ସମର୍ପିତ।

-ତ୍ରିନାଥ ନନ୍ଦୀ
ସଂଯୋଜକ: ମହ୍ଲାର ଇ-ପତ୍ରିକା

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସୂଚୀ - ପତ୍ର

	ସ୍ରଷ୍ଟାଙ୍କ ନାମ	ସୃଷ୍ଟିର ନାମ	ବିଭାଗ	ପୃଷ୍ଠା.
୦୧	ଲକ୍ଷ୍ମୀଧର ଚାନ୍ଦ୍	ତୁମ ଅପେକ୍ଷାରେ	କବିତା	୧୫
୦୨	ଶୁଭଶ୍ରୀ ଶୁଭସ୍ମିତା	ମୃତ୍ୟୁ ତୁମେ ଫେରିଯାଅ	କବିତା	୧୬
୦୩	ଅଜିତ୍ କୁମାର ମୁଖି	ହେ ମୋ ପ୍ରେୟସୀ	କବିତା	୧୭
୦୪	ଧୀରୋଜ କୁମାର ପାତ୍ର	ସ୍ମୃତିରେ ପିଲାଦିନ	କବିତା	୧୮
୦୫	ଲକ୍ଷ୍ମୀପ୍ରିୟା ସାହୁ	ସେ	କବିତା	୧୯
୦୬	ଆଶିଷ କୁମାର ସାହୁ	ରାତ୍ରି ଗୋ ତୁମେ	କବିତା	୨୦
୦୭	କୁରୀ କୁଡୁମ୍ବ	ମନେ ପଡ଼େ ମା'	କବିତା	୨୧
୦୮	ଜ୍ୟୋତିପ୍ରକାଶ ଶତପଥୀ	ତୁମେ ଯଦି କୁହ	କବିତା	୨୧
୦୯	ନିହାର ରଞ୍ଜନ ନାୟକ	ମୁଁ ପ୍ରେମରେ ପଡ଼ିଛି	କବିତା	୨୨
୧୦	ବଳରାମ ବେହେରା	ମାଆ	କବିତା	୨୩
୧୧	ପ୍ରମିଳା ସ୍ୱାଇଁ	ସ୍ୱପ୍ନ	କବିତା	୨୪
୧୨	ସରସ୍ୱତୀ ମେହେର	କାଶତଣ୍ଡିର ପବିତ୍ର ପ୍ରେମ	ପ୍ରବନ୍ଧ	୨୫
୧୩	ପ୍ରଭାସ ଚନ୍ଦ୍ର ମଲ୍ଲିକ	ନାରୀ	କବିତା	୨୬
୧୪	ରତି ରଞ୍ଜନ ମହାପାତ୍ର	ମହାନଦୀ ତୀରରେ ସୂର୍ଯ୍ୟୋଦୟ	ଗଳ୍ପ	୨୭
୧୫	ଆଲୋକ କୁମାର ମୁଦୁଲି	ବାପା	କବିତା	୨୮
୧୬	ବବୁଲ୍ କୁମାର କବି	କୃଷ୍ଣା	କବିତା	୨୯
୧୭	ଶ୍ରଦ୍ଧାଞ୍ଜଳି ବେହେରା	ତୁମ ଅପେକ୍ଷାରେ	କବିତା	୩୦
୧୮	ଅସିତ ମହାନ୍ତି	ସତ୍ୟର ଅନୁସନ୍ଧାନୀ ଜିଓର୍ଦାନୋ ବ୍ରୁନୋ	ପ୍ରବନ୍ଧ	୩୧
୧୯	ସୁକନ୍ୟା ବରାଳ	ଦୋଷ କାହାର?	କବିତା	୩୩
୨୦	ମମିତା ମେହେର	ଜୟ ମା' ଦୁର୍ଗା	କବିତା	୩୪
୨୧	ଅରୁଣ କୁମାର ଦାସ	ଯନ୍ତ୍ରଣା	କବିତା	୩୪
୨୨	ହିମାଂଶୁ ଭୂଷଣ ସାହୁ	ଅନ୍ଧାର	ଗଳ୍ପ	୩୫
୨୩	ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ	ଝରା ଶେଫାଳୀ	କବିତା	୩୮
୨୪	ପରମେଶ୍ୱର ନାୟକ	କଳା ରଙ୍ଗ	କବିତା	୩୯
୨୫	ସୋନାଲୀ ସ୍ୱାଇଁ	ବାପା	ଗଳ୍ପ	୪୦
୨୬	ଚନ୍ଦନ କୁମାର ବେହେରା	ଅହଙ୍କାର	କବିତା	୪୨
୨୭	ପ୍ରଶାନ୍ତ କୁମାର ଜେନା	ଭିନ୍ନ ଏକ ନାୟିକା ଚିତ୍ରଲେଖା	କବିତା	୪୩
୨୮	ସିପାଞ୍ଜଳି ମଲ୍ଲିକ	ଆଦର୍ଶ ନାରୀ	କବିତା	୪୪
୨୯	ଜିତେନ୍ଦ୍ର ସାହୁ	ମାଁ ଡାଲଖାଇ	କବିତା	୪୫
୩୦	ମାନସୀ ମଞ୍ଜରୀ ସାମଲ	ହେ' ଜଗା	କବିତା	୪୭
୩୧	ପ୍ରଜ୍ଞା ପରିମିତା ମିଶ୍ର	ତୁମ ବାହାଘର	କବିତା	୪୮
୩୨	ରୁଦ୍ରସେନ ଖଟେଇ	ସିଦ୍ଧେଶ୍ୱର ର' ଜନ୍ମ	କବିତା	୫୦

ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା : ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ : ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

୩୩	ଜ୍ୟୋତିରଞ୍ଜନ ତ୍ରିପାଠୀ	କଳଙ୍କିତ ନାୟିକା	କବିତା	୫୨
୩୪	ଆଲୋକ ପଣ୍ଡା	ପ୍ରେମ ପରଂବ୍ରହ୍ମ ନିରାକାର ପ୍ରଭୁ ଜଗନ୍ନାଥ	କବିତା	୫୩
୩୫	ରୁପାଲୀ ମହାପାତ୍ର	ଭାରତରେ ନାରୀର ସମ୍ମାନ	କବିତା	୫୪
୩୬	ଶାଶ୍ୱତୀ ହୋତା	ନଭେମ୍ବର	କବିତା	୫୫
୩୭	ଭବରଞ୍ଜନ ସାମଲ	ଅପରିପୂର୍ଣ୍ଣ ଆଶା	କବିତା	୫୬
୩୮	ମୋନାଲିସା ସାମଲ	ଯାଯାବର ମୁଁ	କବିତା	୫୭
୩୯	ସଂଗୀତା ନାଏକ	ଆହେ' ଜଗନ୍ନାଥ	କବିତା	୫୮
୪୦	ଗଗନ କୁମାର ଦାଶ	ଶରତ ଶୋଭା	କବିତା	୫୯
୪୧	ମମତା ବଗର୍ତ୍ତୀ	ସମୟ ସ୍ରୋତରେ	କବିତା	୬୦
୪୨	ବିଜୟ କୁମାର ସାହୁ	କ୍ଲାନ୍ତ ଅପରାହ୍ନ	ଗଳ୍ପ	୬୧
୪୩	ଶିବାନୀ ଦାସ୍	ମୋ ସ୍ୱପ୍ନ ର ରାଇଜ	କବିତା	୬୩
୪୪	ବିଶ୍ୱ ରଞ୍ଜନ ଜେନା	ଅୟମାରମ୍ଭ	ଗଳ୍ପ	୬୪
୪୫	ଅନସୂୟା ଲେଙ୍କା	ତୁ' ଜାଣିଚୁ କି ମୁଁ ତୋର କିଏ	କବିତା	୬୯
୪୬	ଦିପଙ୍କର ପଣ୍ଡା	ବଂଶୀ ବେଦନା	କବିତା	୭୦
୪୭	ନମିତା ବରାଳ	ମୋ ଗାଁ ଦୀପାବଳି	କବିତା	୭୧
୪୮	ବି.ଏମ୍ ମିତ୍ରଭାନୁ	ଆପଣାର ଶୀତଋତୁ	କବିତା	୭୨
୪୯	ଶ୍ରୀକ୍ଷେତ୍ର ସୁନ୍ଦର	ସେ' ଦିନ	କବିତା	୭୩
୫୦	ଶକ୍ତି ଆଶିଷ ମହାପାତ୍ର	ରାଧା ପାଦ	କବିତା	୭୪
୫୧	ଗୋଲୋକବିହାରୀ ବେହେରା	ସପନ	କବିତା	୭୫
୫୨	ନିକୁଞ୍ଜ କୁମାର ଘୋଷ	ସ୍ୱପ୍ନ	କବିତା	୭୬
୫୩	ଡ଼ଃ. ଅମୂଲ୍ୟ କୁମାର ସେନାପତି	ଠିକଣା ହଜିଛି	କବିତା	୭୭
୫୪	ଡ଼.ଶୁଭେନ୍ଦୁ ମେହେର	ଯୋଗିନୀ	କବିତା	୭୮
୫୫	ଶିବାଶିଷ ମିଶ୍ର	ପ୍ରଣୟର ଅଦ୍ଭୁତ ପରିଣାମ	ପ୍ରବନ୍ଧ	୭୯
୫୬	ନାରାୟଣ ରାଉତ	ତୁମେ ଆସିବ ଶେଷଲଗ୍ନରେ	କବିତା	୮୧
୫୭	ରାଜେଶ୍ ରାୟ	ସାଇବର ଭୂତ	ପ୍ରବନ୍ଧ	୮୨
୫୮	ପ୍ରଣତି ସେଠୀ	ଆମ ଗଞ୍ଜାମ	କବିତା	୮୪
୫୯	ସୁଜିତ କୁମାର ମିଶ୍ର	ସ୍ମୃତି ତୀର୍ଥ	କବିତା	୮୫
୬୦	ବେଣୁଧର ସୂତାର	ପ୍ରୀତିର ଅମିୟ ଧାରା	କବିତା	୮୬
୬୧	ଦୀପାଲି ବେହେରା	କୁନି କୁନି ଫୁଲ	କବିତା	୮୭
୬୨	ଆକୁଳାନନ୍ଦ ପୃଷ୍ଟି	ମୋବାଇଲ	କବିତା	୮୮
୬୩	ଜ୍ୟୋସ୍ନାରାଣୀ ନାହାକ	ପ୍ରତିଦ୍ୱନ୍ଦ୍ୱୀ	କବିତା	୮୯
୬୪	ମନ୍ଦାକିନୀ ପାଢ଼ୀ	ଲଗ୍ନ	କବିତା	୯୦
୬୫	ପଞ୍ଚାନନ ନାଏକ	ଆମର ଗାଁ ବୁଢ଼ାରଜା ଦଶରା	ପ୍ରବନ୍ଧ	୯୧
୬୬	ମନୋଜ କୁମାର ଦାସ	ଭାବିବାକୁ ହୁଏ	କବିତା	୯୨
୬୭	ଦୀପକ କୁମାର ନାୟକ	ମାଟି ମୂର୍ତ୍ତି	କବିତା	୯୩
୬୮	ଶୁଭ ପ୍ରକାଶ ପତି	ନିଜ ଦେଶ ପାଇଁ ତୁମେ ଜାଗରେ	କବିତା	୯୪
୬୯	ଜୟନ୍ତ ଦାସ ପ୍ରଫୁଲ୍ଲ	ପ୍ରେମ କଣ ସରେ	କବିତା	୯୫
୭୦	ସୁନନ୍ଦା ମହାନ୍ତି	ସନ୍ଧ୍ୟା ଗୋ'	କବିତା	୯୬

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ***ସହ-ସମ୍ପାଦକ:*** ରଶ୍ମି ରଞ୍ଜନ ସାହୁ, ***ସହ-ସମ୍ପାଦିକା:*** କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ***ମୁଖ୍ୟ ପରିଚାଳିକା:*** ଶିବଦୂତିପାଣିଗ୍ରାହୀ, ***ସଂଯୋଜକ:*** ତ୍ରିନାଥ ନନ୍ଦୀ

ମହ୍ଲାର

www.MalharOdia.Com

Malharmagazine@gmail.com

Malhar_magazine/
Malharmagazine/

ସ୍ମୃତି ତୀର୍ଥ

୭୧	ଆଶୁତୋଷ ପରିଡ଼ା	କଳା ଠାକୁର	କବିତା	୯୮
୭୨	ମନୋଜ କୁମାର ମେହେର	ପ୍ରତାରଣା	କବିତା	୯୯
୭୩	ଦଶରଥ ମାଝୀ	ବାଲି	କବିତା	୧୦୦
୭୪	ଅଭୟ କୁଣ୍ଡ	ବାପାଙ୍କ ରେଡ଼ିଓ	ପ୍ରବନ୍ଧ	୧୦୧
୭୫	ସିଦ୍ଧିଶ୍ରୀ ପଧାନ	ଅଦୃଶ୍ୟ ଗୁରୁ	ଗଳ୍ପ	୧୦୪
୭୬	ଶରତ ଚନ୍ଦ୍ର ବାଗ	ମନୁଷ୍ୟ ର' ପରିତୃପ୍ତି	ଗଳ୍ପ	୧୦୫
୭୭	ପୂଜାରାଣୀ ଚଣ୍ଡ	ନ୍ୟାୟ ନିକିତି	କବିତା	୧୦୭
୭୮	ପୂଜା ବାରିକ୍	ବନ୍ଦୀ ପକ୍ଷୀ	ଗଳ୍ପ	୧୦୮
୭୯	ଅଶୋକ କୁମାର ନାୟକ	ଶବ୍ଦବ୍ରହ୍ମ	କବିତା	୧୧୦
୮୦	ଅନୁପମା ବିଶ୍ୱାଳ	ଦୂର ପାହାଡ	କବିତା	୧୧୧
୮୧	ପାରଦ କୁମାର ପାଢୀ	ନିଜର କିଏ ?	କବିତା	୧୧୨
୮୨	ଶମ୍ଭୁନାଥ ଦାସ	ବିଶ୍ୱ ଯୁଦ୍ଧାବସାନ ସ୍ମୃତି-ସ୍ମରଣ ଦିବସ	କବିତା	୧୧୩
୮୩	ବିକ୍ରମାଦିତ୍ୟ ପୁରୋହିତ	ଅସୁମାରୀ ସ୍ୱପ୍ନର ବ୍ୟଥା	କବିତା	୧୧୪
୮୪	ଗରୁଡ଼ ସ୍ୱାଇଁ	ବୋଉ, ତୋ' ତୁଳସୀ ପୂଜା ପାଇନି	କବିତା	୧୧୫
୮୫	ହରପ୍ରିୟା ସାହୁ	ଯାହା କରିବ ନାହିଁ ତାହା କହିବ ନାହିଁ	ଗଳ୍ପ	୧୧୬
୮୬	ରାଜେଶ କୁମାର ଗୁରୁ	ସୁନାବେଶ	କବିତା	୧୧୭
୮୭	ପ୍ରଶାନ୍ତ ଖଟୁଆ	ସତେ ଅବା ଆସନ୍ତନି ମୋ ପାଖକୁ	କବିତା	୧୧୮
୮୮	ପୂଜା ସାହୁ	ସେ ଓ ମୁଁ	କବିତା	୧୧୯
୮୯	ବବୁନ୍ ସାହୁ	ବଡ଼ ପୁଅ	କବିତା	୧୨୦
୯୦	ବିକାଶ ରଞ୍ଜନ ନାୟକ	ବାପା	କବିତା	୧୨୧
୯୧	ସଂଯୁକ୍ତା ପୃଷ୍ଟି	ନ'ଭାବ ଛୋଟିଆ କାହାକୁ	କବିତା	୧୨୨
୯୨	ସୌମ୍ୟ ରଞ୍ଜନ ନନ୍ଦ	ସ୍ମୃତି ଧରି ବଞ୍ଚିଯିବି	କବିତା	୧୨୩
୯୩	ରାଜଶ୍ରୀ ଓଝା	ବିଜୟିନୀ	କବିତା	୧୨୪
୯୪	ଅଲିଶା ବି.ମହାରଣା	କଇଁଛର ପିଠି	କବିତା	୧୨୫
୯୫	ଜୟଶ୍ରୀ କ୍ରାନ୍ତିପୂରଭି	ଆସିବକି ମାଆ ବାଗ୍ମୀ	କବିତା	୧୨୬
୯୬	ପ୍ରିୟଙ୍କା ରାଉତ	ଭୁଲେଇ ଦେଇଛି ଆଜି	କବିତା	୧୨୭
୯୭	ଶିମାନ୍ ପାଣି	ବିଲେଇ ଓ ଫୁଲର କଥା	କବିତା	୧୨୮
୯୮	ପୁଷ୍ପାଞ୍ଜଳୀ ସ୍ୱାଇଁ	ଗଢ଼ିବି ବୈକୁଣ୍ଠ ଧାମ	କବିତା	୧୩୦
୯୯	ହିମାଂଶୁ ବେହେରା	ହୃଦୟର ପତ୍ର	କବିତା	୧୩୧
୧୦୦	ଅଜୟ କୁମାର ମହାନ୍ତି	ଚିହ୍ନ	କବିତା	୧୩୧
୧୦୧	ଦୁର୍ଯ୍ୟୋଧନ ପରିଡ଼ା	ନୂଆ ବହୁ	ପ୍ରବନ୍ଧ	୧୩୨
୧୦୨	ଅଶୋକ କୁମାର ବାରିକ	ଅଞ୍ଜୁଳାଏ ଆଶା	ଗଳ୍ପ	୧୩୩
୧୦୩	ଲୋପାମୁଦ୍ରା ମହାପାତ୍ର	ମୃତ୍ୟୁ' - ଏକ ପ୍ରତିଜ୍ଞା	କବିତା	୧୩୫
୧୦୪	ପ୍ରତିମା ପାତ୍ର	ସଖୀ	କବିତା	୧୩୬
୧୦୫	ପାର୍ଥସାରଥି ପାତ୍ର	କାହିଁ ଗୋ ପ୍ରିୟା	କବିତା	୧୩୭
୧୦୬	ରୋଶନ ସାହୁ	ସଂଘର୍ଷ ମୟ ଜୀବନ	କବିତା	୧୩୮
୧୦୭	ସୁନିତା ଦାଶ	ରାସପ୍ରିୟ କୃଷ୍ଣ	କବିତା	୧୩୮
୧୦୮	ସୁଭାଗିନୀ ସିଂହ	ଶ୍ରୀ' ମନ୍ଦିର	କବିତା	୧୩୯
୧୦୯	ରାକେଶ କୁମାର ସାହୁ	ଲୋଭୀ ଠାକୁରାଣୀ	କବିତା	୧୪୦

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

୧୧୦	ଶ୍ରୀମତୀ ନିରୁପମା ମିଶ୍ର	ସ୍ମୃତି ତୁମ ପାଇଁ ପଦେ	କବିତା	୧୪୧
୧୧୧	ତିଲୋତ୍ତମା ଦାସ	କୃଷ୍ଣ ପ୍ରେମରେ ପଡିଛି ମୋ ପାଦ	କବିତା	୧୪୨
୧୧୨	ହିମାଞ୍ଚଳ ନାଗ	ନିବିଡ଼ ବନ୍ଧୁତା	ପ୍ରବନ୍ଧ	୧୪୩
୧୧୩	କୃଷ୍ଣ ଚନ୍ଦ୍ର ବାରିକ	ସାବଧାନ	କବିତା	୧୪୬
୧୧୪	ସସ୍ମିତା ପଣ୍ଡା	ତୁମ ପରେ ମୁଁ ଆଉ ମୁଁ ନୁହେଁ	କବିତା	୧୪୭
୧୧୫	ଶିଲ୍ପାଲିପି ବେହେରା	ପାଷାଣୀ ମୁଁ	କବିତା	୧୪୮
୧୧୬	ତୁଷାରକାନ୍ତ ବଳବନ୍ତରାୟ	ଶରତ ଆସିଲେ ତୁମେ ମନେପଡ଼	କବିତା	୧୪୮
୧୧୭	ହିମାଳିନୀ ହୋତା	ସେହି ଭୂତ ଘର	ପ୍ରବନ୍ଧ	୧୪୯
୧୧୮	ରାଜଲକ୍ଷ୍ମୀ ବେହେରା	ଅଦେଖା ସ୍ନେହ	ପ୍ରବନ୍ଧ	୧୫୪
୧୧୯	କୁଞ୍ଜବିହାରୀ ରାଉତ	ଭିକାରୀ	କବିତା	୧୫୬
୧୨୦	ଲକ୍ଷ୍ମୀଆମ୍ମା ନନ୍ଦତା	ଅନୁତାପ	ପ୍ରବନ୍ଧ	୧୫୭
୧୨୧	ସସ୍ମିତା ତ୍ରିପାଠୀ	ପାପ ପଞ୍ଜୁରିରେ ପୁଣ୍ୟର ଶାରୀ	କବିତା	୧୫୮
୧୨୨	ଅରୁଣ ଡାକୁଆ	ମୁଁ ଗୋଲାପ ଟିଏ	କବିତା	୧୫୯
୧୨୩	ଲିପିକା ବେହେରା	ମିନି କବିତା (ଶୀତେଇ ନାନୀ, ତମ ପାଇଁ)	କବିତା	୧୬୦
୧୨୪	ଡ଼. ପ୍ରିୟମ୍ବଦା ସାମଲ	ମଧୁମୟ ଶୀତ	କବିତା	୧୬୧
୧୨୫	ଦୁର୍ଗା ଚରଣ ମଲ୍ଲ	ପ୍ରେମର ପ୍ରଥମ ଫର୍ଦ୍ଦ	କବିତା	୧୬୨
୧୨୬	ଜଗନ୍ନାଥ ପରିଛା	ଅଭିଶପ୍ତ ମୁଁ	କବିତା	୧୬୩
୧୨୭	ମିର୍ଜା ସନୁଅର ବେଗ	ଲୋଭର ପରିଣାମ	ଗଳ୍ପ	୧୬୪
୧୨୮	ପ୍ରଶାନ୍ତ କୁମାର ନାଥ	ସ୍ମୃତି ତୀର୍ଥ	କବିତା	୧୬୭
୧୨୯	ଜ୍ୟୋତ୍ସ୍ନା ରାଣୀ ଜେନା	ଶେଷ ନିବେଦନ	କବିତା	୧୬୮
୧୩୦	ସୁମିତ୍ରା ନାୟକ	ହେ' ସନ୍ଧ୍ୟା	କବିତା	୧୬୯
୧୩୧	ଗୋବର୍ଦ୍ଧନ ସେନାପତି	ସ୍ମୃତିର ଫର୍ଦ୍ଦ	କବିତା	୧୭୦
୧୩୨	ଜାନକୀ ମହାନ୍ତ	ଚାନ୍ଦ ସୁରୁଜ	କବିତା	୧୭୧
୧୩୩	ବାବାଜୀ ଚରଣ ସାହୁ	ସ୍ମୃତି	କବିତା	୧୭୧
୧୩୪	ଜସ୍ମିନୀ ନାୟକ	ସ୍ୱାର୍ଥପରର ମୁଖା	କବିତା	୧୭୨
୧୩୫	ଅନିତା କୁମାରୀ ଆଚାର୍ଯ୍ୟ	ବାଇ ଚଢେଇ	କବିତା	୧୭୩
୧୩୬	ସୀମାଲତା ସାହୁ	ମୋ' ଶଗଡ଼ ଗାଡ଼ି	କବିତା	୧୭୪
୧୩୭	ସତ୍ୟବ୍ରତ ସାହୁ	ଶୀତ ଗୀତ	କବିତା	୧୭୫
୧୩୮	ରାମ ଚନ୍ଦ୍ର ପ୍ରଧାନ	କରୁଥିବି ମୁହିଁ ସଭିଙ୍କ ହିତ	କବିତା	୧୭୫
୧୩୯	ପ୍ରଶାନ୍ତ କୁମାର ଦାଶ	ବେଦନାର ଜହ୍ନରାତି	କବିତା	୧୭୬
୧୪୦	ଧ୍ରୁବ ଚରଣ ଘିବେଲା	ଆମ ଗାଆଁ ଗାଡ଼ିଆ	କବିତା	୧୭୭
୧୪୧	ସବିତା କୁମାରୀ ମିଶ୍ର	ଜଗତର ନାଥ	କବିତା	୧୭୮
୧୪୨	ତାରାପ୍ରସାଦ ଜେନା	ବୋଉ ମୋର ସିଏ	କବିତା	୧୭୯
୧୪୩	ରୂପାଲି ମନ୍ଥନ	ଅତୁଟ ବନ୍ଧନ	କବିତା	୧୮୦
୧୪୪	ସୁବ୍ରତ କୁମାର ଜେନା	ଫେରିବାର ବେଳା	କବିତା	୧୮୧
୧୪୫	ବିଶ୍ୱନାଥ କର	ସ୍ମୃତି	କବିତା	୧୮୩
୧୪୬	ସିଦ୍ଧେଶ୍ୱର ପଣ୍ଡା	ଯାତ୍ରୀ	କବିତା	୧୮୪
୧୪୭	ପ୍ରତିମା ଶତପଥି	ବନ୍ଧୁତା	କବିତା	୧୮୫
୧୪୮	ହରିଶ୍ଚନ୍ଦ୍ର ବେହେରା	ଜଣେ ନାର୍ସିସିଷ୍ଟର ଗୀତ	କବିତା	୧୮୬

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

୧୪୯	ଗୁରୁ ଚରଣ ମହାକୁଡ଼	ସ୍ମୃତି ତୀର୍ଥ	କବିତା	୧୮୭
୧୫୦	ବଦ୍ରୀ ମହାନ୍ତି	ବାଇଶି ପାହାଚ	ପ୍ରବନ୍ଧ	୧୮୮
୧୫୧	ସ୍ମୃତି ପ୍ରିୟଦର୍ଶନୀ ପ୍ରଧାନ	ଅପେକ୍ଷାର ପ୍ରତିଶ୍ରୁତି	କବିତା	୧୯୧
୧୫୨	ହିତେଶ ବେହେରା	ୟଃ ଧାରୟତି ସ ତାରୟତି	ପ୍ରବନ୍ଧ	୧୯୨
୧୫୩	ସତ୍ୟବାନ ବେହେରା	ପରଂବ୍ରହ୍ମ	କବିତା	୧୯୪
୧୫୪	ଶୁଭଙ୍କର ସାହୁ	ମୋ' ସୁନୟନା	କବିତା	୧୯୫
୧୫୫	ରୁପାଲି ପଲେଇ	ମୁଁ କହୁଚି ହୃଦୟ ତୋର	କବିତା	୧୯୬
୧୫୬	ସ୍ୱର୍ଣ୍ଣ ରଥ ମହାପାତ୍ର	ସ୍ମୃତି ତୀର୍ଥ	କବିତା	୧୯୭
୧୫୭	ଆକୁଳାନନ୍ଦ ପୃଷ୍ଟି	ତୁମ ପରି କିଏ ଅଛି	କବିତା	୧୯୮
୧୫୮	ଅମୂଲ୍ୟ କୁମାର ସେନାପତି	ଠିକଣା ହଜିଛି	କବିତା	୧୯୯
	ଅଭିନନ୍ଦନ ପୃଷ୍ଠା			୨୦୦

ମହ୍ଲାର ପତ୍ରିକାର ଆଗାମୀ ୧୩ତମ ସଂସ୍କରଣରେ ନିଜର ଲେଖା ଦେବାକୁ ଚାହୁଁଥିଲେ ଯୋଗାଯୋଗ କରନ୍ତୁ...

ଯୋଗାଯୋଗ କରିବା ନିମିତ୍ତ :

ହ୍ୱାଟ୍ସଆପ : ୮୩୨୮୯୫୧୨୨୯

ଇ-ମେଲ : Malharmagazine@Gmail.Com

ୱେବସାଇଟ : WWW.MALHARODIA .COM

୨୦୨୬

ଶୁଭ ନବବର୍ଷ ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ...

ମହ୍ଲାର ପରିବାରର ସମସ୍ତ କର୍ମକର୍ତ୍ତାଙ୍କ ତରଫରୁ ଶୁଭ ନବବର୍ଷ ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ. ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ତୁମ ଅପେକ୍ଷାରେ...

ଲକ୍ଷ୍ମୀଧର ଚାନ୍ଦ୍
ବୀରବରପୁର,ବଡମ୍ବା,କଟକ

ମୋ ଅଜାଣତରେ ତୁମେ କଣ ପାଇଁ ଗୋ' ଆସ
କଣ ତୁମ ଇଛା ?
ତୁମେ, ତୁମେ କଣ ସବୁବେଳେ ଏମିତି ଜଳେଇବ
ଜଳୁଛି, ଜଳୁଛି ମୁଁ ପ୍ରତି ମୁହୂର୍ତ୍ତରେ
ଅପେକ୍ଷା କରିଛି କେବେ ଆସିବ ସେ ମୃତ୍ୟୁ
ତୁମେ ଆସ, ଆସ ତୁମେ ମୃତ୍ୟୁ
ମୁଁ ତୁମ ଅପେକ୍ଷାରେ
ସେଦିନ ମୋର ଭେଟ ହେବ
ସେଇ ଆପଣା ଓ ପର ର
ଯେବେ ମୁଁ ଚିହ୍ନିବି ମୁଁ କେଉଁ ସମ୍ପର୍କର
ସମ୍ପର୍କର ଫାସ ରେ
ମୁଁ ସଭିଙ୍କର ନା ସମସ୍ତେ ମୋର
ସମସ୍ତେ ଏଠି ନିଶାସକ୍ତ
କିଏ ସିଗାରେଟ୍ ର ଧୂଆଁ ରେ ତ
କିଏ ଲୋଭ ମୋହ ଆଉ ମତଲବ୍ ର ମଦରେ
ସ୍ୱାର୍ଥ ଲାଗି ଆଜି ଆଦର ସଭିଙ୍କର
ସ୍ୱାର୍ଥ ସରିଗଲେ ଏଠି କେହି ନୁହେଁ କାହାର
ହାରିଯାଇଛି ହାରିଯାଇଛି ଆଜି ....
ମୁଁ ହାରିଯାଇଛି ଏ ସମ୍ପର୍କର ଛକରେ
ହଜିଯାଇଛି ସ୍ୱାର୍ଥବ୍ୟାପି ସମୁଦ୍ରର ଗର୍ଭରେ
ଢେଉ ଆଣି ଫୋପାଡି ଦଉଛି
ପୁଣି ସେଇ ବେଳାଭୂମିରେ
ଜାବୁଡ଼ି ଧରେ ମୁଁ ବେଳାଭୂମିର ବାଲିକୁ
ବିଛିନ୍ନ ହେଇଯାଏ ମୋ ହାତ ପାପୁଲିରୁ
ଧରିବାକୁ ଚେଷ୍ଟାକରି ମଧ ପାରେନା
ଆଜି ସେମିତି ଖୋଜୁଛି ବେଳାଭୂମିରେ
କାହିଁ ହଜିଯାଇଛନ୍ତି ଆପଣାର ଲୋକେ ଅଶାନ୍ତ ସମୁଦ୍ରର ଗର୍ଭରେ
ଅଶାନ୍ତ ସମୁଦ୍ରର ଗର୍ଭରେ...
ଅପେକ୍ଷା କରିଛି,ପ୍ରଶ୍ନ ପଚାରୁଛି
କିଏ ମୋ ଆପଣାର,କିଏ ମୋ ଆପଣାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମୃତ୍ୟୁ ତୁମେ ଫେରିଯାଅ...

ଶୁଭଶ୍ରୀ ଶୁଭସ୍ମିତା
ଅଡସ୍‌ପୁର, କଟକ

ଜୀବନକୁ ଜିଇଁବାର ଇଚ୍ଛା ରେ
ସ୍ନେହ ପ୍ରେମ ଭଲପାଇବା ର ନିଶାରେ
ଇଚ୍ଛା ହୁଏ ବାରମ୍ବାର କହିବାକୁ
ମୃତ୍ୟୁ, ତୁମେ ଫେରିଯାଅ।

ମାଆ'ର ମମତା ର ଡୋରି ରେ
ବାପାଙ୍କ ସ୍ନେହ ପ୍ରେମ ଆଦରରେ
ଭାଇର ରାକ୍ଷୀ ର ଡୋରି ରେ ବାନ୍ଧିହୋଇ
ବାରମ୍ବାର କହୁଥିଲି ମୁଁ,
ମୃତ୍ୟୁ, ତୁମେ ଫେରିଯାଅ।

ଲକ୍ଷ୍ୟ ପୂରଣ କରିବାର ଆଶାରେ
ସ୍ୱପ୍ନ ସାର୍ଥକ କରିବାର ନିଶାରେ

ସ୍ମୃତି ର ତାଜମହଲ ଗଢ଼ିବାର ଇଚ୍ଛା ରେ
ବାରମ୍ବାର କହୁଥିଲି ମୁଁ
ମୃତ୍ୟୁ, ତୁମେ ଫେରିଯାଅ।

ହେଲେ ଏକ ଅଜଣା ଝଡର ଆଘାତ ରେ
ସ୍ୱପ୍ନ ର ତାଜମହଲ ଭାଙ୍ଗିଯିବା ପରେ
ସ୍ନେହ ପ୍ରେମ ର ବନ୍ଧନ ଛିଡି ଯିବା ପରେ
ଆଉ ଇଚ୍ଛା ନାହିଁ କହିବାକୁ
ମୃତ୍ୟୁ, ତୁମେ ଫେରିଯାଅ।

ଆପଣାର ଲୋକ ପର ହେବା ପରେ
ଲୁହ ଯମୁନା ରେ ଆଖି ଭିଜିଗଲା ପରେ
ଜୀବନ ପ୍ରତି ମୋହ ତୁଟିଗଲା ପରେ
ଆଉ କାହିଁକି କହିବି ମୁଁ
ମୃତ୍ୟୁ, ତୁମେ ଫେରିଯାଅ।

ତ୍ୟାଗ ବଦଳରେ ତାସଲ୍ୟ ମିଳିବା ପରେ
ଭଲପାଇବା ବଦଳରେ ଧୋକା ମିଳିବା ପରେ
ମିଛ ଅପବାଦ ରେ ମଥା ନଇଁଯିବା ପରେ
କେଉଁ ଲାଳସା ରେ କହିବି ମୁଁ
ମୃତ୍ୟୁ, ତୁମେ ଫେରିଯାଅ।

ବାକି ନାହିଁ ଆଉ କିଛି ପାଇବା ପାଇଁ
ମନ ଯେବେ ପାଲଟିଲା ମଲା ମରୁଭୂଇ
ଦୁଃଖ ଦରିଆରେ ଉବୁଟୁବୁ ହେବା ପରେ
ବାସ୍ ଏତିକି ବାକି ଅଛି କହିବା ପାଇଁ
ମୃତ୍ୟୁ, ତୁମେ ମୋତେ ଆପଣେଇ ନିଅ ।

ଭୁଲ କରିଥିଲି ଜହରକୁ ଅମୃତ ଭାବି
ପାପ କରିଥିଲି କଣ୍ଟା କୁ ଫୁଲ ଭାବି
ଦୋଷ କରିଥିଲି ଦୁଃଖ କୁ ସୁଖ ଭାବି
କ୍ଷମା କରିଦିଅ, ଆଉ କେବେ କହିବିନି
ମୃତ୍ୟୁ, ତୁମେ ଫେରିଯାଅ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ହେ' ମୋ ପ୍ରେୟସୀ...

ଅଜିତ୍ କୁମାର ମୁଖି
କେନ୍ଦୁପଦର, ନିମିନା , ଗଞ୍ଜାମ

ହେ ମୋ ପ୍ରେୟସୀ
ଯାଇଥିଲ ରୁଷି
ଏବେ ଆସିଲ ପାଖରେ ବସି ।
ତୁମେ କେଡ଼େ ଚଗଲି
ପାଇବାକୁ ମନହୁଏ ବିକଳ ଖାଲି ।
ତୁମ ପାଖକୁ ଆସିବାକୁ
ଆଉ ଏକ ବର୍ଷ ପାଖେଇ ଗଲି ।
ତୁମ ସହ ତଲ୍ଲିନ ହେବାକୁ
ଅତି ନିକଟତର ହେଲି ଏକ ବର୍ଷ
ଏମିତି ସମୟ ପରେ ସମୟ
ଯଥାଶୀଘ୍ର ଅତିବାହିତ ହେଉ ,
ତୁମେ ପ୍ରେମରେ ଲଭିବି ଅଜସ୍ର ହରଷ।
ମତେ ଆଲିଙ୍ଗନ କରିନେବ
ଅଧରରେ ଚୁମ୍ବନ ଦେବ
ଦୁଇ ହାତକୁ ଚାପି ଧରିଥିବ ।
ମୁକୁଳିବାକୁ ଚାହିଁଲେ ମଧ
ସେ ସମୟ - ପରିସ୍ଥିତି ଓ ତୁମେ ବାରମ୍ବାର ସୂଚନା ଦେଉଥିବ ,
ମୋ କବଳରୁ ମୁକୁଳିବା ଅସମ୍ଭବ ।
ସେ ସମୟକୁ ଚାହେଁ , ତୁମକୁ ଚାହେଁ
କେବେ ଆସିବ ସେଦିନ ?
ବର୍ଷ ପରେ ବର୍ଷ ବିତି ଯାଉଥିବ
ମନ ବ୍ୟାକୁଳ ହେଉଥିବ
ଦେଖିବାକୁ ତୁମ ପ୍ରଫୁଲ୍ଲିତ ବଦନ।
ସବୁଥର ପରି ଏଥର ମଧ ତୁମ
ଆଗମନକୁ ସ୍ୱାଗତ ,
ତୁମେ ଆସିଲ ପାଖରୁ
ବହିନେଲ ଏକ ବରଷ।
ହେ ମୋ ପ୍ରେୟସୀ
ଯାଇଚ କି ରୁଷି?
ଆସ ଗୋ ଆସ ପାଖରେ ବସ
ଦେଖୁଥିବା ନିତି ଆମେ ନବ ଆକାଶ ।



ସ୍ମୃତିରେ ପିଲାଦିନ...

ଧୀରୋଜ କୁମାର ପାତ୍ର
କୁସୁର୍ଲା,କଳାହାଣ୍ଡି

ଏକ ବରଷରୁ ସେ ପାଞ୍ଚ ବରଷ
ପିଲାବେଳ ଉପସ୍ଥିତ ,
ନାନା ରଙ୍ଗେ ଖେଳି ସାଙ୍ଗସାଥି ମେଳି
ଗାଇ ନାନା ବାୟା ଗୀତ...
ମାଆଙ୍କର ଗାଳି ସତେ ଦାଣ୍ଡ ଧୂଳି
ବାପାଙ୍କ ଆଦର ବେଶୀ ,
ଚକେଲେଟ ଖିଆ ବାଲିଧୂଳି ଖେଳ
ଖେଳୁଥାଉ ସର୍ବେ ମିଶି...
ଏକକୁ ଆରେକ ଗାଳିକରିଥାଉ
ପିଟାପିଟି ହୁଏ ପୁଣି ,
କାହାରି ଉପରେ କାଦୁଅ ଫୋପାଡୁ
କିଏ ଢାଳେ ପାଣି ଆଣି...
ରାତି ପାହିଗଲେ ରାଗରୁଷା ଭୁଲି
ଏକାଠି ହେଉ ସରବେ ,
ଭାଗ ବଣ୍ଟାବଣ୍ଟି ଦଳବଳ ଘେନି
ପୁରସ୍କାର କେତେ ନେବେ...
ବୋହୂ ଚୋରି ଖେଳ ତା'ସଙ୍ଗେ କବାଡି ଥିବ ପୁଣି ବାଡିଖେଳ,
ବାସ୍କେଟ ବଲରେ କେତେ ମାଡ ଖାଇ
ଦେହରୁ ବୋହିବ ଝାଳ ...
ଖରାବରଷାକୁ ଖାତିର ନଥାଏ
ଚିରା ଜାମା ଚଳୁଥାଏ ,
ଖାଇବାକୁ ଏଣେ ଭୁଲିଯାଉ କିନ୍ତୁ
ଖେଳରେ ମନଟି ଯାଏ...
ଫେରି ଆସନ୍ତା କି' ସେହି ପିଲାବେଳ
ଯାଆନ୍ତି ଧୂଳି ଉଡାଇ ,
ସାଙ୍ଗ ମୋର ହରଷ ଚିତ୍ତରେ
ପଛରେ ଯିବେ ଗୋଡାଇ...
ସେ ଭାବ ଏବେ ମୁଁ ବୁଝି ପାରୁନାହିଁ
ସମୟ ଗଲାଣି ବିତି ,
ଶିଶୁଙ୍କୁ କହୁଛି ଆନନ୍ଦ ମନରେ
ମିଶାଇବ ମୋତେ ନିତି...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସେ...

ଲକ୍ଷ୍ମୀପ୍ରିୟା ସାହୁ
ଦଇତାପଡ଼ା, ପୁରୀ

ସେ ମୁକୁଳା ମହକେ ବନ୍ଧା।
ସେ ମଉଳା ମୋହରେ ଛନ୍ଦା।।

ସେ ମାଟି ମମତାରେ ଭାଗୀ।
ସେ ମୁକତିର ଅନୁରାଗୀ।।

ସେ ମଶାଲ ମୁନର ନିଆଁ।
ସେ ମେଘର ମଧୁର ଛୁଆଁ।।

ସେ ମନ ମନ୍ଦିରର ଦାସୀ।
ସେ ମୁକ୍ତାକାଶ ତଳ ବାସୀ।।

ସେ ମନ୍ତ୍ର ମହାର୍ଘର ଲଗ୍ନ।
ସେ ମାତୃଭାଷା ମଧ୍ୟେ ମଗ୍ନ।।

ସେ କଇଁର କୁଆଁରୀ ମନ।
ସେ କଳ୍ପନାର କୁଆଁ ଜହ୍ନ।।

ସେ କାନ୍ତାର କାନ୍ତିରେ ମୁଗ୍ଧ।
ସେ କ୍ରୁର କାମନାରେ ଦଗ୍ଧ।।

ସେ କବିତା କାରାରେ ବନ୍ଦୀ।
ସେ କଳାରେ ହୁଅଇ ବାନ୍ଧି।।

ସେ କଅଁଳ କୁସୁମେ ସ୍ଥିତ।
ସେ କ୍ଲିଷ୍ଟ ବିଶ୍ଳେଷଣେ ଲିପ୍ତ।।

ସେ କାଳ ବକ୍ଷେ କିଶଳୟ।
ସେ କଦମ୍ବ, କୋକିଳ ପ୍ରିୟ।।

ସେ କଲମ କାଳିର ଭାଷା।
ସେ କାଳିଆ ଶରଣ ପଶା।।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ରାତ୍ରି ଗୋ ତୁମେ...

ଆଶିଷ କୁମାର ସାହୁ
ଭେଜିପଦର,
ଭବାନୀପାଟଣା, କଳାହାଣ୍ଡି

ରାତ୍ରି ଗୋ ତୁମେ କଥା କୁହ
ମନୁଷ୍ୟ ମନର ଭାବନାକୁ,
ରାତ୍ରି ଗୋ ତୁମେ ଫେରେଇ ଆଣ
ଦୂରେଥିବା ମୋର ପ୍ରିୟଜନଙ୍କୁ,
ରାତ୍ରି ଗୋ ତୁମେ ମନ ଚୋରାଅ
କାନ୍ତଙ୍କ ମଧୁର କଥା କୁହାଅ,
ରାତ୍ରି ଗୋ ତୁମେ ସୁଖ ଢାଳିଦିଅ
ଶରୀର କ୍ଲାନ୍ତକୁ ଶାନ୍ତି କରାଅ,
ରାତ୍ରି ଗୋ ତୁମେ ପ୍ରେମ ଆଣିଦିଅ
ସ୍ୱାମୀଙ୍କ ପାଖରେ ମତେ ଆଣିଦିଅ,
ରାତ୍ରି ଗୋ ତୁମେ ଖୁସି ଭରିଦିଅ
ପତିଙ୍କ ସ୍ପର୍ଶରେ ରାତ୍ର ବିତାଅ,
ରାତ୍ରି ଗୋ ତୁମେ ସବୁ ସୁଖ ଦିଅ
ସ୍ୱାମୀଙ୍କ ହାତର ଆଲିଙ୍ଗନରେ,
ରାତ୍ରି ଗୋ ତୁମେ ମନମୋହି ନିଅ
କାନ୍ତଙ୍କ ସେହି ମିଠା ହସରେ,
ରାତ୍ରି ଗୋ ତୁମେ ସପନ ଦେଖାଅ
ସୋଇଥିଲେ ମୁଁ ତାଙ୍କ ପାଖରେ,
ରାତ୍ରି ଗୋ ତୁମେ ସଖୀ ପରାଏ
ମନ କଥା ମୋ କୁହାଅ ତାଙ୍କ ଆଗରେ,
ରାତ୍ରି ଗୋ ତୁମେ ସବୁ ସୁଖ ଦିଅ
ସ୍ୱାମୀଙ୍କର ସେହି ଆଲିଙ୍ଗନରେ,
ରାତ୍ରି ଗୋ ତୁମେ ଏମିତି ହି ରୁହ
ସବୁବେଳେ ମୋର ଏହି ଜୀବନରେ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମନେ ପଡ଼େ ମା'...

ଆଜି ବହୁତ୍ ମନେ ପଡ଼େ ମା' ତୁମ କଥା,
ଆଜି କେବଳ ତୁମ ପ୍ରତିଛବି ଦେଖି ହିଁ
ମନର କିଛି ଅକୁହା କଥାକୁ
ତୁମ ଠାରେ ପ୍ରକାଶ କରିବାକୁ ଇଚ୍ଛା ହେଉଛି ମା'
ହେଲେ ମୋ ମନର କଥାକୁ ଶୁଣିବାକୁ ତୁମେ ମୋ ପାଖରେ ନାହିଁ।
ମୁଁ ତ' ଏବେ ସ୍ଥିର ହୋଇ ରହିଥିବା ଗୋଟିଏ ଖମ୍ବ ପରିକା।
ଗୋଟେ ପରେ ଗୋଟେ ଜୀବନର
ବାଟ ହଜିବାରେ ଲାଗିଚି।
ମୁଁ ଏବେ ହାରିଯାଇଛି
ଜିତିବାର ସବୁ ଚେଷ୍ଟାକୁ ବିଫଳ ହେଲା ଭଳି ଲାଗୁଚି ମା'।
ମା' ତୁମେ ଏବେ ତାରା ହୋଇ ମତେ ଦେଖୁଥିବ
ହେଲେ ସାଧାରଣ ମନୁଷ୍ୟ ହୋଇ
ମୁଁ ତୁମକୁ ଖୋଜିବାରେ ଲାଗିଚି
କିନ୍ତୁ ଏ ଅଗଣିତ ତାରା ମଧ୍ୟରେ
ମୁଁ ତୁମକୁ ଖୋଜିବାରେ ବିଫଳ ହୋଇ ପଡ଼ିଛି ମା'
ବିଫଳ ହୋଇ ପଡ଼ିଛି।

କୁରୀ କୁଡୁମ୍ବା
କେକିସିଙ୍ଗି, ଗଜପତି

ତୁମେ ଯଦି କୁହ...

ତୁମେ ଯଦି ମତେ କେବେ ପୂର୍ଣ୍ଣିମାର ଜହ୍ନ ହେବାକୁ କୁହ,
ମୁଁ ଅଭିମାନରେ କହିବି ଜହ୍ନ ହୋଇ କଳଙ୍କିତ ବକ୍ଷ ଧରିବାର
ସାହାସ ମୋର ନାହିଁ ।
ତୁମେ ଯଦି ମତେ ତୁମ ପାଇଁ ବୈଦେହୀ ହବାକୁ କୁହ,
ମୁଁ କୋହଭରା କଣ୍ଠରେ ପ୍ରତ୍ୟୁତ୍ତର ଦେବି ସୀତା ଭଳି ତୁମ
ପାଇଁ ଅଗ୍ନି ପରୀକ୍ଷା ଦେବାର ସାହାସ ମୋର ନାହିଁ '
ତୁମେ ଯଦି ପୁଣି କେବେ ରାଧା ଭଳି ପ୍ରେୟସୀ ହବାର
ଅନୁରୋଧ କର,
ମୁଁ ଟିକେ ରାଗିବି ପୁଣି ଟିକେ ହସିକି ତୁମକୁ କହିବି ,ବିନା
ଅଧିକାରରେ ତୁମକୁ ନିଜର କରିବା ସାହାସ ମୋର ନାହିଁ।
ତୁମେ ଯଦି କେବେ ମୋତେ ତୁମ ପାଇଁ ପାଞ୍ଚାଳି ହେବାକୁ କୁହ,
କୋହଭରା କଣ୍ଠରେ ମୁଁ କହିବି ତୁମଠାରେ ମନ ଦେଇ ଆଉ
କାହାକୁ ଦେହଦାନ କରିବାର ସାହାସ ମୋର ନାହିଁ'
ବାସ୍ ଆମ ପ୍ରେମର ଅଭୁଲା କାହାଣୀକୁ ଯେବେ ମୁଁ ପଢ଼ିବି,
କେବଳ ଏତିକି କହିବି ନାଁ ମୁଁ ପୁରାଣର ନାୟିକା ସାଜିବି ନାଁ
କେବେ କାହା ପାଇଁ ସିନ୍ଦୁର ନାଇବି ତୁମେ ମତେ ପର କଲେବି
ମୁଁ ତୁମକୁ ନିଜର କରିହିଁ ରହିବି।

ଜ୍ୟୋତିପ୍ରକାଶ ଶତପଥୀ
ରମ୍ଭାଦେଇପୁର, ଜଗତସିଂହପୁର

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମୁଁ ପ୍ରେମରେ ପଡ଼ିଛି...

ନିହାର ରଞ୍ଜନ ନାୟକ
ଧନୁଆ,ତିର୍ତ୍ତୋଲ, ଜଗତସିଂହପୁର

ହଁ, ମୁଁ ପ୍ରେମରେ ପଡ଼ିଛି,
ରାତି ଉଜାଗର ରହି ବହୁତ କିଛି ଭାବୁଛି
କେବେ ବର୍ତ୍ତମାନ ତ' କେବେ ଅତୀତ ରେ
ପୁଣି କେବେ ଅନ୍ଧାର ପୂର୍ଣ୍ଣ ଖୋଲା ଆକାଶରେ
ନିଜକୁ ହଜେଇ ପୁଣି ପାଇବାକୁ ଚେଷ୍ଟା କରୁଛି,,
ହଁ, ମୁଁ ପ୍ରେମ କରୁଛି,,,,
କେବେ ଅକ୍ଷର ର ରାଇଜରେ ହଜିଯାଇ,,
କଲମ କୁ ସାଥୀ କରୁଛି ,,
ତ' ପୁଣି କେବେ କଳ୍ପନା ଦୁନିଆ ରେ ତାର ହାତ ଧରି
ନୂଆ ଏକ ଦୁନିଆ ରେ ଘୁରି ବୁଲୁଛି,,
ହଁ, ମୁଁ ପ୍ରେମ କରୁଛି,,
ସବୁଦିନ ତାର ରୂପ ମୋତେ ବାନ୍ଧି ରଖୁଛି,
ତା ପ୍ରେମରେ କେବେ ମୁଁ
ତ କେବେ ଯାଯାବର ସାଜୁଛି,,
କାହିଁକି କେଜାଣି ତାକୁ ଏତେ ଭଲ ପାଇ ବସିଛି,,
ହଁ, ମୁଁ ପ୍ରେମ କରୁଛି,,
ପ୍ରତିଦିନ ତାକୁ ନୂଆ କରି ଜାଣୁଛି ,,
କେବେ ପାହାଡ଼,କେବେ ଝରଣା ତ
କେବେ ପ୍ରକୃତି ତା ରୂପ ବର୍ଣ୍ଣୁଛି ,,
ନିର୍ଜୀବ ର ସିଏ ସଂଜୀବନୀ ସାଜୁଛି,,
ହଁ, ମୁଁ ପ୍ରେମ କରୁଛି,,
ବିଜ୍ଞାନ ମୋର ପତ୍ନୀ,,,,
ଆଉ ସାହିତ୍ୟ କୁ ପ୍ରେମିକା ମାନିଚି,,
ବିଜ୍ଞାନ ମୋର ଜୀବନ ହେଇପାରେ,
କିନ୍ତୁ ସାହିତ୍ୟ ଏ ଜୀବନ ପ୍ରାଣ ବିନ୍ଦୁ ସାଜିଛି,,
ହଁ,, ମୁଁ ପ୍ରେମ କରୁଛି,,,

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ମାଆ...

ବଳରାମ ବେହେରା
ବଙ୍ଗୋର, କେନ୍ଦୁଝର

ମାଆ ଏମିତି ଏକ ସୁନ୍ଦର ଶବ୍ଦ,
ଯାହା ପାଖେ ଏ ସାରା ସଂସାର ସ୍ତବ୍ଧ।
ମାଆ ର ସ୍ନେହ,ପ୍ରେମ ଏ ସଂସାର ର
ସବୁଠାରୁ ନିଆରା ଓ ନିଃସ୍ୱାର୍ଥପର
ହୋଇଥାଏ।
ମାଆ ର ମମତା ସମସ୍ତ ଦୁଃଖ,କଷ୍ଟ କୁ
ଦୂରେଇ ଦେଇଥାଏ,
ମନରେ ଭରିଦିଏ ଅପୂର୍ବ ପୁଲକ ଓ
ଶାନ୍ତିର ଏକ ବାତାବରଣ।
ମାଆ ଆମ ମନ ବଗିଚାରେ ଥିବା
ହୃଦୟର ଗାଲିଚା ଉପରେ ସୁନ୍ଦର
ଭାବରେ ସବୁବେଳେ ହସୁଥିବା
ଏକ ସୁନ୍ଦର ଗୋଲାପ ଫୁଲ।
ଯାହା ଆମକୁ ଅତ୍ୟନ୍ତ କୋମଳ
ଓ ସତେଜ ଲାଗେ।
ମାଆ ସବୁବେଳେ ଆମ ମନ ଅଗଣାରେ
ପ୍ରତିଦିନ ଫୁଟୁଥିବା ଏକ ସଜ ଗୋଲାପ ପରି
ତାଜା ଓ ମନଲୋଭା।
ଯାହାକୁ ସବୁ ସମୟରେ ସତେଜ ରଖିବା
ଆମର କର୍ତ୍ତବ୍ୟ ହେବା ଉଚିତ୍।
ମାଆ କୁ ସମ୍ମାନ,ବିଶ୍ୱାସ,ଭରଷା,ସ୍ନେହ,ଶ୍ରଦ୍ଧା,
ପ୍ରେମ ଓ ଭଲପାଇବା ଦେଇ,
ମାଆ ନାମକ ଏକ ସୁନ୍ଦର ଗୋଲାପକୁ
ସବୁବେଳେ ସାଇତି ରଖିବା ଆବଶ୍ୟକ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସ୍ୱପ୍ନ...



ପ୍ରମିଳା ସ୍ୱାଇଁ
ରାଜକନିକା, କେନ୍ଦ୍ରାପଡ଼ା

ଦେଖିଥିଲି କେତେ ସ୍ୱପ୍ନ
ଦିନେ ହେବ ମୋ ସତ
କଲମ ମୁନରେ ଲେଖେ ମୁଁ ନୀତି
ମୋ ହୃଦୟର କଥା ...
ଆଜି ଭାବେ ମୁଁ ବସି ଏକା
ସ୍ୱପ୍ନ ମୋର ରହିଗଲା ଅଧା ,
ଲେଖିବାକୁ ଇଛା ହୁଏ ଅନେକ କିଛି,
କଲମ ଧରୁ ଧରୁ ହାତ ଦିଏ ବାଧା...
ସରିନି ସ୍ୱପ୍ନ ପାଇଗଲା ରାତି
ଲେଖିବାକୁ ଥିଲା କେତେ ଯେ କାହାଣୀ ,
ରହିଗଲା ମୋ ହୃଦୟରେ ....
କାଗଜରେ ଲେଖିଦେଲେ ବୁଝିବା ସହଜ ହୁଏ
ହୃଦୟର ଲେଖାକୁ ବୁଝିବା ନୁହେଁତ ସହଜ ,
ଦିନ ନାହିଁ ରାତି ନାହିଁ
ଯାହା ପାଇଁ ଦେଖେ ମୁଁ ସ୍ୱପ୍ନ ...
ସେଏତ ବୁଝିଲା ନାହିଁ
ମୋ ହୃଦୟର କଥା...
ଏଇତ ମୋ ସ୍ୱପ୍ନ...

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କାଶତଣ୍ଡିର ପବିତ୍ର ପ୍ରେମ...

ସରସ୍ୱତୀ ମେହେର
ସିନାପାଲି, ନୂଆପଡା

ମାଁ'ଦୁର୍ଗାଙ୍କ ଆଗମନରେ ଧାରା ବିଶେ ମନୋରମ ,ନାନା ଫୁଲେ ସଜେଇ ହୁଏ ଧରିତ୍ରୀ ,ସବୁଜବର୍ଣ୍ଣ କରେ ନିଜ ସର୍ବାଙ୍ଗ ଶରୀର କୁ ,ଶୁଷ୍କ ତରୁ ହୋଇଉଠେ ପଲ୍ଲବୀତ, ନଈ ,ନାଳ, ପୋଖରୀ ରେ ଜଳପୂର୍ଣ୍ଣ ହୁଏ । ଆଉ କାଶତଣ୍ଡି ଫୁଲ ଧୋବ ଫରଫର ଚାଦର ବିଛାଇ ମା ଦୁର୍ଗାଙ୍କୁ ସ୍ୱାଗତ କରେ । କାଶତଣ୍ଡି ମାଁ ଦୁର୍ଗାଙ୍କ ଆଗମନ ରେ ଆସେ ମାଁ ଙ୍କ ବିସର୍ଜନ ପାରେ ଝାଉଁଳି ଯାଏ ।

ଏହାର ରହସ୍ୟ ହେଉଛି -: ଜଣେ ଗାଉଁଲି ଗରିବ ଘରର ଝିଅ କାଶତଣ୍ଡି । ପ୍ରତିଦିନ ସେ ନଈ କୂଳ କୁ ବୁଲିବାକୁ ଯାଏ। ତାକୁ ପ୍ରକୃତି ବହୁତ୍ ଭଲ ଲାଗୁଥିଲା। ସେ କିଛି ସମୟ ପ୍ରକୃତି ରାଣୀ ର ମନ ଲୋଭ ଦୃଶ୍ୟ ଉପଭୋଗ କରି ଘରକୁ ଫେରୁଥାଏ । ସେଇ ରାସ୍ତା ଦେଇ ସେଇ ରାଜ୍ୟର ରାଜକୁମାର ଯିବା ଆସିବା କରନ୍ତି । କାଶତଣ୍ଡି ରାଜକୁମାର କୁ ଦେଖେ , ରାଜକୁମାର କାଶତଣ୍ଡି କୁ ଦେଖେ,ଏମିତି ଦେଖାଦେଖି ରେ ଦୁଇ ଜଣଙ୍କୁ ପ୍ରେମ ହେଇଗଲା । ଦୁଇ ଜଣ ନିଜର ପରିଚୟ ଦେଇ ମନ କଥା କୁହାକୁହି ହେଲେ । ପ୍ରତ୍ୟେକ ଦିନ ସେମାନଙ୍କର ମିଳନ ହେଲା । ନଈକୂଳେ ବସି ମଧୁର ବାର୍ତ୍ତାଳାପ କଲେ । ଦୁଇ ପ୍ରେମ ପକ୍ଷୀ ଉଡ଼ିବୁଲିଲେ ଖୋଲା ନୀଳ ଆକାଶରେ ଡେଣା ଝାଡି,ପ୍ରେମର ଗୀତ ଗାଇ ଗାଇ ।

ଏମିତି ବହୁତ୍ ଦିନ ବିତିଗଲା । ରାଜାଙ୍କ ପାଖକୁ ଏ ଖବର ପହଞ୍ଚିଲା। ରାଜକୁମାର ଗୋଟିଏ ଗରିବ,ଗାଉଁଲି ଝିଅ କୁ ଭଲ ପାଉଛନ୍ତି । ତା ସହିତ ନଈକୂଳେ ପ୍ରତ୍ୟେକ ଦିନ ଭେଟ ହୁଅନ୍ତି । ରାଜା ଆଦେଶ ଦେଲେ ରାଜକୁମାରଙ୍କୁ ରାଜ ଦରବାର ରେ ଉପସ୍ଥିତ କରିବା ପାଇଁ , ଖୋଜିବାକୁ ନଈକୂଳକୁ ଗଲେ ସୈନ୍ୟ ସାମନ୍ତ ।ରାଜକୁମାରଙ୍କୁ ରାଜନଅର କୁ ଯିବା ପାଇଁ ରାଜାଙ୍କ ଆଦେଶ ଜଣାଇଲେ । ରାଜକୁମାର ମନା କରିଦେଲେ । ସୈନ୍ୟ ରାଜାଙ୍କୁ ଏହା ଜଣାଇଲେ । ରାଜା ରାଗରେ ଆଦେଶ ଦେଲେ କାଶତଣ୍ଡି କୁ ଜିଅନ୍ତା ମାଟି ରେ ପୋତି ଦିଅ ଓ ରାଜକୁମାର କୁ ନେଇ ଆସ । ମନ୍ତ୍ରୀ,ପରିଷଦ ତାହା କଲେ ଗାତ ଖୋଳି କାଶତଣ୍ଡି କୁ ପୋତୁ ଥିବା ବେଳେ ରାଜକୁମାର ର କରୁଣ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଦୃଶ୍ୟ ଦେଖି କାଶତଣ୍ଡି କହିଲା, ତମେ ରାଜ୍ୟକୁ ଫେରି ଯାଅ। ମୋ ବିରହ ରେ କାହାକୁ କଷ୍ଟ ଦେବ ନାହିଁ, ଗୋଟିଏ ନିଷ୍ଠାବାନ ରାଜା ଭଳି ରାଜ୍ୟ ଶାସନ କରିବ , ମୁଁ ପ୍ରତି ବର୍ଷ ତୁମକୁ ଭେଟି ବାକୁ ଆସିବି ଏଇ ଶରତ ଋତୁରେ କାଶତଣ୍ଡି ହୋଇ । ଯେତେବେଳେ ମା' ଦୁର୍ଗା ଆସିବେ । ଏତିକି କହି ସରିଲା ପରେ କାଶତଣ୍ଡି ର ଜୀବନ ଚାଲିଗଲା । ରାଜକୁମାର ର କରୁଣ ଚିତ୍କାର ରେ ଫାଟିପଡ଼ିଲା ନଈତୁଠ । ରାଜକୁମାର ରାଜା ପାଖକୁ ଗଲେ କହିଲେ ତୁମେ ଯାହା କହିବ ମୁଁ ସବୁ କରିବି ହେଲେ ମତେ କେବେ ବିବାହ କରିବାକୁ କହିବ ନାହିଁ । ରାଜକୁମାର ସାରା ଜୀବନ ଅବିବାହିତ ହୋଇ ରହିଲେ ,ଶରତ ଋତୁ ଆସିଲେ ଧାଇଁ ଯାଆନ୍ତି ନଈକୂଳ କୁ ପୁଣି କାଶତଣ୍ଡି ଫୁଲକୁ ଛାତିରେ ଧରି ପୁରୁଣା ଦିନକୁ ମନେ ପକେଇ ହଜି ଯାଆନ୍ତି ପ୍ରେମର ଦୁନିଆରେ ।

ନାରୀ ...

ନଥିଲା ଅବଳା, ନ ଥିଲା ଦୁର୍ବଳା,
ନ ଥିଲା ଲାଞ୍ଛିତ, ବାଞ୍ଛିତ, ଶୋଷିତ।
ମୁକ୍ତ ଆକାଶର ଥିଲା ବିହଙ୍ଗ,
ଜ୍ଞାନଚର୍ଚ୍ଚା, ସଭା-ସମିତିରେ ଥିଲା ଅଗ୍ରଣୀ।
ପାଦ ମିଶେଇ ପୁରୁଷ ସହ ଚାଲୁଥିଲା ଦିନେ,
ଯଜ୍ଞରେ ଥିଲା ପୁରୁଷ ସହ ସମକକ୍ଷ।
ନଥିଲା ବାଧା, ପ୍ରତିବନ୍ଧକତା,
ଥିଲା ସ୍ୱୟଂ ସ୍ୱାଧୀନତା ନିଜ
ଜୀବନରେଖାରେ।

ହେ ନାରୀ! ହେ ନାରୀ!
କାହିଁ ବଜାୟ ରଖି ପାରିଲ ନି
ପ୍ରତିଷ୍ଠା, ପରମ୍ପରା, ଅନୁଶାସନ?
କାହିଁ ଆଜି ଅବଳା, ଦୂର୍ବଳା, ଲାଞ୍ଛିତ, ବାଞ୍ଛିତ,
ପୁରୁଷ ବନ୍ଧୁକ ମୁନରେ ସୋଷିତ, ନିଷ୍ପେସିତ?
ହେ ନାରୀ! କେମନ୍ତେ ଭୁଲି ଯାଅ ତୁମ୍ଭେ
ଅର୍ଦ୍ଧାଙ୍ଗିନୀ ତ' ମାଆ ପୁରୁଷ ଜାତିର,
ଯୁଗେ ଯୁଗେ ତୁମ୍ଭେ ଚିର ନମସ୍ୟ, ଚିର ପୁଜ୍ୟା
ମାନବ ସମାଜରେ।

ପ୍ରଭାସ ଚନ୍ଦ୍ର ମଲ୍ଲିକ
ଫକୀର ମୋହନ ସ୍ୱୟଂଶାସିତ
ମହାବିଦ୍ୟାଳୟ, ବାଲେଶ୍ୱର

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମହାନଦୀ ତୀରରେ ସୂର୍ଯୋଦୟ...

ରତି ରଞ୍ଜନ ମହାପାତ୍ର
ବାଲିସାହି, କଟକ

ରାତିର ଗାଢ଼ ଅନ୍ଧକାର ସେଇ ସମୟରେ ଧୀରେ ଧୀରେ ପଛକୁ ହଟୁଥିଲା। ପୂର୍ବ ଆକାଶରେ ହାଲୁକା କମଳା ରଙ୍ଗର ଏକ ପତଳା ପରଦ, ଯେପରି ଦିଗନ୍ତକୁ କେହି ଚିତ୍ରକର ଏକ ମୃଦୁଳ ତୁଳିରେ ଆଙ୍କିଛି। ଆଗରେ ମହାନଦୀ-ସେମିତି ପୂର୍ବବତ୍ ନିଶ୍ଚଳ, ନିରବରେ ତାର ପ୍ରବାହରେ ସମୟର କାହାଣୀ କହୁଥିଲା। ହେଲେ ପୂର୍ବପରି ନଥିଲା ନଦୀରେ ଜଳ ଥିଲା କେବଳ ବାଲିକଣା ଚିକ୍ ମିକ୍ କରୁଥିଲା ବାଲି-ଗରଡା ଗୁଡା ସୂର୍ଯ୍ୟର ପ୍ରଥମ କିରଣ ପଡ଼ି । ବର୍ଷା ପାଗକୁ ସକାଳର କଅଁଳିଆ ସୂର୍ଯ୍ୟ କିରଣ ସାଙ୍ଗକୁ ଖୋକା ଭାଇଙ୍କର ଗୀତ ସମ୍ଭାର ନଦୀକୂଳରେ ସରକାରଙ୍କ ଦ୍ୱାରା ହୋଇଥିବା ପଥର ବନ୍ଧ ଉପରେ ବସି ପୂର୍ବ ସ୍ମୃତିକୁ ଅବଲୋକନ କରି କରି ଭାବୁଥାଏ କିପରି ସମୟ ବଦଳିଗଲା ସୁର୍ଯୋଦୟର ସୌନ୍ଦର୍ଯ୍ୟ ସାଉଁଟିବାକୁ ଆଗରୁ ଯେ କେତେ ଲୋକ ଆସୁଥିଲେ ହେଲେ ବର୍ତ୍ତମାନ ଲୋକ କେବଳ ଆସୁଛନ୍ତି ଅନ୍ୟର ଚର୍ଚ୍ଚା ବାଢ଼ିବାରେ ଲାଗୁଛନ୍ତି କିଏ ତା ପୁଅବୋହୂ ଙ୍କ କଥା ତ କିଏ ସାହି ପଡିଶା କଥା କହୁଛନ୍ତି ଆଉ କିଛି ଛୋଟ ପିଲା ନଦୀ ପାଖରେ ଥିବା ଛୋଟ ପଡିଆରେ କ୍ରିକେଟ ଖେଳିଥାନ୍ତି ଆଉ ମୋ ସମବୟସ୍କ କିଛି ଯୁବ ପିଢି ନିଜ ହାତରେ ଦୂରଭାଷ ଯନ୍ତ୍ର ଧରି ପ୍ରଭାତର ଏହି ସୌନ୍ଦର୍ଯ୍ୟକୁ ଏକ ଯନ୍ତ୍ର ମଧରେ ବନ୍ଦୀ କରି ସିମୀତ କରୁଥାନ୍ତି ଆଉ କେତେଜଣ ନିଜର ଦୈନିକ ୧୦,୦୦୦ ପାଦ ଚାଲିବାର ନିର୍ଦ୍ଦିଷ୍ଟ ଭାଗ ପୂରଣରେ ବ୍ୟସ୍ତ ଏବଂ ସେମାନଙ୍କ ମଧରେ ମୁଁ ଯେପରି ହତପ୍ରଭ ହୋଇ ଅତୀତର ସ୍ମୃତିକୁ ସାଉଁଟି ମନର ମାନଚିତ୍ରରେ ଅଙ୍କିତ କରି କେତେବେଳେ ନିରୁଦ୍ଦିଷ୍ଟ ପ୍ରକୃତି ସନ୍ଧାନୀ ହୋଇଗଲି ଜାଣିପାରିଲି ନାହିଁ। ଆକସ୍ମିକ ଭାବେ ମହାନଦୀର ପ୍ରବାହ ମୋତେ ଆହ୍ୱାନ କରୁଥିଲା ଯେପରି ସେ ମୋତେ ପଚାରୁଛି।

"ପୁଅ! ତୁମେ କେବଳ ସ୍ମୃତିକୁ ମନେ ପକାଇବାକୁ ଆସୁଛ, କିନ୍ତୁ କେବେ ମୋତେ ବୁଝିବାକୁ ଚେଷ୍ଟା କରିଛ?" ମହାନଦୀର ଶବ୍ଦ ମୋ କାନରେ ପଡ଼ିଲା।

ମୁଁ ଚମକି ଚାରିପଟେ ଦେଖିଲି, ଲୋକମାନେ ସାଧାରଣ କାର୍ଯ୍ୟରେ ବ୍ୟସ୍ତ, କିନ୍ତୁ ସେଇ ସ୍ୱର ମାତ୍ର ମୋତେ ଶୁଣାଯାଉଥିଲା।

"ମହାନଦୀ··· ତୁମେ କହୁଛ?" ମୁଁ ସଂକୋଚରେ ପ୍ରଶ୍ନ ପଚାରିଲି।

"ହଁ," ମହାନଦୀ କହିଲା, "ମୋର ଜଳସ୍ତର କମିଛି, ମୋର ନୀରରେ ଥିବା ଜଳଜୀବମାନେ ନିଜ ପ୍ରାଣ ହାରାଇଗଲେ, ମୋର ନିର୍ମଳ ଜଳ ଆଜି ପଥରେ ଅଟକିଛି। କିନ୍ତୁ ମୁଁ ସମୟର ସାକ୍ଷୀ ତୁମର ଶୈଶବ, ତୁମର ଯୌବନ, ଏବଂ ଏଠାରେ ଥିବା ସମସ୍ତଙ୍କର ସ୍ମୃତି ସାଉଁଟି ରଖିଛି। କହ, ତୁମେ ମୋତେ ଭୁଲିପାରିବ କି?"

ମୋ ହୃଦୟ ମଧରେ ମହାନଦୀ ପାଇଁ ଦୁଃଖର ଭାବ ଅନୁଭୂତ ହେଲା ମନେ ହେଲା ଯେପରି ଏ ଡିଜିଟାଲ୍ ମଣିଷ ଗୁଡା ମହାନଦୀକୁ କେତେଯେ କଷ୍ଟ ନ ଦେଇଛି। ହେଲେ ମହାନଦୀ କିଛି ବିଚାର ନକରି ସଭିଙ୍କୁ ତାର ତୀରରେ ଆଶ୍ରୟ ଦେଇଚି, ତାର ଶୀତଳ ପାନୀୟ ଜଳ ପ୍ରଦାନ କରି ତୃଷ୍ଣା ନିବାରଣ କରୁଛି ହେଲେ ଆମେ କରିଛେ କଣ?? ମହାନଦୀ ପୁଣି ପ୍ରଶ୍ନ କଲା;କଣ ନୀରବି ଗଲ ଉତ୍ତର ଦେଲନି ଯେ ଭୁଲିପାରିବ ଏଇ ବୃଦ୍ଧା ତଟିନୀଟିକୁ ଯଦି ହଁ ଭୁଲିପାରିବ କିପରି ନିଜର ବୃଦ୍ଧ ପିତା ମାତାଙ୍କୁ?? ମୁଁ ଉତ୍ତର ଦେଲି

"ନାହିଁ ମହାନଦୀ, ତୁମେ ମୋର ଆତ୍ମାର ଅଂଶ। ଆଜି ମୁଁ ବହୁତ କିଛି ହାସଲ କରିଛି, କିନ୍ତୁ ହରାଇଛି ଶାନ୍ତି, ଯାହାକୁ ମୁଁ ତୁମ ତଟରେ ପ୍ରାପ୍ତ କରିଛି, ଆଉ ଆଜିବି ଖୋଜୁଛି କିଛି ଅତୀତର ସ୍ମୃତିକୁ। ତୁମକୁ ଛାଡି ଜୀବନର ଅର୍ଥ ମୋ ପାଇଁ ନାସ୍ତି। ବିଶ୍ୱାସ କର ମହାନଦୀ ଏହା ଯଦି ମୋ ଜୀବନର ଅନ୍ତିମ କ୍ଷଣ ଯଦି ଏହା ହୁଅନ୍ତା ତେବେ ତୁମ ତୀରରେ ସୁର୍ଯୋଦୟ କିମ୍ବା ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବାକୁ ମୋର ଶେଷ ଇଚ୍ଛା। "

ମହାନଦୀର ପ୍ରବାହ ହଠାତ୍ ସ୍ମିତ ହସରେ ଝିଙ୍କାରି ଦେଲା ତାର ସ୍ରୋତରେ।

"ତାହେଲେ ମୋ ପାଖକୁ ପୁଣି ଫେର, କିନ୍ତୁ ତୁମର ହୃଦୟକୁ ସଫା କରି କୌଣସି ବିଷାଦ ସହ ନୁହଁ। ମୋର ସୌନ୍ଦର୍ଯ୍ୟକୁ କେବଳ ନିଜର ଚେତନାରେ ଧରିବାକୁ ଶିଖ।"

ମୁଁ ନିରବ ହୋଇଥିଲି। ପାଖରେ ଲୋକମାନେ ପରସ୍ପରକ କଥା ହେଉଥିଲେ, ପାଖ ପଡିଆରେ କିଛି ଛୁଆ କ୍ରିକେଟ ଖେଳୁଥିଲେ,ମୁଁ ପାଖରେ ଥିବା ଚା ଦୋକାନରୁ କପେ ନାଲିଚା ଆଣି ପିଇ ଯିବାକୁ ଉଦ୍ୟତ ହେଲି। କିନ୍ତୁ ମୋ ପାଇଁ ସେଇ ସକାଳରେ ମହାନଦୀ ଏକ କାହାଣୀକାର ହୋଇଗଲା।

ମୁଁ ପଥର ବନ୍ଧରୁ ଉଠି, ଏକଥର ନଦୀକୁ ନମସ୍କାର କରିଲି ଏବଂ ବାହାରିପଡ଼ିଲି ଗନ୍ତବ୍ୟ ପଥରେ।

ମହାନଦୀ ମୋତେ ଯେପରି କହୁଥିଲା

"ତୁମେ ଯାଅ, କିନ୍ତୁ ପୁଣି ଆସିବା। ସମୟ ବଦଳିଯାଏ, କିନ୍ତୁ ସ୍ମୃତି ଓ ପ୍ରକୃତି କେବେ ବଦଳେନାହିଁ।"

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବାପା...

ଆଲୋକ କୁମାର ମୁଦୁଲି
କେଶରପୁର୍, ଦାନପୁର୍,
କେନ୍ଦ୍ରାପଡ଼ା

ବାପାଙ୍କ ବୟସ ଯେବେ ୭୦,୭୨,୭୫ ହୁଏ ,
ପୁଅ ମାନଙ୍କ ଜୀବନ ଭାରି କଷ୍ଟରେ ଥାଏ ।।
ପ୍ରତି ମୁହୂର୍ତ୍ତରେ ଝଡ଼ ଝଞ୍ଝା ମହାବାତ୍ୟା ,
ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା।।
କହି ହୁଏ ନାହିଁ କିଛି ହୃଦୟର କଥା
ଆଖିର ଲୁହ ସବୁ ଲୁଚେଇ ରଖିବାକୁ ଓଠରେ ମିଛ ହସ ଟିଏ ଆଙ୍କି
ଚୁପ୍ ଚାପ୍ ନୀରବରେ ଦିନ କାଟୁ ଥାଏ ।
ବାପାଙ୍କ ବୟସ......
ଏ ଇ ଯେ ସେ ମଣିଷ, ଯିଏ ହାତ ଧରି ଚାଲିବା ଶିଖେଇ ଥିଲେ
ଏ ଇ ଯେ ସେ ମଣିଷ, ଯିଏ ଆମ ପାଇଁ ଘୋଡ଼ା ଗଧ କେତେ କଣ
ହେଇଥିଲେ ।
ଏ ଇ ସେ ମଣିଷ ଆମ ଜୀବନରେ ରଙ୍ଗ ଭରି ଯିଏ ବେରଙ୍ଗ କୁ ସ୍ୱୀକାର କରିଥିଲେ
ଘଟଣା ଦୁର୍ଘଟଣା ପ୍ରତି ମୁହୁର୍ତ୍ତ ଆଖି ଆଗେ ନାଚୁ ଥାଏ ।
ବାପାଙ୍କ ବୟସ ଯେବେ....
ଚାହେଁ ନାହିଁ କିଛି ହୀରା ଲୀଳା ମୋତି ମାଣିକ୍ୟ ଅବା ସୁସଜ୍ଜିତ ରାଜା ପ୍ରସାଦ ।
କେଇପଦ ମିଠା କଥା, ସମ୍ପର୍କର ଗଭୀରତା, ଲୋଭ ମୋହ ମାୟ ଠୁ ଉପରେ ନିଜର
ସର୍ବସ୍ୱ ଲୁଟେଇ ଦେବାର ଆବିଳତା।
ଏ ଇ ସେ ମଣିଷ, ବୟସର ଅପରାହ୍ନରେ ଯିଏ ତମ ବାଟ ଚାହିଁ ବସିଥାଏ ।
ବାପାଙ୍କ ବୟସ......



ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

କୃଷ୍ଣା...

ବବୁଲ୍ କୁମାର କବି
ବ୍ୟାସ ବିହାର , ବାଲେଶ୍ୱର

ହେ କୃଷ୍ଣା !
ତୁମେ ଆଉ ଥରେ
ଓହ୍ଲାଇ ଆସ
ଏ ଧରାଧାମର
ଅସଂଖ୍ୟ କୁରୁସଭାକୁ ।
ଅଛନ୍ତି କୃଷ୍ଣ !
କୋଟି ବସ୍ତ୍ର ପ୍ରଦାନ କରିବାକୁ
ସମସ୍ତଙ୍କ ଆଗେ
ସଭାମଧ୍ୟେ ତୁମକୁ ।
ତୁମେ ମୁକୁଳିତ କେଶରେ
ଆଖିରୁ କଜଳ ପୋଛିଦେଇ
ପ୍ରତିଶୋଧ ନିଅ ଆସି
ସଙ୍ଗରେ ଧରି ପଞ୍ଚ ପାଣ୍ଡବଙ୍କୁ ।
କେତେ କେତେ ଦୁଃଶାସନ
ଘୋଷାଡୁଛନ୍ତି ଆଜି
ନାରୀମାନଙ୍କର କେଶ !
କେତେ କେତେ ଦୁର୍ଯ୍ୟୋଧନ
ଦୁର୍ବ୍ୟବହାର କରୁଛନ୍ତି ଆଜି
ନାରୀଙ୍କୁ କରି ସମ୍ପୂର୍ଣ୍ଣ ଉଲଗ୍ନ !
କେତେ କେତେ କିଚକ
ପ୍ରତି କର୍ମକ୍ଷେତ୍ରେ ଆଜି
ହୋଇଛନ୍ତି ନୀଚ ଠୁଁ ବି ଅତି ନୀଚ !
କେତେ କେତେ ଅଙ୍ଗରାଜ
ପାପୀଙ୍କ ସଙ୍ଗେ ଆଜି
କରୁଛନ୍ତି ପାପରେ ମଉଜ !
କେତେ କେତେ ଅଶ୍ୱତ୍ଥାମା
ଦେଉଛନ୍ତି ହାଣି ଆଜି
ଶିଶୁ ମାନଙ୍କର ଗଣ୍ଡି ମୁଣ୍ଡ !
ବୁଲୁଛନ୍ତି କେତେଦୁଷ୍ଟ ବୀରଦର୍ପେ
ଛାତିକୁ ଫୁଲେଇ
ନାହିଁ ତାଙ୍କୁ ବୃକୋଦରର ଗଦା ଭୟ
କିମ୍ବା ନାହିଁ ତାଙ୍କୁ ସୁଦର୍ଶନ ଚକ୍ରର ହେୟ ।
ହେ କୃଷ୍ଣା!
ତୁମେ ଆଉ ଥରେ ହୋଇଯାଅ
ନାରୀରୁ ନିଆଁ
ଯୁଦ୍ଧହେଉ
ଦିନରେ ରାତିରେ

ପାପ ଆଉ ପୁଣ୍ୟର ଭିତରେ ।
ପୁଣ୍ୟର ବିଜୟେ ହେଉ ଶୂନ୍ୟ
କୋଟି କୋଟି ଆର୍ତ୍ତନାଦ ବେଦନାର
ଛାତିଫଟା କୋହ
ଆଉ ମଥାପିଟା ରାତିର ସୁଅରେ
ଭାସି ନଯାଉ କେବେ
ଅବଳା କୁଆଁରୀର ଅନୂଢ଼ା ଦେହ ।
ବ୍ୟର୍ଥ ନଯାଉ
ପିତା ଦ୍ରୁପଦ, ଭ୍ରାତା ଧୃଷ୍ଟଦ୍ୟୁମ୍ନ
ପୁତ୍ର ଅଭିମନ୍ୟୁ ଓ ଘଟୋତ୍କଚଙ୍କ
ତ୍ୟାଗ ଓ ବଳିଦାନ ।
ଲିଭି ନଯାଉ
ଧର୍ମର ପକ୍ଷେ
ଯୁଦ୍ଧ କରିଥିବା
କୋଟି କୋଟି ବୀରଙ୍କ
କୀର୍ତ୍ତିଯୁକ୍ତ ଅକ୍ଳାନ୍ତ ଅବଦାନ ।
ପୁନଃ ହେଉ
ଆଉ ଏକ
ଯୁଦ୍ଧର ଆରମ୍ଭ
ପାପୀଙ୍କର ବୁକୁଚିରି
ପିଅନ୍ତୁ ରକ୍ତ
ବୃକୋଦର ଦ୍ୱିତୀୟ ପାଣ୍ଡବ ।
କୃଷ୍ଣା ତୁମେ କେଶ ଧୁଅ
ଗାଢ଼ିଏ ଗାଢ଼ ରକ୍ତରେ
ଅବିରତ କିଛିଦିନ ପାଇଁ ।
ଶେଷ କର
ଏ ଧରାଧାମରୁ
ପାପର ଭାରକୁ
ଦୁରାଚାରି ମାନଙ୍କ କବଳରୁ
କରିଦିଅ ମୁକ୍ତ
ଯେତେସବୁ ଅବଳା ନାରୀଙ୍କୁ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ତୁମ ଅପେକ୍ଷାରେ...

ଶ୍ରଦ୍ଧାଞ୍ଜଳି ବେହେରା
ଗୁରୁଦାସପୁର, କମାଗଡ଼, ଯାଜପୁର

ତୁମ ଅପେକ୍ଷାରେ ଚାହିଁ ବସିଛି
ତୁମ ସ୍ୱପ୍ନକୁ ସାଇତି ଛାତିରେ ।
ବୃଥା ଅପେକ୍ଷା ର ଅପେକ୍ଷା ଛାଡ଼ି
ସ୍ୱପ୍ନକୁ ଛାଡ଼ିଦେଲି ନୀଳ ଆକାଶ ରେ ।
କିନ୍ତୁ ଜାଣିଛ !
ସେ ସ୍ୱପ୍ନ ତମକୁ ଛାଡି
ରହିପାରିଲା ନାହିଁ କାହା ଆଖିରେ ...
ସେଥିପାଇଁ ତୁମରି ସ୍ୱପ୍ନ ର ସ୍ମୃତିକୁ
ସାଇତି ଦେଲି ମୋ ଅତୀତରେ ।
କିନ୍ତୁ, ସେ ସ୍ୱପ୍ନ କଣ ଜାଣିଛି କି ?
ତମେ ସାଜି ସାରିଲଣି ନାୟକ କାହା ପ୍ରେମରେ ।
ତୁମ ଅପେକ୍ଷାରେ ...
ଏ ଅପେକ୍ଷାର ସତରେ କଣ ଅନ୍ତ ଘଟିବ ?
ତମେ ଫେରି ଆସିବ ଅତୀତର ସେ ସ୍ୱପ୍ନରେ ।
ସତରେ କଣ ତମେ ଫେରିବ !
ଏ ଅପେକ୍ଷାର ଶେଷ ଆୟୁଷରେ।
ଜାଣିଛ, ଏ ମନ ଅନେକ ଥର ହାରିଛି
ପ୍ରେମର ଜୁଆ ଖେଳିଛି ତମକୁ ପାଇବା ଆଶାରେ ।
ତମେ କେବେ ଭାବିଛ ସେ ସ୍ୱପ୍ନକୁ
ଛାଡ଼ି ଚାଲିଗଲ ଅଧାରେ।
ଇଏ କେମିତିକା ପ୍ରେମ
ଯିଏ ଲୁହ ଆଣିଦିଏ ଆଖିରେ ।
ଶୁଣ, ଯାହା କଲ ଠିକ୍ କଲ
କେମିତି ଚାଲିଗଲ ତମ ବାଟରେ !
ତମକୁ ନେଇ ଯିଏ ସ୍ୱପ୍ନ ଦେଖୁଛି
ଭାବିଛ କେମିତି ଶୋଇବ ରାତିରେ ।
ଯିବାରେ ଥିଲା ତମର ତମେ ଚାଲିଗଲ
କିନ୍ତୁ ଏ ସ୍ୱପ୍ନ ତୁମ ବିନା ରୋହୁ ନାହିଁ କାହା
ଆଖିରେ।
କୁହନା ଏ କଣ ଠିକ୍ କଲ ?
ତମ ପାଗେଳିକୁ ପାଗିଳି କରି ଚାଲିଗଲ
କେମିତି ଥିବ ତମ ପାଗିଳି ଭାବିଛ ଥରେ ?
ତମ ପାଗିଳି ର ସେ ପାଗିଳି କଥା
ଶୁଣିବା ପାଇଁ ଆଉ କେହିନାହି ତା ପାଖରେ।
ତମ ପ୍ରେମ କଣ ଏମିତି ?
ମୁଁ ଜାଣିନି ତମେ ଫେରିବ କି ନାହିଁ
କିନ୍ତୁ ଏ ହୃଦୟ ତୁମ ଅପେକ୍ଷାରେ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ସତ୍ୟର ଅନୁସନ୍ଧାନୀ ଜିଓର୍ଦାନୋ ବ୍ରୁନୋ...

ଅସିତ ମହାନ୍ତି
ସୁଜନପୁର, ଯାଜପୁର

ଏହା ଷୋଡ଼ଶ ଶତାବ୍ଦୀର ଘଟଣା । ଇଟାଲୀରେ ଜଣେ ବ୍ୟକ୍ତି ବାସ କରୁଥିଲେ। ସେ ଜଣେ ଦାର୍ଶନିକ, ଗଣିତଜ୍ଞ ଏବଂ ବୈଜ୍ଞାନିକ ଥିଲେ। ସର୍ବୋପରି, ସେ ସତ୍ୟର ସନ୍ଧାନକାରୀ ଥିଲେ। କିନ୍ତୁ କେତେକ ସମୟରେ ସତ୍ୟର ସନ୍ଧାନ ନିୟମ ଅନୁଯାୟୀ ହେଉନଥିଲା। କାରଣ ସତ୍ୟ ପ୍ରାୟତଃ ସ୍ଥିତାବସ୍ଥାକୁ ଚ୍ୟାଲେଞ୍ଜ କରୁଥିଲା।

ସେହି ବ୍ୟକ୍ତିଙ୍କ ନାମ ଥିଲା ବ୍ରୁନୋ। ବ୍ରୁନୋ ରାତିର ଆକାଶକୁ ଦେଖିବାକୁ ଭଲ ପାଉଥିଲେ। ସେ ଘଣ୍ଟା ଘଣ୍ଟା ତାରାମାନଙ୍କୁ ଚାହିଁ ରହୁଥିଲେ। ସେତେବେଳେ, ବ୍ରହ୍ମାଣ୍ଡ ବିଷୟରେ ଜ୍ଞାନ ମୁଖ୍ୟତଃ ପ୍ରାଚୀନ ରୋମାନ ଏବଂ ଗ୍ରୀକ୍ ଧାରଣା ଉପରେ ଆଧାରିତ ଥିଲା, ବିଶେଷକରି ଟଲେମି ଏବଂ ଆରିଷ୍ଟୋଟଲଙ୍କ ଧାରଣା ଉପରେ। ଟଲେମିଙ୍କ ମଡେଲ ଅନୁସାରେ, ପୃଥିବୀ ସମଗ୍ର ବ୍ରହ୍ମାଣ୍ଡର କେନ୍ଦ୍ର ଥିଲା। ପୃଥିବୀକୁ କେନ୍ଦ୍ର ଭାବରେ ବିଚାର କରିବାର ଏହି ମଡେଲ ପ୍ରାଚୀନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସୀମାବଦ୍ଧତା ଉପରେ ଆଧାରିତ ଥିଲା, କାରଣ ସ୍ୱର୍ଗୀୟ ପିଣ୍ଡଗୁଡ଼ିକର ଗତି ସାଧାରଣତଃ ପୃଥିବୀ ଚାରିପାଖରେ ଘୁରୁଥିଲା ବୋଲି ଜଣାପଡୁଥିଲା। ସେହି ସମୟରେ, କ୍ୟାଥୋଲିକ ଚର୍ଚ୍ଚ ୟୁରୋପ, ବିଶେଷକରି ରୋମ ଏବଂ ଇଟାଲୀରେ ପ୍ରାଧାନ୍ୟ ବିସ୍ତାର କରୁଥିଲା। ଟଲେମିଙ୍କ ମଡେଲ ସେହି ସମୟର ଚର୍ଚ୍ଚ ଏବଂ ୟୁରୋପର ସାମାଜିକ-ରାଜନୈତିକ ବ୍ୟବସ୍ଥା, ଅର୍ଥାତ୍ ସାମନ୍ତବାଦ ପାଇଁ ଉପଯୁକ୍ତ ଥିଲା। ଚର୍ଚ୍ଚ ବିଶ୍ୱାସ କରୁଥିଲା ଯେ ପରମେଶ୍ୱର ପୃଥିବୀକୁ ତାଙ୍କ ସୃଷ୍ଟିର କେନ୍ଦ୍ରରେ ରଖିଛନ୍ତି। ଯେପରି ଜଣେ ରାଜା କିମ୍ବା ସମ୍ରାଟ ଏକ ରାଜ୍ୟର କେନ୍ଦ୍ରରେ ଥାଆନ୍ତି। ଏହି ଦୃଷ୍ଟିକୋଣକୁ ଚ୍ୟାଲେଞ୍ଜ କରିବା ଚର୍ଚ୍ଚ ଏବଂ ଏହାର କର୍ତ୍ତୃପକ୍ଷଙ୍କ ପ୍ରତି ଏକ ସିଧାସଳଖ ଚ୍ୟାଲେଞ୍ଜ ଥିଲା। ଯଦି କେହି ଏହା କରନ୍ତି, ତେବେ ତାଙ୍କ ପାଇଁ କେବଳ ଗୋଟିଏ ଦଣ୍ଡ ସ୍ଥିର କରାଯାଇଥିଲା: ମୃତ୍ୟୁଦଣ୍ଡ। କିନ୍ତୁ ବ୍ରୁନୋ ତାହା କରିଥିଲେ। ବ୍ରୁନୋ ବ୍ରହ୍ମାଣ୍ଡର ଏକ ନୂତନ ମଡେଲ ଉପସ୍ଥାପନ କରିଥିଲେ,ଯେଉଁଥିରେ ସୂର୍ଯ୍ୟ ପୃଥିବୀ ବଦଳରେ କେନ୍ଦ୍ରରେ ଥିଲେ।

ଯଦିଓ ଏହି ମଡେଲ ସମ୍ପୂର୍ଣ୍ଣ ନୂତନ ନଥିଲା, ପୂର୍ବରୁ କେହି ଚର୍ଚ୍ଚ ବିରୋଧରେ କହିବାକୁ ସାହସ କରିନଥିଲେ। ବ୍ରୁନୋ ଏହା ଘୋଷଣା କରି ଚର୍ଚ୍ଚକୁ ନିଆଁ ଲଗାଇ ଦେଇଥିଲେ। ଯଦିଓ ସୂର୍ଯ୍ୟ ବ୍ରହ୍ମାଣ୍ଡର କେନ୍ଦ୍ର ନଥିଲା, ତଥାପି ଏହା ବ୍ରୁନୋଙ୍କ ସମୟର ପୁରୁଣା ଚିନ୍ତାଧାରା ଏବଂ ଶକ୍ତି ପାଇଁ ଏକ ଚ୍ୟାଲେଞ୍ଜ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଥିଲା । ସେହି ସମୟରେ, ଏହା ଶତାବ୍ଦୀ ଧରି ପ୍ରତିଷ୍ଠିତ ବୈଜ୍ଞାନିକ ଦୃଷ୍ଟିକୋଣକୁ ଆଗକୁ ବଢ଼ିବାର ପଥ ଦେଖାଇଥିଲା ।

ଏହା ଏକ ବିପ୍ଳବୀ ଧାରଣା ଥିଲା ଯାହା ସେ ସମୟର ପ୍ରଚଳିତ ବିଶ୍ୱଦୃଷ୍ଟିକୁ ହଲାଇ ଦେଇଥିଲା । ବ୍ରୁନୋ ବ୍ୟାଖ୍ୟା କରିଥିଲେ ଯେ ପୃଥିବୀ ସ୍ଥିର ନୁହେଁ, ବରଂ ସୂର୍ଯ୍ୟ ଚାରିପାଖରେ ଘୂରେ । ଚର୍ଚ୍ଚ ବ୍ରୁନୋଙ୍କୁ ତାଙ୍କ ମୁହଁ ବନ୍ଦ ରଖିବାକୁ କହିଥିଲେ । ବ୍ରୁନୋ ଏପରି କରିବାକୁ ମନା କରିଥିଲେ । ସେ କହିଥିଲେ ଯେ ସେ ସତ୍ୟର ପଥ ଛାଡିବେ ନାହିଁ । ସେ ବିଶ୍ୱାସ କରୁଥିଲେ ଯେ ପରିବର୍ତ୍ତନ ଅନିବାର୍ଯ୍ୟ । ଏହା ଏକ ବିପଦଜନକ ଧାରଣା ଥିଲା । ଚର୍ଚ୍ଚ ତାଙ୍କୁ ଧମକ ଦେଇଥିଲା ଏବଂ ପ୍ରଲୋଭିତ କରିଥିଲା, କିନ୍ତୁ ସେ ଶୁଣି ନଥିଲେ । ସେ ତାଙ୍କ ନାଗରିକମାନଙ୍କୁ ପୁରୁଣା ଏବଂ ଭୁଲ ବିଶ୍ୱାସ ପରିତ୍ୟାଗ କରି ସତ୍ୟ ଏବଂ ବିଜ୍ଞାନର ପଥ ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ । ୧୬୦୦ ମସିହାରେ ବ୍ରୁନୋଙ୍କୁ ଗିରଫ କରାଯାଇଥିଲା । ତାଙ୍କ ଉପରେ ଈଶ୍ୱର ନିନ୍ଦା ଏବଂ ଧର୍ମଦ୍ରୋହ ଅଭିଯୋଗ ଆସିଥିଲା । ବ୍ରୁନୋ ସମସ୍ତ ଅଭିଯୋଗ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ନିର୍ଦ୍ଦୋଷ ବୋଲି କହିଥିଲେ । ତଥାପି, ବ୍ରୁନୋଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ତାଙ୍କୁ ଜୀବନ୍ତ ଜାଳି ଦେବାକୁ ଦଣ୍ଡ ଦିଆଯାଇଥିଲା । ୧୭ ଫେବୃଆରୀ, ୧୬୦୦ ରେ ତାଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା । ତେବେ ବ୍ରୁନୋ ପ୍ରକୃତରେ ବିଫଳ ଥିଲେ କି? ସମ୍ପୂର୍ଣ୍ଣ ନୁହେଁ । ବ୍ରୁନୋଙ୍କୁ ନିଆଁରେ ପୋଡ଼ି ଦିଆଯାଇଥାଇପାରେ, କିନ୍ତୁ ତାଙ୍କ ଚିନ୍ତାଧାରାର ଅଗ୍ନି ଜଳି ଚାଲିଥିଲା । ଆଜି ସମଗ୍ର ବିଶ୍ୱ ବିଶ୍ୱାସ କରେ ଯେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ର ନୁହେଁ । ବ୍ରୁନୋ ତାଙ୍କ ଜୀବନ ସତ୍ୟ ଏବଂ ବିଜ୍ଞାନ ପାଇଁ ଉତ୍ସର୍ଗ କରିଥିଲେ ।

ତାଙ୍କ କାହାଣୀ ଆମକୁ ମନେ ପକାଇ ଦେଇଛି ଯେ ଏକ ବୈଜ୍ଞାନିକ ଆଭିମୁଖ୍ୟ କେତେ ଗୁରୁତ୍ୱପୂର୍ଣ୍ଣ । ଅଧିକନ୍ତୁ, ସତ୍ୟ ଏବଂ ପରିବର୍ତ୍ତନର ପଥ କଷ୍ଟକର । ଅଧିକନ୍ତୁ, ଯେକୌଣସି ଅସୁବିଧାର ସମ୍ମୁଖୀନ ହୋଇ ସତ୍ୟର ପଥ ପରିତ୍ୟାଗ କରିବା ଉଚିତ୍ ନୁହେଁ ।

ଏହା ଆମକୁ କୁହେ ଯେ ବିଶ୍ୱ ନିରନ୍ତର ପରିବର୍ତ୍ତନ ହେଉଛି । ପରିବର୍ତ୍ତନ ଅନିବାର୍ଯ୍ୟ । ପୁରୁଣା ଚିନ୍ତାଧାରା, ପୁରୁଣା ବ୍ୟବସ୍ଥାକୁ ନୂତନ ବ୍ୟବସ୍ଥାକୁ ବାଟ ଦେବାକୁ ପଡିବ । କିନ୍ତୁ ଏହି ରାସ୍ତାରେ ବଳିଦାନ ଆବଶ୍ୟକ ।

ଏହି କାହାଣୀ ଆମକୁ ଅଜ୍ଞତା ଏବଂ ଅସହିଷ୍ଣୁତାର ବିପଦ ବିଷୟରେ ମଧ୍ୟ ସଚେତନ କରାଏ । ଏହା ସହିତ, ଏହା ଆମକୁ କୁହେ ଯେ ଜ୍ଞାନ ଏବଂ ସତ୍ୟକୁ ଯେକୌଣସି ମୂଲ୍ୟରେ ସୁରକ୍ଷିତ ରଖିବାକୁ ହେବ । ଏହା ଆମକୁ ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ, ଷ୍ଟେରିଓଟାଇପ୍କୁ ଚ୍ୟାଲେଞ୍ଜ କରିବାକୁ, ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରିବାକୁ ଏବଂ ସମର୍ଥନ କରିବାକୁ ପ୍ରେରଣା ଦିଏ ।

ତେଣୁ ଆସନ୍ତୁ ଆମେ ବ୍ରୁନୋଙ୍କୁ ମନେ ପକାଇବା, ତାଙ୍କ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା । ଏହା ସହିତ, ଆସନ୍ତୁ ଆମେ ନିଜ ଭିତରେ ଏବଂ ଆମର ଭବିଷ୍ୟତ ପିଢ଼ି ମଧ୍ୟରେ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ବିକଶିତ କରିବାକୁ ପ୍ରତିଜ୍ଞା କରିବା । ଆମ ପିଲାମାନଙ୍କୁ ଅନ୍ଧବିଶ୍ୱାସ ଏବଂ ଅନ୍ଧ ବିଶ୍ୱାସରୁ ଦୂରରେ ରଖ । ସେମାନଙ୍କୁ ପ୍ରଶ୍ନ ପଚାରିବା ଶିଖାନ୍ତୁ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଦୋଷ କାହାର ?...

ସୁକନ୍ୟା ବରାଳ
ଉତ୍କଳ ବିଶ୍ୱବିଦ୍ୟାଳୟ ର
ସ୍ନାତକୋତ୍ତର ୧ମ ବର୍ଷ, ବଳଦିଆବନ୍ଧ,
ଢ଼େଙ୍କାନାଳ

କି' କଥା ଲେଖିବି ତୁମ ବିଷୟରେ
ହାତ ମୋ ଥରଥର
କି' ଉପମା ଦେଇ ଗଢିବ ତୁମକୁ
କିଏ ଏଠି କରିବ ନିଜର ?

"ତୁମେ" କହିଲେ ସମାଜ ବୁଝେ
ତୁମେ ପୀଡିତା,ଦୋଷିତା ଦୋଷ ତୁମର ।
ତୁମେ ବି ଏ ସମାଜର ମାନବ
ପରି ମାନବୀ ଟିଏ,
ତୁମେ ତ' ସବୁ ଘରର କଅଁଳ ସ୍ୱପ୍ନ ନେଇ
ଜନ୍ମିଥିବା ଦୁହିତା ଟିଏ ।
କ'ଣ ଏହା ତୁମ ଦୋଷ ?
ଯଦି ତୁମ ଦୋଷ ନୁହେଁ ଦୋଷ କାହାର ?

ପ୍ରେମିକ ଟିଏ କୁହେ ତୁମକୁ
ତୁମେ ପ୍ରତାରିତା
ଦେବତା ମଣୁଥିବା ସ୍ୱାମୀ ବୋଲାଏ
ତୁମେ ଚରିତ୍ର ହୀନା ।
ଦେବତୁଲ୍ୟ ମଣିଷ ଗୁଡା ଟାହିଟାପରା କରନ୍ତି
ଏଟା ବିତାଡିତା, ପ୍ରତାରିତା,କଳଙ୍କିନୀ,ପାପିନୀଟା
ସବୁ ଶୁଣି ସବୁ ବୁଝି ଚୁପ୍ ରହିଯିବା
କ'ଣ ଏହା ତୁମ ଦୋଷ?
ଯଦି ତୁମ ଦୋଷ ନୁହେଁ ଦୋଷ କାହାର ?

ବସୁଧା ଠାରୁ ତୁମ ଜନ୍ମ, ବସୁଧାର
ବୁକୁ ଚିରି ହୋଇଗଲ ଲୀନ,
ତୁମେ ଥରେ ଦେଖିଯାଅ
ତୁମ ପରି କେତେ ସତୀ ସୀତା
ଆଜି କିପରି ଜର୍ଜରିତା ।

ଯଜ୍ଞ କୁଣ୍ଡରୁ ଜନ୍ମି ହୋଇଥିଲା ଯାଜ୍ଞସେନୀ
ତୁମ ପାଇଁ ପ୍ରସ୍ତୁତି ହୋଇଥିଲା ରଣନୀତି,
ଆଜିର ପାଞ୍ଚାଳୀ ପାଇଁ
କେହି ସଜାଉ ନାହାନ୍ତି କୁରୁକ୍ଷେତ୍ର
ତା ପାଇଁ ଖୋଲା ଏଠି ମରଣର ଦୁଆର ।

ଯଦି ତୁମ ଦୋଷ ନୁହେଁ
ଦୋଷ କାହାର ?
ଓ…. ଦୋଷ କ'ଣ ରେବତୀର
ସେଦିନ ରେବତୀ ପଢିଥିଲା ବୋଲି ପାଠ
ଆଜି ତୁମେ ହୋଇଛ ଶିକ୍ଷିତ।
ଯଦି ଦୋଷ ରେବତୀର ନୁହେଁ
ଦୋଷ ତୁମର ବି ତ' ନୁହେଁ
ତେବେ ଦୋଷ କାହାର
ଏଠି ଦୋଷ କାହାର ??

ତୁମ ନାମେ ଲେଖା ହେଲା ତପସ୍ୱିନୀ,
ଜାଜ୍ଞସେନୀ ମୋ ନାମେ କ'ଣ ?
ମତେ ଏଠି କିଏ କରେ ବଦନାମ ?
କ'ଣ ଏହା ପାଇଁ ମୁଁ ଦୋଷୀ ?
କ'ଣ ଦୋଷ ମୋର, ଯଦି ମୁଁ ଦୋଷୀ ନୁହେଁ
ଦୋଷୀ କିଏ ,ଦୋଷ କାହାର ?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଜୟ ମା' ଦୁର୍ଗା...

ମମିତା ମେହେର
ଡୁକୁଲା. ଖରିଆର.
ନୂଆପଡା

ମା' ପରୀ ଆଉ କିଏସେ ହବ
ପଣତ କାନି ରେ ବାନ୍ଧି ରଖିବ
ଜୟ ଦୁର୍ଗା ମାତା ଜୟ ଦଶଭୁଜା
ବରଷ କେ ଥରେ ପାଉଛି ପୂଜା
ସିଂହ ବାହିନୀ ମା' ଜୟ ଜୟ
ବଜା ରେ ବଜା ବାଇଦ ବଜା
ଯୁଗେ ଯୁଗେ ସତ୍ୟ ଶାନ୍ତି ର ପ୍ରତିଷ୍ଠା
ଦଶମିରେ ପୂଜା ପାଉ ଅଷ୍ଟଭୁଜା
ତ୍ରିଶୂଳ ଧରି ଲେ ପୃଥିବୀ ଥରିବ
ଯେତେ ପାପୀ ସବୁ ସାଙ୍ଗାର ହଇବ
ଶକ୍ତି ସ୍ୱରୂପିଣୀ ଏ ଭବ ସାଗରେ
ପୂଜା ପାଉ ଥାଉ କୋଟି ଭକ୍ତ ହୃଦୟେ
ପାପ ର ମାତ୍ରା ହୁଏ ଯେବେ ଧରାରେ
ଆସୁ ପୁଣି ତୁ କଳିକା ରୂପରେ
ଜୟ ଜୟ ମା କରୁଣା ମୟୀ
ରକ୍ଷା କରୁ ଥିବୁ ଭକ୍ତ ମନ ଜାଣି...

ଯନ୍ତ୍ରଣା...

ଅରୁଣ କୁମାର ଦାସ
ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା,ଯାଜପୁର

ଚାରି କାନ୍ଥ ମଧରେ କାର୍ଯ୍ୟ ଦିନରେ ବିଛଣାରେ ଶୋଇରହି
ଦିନ ଗଣନା ଛଡ଼ା ନାଚାର
ଜଳଖିଆ ସହିତ କିଛି ପଢି ବିତି ଯାଉଥିଲା ସକାଳ ।
ଛୁଟି ଦିବସ କଥା ଛାଡ,
କାର୍ଯ୍ୟ ଦିନରେ ଯମ ଯନ୍ତ୍ରଣା
ବନ୍ଧୁ-ବାନ୍ଧବ ସାଇ ପଡ଼ିଶାର ଆଶ୍ୱସ୍ତି ଦେବାର ପ୍ରୟାସ ଛଡ଼ା
ଅନ୍ୟ କୌଣସି ରାସ୍ତା ପାଉ ନ ଥିଲି,
ରାହା ଜୀବନ ମରଣ ଭରଣ
ସବୁ ହେଉଥିଲା ଏକାକାର।
ରାତି ଆସୁଥିଲା ବାଘ ପରି,
ବିଛଣାରେ ପଡି ରହି
ଅପେକ୍ଷା ଏକ ନୂତନ ସମ୍ଭାବନାକୁ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅନ୍ଧାର...

ହିମାଂଶୁ ଭୂଷଣ ସାହୁ
ସୋଲଗାଡ଼ିଆ, ଢେଙ୍କାନାଳ

ହଠାତ ବିଜୁଳି କଟିଗଲା ! ଦିବାକର'ର ମା' ତେଣେ ଚିଲ୍ଲେଇଲା "ପୁଅରେ ! ସେ ସୋଲାର ଲଣ୍ଠନ ଟିକେ ଲଗେଇ ଦବୁଟି ।"

ଦିବାକର ସଦ୍ୟ କିଣିଥିବା ଲଣ୍ଠନ ଜଳେଇଲା । ପକେଟରୁ ଦୁଇଟି କାଗଜ କାଢ଼ି ପଢ଼ିଲା । ପ୍ରଥମଟି ଲଣ୍ଠନ ଦାମ୍ ଓ ଦ୍ୱିତୀୟଟି ଏଇ ମାସର ଇଲେକ୍ଟ୍ରି ବିଲ୍ ...!!!

ନୂଆନୂଆ ପ୍ରେମ ହୋଇଛି ଦୁହିଁଙ୍କୁ । ଘର ପାଖାପାଖି । ରାସ୍ତାର ଏପାଖ ସେପାଖ ଘର । କିନ୍ତୁ ସହରି ଗାଁ ଏ ! ଚାରିଆଡ଼େ ଆଲୁଅ । ସନ୍ଧ୍ୟା ଓ ରାତି ସମାନ !

ପାଖାପାଖି ହୋଇ ବସିଥିଲେ ଦୁହେଁ , ଲୋକେ ସନ୍ଧ୍ୟା ଚଲାବୁଲାରେ ବ୍ୟସ୍ତ ଥିଲେ । ହଠାତ ସପ୍ଲାଇ କଟିଗଲା । ଅନ୍ଧାର ଭିତରେ ଦୁହେଁ ପ୍ରଥମ ପ୍ରେମର ପ୍ରଥମ ଚୁମ୍ବନ ସେପଟେ ଫିଡ଼ର ଟ୍ରିପ୍ ହେଉଛି ବୋଲି ଯନ୍ତ୍ରୀ ହନ୍ତସନ୍ତ ! ଏପଟେ ନିତାୟ’   ଭୋଜି ଖାଇ ଯିବ ବୋଲି ତରବର !!

ଅନ୍ଧାର ଓ ଆଲୁଅର ଖେଳ ।

ବିରକ୍ତ ହୋଇ ନିତାୟ’   ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କୁ ଫୋନ କରି କହିଲା···

ନିତାୟ- "ସାର୍ , ମାତ୍ର ୫ ମିନିଟ ପାଇଁ ଲାଇନ୍ ଟା ଦଉନ ?"

ଯନ୍ତ୍ରୀ- "କାହିଁକି ?"

ନିତାୟ- "ସାର୍ଟରେ ଟିକେ ଆଇରନ୍ ଦେଇଥାନ୍ତି , ରିସେପ୍ସନ୍ ଭୋଜିଟା ଅଛି ତ··· ।"

ଫୋନ୍ କଟିଗଲା ।

ନିତାୟ ମନେମନେ କହୁଥାଏ 'ଏଥର ଆସ ବିଲ୍ ପଇସା ମାଗିବା ପାଇଁ !"



ନୂଆ ଇନ୍ଭରଟର କିଣା ହେଲା । ୨୩ ହଜାର କିଣା ସହିତ ଦୁଇ ହଜାର ଟେକ୍ନିସିଆନର୍ ପାଉଣା । ଠିକ୍ ଠାକ୍ ଚାଲିଥିଲା , ଦିନେ ହଠାତ୍ କାମ କଲା ନାହିଁ । ଯୋଗକୁ ସେଇଦିନ ଇଲେକ୍ଟ୍ରି ବିଲ୍ ପାଇଁ କମ୍ପାନୀ ଲୋକ ଆସିଥିଲେ । ଖୁସି ଖୁସିରେ ସଜାଡି ଦେଇ ୫୦୦ ଟଙ୍କା ନେଇ ଗଲେ । ଏବେ କୌଣସି ରାତି ଆଉ ଅନ୍ଧାର ହେଲା ନାହିଁ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବାରିକଘର ଇଲେକ୍ଟ୍ରି ବିଲ୍ ଦେଖି ଲୋକେ ଟିଭି , ପଙ୍ଖା, ଗ୍ରାଇଣ୍ଡର ଓ ପାଣି ମୋଟର ବନ୍ଦ କରିଦେଲେ । କିଛି ଠାସୁକୁ କଲେ ତ କିଏ କମ୍ପାନୀକୁ ଶୋଧିଲେ, କିଛି ଲୋକ ଅନ୍ଧାରରେ ମଧ ଖାଇଲେ । ପୋଲିସ ପାଖକୁ ଗଲେ ବାରିକ ଘର , କାରଣ କମ୍ପାନୀ ଲୋକ ତ ଶୁଣିବେ ନାହିଁ ! ମୁଣ୍ଡରେ ହାତ ଦେଇ ଫେରିଲେ । ଚାରି ବଖୁରିଆ ପୋଲିସ ଷ୍ଟେସନର ବିଲ୍ ଦେଖି ...ଦୁଇ କୋଟି… !!!

ରାଜ୍ୟ ସାରା ଚାଞ୍ଚଲ୍ୟ ପଡ଼ିଥିଲା । “ମନ୍ତ୍ରୀଙ୍କ ସଭାରେ ବିଜୁଳି କାଟ । ଜନତା ଶଳାଏ ନିର୍ଲଜ ଘାଟ ।”
ସଚିବ ‘ଆଲୋଚନା’ ରେ ବ୍ୟସ୍ତ ।
ବିରୋଧୀଙ୍କ ‘ଲଣ୍ଠନ ପ୍ରଦର୍ଶନ’ ।
ଇତ୍ୟାଦି ଇତ୍ୟାଦି ଇତ୍ୟାଦି ।
୧୫/୨୦ ମିନିଟ ପାଇଁ ସପ୍ଲାଇ ଆସିଥିଲା । ସମୁ ଟିଭିରେ ଖବର ଦେଖୁଥିଲା କି "କର୍ଣ୍ଣାଟକ ରେ ୧୦୦ ୟୁନିଟ ବିଜୁଳି ଛାଡ଼"
ସଙ୍ଗେ ସଙ୍ଗେ ଟୁଇଟ କଲା "ଆମର କେବେ ଛାଡ଼ ହେବ ? #WeWantFreeElecticity

ଆଜି ପୁଣି ବିଜୁଳି କାଟ ହେଲା । ଅମାବାସ୍ୟାକୁ ଝିପିଝିପି ବର୍ଷା । ରୋଷେଇ ମଧ ସାରି ନଥାଏ ଦିବ୍ୟାର । ତେଣେ ସମୀର କହିଲା "ଶୀଘ୍ର ଟିଫିନ୍ ରେଡି କର , ବଡ଼ ବାବୁ ଫୋନ କରିଥିଲେ ଶୀଘ୍ର ଯିବାକୁ ହବ ।"
ଦିବ୍ୟା ଅଧା ସିଝା ଖାଇବା ଭର୍ତ୍ତି କରି ଦେଲା ଡ଼ବାରେ । ବାଇକ୍ ଷ୍ଟାର୍ଟ କରି ସମୀର ଗଲା ଇଲେକ୍ଟ୍ରି ଅଫିସ , ରାତି ଡ୍ୟୁଟିକୁ ।

ସଞ୍ଜନା ଟିକେ ଢୁଳେଇ ପଡୁପଡୁ ତା' ବୋଉ ପାଟିକରି କହିଲା "ହଇଲୋ ! ଶୋଉଛୁ କ'ଣ ? ଶୀଘ୍ରଶୀଘ୍ର ପଢ । ଏ ସବାଖିଆ କମ୍ପାନୀ ଥରେ ଲାଇନ କାଟିବ ଯଦି ଆଉ ଆସିବ ନାହିଁ । ଚାଞ୍ଚଖିଆ ସରକାର ତ ପଇସାଚଟା । ଏଇମିତି ହେଲେ କି ଡ଼ାକ୍ତରାଣୀ କରିବି ଯାକୁ ଲୋ ମା... !"
ସଞ୍ଜନା ଅଳ୍ପ ହସିଲା । ଆଜି ସକାଳେ ହିଁ ସେ ସ୍କୁଲ ଇନିସ୍ପେକ୍ଟରଙ୍କୁ କହିଥିଲା କି "ମୁଁ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବି । ଆମ ଅଞ୍ଚଳର ବିଦ୍ୟୁତ ବ୍ୟବସ୍ଥା କୁ ଠିକ୍ କରିବି ।"

ଜନ୍ମଦିନିଆ ଭୋଜି ଚାଲିଥାଏ । ଗାଁ ଲୋକେ ଆଗରୁ କହୁଥିଲେ ଜେନେରେଟର ବ୍ୟବସ୍ଥା କରିବାକୁ । କିନ୍ତୁ ଟେଣ୍ଟ ବାଲା ଛାତିରେ ହାତ ବାଡ଼େଇ କହିଥିଲା "ଆମ ମନ୍ତ୍ରୀ ଆଜ୍ଞା କହିଛନ୍ତି ମାନେ ହୁଦୁହୁଦୁ , ଫାଇଲିନି , ଫନି ଯଦି ଆଉ ବାର ପନ୍ଦରଟି ଆସନ୍ତି କଶ୍ମୀନ୍ କାଳେ ଲାଇନ କଟିବ ନାହିଁ ।”
କିନ୍ତୁ ଠିକ ରାତି ୮.୩୦ ବେଳେ ବିଜୁଳି କାଟ ହେଲା । ପାଡ଼ ବେଗର ପବନ ମଧ ନଥିଲା !
୩୦୦୦ ଟଙ୍କା କଟିଲା ତା ଭଡ଼ାରୁ । ଗଲା ବେଳେ ଅସଭ୍ୟ ଭାଷାରେ ମନ୍ତ୍ରୀଙ୍କୁ ଗାଳି ଦେଉଥିଲା ଟେଣ୍ଟ ବାଲା ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଗାଁ ମାନଙ୍କରେ ବିଦ୍ୟୁତ ଯୋଗାଣର ଅବହେଳା ହେଉଛି ବୋଲି ଖବର ଖେଳିଗଲା । ସହରି ଲୋକ କ୍ଷୋଭର ଶୋଭାଯାତ୍ରାରେ ବାହାରି ପଡ଼ିଲେ ଗାଁ ଅଭିମୁଖେ । ପ୍ଲାକାର୍ଡ ରେ ଲେଖା ଥିଲା "ଏ ଗାଁ ଆମ ରାଜ୍ୟର ପରିଚୟ ! ଅନ୍ଧାରରେ ପରିଚୟ ବୁଡ଼ି ନଯାଉ ।"

ସହରରେ ବିଦ୍ୟୁତ ଯୋଗାଣର ବାଟମାରଣା ହେଉଛି ବୋଲି ଖବର ଖେଳିଗଲା । ଗାଁ ଲୋକେ କ୍ଷୋଭର ଶୋଭାଯାତ୍ରାରେ ବାହାରି ପଡ଼ିଲେ ସହର ଅଭିମୁଖେ । ପ୍ଲାକାର୍ଡ ରେ ଲେଖା ଥିଲା "ଏ ସହର ଆମ ଦେଶର ପରିଚୟ ! ଅନ୍ଧାରରେ ଆମ ପିଲାଙ୍କ ପରିଚୟ ବୁଡ଼ି ନଯାଉ ।"

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଝରା ଶେଫାଳୀ...

ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ
ନୟାପଲ୍ଲୀ, ଭୁବନେଶ୍ୱର

କାଳ ତଟିନୀର ପ୍ରଖର ସ୍ରୋତରେ
ଭାସି ଯାଉଥିବା ଶୁଷ୍କ ପତରଟେ ପରା ମୁଁ ,
କେମିତି କହିବି ଭାସି ଯାଉ ଯାଉ
କୂଳରେ ଲାଗିବି ନା ଜଳ ଭଉଁରୀରେ ବୁଡ଼ିବି ମୁଁ...

ସମୟର ଅଦୃଶ୍ୟ ଅମ୍ବର ଦେଶରେ
ଭସା ବାଦଲଟେ ପରା ମୁଁ ,
କେମିତି କହିବି କାହିଁ ଏତେ ମୁଁ ଅସ୍ଥିର
କୋଉଠି କେତେବେଳେ ଅବା ବରଷିଯିବି ମୁଁ...

ସ୍ୱାର୍ଥଭରା ଜୀବନରେ ବିଶ୍ୱାସର ମରୁଭୂମିରେ
ଦିଗହୀନ ତୃଷାର୍ତ୍ତ ପଥିକଟେ ପରା ମୁଁ ,
କେମିତି କହିବି ଜଳ ଟୋପେ ପାଇଁ
ମରୀଚିକା ପଛେ କାହିଁ ଏତେ ଅବା ଧାଏଁ ମୁଁ...

ଅବିଶ୍ୱାସର ଦୁନିଆରେ କର୍ତ୍ତବ୍ୟର ଡୋରେ ବନ୍ଧା
ଆଜୀବନ ବନ୍ଦୀ କପୋତୀଟିଏ ପରା ମୁଁ ,
କେମିତି କହିବି ଏ ଅଜଣା ଭିଡରେ
ବିଶ୍ୱାସର ବନ୍ଧନଟେ କାହିଁ ଅବା ସତେ ଖୋଜେ ମୁଁ...

ହୃଦୟ ସାଗରର ସ୍ମୃତିର ଚୋରବାଲିରେ
ଅଲୋଡ଼ା ଶାମୁକାଟେ ପରା ମୁଁ ,
କେମିତି କହିବି ସାଇତା ମୁକ୍ତାକୁ ହଜାଇ
ନୀରବଦ୍ରଷ୍ଟା ସାଜି କାହିଁ ଅବା ହସେ ମୁଁ...

ତମସା ବକ୍ଷ ଭେଦି ଆଲୋକ ଭରିଥିବା
ଛୋଟ ଲେଲିହାନ ପ୍ରଦୀପ ଶିଖାଟିଏ ପରା ମୁଁ ,
କେମିତି କହିବି ଲିଭିଯିବା ପୂର୍ବରୁ
କାହିଁ ଏତେ ଜୋରରେ ଜଳି ଅବା ଲିଭେ ମୁଁ...

ସମୀରଣର ଶୀତଳ ପରଶେ ମହକୁଥିବା
ଶର୍ବରୀ ସଂଗିନୀ ଶେଫାଳୀଟେ ପରା ମୁଁ ,
କେମିତି କହିବି ସୁରୁଜ ତା' କିରଣ ଉଷ୍ମତା ଭରିବା ଆଗରୁ
ଧରଣୀ ବକ୍ଷରେ କାହିଁ ଅବା ଝରିଯାଏ ମୁଁ..
ହଁ, ଝରା ଶେଫାଳିଟେ ଲୋ ପରା ମୁଁ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କଳା ରଙ୍ଗ...



ପରମେଶ୍ୱର ନାୟକ
ମୂଳିସିଂ,ସୋର, ବାଲେଶ୍ୱର

କିଏ କହେ କଳା ରଙ୍ଗ ଅଶୁଭ
ତ କିଏ କହେ ଅସୁନ୍ଦର ,
ହେଲେ ସମସ୍ତେ କୁହନ୍ତି
ଜଗନ୍ନାଥ କଳା ବୁଲି ଓଡ଼ିଆ ଜାତି ସୁନ୍ଦର

ତେବେ ତୁମେ କୁହ ମଣିମା..
ତୁମ ଜାତିରେ ଏ କଳା ରଙ୍ଗକୁ
କାହିଁ କରନ୍ତି ଧିକାର ?
ଏଠି କଳା ରଙ୍ଗର ମଣିଷ ଟା
ହୁଏ ନିନ୍ଦା ଅପମାନ ଶିକାର

ତୁମେ ହିଁ ତ ଗଢ଼ିଛ
କଳା ଧଳା କରି ଏ ସଂସାରକୁ
ତେବେ କାହିଁକି ଏ ସମାଜ
ଘୃଣା କରେ କଳା ରଙ୍ଗକୁ

କିଏ କହେ କଳା ଛାଇ ପଡ଼ିଲେ
ପିଲାଙ୍କୁ ଲାଗେ ଦୃଷ୍ଟି ନଜର
ହେଲେ ସେହି କଳା ଟିକା ଟିଏ
କରେ ଦୃଷ୍ଟି ନଜର ଠାରୁ ଉଦ୍ଧାର

ତେବେ ତୁମେ କୁହ ମଣିମା..
କଳା ରଙ୍ଗ ଶୁଭ ନା ଅଶୁଭ
ସୁନ୍ଦର ନା ଅସୁନ୍ଦର ?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ବାପା...

ସୋନାଲୀ ସ୍ୱାଇଁ
ସାକ୍ଷୀଗୋପାଳ, ପୁରୀ

" **ବା**ପା" ଏ ଶବ୍ଦଟି ଯେତେବେଳେ ମୁଁ ଉଚ୍ଚାରଣ କରେ କାହିଁକି କେଜାଣି ପାଟିଟା ଭାରି ଓଜନିଆ ଲାଗେ ।। କେମିତି ତୁମେ ଏତେ ଭଲ ହୋଇପାରିଲ ବାପା , ତୁମକୁ ଦେଖିଲେ ଆଖି ଲୁହରେ ଛଳ ଛଳ ହେଇଯାଏ ।। ତୁମର ସେ ଝିଅ ପଦ ରେ କେଉଁ ରସ ରହିଛି କେଜାଣି ବାରମ୍ବାର ତୁମ ପାଟି ରୁ ସେ ଶବ୍ଦ ଶୁଣିବାକୁ ମୁ ଅନେଇ ବସେ।। କେତେ ଯେ କଷ୍ଟ କେତେ ଯେ ଯନ୍ତ୍ରଣା ନିଜ ମଧ୍ୟରେ ଲୁଚାଇ ରଖିଛ...। ବାପା କଣ ସତରେ ତୁମକୁ କଷ୍ଟ ହୁଏନି ?

ମାଆ ମୋତେ ଗର୍ଭରେ ଧାରଣ କରି ଏ ଦୁନିଆ ଦେଖେଇଲା, ହେଲେ ତୁମେ ମୋତେ ସଂସାରରେ ନୂଆ ଏକ ପରିଚୟ ଦେଲ । ମାଆ ମୋତେ ତା କୋଳରେ ଭରି ସ୍ନେହ ଆଦର କଲା ହେଲେ ତୁମେ ମୋ ହାତଧରି ମତେ ଚାଲିବା ସିଖେଇଲ , ନିଜ କାନ୍ଧ ଉପରେ ବସେଇ ମୋର ସମସ୍ତ ଭାର ଆଜି ଯାଏ ସମ୍ଭାଳି ଆସିଛ। ଦୁନିଆର ସମସ୍ତ ଖରାପ୍ ଶକ୍ତି ଠୁ ଦୂରେଇ ରଖିବା ପାଇଁ ମା ମୋତେ ଘରକୋଣରେ ରହିବା ର ଉପଦେଶ ଦେଲା ହେଲେ ତୁମେ ସେ ଶକ୍ତି ଠୁ ଜିତି ଆଗକୁ ଯିବାର ସାହାସ ରୂପକ ରାସ୍ତା ଦେଖେଇଲ ।। ବାପା ତୁମେ କୁହ ତୁମେ ଏତେ ଭଲ କେମିତି ହେଲ ...!!

କାମରୁ ଫେରି ଆସିବା ପରେ ତୁମେ ଥକି ଯାଇଛ ତୁମକୁ ବିଶ୍ରାମ ଦରକାର୍ ଏ କଥା ଦିନେ ହେଲେ ବି କହିନ । ହେଲେ ବାପା ତୁମେ କୁହ ଯେତେବେଳେ ତୁମ ଦୁଇ ହାତ ପାପୁଲି ଦୁଇ ପାଦ କୁ ମସାଜ୍ କରୁଥାଏ ତାହା ଏତେ ଖଦଡ଼ ଲାଗେ କାହିଁକି..? ଯେମିତି ତୁମକୁ ନୁହେଁ ଏକ ପଥରକୁ ମୁ ମସାଜ୍ କରୁଚି ।। ବାପା ସତ କୁହ ତୁମେ ଏତେ ଭଲ କେମିତି ହେଲ...?

ମୋତେ ପ୍ରତିମାସରେ ନୂଆ ପୋଷାକ ଉପହାର ଦିଅ । ହେଲେ ତୁମେ ନିଜର ସେ ସାତବର୍ଷ ପୁରୁଣା ପୋଷାକ କୁ ଆଜି ବି ଆଲେଣା ରେ ସଜାଡି ରଖ । ମୋ ଜୋତା ଛିଣ୍ଡିଗଲେ ସଙ୍ଗେ ସଙ୍ଗେ ନୂଆ ଜୋତା କିଣି ଆଣ , ହେଲେ ତୁମେ କୁହ ନିଜେ ସେଇ ଖାଲି ଫଟୋକା ପାଦରେ ପ୍ରତିଦିନ ୨୦ କିଲୋ ମିଟର ରାସ୍ତା କେମିତି ଚାଲି କରି ଯାଅ...? ସମସ୍ତ ପରୀକ୍ଷା ପୂର୍ବରୁ ତୁମେ fees ଜମା କରିଦିଅ, ତୁମ ପାଇଁ କିଛି ଭଲ ଖାଇବା କିଣି ଆଣିଲେ ତୁମେ ପଖାଳ କଂସାରେ ପେଟ ଶାନ୍ତି କରିନିଅ। କୁହ ବାପା:- ଏମିତି କ୍ଷମତା ଏତେ ଶକ୍ତିର ଅଧିକାରୀ ତୁମେ କେମିତି ହେଲ ..? ତୁମେ କୁହ ତୁମେ ଏତେ ଭଲ କେମିତି ହେଲ...!!

ଭୁଲ୍ କରିଲେ ମୋତେ ଗାଳି ଦିଅ, ଗାଳି ଶୁଣି ମୋ ଆଖି ଲୁହରେ ଜକେଇ ଆସିଲେ ତୁମେ ନିଜେ ନିଜକୁ କଷ୍ଟ ଦିଅ। କେବେ ଝାଞ୍ଜି ଖରାରେ ମୁଣ୍ଡରେ ଗାମୁଛା ଭିଡ଼ି, କେବେ ହାଡ଼ ଭଙ୍ଗା ଶୀତରେ ଦେହକୁ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଗାମୁଛାରେ ଘୋଡ଼େଇ, ତ ଆଉ କେବେ କେବେ ଢି ଢ଼ି ବର୍ଷାରେ ପଲିଥିନି ଟିଏ ମୁଣ୍ଡରେ ପୁରାଇ କାମ କରିବାକୁ ଚାଲିଯାଅ । କଣ କେବଳ କର୍ତ୍ତବ୍ୟ କୁ ବୁଝି ଦାୟିତ୍ୱ ତୁଲାଇବା ଏକା ତୁମ ପାଇଁ ଧାର୍ଯ୍ୟ.....!!

ପେଟର ଭୋକକୁ ପାଣିରେ ବୁଝାଇ ଦିଅ , ମୋ ଆଖିରେ ଅସରନ୍ତି ସ୍ୱପ୍ନର ଆଶାକୁ ଭରି, ଲାଳନ ପାଳନରେ କିଛି ଅବହେଳା ହେଲେ ନିଜେ ନିଜକୁ ପ୍ରଶ୍ନ କରି, ସବୁ ପରେ ବି ନିଜ କୋହକୁ ଛାତିରେ ଚାପି ରଖି, ହଜାରେ ଜଞ୍ଜାଳ ମୁଣ୍ଡରେ ମୁଣ୍ଡେଇ ଅନବରତ ଶ୍ରମ କରୁଥାଅ ମୁଣ୍ଡ ଝାଳକୁ ତୁଣ୍ଡରେ ମାରିଦେଇ ।।

ଖାସ୍ ସେଇଥିପାଇଁ ବୋଧେ ସଂସାରର ଗୁଢ଼ତତ୍ତ୍ୱ କହିଲେ ମୁଁ ତୁମକୁ ବୁଝେ।। କେତେ ଯେ ରହସ୍ୟ ମୟ ଏ " ବାପା " ଶବ୍ଦଟି..... ସମୟଟା ସମୟରେ ନିଅଣ୍ଟ ହୋଇଯିବ ସେ ପରିଚୟର ଭେଦକୁ ବୁଝିବା ପାଇଁ ।। କେବେ ଅସ୍ଥିର ନଦୀରେ ସାଜିଯାଅ ତୁମେ ଦକ୍ଷ ନାଉରୀ ତ ଆଉ କେବେ ସବୁ ଦୁଃଖକଷ୍ଟକୁ ଦୂରେଇବା ପାଇଁ ବନିଯାଅ ଭେଦହୀନ ପାଚେରୀ ।।

ମୋ ଜୀବନ ପାଠ୍ୟପୁସ୍ତକରେ ତୁମେ ଅବୁଝା ବ୍ୟାକରଣ, ମୋ ଶୃଙ୍ଖଳା ନୀତିରେ ତୁମେ ଅଲିଖିତ ସମ୍ବିଧାନ।। ରାଗ, ରସ, ଅଳଙ୍କାର, ସନ୍ଧି, ସମାସ ର ସଂକେତ ତୁମେ , ଆମ ଘର ସମ୍ବିଧାନର ପ୍ରତ୍ୟେକଟି ଧାରାରେ କେବଳ ତୁମେ ହିଁ ତୁମେ ।।

ବାପା... ବୋଧେ ତୁମେ ସେ ଜ୍ୟାମିତି ବହିର ଜଟିଳ ଉପପାଦ୍ୟ ଯାହାକୁ ସମାଧାନ କରିବାର ସୂତ୍ର ମୋ ପାଖେ ଲୁକ୍କାୟିତ...!!

ପଇସାର ମୂଲ୍ୟ କେବଳ ତୁମ ଠୁ ହିଁ ବୁଝିବା ଦରକାର୍ କାରଣ ତୁମେ ହିଁ ତ ଜଣେ ଯିଏ ସାରା ଜୀବନ ପରିବାରର ସୁଖ ଶାନ୍ତି ପାଇଁ ନିଜ ଖୁସିକୁ ଛାଡ଼ିଦେଇଅଛ।। ବାପା ତୁମେ ସମୟଠୁ ବି ଆଗରେ ଚାଲ , ସମୟ ବଳବାନ୍ ଏ ଶବ୍ଦର ତୁମେ ଗନ୍ତାଘର ।। ସୂର୍ଯ୍ୟ ନ ଉଇଁବା ଆଗରୁ ତୁମେ ମୋ ପାଇଁ କିରଣ ସାଜି ଠିଆ ହୋଇଯାଅ, ଜୀବନର ସବୁ ବୋଝକୁ ନିଜ ପିଠି ରେ ଏକା ବୁହାଇ ନିଅ ।। ଷାଠିଏ ବର୍ଷରେ ବି ତୁମେ ବେଶ୍ ଏକ ଯୁବକ ପରି , ବିଲରେ ମାଟି ହାଣନ୍ତି ହାତରେ କୋଦାଳକୁ ଧରି ।। ଦରକାର୍ ପଡ଼ିଲେ ମାଇଲ୍ ମାଇଲ୍ ଦୂର ଚାଲିକି ଯାଆନ୍ତି ।

ଆଚ୍ଛା... କେବେ କଣ ଏମିତି ହୋଇନଥିବ କି ଅସହାୟତାର ବୋଝରେ ସେ କେବେ ଭାଙ୍ଗି ପଡ଼ିଥିବେ... । କିଏ ବା ବୁଝିଛି ତାଙ୍କର ସେ ଦରସିଝା କାହାଣୀକୁ.... ? ଅର୍ଥର ଅଭାବରେ କିଏ ବା ଦେଖିଚି ସେ କାନ୍ଦୁଥିବା ମଣିଷକୁ ...? କାମର ଓଜନରେ ପିଠିରେ ବାହାରିଥିବା ସେ ଆବୁ କୁ...? ଅତ୍ୟଧିକ ଗରମ ରେ ଅସହ୍ୟ ହୋଇ ରୁକ୍ଷ ହୋଇଥିବା ସେ ଶରୀର ର ଚର୍ମକୁ...? କେବେ କାହିଁ ଏ ଆଖି ଦେଖିନି ତାଙ୍କ ଚରିତ୍ରରେ ଏମିତି ଏକ ରୂପକୁ ।

ଆଚ୍ଛା:- " ସେ ଏ ରୂପକୁ କେବେ ଦେଖେଇନାହାନ୍ତି ନା ସେ ଦେଖେଇବା ସତ୍ତ୍ୱେ ମଧ୍ୟ ମୁ ସେ ରୂପକୁ ବୁଝିବାରେ ଅସମର୍ଥ ହୋଇଯାଇଥିଲି.......??

ବାପା ତୁମେ କୁହ ଏତେ ଭଲ ତୁମେ କେମିତି ହେଲ...?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com Malharmagazine@gmail.com Malhar_magazine/ Malharmagazine/

ଅହଙ୍କାର...

ଚନ୍ଦନ କୁମାର ବେହେରା
କେନ୍ଦୁପାଳ, ଦେବଗଡ଼

ଅଦୃଶ୍ୟ ଅଗ୍ନି ସେ ମନେ ଜଳୁଥାଏ
ସର୍ବ ଶକ୍ତିଶାଳୀ ନିଜେ ଭାବୁଥାଏ

ମନୁଷ୍ୟ ମନର ଅଜ୍ଞାନ ଶିକ୍ଷା
ଗର୍ବ, ଅହଙ୍କାରେ ଦିଏ ସେ ଧୋକା

ସତ୍ୟ କୁ ଜାଣି କି ସିଏ ହେଉଛି ଅଜଣା
ଅଧର୍ମ ପଥ ରେ ସିଏ ହେଇ ବାଟ ବଣା

ନିଜର ସୌନ୍ଦର୍ଯ୍ୟ ନିଜେ ହରେଇ
ଗର୍ବ ର ବର୍ଷା ରେ ହୁଏ ଭିଜେଇ

ଧନ ,ଜ୍ଞାନ ପାଇଁ କର ଅହଂକାର
ସମୟ ଆସିଲେ ହେଇଯିବ ଛାରଖାର

ଦୁଃଖି ଦରିଦ୍ର ଙ୍କୁ ଦେଖି କର ଉପହାସ
ଅହଙ୍କାରେ ତମେ ଯେବେ ହେଇ ଅଛ ବଶୀଭୂତ

ଗର୍ବେ ନିନ୍ଦା ଅପବାଦ ସଭିଙ୍କୁ ଦେଉଛ
ନର ଦେହେ ନାରାୟଣ ତାହା ନ ଭାବୁଛ



ନିଜ ଶକ୍ତି ବଳେ ରାବଣ ଜିତି ଥିଲା ମହି
ଅହଙ୍କାରେ ହେଲା ନାଶ ରୋକି ପାରିଲେନି କେହି

ଅହଙ୍କାର ପାଇଁ ହେଲା ଦୁର୍ଯ୍ୟୋଧନ
ଯେ ନିହତ
ଅତି ଗର୍ବ କଲେ ଫଳ ମିଳି ଯିବ ସୁନିଶ୍ଚିତ

ଅତି କ୍ଷୀର ଉତୁରିଲେ ଚୁଲି କୁ ଯେ ଯାଏ
ଅତି ଅହଙ୍କାର କଲେ ପୁଣି ସର୍ବନାଶ ହୁଏ

ଅହଙ୍କାର ଗର୍ବ ଯେବେ ମନୁ ଦୁରେଇବ
ହସ ଖୁସି ଭରା ଜୀବନ ତମେ ବି ଜିଇଁବ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଭିନ୍ନ ଏକ ନାୟିକା ଚିତ୍ରଲେଖା...

ପ୍ରଶାନ୍ତ କୁମାର ଜେନା
ସପ୍ତଶଯ୍ୟା ,ଢେଙ୍କାନାଳ

ଚିତ୍ରଲେଖା ତୁମେ,
ଶବ୍ଦରେ ନୁହେଁ କବିତାରେ ରୂପ ପାଅ ,
ମନରେ ନୁହେଁ ମାନସରେ ଚିତ୍ରପଟ ଆଙ୍କି ଦିଅ
ଭାବନା ନୁହେଁ ଭାବନାଠୁ ଉର୍ଦ୍ଧ୍ୱରେ ତୁମେ ରହିଥାଅ ।
ଚିତ୍ରଲେଖା ତୁମେ,
ମନ ମନ୍ଦିରରେ ଦେବୀ ଆସନରେ ନିତି ପୂଜାପାଅ ,
ପ୍ରେମ ,ପଶ୍ଚାତାପ ,ଲଜ୍ଜାରେ ନିତି ନ୍ୟାୟର ଭିକ୍ଷା ଟିକେ ଦିଅ ।
ଚିତ୍ରଲେଖା ତୁମେ,
ସମର୍ପଣରେ ସମର୍ପିତା ମୁଁ ଆକର୍ଷଣରେ ଆକର୍ଷିତା ,
ମୁଁ ତ' କବିତ୍ୱର ଛିଟାଟିଏ ଦରକଞ୍ଚା କବିତା ।
ଚିତ୍ରଲେଖା ତୁମେ,
ଭିନ୍ନ ଏକ ରାଇଜର ମଣିଷଟିଏ ,
ଯିଏ ନିତି ନିତି ଭିନ୍ନ କବିତାରେ ଅବତୀର୍ଣ୍ଣ
କବିତାରେ କିଣିପାର କବିଟିର ମନ
ସେ ଭିନ୍ନ ଏକ ନାୟିକା ଚିତ୍ରଲେଖା ସିଏ ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଆଦର୍ଶ ନାରୀ...

ସିପାଞ୍ଜଳି ମଲ୍ଲିକ
ଆବୁଲଲପୁରା, ସୁଲଣ,
କେନ୍ଦୁଝର

ଝିଅକୁ କୋଳରେ ବସାଇ ମାତ କହୁଛି ହିତ,
ଶୁଣ ଶୁଣ ମୋର ଦୁଲଣୀ ଶାଶୁଘର ଚରିତ।
ସୁନା ପରି ଝିଅ ହୋଇଲେ ପର ଘରକୁ ଶୋଭା,
ପର ଝିଅ ସିନା ଆପଣା ଘରେ କରନ୍ତି ସଭା।
ଶାଶୁଘରେ ଯାଇ ଚାଲିବ ନାହିଁ ଏମନ୍ତ ରୀତି,
ଯେସନେ ଚଳିଲେ ସୀତା ସାବିତ୍ରୀ ସତୀ।
ଶାଶୁକୁ ମାନିବୁ ଜନନୀ ଝିଅ ରଖି ମନର,
ଶଶୁରଙ୍କ ସେବା କରିବୁ ହୋଇଣ ତୁ ପ୍ରଖର।
ସ୍ୱାମୀ ଯେ ତୋହର ଠାକୁର ତୁହି ଥିବୁ ବିଚାରି,
ତେବେ ସିନା ଝିଅ ହୋଇବୁ ତୁ ଆଦର୍ଶ ନାରୀ।
ଗୁରୁଜନ ଆଗେ ଚଳିବୁ ମଥା ତଳକୁ ଦେଇ,
ଯେ ଯାହା କହିବ ସହିବୁ ତୁ ପଥର ହୋଇ।
ନାରୀ ଜନ୍ମ ବଡ଼ ମନ୍ଦ ଲୋ ଝିଅ କହୁଛି ତତେ,
ପର ଘରେ ଦିନ କାଟିବା ସିନା ଏ ଜଗତେ।
ଯା-ନଣନ୍ଦ କୁ ମାନିବୁ ନିଜ ଭଉଣୀ ପରି,
ତେବେ ସିନା ଝିଅ ହୋଇବୁ ଭାବେ ଆଦର୍ଶ ନାରୀ।
ଦୁଲୁ ଦୁଲୁ ହୋଇ ଚାଲିବା କଥା ଭଲ ନୁହଁଇ,
ଚାଲୁଥିଲା ବେଳେ ଚଞ୍ଚଳ ପାଦ କରିବୁ ନାହିଁ।
ଘର କଥା କେବେ କହିବୁ ନାହିଁ ପର ଦୁଆରେ,
ଘର କଥା କେବେ ନକହେ ଝିଅ ଆପଣା ଘରେ।
ତୋହ ଲାଗି କେବେ ନହେବ ଘରେ କଳହ ହୁରି
ତେବେ ସିନା ଝିଅ ହୋଇବୁ ଭାବେ ଆଦର୍ଶ ନାରୀ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମାଁ' ତାଳଖାଇ...

ଜିତେନ୍ଦ୍ର ସାହୁ
ପାଇକ ଯମୁନା, ଗଞ୍ଜାମ

ଜଗତ ଜନନୀ ମା ଗୋ
ତୁ ତାଲଖାଇ
ଜଗତ ଉଦ୍ଧାର କରୁ ବନ ରେ ରହି
ଖଣ୍ଡିଏ ତାଳ ରେ ମା ଗୋ
ହେଉ ସନ୍ତୁଷ୍ଟ
ମା ଗୋ ହେଉ ସନ୍ତୁଷ୍ଟ
ହରଣ କରିଛୁ ମା ଲୋ ତୁ ଦୁଃଖ କଷ୍ଟ
ହରଣ କରୁଛୁ ମା ଲୋ ତୁ ଦୁଃଖ କଷ୍ଟ ।।

ତୋ ପାଦ ବନ୍ଦନା ପାଇଁ
ଜାଣିନି ମନ୍ତ୍ର
ଜାଣି ନାହିଁ ପୂଜାର୍ଚ୍ଚନା ଜାଣିନି ତନ୍ତ୍ର
ତୋ କରୁଣା ବଳେ ମାଗୋ ଯମୁନା ଲୋକେ
କେତେବେଳେ ରହିନାହିଁ କେହି ତ ଭୋକେ
ଯମୁନା ଗିରି ନିକଟେ ବାସ ତୋହର
ମା ଗୋ ବାସ ତୋହର
ତୋ ପାଦ ପଦ୍ମରେ ମା ଲୋ ମୋର ଜୁହାର
ତୋ ପାଦ ପଦ୍ମରେ ମା ଲୋ ମୋର ଜୁହାର ।।

ବନ ରେ ରହିଲୁ ମାଗୋ ତୁ ବନ ଦୂର୍ଗା
ସିନ୍ଦୁର ମଣ୍ଡିତ ମାଗୋ ସୁନ୍ଦର୍ ମୁଖା
ବାଟ ର ବାଟୋଇ କରେ ମା ଦଣ୍ଡବତ
ତୋ ନାମ ଡାକିଲେ ମାଗୋ ଲାଗେନା ଭୁତ
ଭୁତ ପ୍ରେତ୍ ଜୀବଜନ୍ତୁ ତୋର ଶରଣ
ମା ଗୋ ତୋର ଶରଣ
ତୋ ପାଦ ପଦ୍ମରେ ମାଗୋ ମୋର ଜଣାଣ
ତୋ ପାଦ ପଦ୍ମରେ ମାଗୋ ମୋର ଜଣାଣ ।।

ଯମୁନା ପାହାଡ ମା ଲୋ ତୋର କୃପାରେ
ସବୁଜ ରଙ୍ଗ ରେ ଭରା ସାରା ବଣ ରେ
କେତେ ଦୁରୁ ଆସନ୍ତି ମା ତୋର ଭକତ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ତୋ କରୁଣା ବଳେ ସର୍ବେ ରୋଗ ରୁ ମୁକ୍ତ
ଗୋଜବାୟାଣି ରୁପ ମା ଧାରଣ କରୁ
ମା ଲୋ ଧାରଣ କରୁ
ଘୋର ଅନ୍ଧକାରୁ ମା ଲୋ ଉଦ୍ଧାର କରୁ
ଘୋର ଅନ୍ଧକାରୁ ମୋ ଲୋ ଉଦ୍ଧାର କରୁ ।।

ଭକତ ଡାକଇ ଯେବେ ମା ଡାଲଖାଇ
ଯେତେ ଡର ଭୟ ଥିଲେ ଯାଏ ପଳାଇ
ଗୁହାରି ଶୁଣିବୁ ମାତ ଡାକେ ତୋ ପୁଅ
ବିଦେଶ ରେ ରହି ମାଲୋ ଝରାୟେ ଲୁହ
ତୁ ନ ଶୁଣିଲେ କିଏ ହୋଇବ ସାହା
କିଏ ହୋଇବ ସାହା
ଗାଁ ର ମଙ୍ଗଳ କର ଡାଲଖାଇ ମାଆ
ଗାଁ ର ମଙ୍ଗଳ କର ଡାଲଖାଇ ମାଆ ।।

ବୁଦ୍ଧି ଶୁଦ୍ଧି ନାହିଁ ମୋର ଜ୍ଞାନ ତୁ ଦେବୁ
ସର୍ବଦା ମାଲୋ ମୋର ପାଶେ ରହିବୁ
ବାପା ବୋଉ ଙ୍କ ମାଲୋ ଯତନ ନେବୁ
ବିଦ୍ୟାର୍ଥୀ ଙ୍କୁ ବିଦ୍ୟା ଦେବୁ ମା ବିଦ୍ୟାବତି
ଏତିକି ମାଗୁଛି ମାଲୋ ତୋର ଚରଣେ
ମାଲୋ ତୋର ଚରଣେ
ଆକଟ କରି ଡାକୁଛି ତୋ ଭକ୍ତ ଜଣେ
ଆକଟ କରି ଡାକୁଛି ତୋ ଭକ୍ତ ଜଣେ ।।

ମା ଡାଲଖାଇ ମୁଁ ତୋ ପୁଅ ଜିତେନ୍ଦ୍ର
ଜାଗ୍ରତ କରିବୁ ମାଲୋ ମୋ ପଞ୍ଚ ଇନ୍ଦ୍ର
ସିଦ୍ଧେଶ୍ୱର ମହିମା ଯେ ଲେଖିବା ପାଇଁ
ସଫଳ ହୋଇବ ମା ତୁ ଦେଲେ ଅନାଇଁ
ଏତିକି ମାଗୁଣି ଶୁଣ ମା ଡାଲଖାଇ
ଶୁଣ ମା ଡାଲଖାଇ
ତ୍ରୁଟି ସବୁ କ୍ଷମା ଦେବୁ ହେ ମହାମାୟୀ
ତ୍ରୁଟି ସବୁ କ୍ଷମା ଦେବୁ ହେ ମହାମାୟୀ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ହେ ଜଗା...



ମାନସୀ ମଞ୍ଜରୀ ସାମଲ
ବଡରମ୍ପାସ, କେନ୍ଦୁଝର

ହେ ଜଗା ,

ତୁମେ ଭକ୍ତ

ତୁମେ ହିଁ ଭଗବାନ।।

ତୁମେ ସର୍ଜକ

ତୁମେ ହିଁ ନିର୍ଦ୍ଦେଶକ।।

ତୁମେ ପ୍ରକୃତି

ତୁମେ ହିଁ ପ୍ରେମ।।

ତୁମେ ସତ୍ୟ

ତୁମେ ହିଁ ସୁନ୍ଦର।।

ତୁମେ ନିରାକାର

ତୁମେ ହିଁ ଆକାର।।

ତୁମେ ଆତ୍ମା

ତୁମେ ହିଁ ପରମାତ୍ମା।।

ତୁମେ ସୃଷ୍ଟି

ତୁମେ ହିଁ ପ୍ରଳୟ।।

ତୁମେ ଅନ୍ଧକାର

ତୁମେ ହିଁ ଆଲୋକ।।

ତୁମେ ଜଗତର ନାଥ ଜଗନ୍ନାଥ।।

ଜୟ ଜଗନ୍ନାଥ।।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ତୁମ ବାହାଘର...

ପ୍ରଜ୍ଞା ପରିମିତା ମିଶ୍ର
କୀୱାଙ୍ଗ ନଂବହା କଲେଜ, ଜବାଇ, ମେଘାଳୟା

ତୁମ ବାହାଘରକୁ ଆଖିରେ ଦେଖିବାକୁ ଯିବି ଭାବିଛି,
ଡରନି ମ' !
ପରିଚୟ ଉହ୍ୟ ରଖି ତୁମ ନବ ପ୍ରଣୟିନୀଙ୍କୁ ଦେଖିଆସିବି ଟିକେ,
ମୋ ଠାରୁ ଶତ ଗୁଣେ ଭଲ ହୋଇଥିବେ ଜାଣେ ପରା
ତୁମେ ତାଙ୍କୁ ଅପଲକେ ଚାହିଁ ରହିବାର ଦୃଶ୍ୟ ଦେଖିଆସିବି ଟିକେ ।

ତୁମେ ମୋତେ ଦେଖି ପାରିବନି ବୋଧହୁଏ,
ଦେଖିବ ଯଦି ଥିବି ନେଇ ଓଠେ ସ୍ମିତହାସ୍ୟଟିଏ !
ଅବଶୋଷ କରିବନି ବୋଧହୁଏ,
ନୟନୁ ନୀର ନିର୍ଝରିଣୀ ନିଗିଡ଼ିବାକୁ ଦେବିନି- କରିଥିଲି କେବେ
ପ୍ରତିଶ୍ରୁତିଟିଏ !

ଚିନ୍ତା କରନି ମ !
ହୁଏତ ବେଶୀ ଖାଇ ପାରିବିନି ମୁଁ ,
ତୁମ ସହ ବିତିଥିବା ସ୍ମୃତି ସବୁ ଗଳାଧଃକରଣ କରିବି ବହୁ କଷ୍ଟେ !

ସୁନ୍ଦର ଲାଗିବିନି ଆଦୌ !
ତୁମକୁ ଯେଉଁ ରଙ୍ଗ ପସନ୍ଦ ନୁହେଁ, ସେ ରଙ୍ଗେ ପରିଚ୍ଛଦଟି ଥିବ ମୋର,
ସେଥିପାଇଁ ହୁଏତ ତୁମେ ମୋ ମୁଖ ମଧ୍ଯ ଚାହିଁବନି।

ତାଙ୍କୁ ଓ ତୁମକୁ ବେଦୀରେ ବସିବାର ଦେଖିବି,
ତୁମ ବେଦୀ ଚାରିକଡେ ପଡ଼ିଥିବା ହୃଦୟର କିୟଦଂଶ ଗୁଡ଼ିକୁ ମୋର
ସାଉଁଟି ଆଣିବି ଚୁପ୍ କରି...
ତୁମେ ତାଙ୍କୁ ସିନ୍ଦୂର ଦେଲେ, ମୋତେ ମୋ ଅବିର କଥା ମନେପଡ଼ିବ
ଯାହାକୁ ରଙ୍ଗ ମାତ୍ର ଭାବି ମୋତେ ଭେଟି ଦେଇଥିଲ ତୁମେ।

ବାସ୍ !
ତୁମ ଠିକଣା ଜାଣି ମଧ୍ଯ ତୁମ ଏରୁଣ୍ଡିବନ୍ଧ ଡେଇଁବିନି କେବେ।
ତୁମେ ତୁମ ବାମାଙ୍କୁ ଧରି ଫେରିଗଲେ,
ମୁଁ ମରି ମଧ୍ୟ ଜୀଇଁଛି କହିବାକୁ ଆସିବି
ମୋର ଏହି ନିର୍ଜୀବ କାନ୍ଥବାଡ଼ଙ୍କୁ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

କିଛି ଭାବନି !
ଫେରିଆସିବି ମୁଁ,
ସେଠାରୁ ଆସିଲେ ମୃତ ମୋ ହୃଦୟକୁ ଜୀବିତ କରିବାକୁ
ମିଛ ସାନ୍ତ୍ୱନାଟେ ପୁନଶ୍ଚ ଖୋଜିବାର ଅଛି ପରା।

ହଁ, ତୁମେ ଦେଇଥିବା ନବ ଜୀବନ, ନୂତନ ପରିଚୟକୁ
ଯଜ୍ଞକୁଣ୍ଡରେ ଆହୁତି ଦେଇ ଆସିବି, ଲୋକଦେଖାଣିଆ ହୋଇ
ସଭିଏଁ ଜାଣିବେ ପାଶୋରି ଗଲି ମୁଁ ତୁମକୁ,
ମାତ୍ର ଅଗ୍ନି ସହ ଲଢ଼ି ଯାଜ୍ଞସେନୀ ସାଜି ପୁଣି ଫେରାଇ ଆଣିବି
ସ୍ମୃତି ସବୁକୁ, ନିଇତି କଷ୍ଟ ପାଇବା ପାଇଁ।

ତୁମ ପ୍ରିୟ ନାଲି ଶାଢ଼ୀ, ଶଙ୍ଖା ଚୁଡ଼ି ଦେଇଆସିବି ତୁମ ଅର୍ଦ୍ଧାଙ୍ଗିନୀଙ୍କୁ
ତୁମକୁ ଦେବା ପାଇଁ କିନ୍ତୁ କିଛି ନଥିବ ମୋ ପାଖେ,
ଫେରିବା ବାଟରେ ମନ୍ଦିର ପଡ଼ିବ ପରା,
ତୁମ ନବ ଜୀବନର ସୁଖ ପ୍ରାପ୍ତି ପାଇଁ ପ୍ରାର୍ଥନା କରିଆସିବି ସେଠାରୁ।

ମୋ ପ୍ରୀତି ବନ୍ଧନରୁ ସିନା ମୁକୁଳି ଯାଇଛ ତୁମେ,
ମୋତେ ମୁକୁଳିବାକୁ ଲାଗିପାରେ ଅଜସ୍ର ସମୟ
ଅଫେରା ଅତିଥି ଥିଲ ପରା,
ଫେରିଗଲେ କିପରି ସହିବ ଅବା ଏ ହୃଦୟ !!

ହୃଦୟହୀନା ନୁହେଁ ମୁଁ, କେବେ ତାସ୍ଛଲ୍ୟ କରିବ ନାହିଁ,
ସ୍ମରଣୀୟ ନୁହେଁ ମୁଁ, କେବେ ସ୍ମରଣ କରିବ ନାହିଁ

ତୁମ ସହ ଶେଷ ସାକ୍ଷାତ ହେବ ମୋର,
ତୁମେ ନ ଦେଖିଲେ ମଧ୍ୟ
ତୁମ ଚିତ୍ର ଆଙ୍କି ଆଣିବି ଅଶ୍ରୁରଙ୍ଗେ ନୟନକୁ ତୂଳୀ କରି
ହଁ, ସେହିଁ ତ ମୋର ସମୟ, ଯେଉଁଠି ଅଟକିବି ମୁଁ ସଦାପାଇଁ
ଆଉ ନ ପାରିବି ଫେରି।

ତୁମ ବାହାଘରକୁ ଆଖିରେ ଦେଖିବାକୁ ଯିବି ଭାବିଛି,
ନଚେତ କିପରି କହିବି,
ମୁଁ ମୃତ୍ୟୁ ପୂର୍ବରୁ ମୃତ ମୋର ଆତ୍ମାକୁ ସ୍ୱୟଂ ଦେଖିଛି !!!

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସିଦ୍ଧେଶ୍ୱରର ଜନ୍ମ...

ରୁଦ୍ରସେନ ଖଟେଇ
ପାଇକ ଯମୁନା, କବିସୂର୍ଯ୍ୟନଗର,
ଗଞ୍ଜାମ

ସରଗ ଆକାଶରୁ ଆସିଲେ ଯେ ପ୍ରଭୁ ମାନବ ରୂପ ଧରୀ
ଯେ ରୁପକୁ ବର୍ଣ୍ଣନା କରିବା ପ୍ରଭୁ ହୁଅଇଯେ କଷ୍ଟସାଧ୍ୟ ପୁଣି ।
ଦେହେ ଥାଏ ଏକହଳ ବସ୍ତ୍ର ଶରୀରରେ ବୃଦ୍ଧା
ଶରୀରରେ ଦେଖାଯାଉଥାଏ ରୋଗୀଣା ବ୍ୟକ୍ତି ର ଶୋଭା ।
ଦେଖି ନ ଯେ ବାଟେ ବୃଦ୍ଧାର ଏ ଦୃଦଶା ସ୍ଥିତି
ଏକ କୁମ୍ଭାର କୁମ୍ଭାରୁଣି ଙ୍କ ମନ କରୁଣା ରସରେ ଦୁଃଖିତ ପୁଣି ।
ଦେଖି ଯେ ପଚାରନ୍ତି କୁମ୍ଭାର ବୃକ୍ଷେ ମୂଳେ ରହି
କିଏ ତୁମେ ବାପା କେଉଁଠୁ ଆସିଛ କହିବକି ମୋତେ ।
ବୃଦ୍ଧା ରୁପି ପରମାତ୍ମା ବୋଲୁଛନ୍ତି କୁମ୍ଭାର ଆଗେ ଯାଇ
ଗାଁ ମୋର ଏଠୁ ବହୁଦୂର ପୁଅଠାରୁ ବିତାଡିତ ମୁହଁ ।
ଗାଁ ଗାଁ ଭିକ୍ଷା ଗ୍ରହଣ ଯେ କରି
ଦିନ ଯେ କଟାଏ ପୃଥିବୀ ପୃଷ୍ଟେ ପୁଣି ।
ଶୁଣି ଏ ବୃଦ୍ଧାର ଦୁଃଖିତ ଯେ ବାଣି
କୁମ୍ଭାର କୁମ୍ଭାରଣୀ ଙ୍କ ମନ ଦୁଃଖରେ ଦ୍ୱାଜାରିତ ପୁଣି ।
ଆପଣା ଗୃହେ ତାଙ୍କୁ ନେବା ପାଇ
ଚିନ୍ତନ୍ତି କୁମ୍ଭାର କୁମ୍ଭାରଣୀ ତ ପୁଣି ।
ବୋଲନ୍ତି ଯେ କୁମ୍ଭାର ବୃଦ୍ଧା ଆଗେ ଯାଇ
ଆସନ୍ତୁ ଯିବା ବାପା ଅମ ଘରେ ବାସ କରିବାଇ ତୁହଁ ।
ଯିବିତୁମ ଗୃହେ ଆଗ ଦିଅହେ ଏକ ପ୍ରତିଶୃତି
ନ ପ୍ରସ୍ତୁତ କରିବ କେବେ ଗୃହେ ତୁମେ ଆମିଷ ଭୋଜନ ।
ଯେ ଦିନ ପ୍ରସ୍ତୁତି କରିବ ଆମିଷର ଭୋଜନ
ସେ ଦିନ ସେ କ୍ଷଣେ ବାହାର ହୋଇବି ମୁହିଁ ତୁମ ଗୃହୁ ।
ଦେଲେଜେ ପ୍ରତିଶୃତି କୁମ୍ଭାର କୁମ୍ଭାରଣୀ ପୁଣି
ଗୃହେ ତାଙ୍କ ଗଲେ ପରମାତ୍ମା ରୂପି ବୃଦ୍ଧା ।
ରହିଲେଜେ ଯାଇ କେତେ ମାସ
କୁମ୍ଭାର କୁମ୍ଭାରଣୀ ଙ୍କ ଗୃହେ ।
ଦିନେ ଗ୍ରନ୍ଧବ୍ୟ ରୀତିରେ ବାହା ହେଲା କୁମ୍ଭାର ର ପୁତ୍ର
ଗୃହେ ଆସେ ନବବଧୂ ସୁସଜିତ କନ୍ୟା ।
ଆସିଣ ଗୃହ ଦେଖି ମନ ତା ସନ୍ତୋଷ
ହେଲେ ମନ ଅସନ୍ତୋଷ ହେଲା ଅଜଣା ବ୍ୟକ୍ତି କୁ ଦେଖି ।
ନବବଧୂ ଚିନ୍ତା କରାଇଜେ ମାନେ
ଅଜଣା ତ ଅଜଣା ପୁଣି ବରଣ କରିଛି ଆମିଷ ।
ଏକ ଦିନ ନ ନବବଧୂ ରୋଷେଇ କଲାଯେ ଆମିଷ
ଲେଇଣ ପରସିଲା ବୃଦ୍ଧା ଙ୍କ ନିକଟେ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପରମ୍ଆ ରୁପି ବୃଦ୍ଧା ଦେଖିଣ ଅନ୍ନ ଥାଳିରେ ଆମିଷ
ସେହି କ୍ଷଣେ ଗୃହରୁ ବାହାର ହୋଇଲେ ପ୍ରତେକ୍ଷ ।
କୁମ୍ଭାର ର ଯେ ଗୃହେ ପୋଡୁଥାଏ ହାଣ୍ଡି
ହାଣ୍ଡିଶାଳ ମଧ୍ୟ ଦେଇ ଛାଡିଲେ ବୃଦ୍ଧା ହିଣ୍ଡଳ ଗ୍ରାମ ତହିଁ ।
ଆମିଷ ପ୍ରସ୍ତୁତି ହୋଇଛି ବୋଲି ଜାଣି
ବୃଦ୍ଧା ଙ୍କ ପଛେ ପଛେ ଚାଲି ଗଲେ କୁମ୍ଭାର ତ ପୁଣି ।
ଆସିଲେଜେ ପରମାତ୍ମା ରୂପି ବୃଦ୍ଧା
ଯମୁନା ଗିରିର ନିଜନ ସ୍ଥାନେ କରଇଜେ ତପସ୍ୟା ।
କୁମ୍ଭାର ପଛେ ପଛେ ଯାଇନଜେ ଯମୁନା ଗିରୀଙ୍କୁ ତହିଁ
ଦେଖିଲେ ଯେ ବୃଦ୍ଧାର ଅସଲ ପରିଚୟ ଯହିଁ ।
ଦେଖିଣ ଆଶ୍ଚର୍ଯ୍ୟ ହୋଇଲାଯେ କୁମ୍ଭାର
ଦେଖୁ ଦେଖୁ ବୃଦ୍ଧାଟି ପାଲଟିଲା ପ୍ରଭୁ ଶଙ୍କର ।
ଶଙ୍କରରୁ ନେଲେ ଏକ ଲିଙ୍ଗର ଯେ ରୂପ
କୁମ୍ଭାର ଯେ ଦେଖିଲା ଲିଙ୍ଗରୁ ଜ୍ୟୋତିରୂପ ଯେ ପ୍ରକାଶ ।
ତା ଦେଖି କୁମ୍ଭାର କଲାସତ ପଣିପାତ
ସିଦ୍ଧି ରୁ ଜାତ ହେତୁ କୁମ୍ଭାର ଯେ ନାମ ଦେଲା ସିଦ୍ଧେଶ୍ୱର ।
ଡାକିଲା ନିଜେ ଗ୍ରାମେ ଯାଇ ଲୋକଙ୍କୁ ଓ
ଆରମ୍ଭିଲା ପୂଜା ପାଠ ସିଦ୍ଧେଶ୍ୱର ପୀଠେ ।

(ଆଲୋଚ୍ୟ କବିତା ଟି ରେ ଭକ୍ତ ଓ ଭଗବାନଙ୍କ ମିଳନଙ୍କୁ ଆଲୋଚନା କରାଯାଇଛି । ଏବଂ ଉକ୍ତ କବିତା ମାଧ୍ୟମରେ କଳି କାଳେ ପୃଥିବୀ ପୃଷ୍ଟେ ଭଗବାନଙ୍କ ସତ୍ତା କୁ ବାବତାରଣ କରାଯାଇଛି । ଉକ୍ତ ପୀଠଟି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନଗର ବ୍ଲକ ଅନ୍ତର୍ଗତ ପାଇକ ଯମୁନା ଗ୍ରାମର ଯମୁନା ଗିରି ପାହାଡ଼ରେ ଅବସ୍ତିତ । ଏହି ପୀଠ ଟୀର ନାମ ସିଦ୍ଧେଶ୍ୱର ଯୋଉଁ ଠିକି ବାସ କରନ୍ତି ପ୍ରଭୁ ଶଙ୍କର ଲିଙ୍ଗ ରୂପେ ଗିରି ଉଦ୍ଧରେ ଥିବା ଲିଙ୍ଗକୁ ଦର୍ଶନ କରିବା ପାଇଁ ୧୨୦୦ ପାହାଚ ଅତିକ୍ରମ କରିବାକୁ ପଡିଥାଏ । ପ୍ରତି ବର୍ଷ କାର୍ତ୍ତିକ ମାସ ସୋମବାର ଦିନ ଏବଂ ଶିବ ରାତ୍ର ଦିନ ଏହି ପୀଠରେ ଜନ ସାମଗନ ଘଟିଥାଏ ।
ଉକ୍ତ କବିତାରେ ଆଲୋଚିତ ପ୍ରତେକ କଥା କିମ୍ବଦନ୍ତୀ ଓ ଲୋକକଥା ଏବଂ କଳ୍ପଣା ମଧରେ ରଚନା କରାଯିବାର ଛୋଟ ପ୍ରୟାଶ କରାଯାଇଛି ।)

କଳଙ୍କିତ ନାୟିକା...

ଜ୍ୟୋତିରଞ୍ଜନ ତ୍ରିପାଠୀ
ପତ୍ରିପୁର, ଆରୁହାବାଡ, ବାଲେଶ୍ୱର

କାହାଣୀ ଯାହାର ହେଉନା କାହିଁକି,ସବୁ କାହାଣୀର ନାୟିକା ସେ
ବାପା ଆଉ ମା ର କାହାଣୀରେ, ଝିଅ ସେ,
ଭାଇ ର କାହାଣୀ ରେ, ଭଉଣୀ ସେ ,
କେଉଁ ଏକ ଅଜଣା ପୁରୁଷର କାହାଣୀରେ . ସ୍ତ୍ରୀ ସେ
ଆଜିର ସମାଜର କାହାଣୀରେ ,ଘରର ଇଜ୍ଜତ ସେ

ସେ ଚେଷ୍ଟା କରେ ସମସ୍ତଙ୍କ କାହାଣୀ ମୁତାବକ, ଅଭିନୟ
କରିବାକୁ
ଆଉ ସବୁଥର ପରି ସେ ଭୁଲି ଯାଏ, ନିଜ କାହାଣୀର ନାୟିକା ହେବାକୁ ।

ମାଙ୍କଡ ନାଚ କରୁଥିବା, ସେଇ କୁନି ମାଙ୍କଡ ଭଳିଆ ଜୀବନ କାହାଣୀ ତାର
ଦେହ ଆଉ ମନ ସିନା ତାର, ହେଲେ ଆଜିବି ତା ଲଗାମ୍ ଆଉ କାହା ହାତର ।

ସେ ନିଜର ସ୍ୱପ୍ନକୁ ଜଳାଞ୍ଜଳି ଦିଏ, ଅନ୍ୟର ସ୍ୱପ୍ନରେ ନିଜକୁ ସଜାଏ
ତା ମୁହଁ ରେ ଦିନରେ ଥିବା ହସ, ରାତିରେ ଲୁହହେଇ ତକିଆ ଭିଜାଏ ।

ଘରେ ରୋଟି କରିବାଠୁ ନେଇ, ଘର ପାଇଁ ରୋଟି କମେଇବା ଯାଏ କାହାଣୀ ସେ ଲେଖେ
ଘରର ଇଜ୍ଜତ ବଞ୍ଚାଇବା ପାଇଁ ,ଆଖିର ଲୁହକୁ ଓଠରେ ପିଇକି
ନିଜକୁ କଳଙ୍କିତ ନାୟିକା ସେ ଲେଖେ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପ୍ରେମ ପରଂବ୍ରହ୍ମ ନିରାକାର ପ୍ରଭୁ ଜଗନ୍ନାଥ...

ଆଲୋକ ପଣ୍ଡା
ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପ୍ରେମ ତାଙ୍କୁ କାହିଁ ଦେଉ ଆକାର
ସେ ତ ସ୍ୱୟଂ ପରଂବ୍ରହ୍ମ ନିରାକାର
କହରେ ମନ କାହିଁକି ଯାଏ ମନ୍ଦିର
ଏହି ସାରା ଜଗତେ ପରା ତାହାର ନିର୍ମିତ ଘର ପ୍ରଭୁ ଜଗନ୍ନାଥ !!

ମନର କହରେ ତୁମେ କାହିଁ କି ଯାଏ ମନ୍ଦିର
ଏହି ସାରା ଜଗତେ ପରା
ତାହାର ନିର୍ମିତ ଘର
ତାହାର ହାତେ ଗଢା ସୁରୁଜ
ଚନ୍ଦ୍ର ଗଢା ତାହାର ହାତରେ
ତାହାର ପାଇଁ କାହିଁ ଜାଲୁ ଜାଗର ପ୍ରଭୁ ଜଗନ୍ନାଥ !!

ପ୍ରେମ ତାଙ୍କୁ କାହିଁ ଦେଇ ଆକାର
କେତେ ଫୁଲ ଫଳ ଦେଇ
ତାଙ୍କର ଆହାର
ଜାଣୁ ଜାଣୁ ସେ ସବୁର
ସୃଷ୍ଟି ତାହାର ପ୍ରଭୁ ଜଗନ୍ନାଥ !!

ମନର କାହିଁକି ଯାଏ ମନ୍ଦିର
କାହିଁ ତାଙ୍କୁ କହି ଦେଉ ଆକାର
ସେତ ଅନାଦି ଅନନ୍ତେ
ପରବ୍ରହ୍ମ ନିରାକାର ମନର ପ୍ରଭୁ ଜଗନ୍ନାଥ !!

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଭାରତରେ ନାରୀର ସମ୍ମାନ...

ରୁପାଲୀ ମହାପାତ୍ର
ସଂଥପଡା, ତାଳଚେର,
ଅନୁଗୁଳ

ଆଜିକାର ଏ ଦିନରେ···
ମାଆ କୁ ସମ୍ମାନ ନାରୀକୁ ସମ୍ମାନ···
ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ...
ଏହିପରି ଶୁଣିବାକୁ ଭଲ ଲାଗିଥାଏ
ଭାରତର ଏହି କୁଜି ନେତାମାନଙ୍କର ଲମ୍ବା ଭାଷଣ···
କିନ୍ତୁ ଭାରତରେ ବଢିଚାଲେ ନାରୀର ବଳାତ୍କାର···
ଏ ହେଉଛି ଭାରତରେ ନାରୀର ସମ୍ମାନ।
ମରିନି ରାବଣ ...
କି ଏଠି ସରିନି ସୀତା ଅପହରଣ ...
ଏବେବି ଭାରତର ବିଚ୍ ରାସ୍ତାରେ ଚାଲିଛି ...
ନାରୀର ବସ୍ତ୍ର ହରଣ।
ନାରୀ ଏକୁଟିଆ ଚାଲିବାକୁ କରେ ଭୟ ...
ଏ ହେଉଛି ଭାରତରେ ନାରୀର ସମ୍ମାନ।
ଶହେ ରୁ ନବେ ଭ୍ରଷ୍ଟାଚାରୀ ଏଠି ...
ଛଳ ରାକ୍ଷସର ବସା ...
ପୁରୁଷ ପଣିଆ ଦେଖାଣିଆ କୁକୁର ସମ ଦଶା ...
ଏ ହେଉଛି ଭାରତରେ ନାରୀର ସମ୍ମାନ।
ଚହଟ ଚିକ୍କଣ ଚତୁର କାକର ...
ସାଜେ ଏଠି ନ୍ୟାୟଦାତା···
କଥା କଥାକରେ କଜଳପାତିଆ ...
ଭଦ୍ର ଲୋକେ ମୁଣ୍ଡ ପୋତା।
ମୁଖିଆ ସାଜିଛି ଏଠି ମାଙ୍କଡ ପୁରୁଷ ...
ଆଉ କେଉଁଠି ନୁହେଁ ଆଜ୍ଞା ...

ଏଇ ଭାରତର କେତେ ଅନୁଷ୍ଠାନେ।
ଭଲ ମନ୍ଦ ତାକୁ ଦିଶେ ନାହିଁ କିଛି ...
ଶ୍ରେଷ୍ଠ ଭାବେ ମନେ ମନେ ...
ଶେଷରେ ଏତିକି କହିବି ...
ଯେଉଁ ନାରୀଠାରୁ ଜନ୍ମ ହୋଇ ଆଜି ...
ଦେଖାଉଛୁ ଏତେ ଟାଣ ...
ସେହି ନାରୀ କୁ ସଭିଙ୍କ ଆଗରେ କରୁ ତୁ ହୀନିମାନ।
କେଉଁ ବିଦ୍ୟା ରେ ଅହଂ ତେଜିଅଛୁ ...
ନାରୀଟିଏ ଯଦି ଫେରାଇ କହିବ ...
ରହିବକି ଲଜ୍ଜା ତୁମ ପୁରୁଷ ଜାତିର।
ମୁଁ ନାରୀ ନାରାୟଣୀ ଉଗ୍ର ରୂପ ନେବି···
ଯେଉଁ ଭାରତ ରେ ନିନ୍ଦା ମୋ ହେଉଛି ...
ସେହି ଭାରତ ରେ ମୁଖା ଖୋଲିଦେବି···
ନାରୀକୁ ଚିହ୍ନିବ ତୁମ କାପୁରୁଷ ଜାତି।

ନଭେମ୍ବର...

ଶାଶ୍ୱତୀ ହୋତା
ସାଗୁନଭାଡ଼ି,ନୂଆପଡ଼ା,ଓଡ଼ିଶା

ଶୀତୁଆ ସକାଳ ଗୁଡ଼ିକ ସହ
ନଭେମ୍ବର , ଆସିଛି
ଛୋଟିଆ ଦିନ ଆଉ
ଲମ୍ବା ରାତି ଗୁଡ଼ିକୁ ନେଇ
ନଭେମ୍ବର ଆସିଛି ।।
ଏବେ କୁହୁଡିର
ଧଳା ଚାଦର ଗୋଡ଼ାଇ ହୋଇ
ରାସ୍ତା ସବୁ ଶୋଇବ....
ସକାଳର ସୁନେଲି କିରଣରେ
ସବୁଜ ପତ୍ରରେ ସୁସଜ୍ଜିତ
ଶିଶିର ଗୁଛା ମାଳ ସବୁ ଚମକିବ ।।
ରୋଷେଇ ଘରୁ
ଦି କପ୍ ଚାହା ଅଧିକ ଆସିବ...
ଭଳିକି ଭଳି ଗେଣ୍ଡୁ ଫୁଲ
ଦୁଆର ମୁହଁରେ ହସିବ ।।
ଗ୍ରାମ ମନ୍ଦିରରେ
କାର୍ତ୍ତିକ ମାହାତ୍ମ୍ୟ ପାଠ ଚାଲିବ....
ଚଉରା ମୂଳେ ମା'
ସାତରଙ୍ଗିଆ ଝୋଟି ଅଙ୍କିବ ।।
ପୁଣି ଏଇ ନଭେମ୍ବର ଟା ମୋତେ
ଭାରି ନିଜର ନିଜର ଲାଗିବ...
କାହିଁକି ନା ସେ ମୋ ଜନ୍ମ ଦିନକୁ
ସାଥିରେ ନେଇ ଆସିବ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅପରିପୂର୍ଣ୍ଣ ଆଶା...

(ଦୁର୍ଗାପୂଜା ମେଳାରେ ଏକ ଗରିବ ପିଲାର ଦୁଃଖ)

ଭବରଞ୍ଜନ ସାମଲ
କଣ୍ଟିପୁର,ବିଞ୍ଝାରପୁର, ଯାଜପୁର

ମେଳାରେ ଲାଇଟ୍ ଝିଲିମିଲି, ହସି ଉଠେ ପୂରା ସହର,
କେତେ ରଙ୍ଗର ପୋଷାକରେ, ସଜେଇ ହୋଇଛି ଜଗତ।
ହେଲେ ମୁଁ ଏଇଠି ଛିଡ଼ା, ପଡ଼ିଆର ଗୋଟିଏ କୋଣରେ,
ଆଖିରେ ମୋର ଅଜଣା ଲୁହ, ପେଟ ଜଳେ ଭୋକର ନିଆଁରେ।

ମେଢ଼ ପାଖେ କେତେ ଭିଡ଼, କେତେ ସୁନା କେତେ ରୂପା,
ମୋର ମାଆ କହେ, ମା'କୁ ମାଗିଲେ ମିଳିବ ତୋର ସପନ।
ମୁଁ ଚାହିଁଛି ଗୋଟିଏ ଖେଳଣା, ସେଇ ଲାଲ୍ ରଙ୍ଗର ବଲ୍,
ହେଲେ ବାପାଙ୍କ ହାତ ଖାଲି, ଦିନ ସାରା ଖଟି ଖଟି।

ମେଳାରେ ପିଲାଏ ଖାଉଛନ୍ତି, କେତେ ରକମର ମିଠା,
ମୋ ଭାଇଭଉଣୀଙ୍କ ଆଖି, ସେ ଦୃଶ୍ୟ ଦେଖିବାକୁ ଚାହେଁ।
ମାଆ ପଣତରେ ଲୁଚାଇ, କହେ 'ଏ ବର୍ଷ ନାହିଁରେ',
ବାପାଙ୍କ ମୁହଁ ଫିକା, କଥାରେ କିଛି ଖୁସି ନାହିଁ।



ଚକ୍ରି ଝୁଲାରେ ବସି, ଉଡ଼ି ଯାଉଛନ୍ତି କେତେ ପିଲା,
ମୁଁ ଦୂରରୁ ଦେଖୁଛି, ମନରେ କେତେ ଆଶା।
କେତେ ଲୋକଙ୍କ ଖୁସି ଦେଖି, ଆମେ ଖୁସି ହେଉଛୁ,
ମା'ଙ୍କ ହାତକୁ ଚାହିଁ, ଆମେ ଆମର ମୁହଁ ଲୁଚାଉଛୁ।



ଶଙ୍ଖନାଦ, ଘଣ୍ଟାଧ୍ୱନି, ଦୁନିଆ ସଜେଇ ଥାଏ,
ଆମ ଦୁଃଖ ଭିତରେ, ପୂଜା ଆସି ଚାଲିଯାଏ।
ଆମ ପାଇଁ କ'ଣ ମା', ଦରିଦ୍ରର ଡାକ ନ ଶୁଣେ?
ପରବର ଖୁସି ଭିତରେ, ଆମେ କେବେ ହସିବା?

ମା'ଙ୍କ ପ୍ରତିମା ହସୁଛି, ମେଳାରେ ଜ୍ୟୋତି ଫୁଟିଛି,
ଆମ ଘରେ ଅନ୍ଧାର, ଅସରନ୍ତି ଲୁହ ଝରୁଛି।
ମା' ମୋର କ'ଣ ଦେବୁ, ଆସିଗଲେ ମେଳା ସରିଯିବ,
ମୋର ସପନ ଅଧା ରହିଯିବ, ଏଇ ବର୍ଷ ପାଇଁ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ଯାଯାବର ମୁଁ...

ମୋନାଲିସା ସାମଲ
ସାବରଙ୍ଗ, ଭଦ୍ରକ

ଜୀବନ ଯୁଦ୍ଧରେ ମୁଁ ଏକ ଯୁଦ୍ଧରତ ସୈନିକ
ଜୀଇଁବା ପାଇଁ ଅବିରତ ସଂଘର୍ଷ ମୋର,
ମୁଁ ନିଜେ ହିଁ ନିଜର ପ୍ରେରଣା ଏବଂ ପ୍ରତାରକ।

ଗ୍ରୀଷ୍ମର ଝାଞ୍ଜିଖରା ରେ ମୁଁ ପଥଭ୍ରଷ୍ଟ ପଥିକ
ବର୍ଷାର ବାରିପାତରେ ବ୍ୟସ୍ତ ଏବଂ ଶିକ୍ତ ଶାବକ
ଶରତର ସୁନେଲୀ କିରଣରେ ଦିଗହୀନ ନାବିକ
ହେମନ୍ତର ହିମପ୍ରବାହରେ ଲୁକ୍କାୟିତ ପ୍ଲାବକ
ଶୀତର ଜଡତାରେ ସୁପ୍ତ ଏବଂ ସ୍ବପ୍ନ କାଳ୍ପନିକ
ବସନ୍ତର ମୃଦୁମଳୟରେ ପରିଚୟ ହୀନ ପ୍ରାବନ୍ଧିକ

ତଥାପି ନା ଅଛି ମୋର କିଛି ଆକାଂକ୍ଷା
ନା ଅଛି କିଛି ଅବଶେଷ,
କାରଣ ନା କାହାକୁ ପାଇବାର ଇଚ୍ଛା ଅଛି
ନା ଅଛି ହରେଇବାର ଅବଶୋଷ।



ଆହେ ଜଗନ୍ନାଥ...

ସଂଗୀତା ନାଏକ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଜୀବନ ନାବରେ ତୁମେ ତ' ନାଉରୀ
ଆଶାର ଆକାଶେ ନିରାଶା ମୋ ଭରି
କି' ଲାଭ ପାଉଛ ନୀଳାଚଳେ ରହି
ମୋ ଦୁଃଖ ନ' ଶୁଣ କୁହ କାହିଁପାଇଁ ...

ପତିତପାବନ ବାନା ତୁମ ଚାହିଁ
ବେଳ କାଳ ମୋର ଅଧା ଗଲା ସରି,
ଭଜୁଛି ଭଜିବି ତଥାପି ତୁମକୁ
ପର କରିବନି ଏତିକି ଗୁହାରି...

ଖାଦ୍ୟ, ବସ୍ତ୍ର, ବାସ ସବୁ ତ' ଦେଇଛ
କେଉଁଥିରେ କିଛି ଊଣା କରିନାହଁ
ଫଟା କପାଳକୁ ମୁଁ ପାପୀ ମଣିଷ
କୁହ ହେ କେମିତି ପାଇବି ନିସ୍ତାର ...

ସବୁ କିଛି ଛାଡ଼ି କରିଲି ଭରସା
ତୁମ ପାଦତଳେ ଲୋଡୁଛି ଆଶରା
ଭସାଇଲ ମୋତେ ଦୁଃଖର ସମୁଦ୍ରେ
କୁହ ହେ ମଣିମା ଉଦ୍ଧାରିବ କେବେ...

ଉଦ୍ଧାରିବ କେବେ ଏ ମାୟା ସଂସାରୁ
ଅବାଟରୁ ପୁଣି ଆଣିବ ବାଟକୁ
ଦେଖାଇବ ସତ୍ୟ ସାଧନାର ପଥ
ଥିବ ମୋର ସାଥେ ଆହେ ଜଗନ୍ନାଥ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ତୁତି ତୀର୍ଥ

ଶରତ ଶୋଭା...

ଗଗନ କୁମାର ଦାଶ
ମୋହନା, ଗଜପତି

ଋତୁଚକ୍ର ମଧ୍ୟେ ତୃତୀୟ ଆସନେ
ଶରତ ଋତୁ ଆସଇ ,
ବର୍ଷା ଯାଇଛି କୃଷକ ହସୁଛି
ଫସଲ ବିଲେ ହସଇ ।

ନିର୍ମଳ ଗଗନ ପୁଲକିତ ମନ
ସରସୀ ରେ ଫୁଟେ କଇଁ,
ପୃଥିବୀ ହସୁଛି ଦେହେ ପାଟ ଶାଢ଼ୀ
ସବୁଜିମା ଯାଏ ହୋଇ ।

କାଶତଣ୍ଡି ଫୁଲ ଧବଳ ବରନେ
ସ୍ୱାଗତ କରେ ଧରାକୁ,
ଦଳ ଦଳ ବଗ ବିଲ ମଧ୍ୟେ ଖୋଜେ
ଜଳେ ମୀନ ଧରିବାକୁ ।

ଶ୍ୟାମଳ ଶାଢ଼ୀ ରେ ସଜେଇ ହୋଇଛି
ମୋହର ଏ ଜନ୍ମଭୂମି ,
ଦେହ ସାରା ତାର ଭିନ୍ନ ଭିନ୍ନ ଫୁଲ
ମନୋହର ଦିଶେ ଜମି ।

ବନେ ଉପବନେ ତରୁଲତା ଡାଳେ
ଆନନ୍ଦ ର ମହୋତ୍ସବ ,
କୁସୁମେ ଶୋଭିତ ପୃଥିବୀ ର ପୃଷ୍ଠ
ସ୍ୱର୍ଗ ଠାରୁ ବଳି ଯିବ ।

ଭାଦ୍ରବ ମାସର ଭୋଦେଇ ଖରାରେ
ପିଠିକୁ ଦେଖେଇ ଦେଇ ,
ମୁନି ଋଷି ଭଳି ଏକାଗ୍ର ଚିତ୍ତରେ
ବଗ ବସେ ମୀନ ପାଇଁ ।

ବିନାୟକ ଜନ୍ମ ଗ୍ରହଣ କରନ୍ତି
ରୋଷଣୀ ର ମହୋତ୍ସବ ,
ଧିରେଧିରେ ଆସେ ପରବ ପର୍ବାଣୀ
ଆନନ୍ଦ ର ମହାପର୍ବ ।

ଆଶ୍ୱିନ ମାସରେ ପିତୃପୁରୁଷଙ୍କ
ଧରଣୀ କୁ ଆଗମନ ,
ଶ୍ରଦ୍ଧା ରେ ଶ୍ରାଦ୍ଧକୁ କରନ୍ତି ମାନବେ
ହୋଇ ଆନନ୍ଦିତ ମନ ।

ମାଆ ଦୁର୍ଗା ମାଆ ଓହ୍ଲାଇ ଆସନ୍ତି
ପାପ ବିନାଶନ ପାଇଁ ,
ସାଥିରେ ତାଙ୍କର କାର୍ତ୍ତିକ ଗଣେଶ
ସରସ୍ୱତୀ ଲକ୍ଷ୍ମୀ ମାୟୀ ।

ପୁରପଲ୍ଲୀ ପରେ କୁମାରୀ ମାନଙ୍କ
ଜହ୍ନି ଓଷା ଗୀତ ଶୁଭେ ,
ବିଶ୍ୱକର୍ମା ଙ୍କର ପୂଜା କରାଯାଏ
କି ସୁନ୍ଦର ମନୋଭାବେ ।

ଗଗନ ନିର୍ମଳ କୁମୁଦ ଅସ୍ଥିର
ପ୍ରେମ ପ୍ରଣୟର ଭାବ ,
କୁମାର ପୂର୍ଣ୍ଣିମା କୁମାର ମାନଙ୍କ
ସ୍ମୃତି ର ସେ ଅନୁଭବ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସମୟ ସ୍ରୋତରେ...

ମମତା ବଗର୍ତ୍ତୀ
ରାଣୀକଟା,ବଲାଙ୍ଗୀର

ସମୟ ସ୍ରୋତରେ ଏ ଜୀବନ ସତେ
ଚାଲୁଛି ଆଗେଇ ଆଗେଇ ,
ଲେଉଟିବାର ତ ପ୍ରଶ୍ନ ଉଠୁନାହିଁ
ଚାଲିଛି ପଛଘୁଞ୍ଚା ନ'ଦେଇ ।

ରହୁଛି କେତେବେଳେ ସେ ଏକୁଟିଆ
କେବେ ସାଙ୍ଗସାଥୀ ମେଳ,
ଲାଗି ରହିଛି ଜୀବନେ ସୁଖ ଦୁଃଖ
ଖେଳେ ହାର ଜିତ୍ ଖେଳ ।।

ସମୟର ଏଇ ତୀବ୍ର ସ୍ରୋତରେ
ବେଳେବେଳେ ହୁଏ ନି ଜାଣି,
ମାଡ଼ି ଚାଲିଛି ଖାଲି ସେ ଆଗକୁ
ନ ବୁଝି ସମୟର ଚାହାଣି ।।

ସମୟ ସ୍ରୋତରେ ଆଜି ଏ ଜୀବନ
ସମୟ ହାତରେ ଏ ବନ୍ଧା,
ଆଗକୁ ନ ବଢ଼ି ସ୍ଥିର ରହିଗଲେ
ସବୁ ସପ୍ନ ରହିଯିବ ଅଧା ।।



ଚେଷ୍ଟା କରୁଛି କେ ଟାଣିବାକୁ ଗୋଡ
ଚାହୁ ନାହାଁନ୍ତି କା ପ୍ରଗତି,
ସବୁ ଜାଣି ମଣିଷ ସାଜେ ଅଜ୍ଞାତ
ଚାଲେ ଜୀବନର ଗତି ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କ୍ଳାନ୍ତ ଅପରାହ୍ନ...

ବିଜୟ କୁମାର ସାହୁ
ଗୌରଚନ୍ଦ୍ର ପୁର, କେରଣ୍ଡାଟାଙ୍ଗୀ, ନୟାଗଡ଼

ସଂଜବୁଡି ବାର ଘଡ଼ିଏ ହେଲାଣି , ରିତୀମା ଏରୁଣ୍ଡି ବନ୍ଧ ଉପରେ ବଇଠା ଟିଏ ଥୋଇଦେଲା । ତେଲ ବିହୀନ ସଳିତା ତା କେତେବା ଜଳନ୍ତା ?ଦୁଇଥର ଜଳିଛି କି ନାଇଁ ଧପ.. ଧପ ହେଇ ଲିଭିଗଲା । ଚୁଲି ରେ ନାଲି ଚାହା ଟିକେ ବସେଇ ଥିଲା ଯେ ,ସେ କୁହୁଳି କୁହୁଳି ମଲାଣି !

ଗିଲାସରେ ଛାଣି ଗୋପୀ ବାପା କୁ ବଢ଼େଇଦେଲା, ଗୋପୀ ବା ମୁହଁ ରେ ଟିକେ ଦେଇଛି କି ନାଇଁ ଖୁଁ ...ଖୁଁ ଖାସି ଫୋପାଡ଼ି ଦେଲା ।

ଗୋପୀ ବା: ଏଇଟା ଚାହା ନ ବରଷା ପାଣି ? ନା ମିଠା ଲାଗୁଛି ,ନା ପିଇବାକୁ ସୁଖ..

ରିତୀମା: ମୁଁ କଣ କରିବି.. ଯେ? ତମେ ତ ପାଞ୍ଚ ଦିନ ହେଲାଣି ଘରେ ବସିଛ ,ମୁଲ ମଜୁରୀ ନାଇଁ । ଘରେ ଖାଇବାକୁ ଟିକେ ଲୁଣ ନାହିଁ । ବାସୀ ତୋରାଣି ପେଜ ଯାହା ଥିଲା ଦୁଇ ଦିନ ଯାହା ଯେମିତି ଚଳିଲେ..!

ଗୋପୀ ବାପା : ଆଉ ଗୋପୀ ?

କଣ ଦେଲୁ ତାକୁ , ତିନି ବରଷ ର ପିଲାସେ , ପିଲାଟାକୁ ପାଞ୍ଚ ଦିନ ହେଲା ଜର । ପଥି ଟିକେ ପାଇଁ ଅଣ୍ଟି ରେ ବଳ ନାହିଁ ।

ରିତୀମା: କଣ କରିବି ? ଆମେ ସିନା ଭୋକ ଉପାସରେ ରହିଯିବା ତା ପେଟ ବୁଝିବ କାହୁଁ,ବଗୁଲି ବୋଉ ଦୟା ଦେଖେଇ କ୍ଷୀର ଟିକେ ଦେଇଥିଲା ଯେ-ପାଣି ମିଶେଇ ମିଶେଇ ଟିକେ ଟିକେ ଦେଉଥିଲି,ହେଲେ ଆଜି ନାହିଁ ।

ଗୋପୀ ବାପା କଣ କରିବ କିଛି ଭାବିପାରୁ ନା ଥାଏ । ଚାରିଦିଗ ତାକୁ ଅନ୍ଧାର ଦେଖାଯାଉଥାଏ, ନିଜ ପାଇଁ ନହେଲା ନାଇଁ ହେଲେ ପୁଅ ପାଇଁ କିଛି ତ କରିବ··· ।

ସତରେ କେଡ଼େ ବିଚିତ୍ର ଏ ସଂସାର ! ଏ ଭଗବାନ ଯାହାକୁ ଦିଅନ୍ତି କାହାକୁ କେଂଚେ ତ ଆଉ କାହା କୁ ମେଞ୍ଚେ , ସତେ ଯେମିତି ଏ ଗରିବଙ୍କୁ ଦୁଃଖରେ ରଖି ସେ ଆନନ୍ଦ ପାଆନ୍ତି ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଆଉ ଆଜିର ଏ ସଭ୍ୟ ସମାଜରେ ସେ ବଡବଡିଆ ଙ୍କୁ ବି ଧନ୍ୟ। ଖାଦ୍ୟ ବାହାରେ ଫୋପାଡ଼ି ଦେବେ ପଛେ କୋଉ ଗରିବ ଗୁରୁବା ଙ୍କୁ ଦେବାକୁ ତାଙ୍କୁ ଖରାପ ଲାଗେ,ସତେ ଯେମିତି ତାଙ୍କ ଖାଦ୍ୟ ଖାଇଦେଲେ ସେ ବଡବଡିଆଙ୍କ ଇଜ୍ଜତ ମହତ ଚାଲିଯିବ ?

ବହୁତ ଚିନ୍ତା କରି ଗୋପୀ ବାପା ମଧୁସାହୁ ପାଖକୁ ଗଲା। ଏମିତିରେ ଗାଁର ଜମିଦାର ଭାବେ ତାର ନାଁ ପଡେ। ଗୋପୀ ବାପା ର ଦି ମାଣ ଜମି କେବେଠୁ ତା ପାଖରେ ବନ୍ଧା ପଡିଛି ମୁକୁଳେଇବ କୋଉଠୁ? ଶେଷରେ ଥ..ଥ ..ମ..ମ ହେଇ କହିଲା

 “ଆଜ୍ଞା, ପିଲା ଟାକୁ ମୋର ଜର.. ପଥିଟିକେ ପାଇଁ ପଇସା ନାହିଁ, ଆପଣ ହଜୁର କୃପା କଲେ ତା ପାଇଁ ଟିକେ ଓଷଦ ନେଇଥାନ୍ତି !

ମଧୁସାହୁ ଗୋପୀ ବାପା କଥା ଶୁଣି ଟିକେ ମୌନ ପଡିଗଲା। ଭାବିଲା ବିଲେଇ କପାଳକୁ ଆଜି ଶିକା ଛିଂଡିଛି, ଏ ମଉକାରେ ଜମିଖଣ୍ଡକ ହାତେଇ ନେଲେ ଗଲା।

ମଧୁସାହୁ: ଆରେ କିଏ ମନା କଲା ..ପିଲା ଆଗ ନା ତୋ ଏ ଜମିବାଡ଼ି ? ଟିପଚିହ୍ନ ଦେଇ ଏ ପଇସା ନେ ଜମି ଟା କୁ ତ ମୁକୁଳେଇ ପାରୁନୁ ..ହେଲେ ତୋ ପିଲାତୁଣ୍ଡରେ କିଛି ବାଜୁ।

କିଛି ଉପାୟ ନ ପାଇ ଟିପଚିହ୍ନ ଦେଇ କିଛି ଟଙ୍କା ମଧୁସାହୁ ଗୋପୀ ବାପା ଅଂଟା ରେ ଗୁଞ୍ଜିଦେଲା।

ସେ ଯାହା ବି ହେଉ ଟଙ୍କା କିଛି ପାଇ ଗୋପୀ ବାପା କୁ ସତେ ଯେମିତି କୋଟିନିଧି ପାଇଲା ପରି ଲାଗୁଥାଏ।

ପୁଅ ପାଇଁ ଓଷଦ, କିଛି ଫଳ ନେଇ ତର ତର ହେଇ ଘରମୁହାଁ ହେଲା।

ଭାବିଲା ଆଜି ଗୋପୀ କୁ ପେଟ ପୁରେଇ ଖାଇବାକୁ ଦେବ। ଦୁଇ ପରାଣୀ ଏତେ ଦିନ ପରେ କିଛି ଭଲ ମନ୍ଦ ଖାଇବେ.. ଏମିତି ଭାବୁ ଭାବୁ କେତେ ବେଳେ ସେ ତା ଘର ଆଗରେ ଛିଡା ହେଇଛି ଜାଣି ପାରିନି ,ହେଲେ କିଛି ଲୋକଙ୍କ ପାଟିତୁଣ୍ଡ ଶୁଣି ଘର ଭିତରକୁ ଚାହିଁଲା। କିଛି ମାଇପୀ ଲୋକେ ରୁଣ୍ଡ ହେଇ ଛିଡା ହେଇଥିଲେ, ଗୋପିବାପା କୁ ଦେଖି ଆଡେଇ ଗଲେ।

ବଲ···ବଲ ହେଇ ଗୋପିବାପା ଚାହୁଁଥାଏ କିଛି ବୁଝିବା ଆଗରୁ ବଗୁଲି ବୋଉ କହିଲା “ଆରେ ଗୋପୀ ବା” ! କୁଆଡେ ଯାଇଥିଲୁ କିରେ ? ଘଡ଼ିଏ ପହର ହବ ତୋ ପିଲାଟା କାନ୍ଦି କାନ୍ଦି ଚେତା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବୁଡିଗଲା । ରିତୀମା ତୋ ପୁଅର ଏ କଷ୍ଟ ଦେଖି ସେ ସହି ପାରିଲାନି ରେ ! କନିଅରି ମଞ୍ଜି ଖାଇ ଆତ୍ମହତ୍ୟା କରିଦେଲା । କଣ କରିଦେଲା ଏ ହତ ଭାଗୀ !

ଗୋପିବାପା ସତେ ଯେମିତି ପାଷାଣ ପାଲଟି ଯାଇଥାଏ । ସ୍ତ୍ରୀ ଆଉ ପିଲାର ମର ଶରୀର ଦେଖି ଭୋ ଭୋ ହେଇ କାନ୍ଦିବାକୁ ଚାଉଁଥିଲା ହେଲେ ସତେଯେମିତି ସେ କାନ୍ଦ ମୁହଁ ପାଖରେ ଅଟକି ଯାଉଥିଲା । ଆଖିରୁ ଗଡ଼ି ଯାଉଥିଲା ନିର-ବିଛିର୍ନ ତତଲା ଲୁହ ।

ହାତରେ ଧରିଥିବା ସେ ଓଷଦ ଫଳ ଜରି ଟା ତଳେ ପଡି ସତେ ଯେମିତି ତାକୁ ଉପହାସ କରୁଥିଲେ ….. କ୍ଲାନ୍ତ ଅପରାହ୍ନରେ ଏ କ୍ଲାନ୍ତ ଶରୀର ଟା କୁ ସେ ଟିକେ ଅରାମ ଦେବାକୁ ଚାଉଁଥିଲା ହେଲେ ସବୁ ଅନ୍ଧାର… ଅନ୍ଧାର…. ।

ସେଦିନ କ୍ଲାନ୍ତ ଅପରାହ୍ନରେ ଗାଁ ମୁଣ୍ଡରେ ତିନୋଟି ଜୁଇ ଜଳୁଥିଲା ..

ମୋ ସ୍ୱପ୍ନ ର ରାଇଜ ...

ଶିବାନୀ ଦାସ୍
ରାଜଗାଙ୍ଗପୁର

କେବେ ଆସନ୍ତ ନି ମୋ ସ୍ୱପ୍ନ ର ରାଇଜ କୁ....
କେବେ ଆସନ୍ତ ନି, ମୋ ସ୍ୱପ୍ନ ର ରାଇଜ କୁ ...
ମୋ ସ୍ୱପ୍ନ ର ରାଇଜ ରେ ପରୀ ମାନେ ନାହାନ୍ତି. ସତ.,
କିନ୍ତୁ ମୋ ସ୍ୱପ୍ନ ର ରାଇଜ ରେ କଣ ଅଛି ?
ଜାଣିବା କୁ ଚାହୁଁଛ..?
ମୋ ସ୍ୱପ୍ନ ର ରାଇଜ ରେ ଓଡ଼ିଆ ସାହିତ୍ୟ ଅଛି
ଓଡ଼ିଆ ବ୍ୟାକରଣ ଅଛି
ସନ୍ଧି ଅଛି ଆହୁରି ଅନେକ ପ୍ରକାର ଅଛି
ତୁମେ ଆସିଲେ ଜାଣିବ
କେବେ ଆସନ୍ତ ନି ମୋ ସ୍ୱପ୍ନ ର ରାଇଜ କୁ..
ତୁମ ଅପେକ୍ଷାରେ ରହିଲି....

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅସମାରମ୍ଭ...

ବିଶ୍ୱ ରଞ୍ଜନ ଜେନା
ବାସୁଦରା, ଜଗତସିଂହପୁର

ପ୍ରିତମ୍ : ତେବେ ତୁମେ କ’ ଣ ସ୍ଥିର କଲ?

ଅମ୍ରିତା : କୋଉ ବିଷୟରେ?

ପ୍ରିତମ୍ : ତୁମେ ଠିକ୍ ଜାଣିଛ, ମୁଁ କେଉଁ କଥା ପଚାରୁଛି।

ଅମ୍ରିତା : ଆଉ ମୋ ଅନୁମାନ ଭୁଲ୍ ନ ଥିଲେ ମୁଁ ବି ମୋ ନିଷ୍ପତ୍ତି ବିଷୟରେ ଜଣାଇସାରିଛି।

ପ୍ରିତମ୍ : ତୁମ ନିଷ୍ପତ୍ତି କ’ ଣ ପରିବର୍ତ୍ତନ ହୋଇପାରିବ ନାହିଁ?

ଅମ୍ରିତା : ପରିବର୍ତ୍ତନ କରିବାର ଥିଲେ ଏ ନିଷ୍ପତ୍ତି ନେଇଥା’ ନ୍ତି କାହିଁକି?

ପ୍ରିତମ୍ : ଆଉ ତୁମ ବାପା ମା’ ? ସେମାନଙ୍କ ମତାମତ କ’ ଣ? ସେମାନଙ୍କୁ ପଚାରିଛ ନା ନାହିଁ?

ଅମ୍ରିତା : ସବୁକଥାରେ କ’ ଣ ମୁଁ ବାପା ମା’ ଙ୍କ ମତାମତ ନେଇଛି? ତୁମକୁ ଭଲପାଇବା ସମୟରେ କ’ ଣ ସେମାନଙ୍କୁ ପଚାରିଥିଲି? ଏ ପିଲାକୁ ଗର୍ଭଧାରଣ କରିବା ସମୟରେ ତ ସେମାନଙ୍କ କଥା ଟିକେ ବି ମନେପକାଇନଥିଲି। ତେବେ ଆଜି କାହିଁକି?

ପ୍ରିତମ୍ : ତୁମେ କାହା କଥା ଶୁଣ ନାହିଁ। ସମସ୍ତଙ୍କ ମୁହଁରେ ଜବାବ ଦେଇଦିଅ। ଖରାପ ଭାବିବ ନାହିଁ, କିନ୍ତୁ ତୁମର ଏଇ ଗୁଣ ମତେ ଭାରି ଖରାପ ଲାଗେ।

ଅମ୍ରିତା: (ଅଳ୍ପ ହସି) ଖରାପ କାହିଁକି ଭାବିବି? ଦିନେ ମୋର ଏଇ ଗୁଣ ତୁମକୁ ଖୁବ୍ ଭଲ ଲାଗୁଥିଲା, କିନ୍ତୁ ଆଜି ଏଇ ସବୁ କଥା ଖରାପ ଲାଗୁଛି। ତୁମେ ହୁଏତ ଭୁଲି ଯାଇଥିବ, କିନ୍ତୁ ମୋର ଠିକ୍ ମନେ ଅଛି ସେସବୁ ଦିନର କଥା। ମୋ ହାତରେ ହାତ ରଖି ତୁମେ ସବୁବେଳେ କୁହ - “ଜାଣିଛ ଅମ୍ରିତା, ତୁମର ସବୁଠୁ କେଉଁ ଗୁଣଟି ମୋତେ ତୁମ ପ୍ରତି ଆକର୍ଷିତ କରିଥିଲା? ତୁମର ସ୍ପଷ୍ଟବାଦିତା। ତୁମେ ଅନ୍ୟମାନଙ୍କ ଭଳି ନୁହେଁ। ମୁହଁରେ ଗୋଟାଏ କଥା ଆଉ ଅନ୍ତରରେ ଆଉ ଗୋଟାଏ କଥା। ତୁମେ ଯାହା କୁହ ସିଧା ସିଧା ମୁହଁରେ କୁହ, ମନରେ କିଛି ରଖ ନାହିଁ।” ହେଲେ ଆଜି - - -, ଛାଡ ସେ କଥା। ଇଏ ତ ସମୟର ଖେଳ, ଏଥିରେ ତୁମର ବା ଭୁଲ୍ କ’ ଣ?

ପ୍ରିତମ୍ : ସରି। ମୋର ତୁମକୁ ଆଘାତ ଦେବାର ଜମାରୁ ଉଦ୍ଦେଶ୍ୟ ନ ଥିଲା। କିନ୍ତୁ ତୁମେ ନିଜ କଥା ତ ଟିକେ ଚିନ୍ତା କରିବା କଥା। ଏ ଦୁନିଆ, ଏ ସମାଜ ତୁମକୁ କ’ ଣ କହିବ? ସେସବୁକୁ ସହି ପାରିବ ତ?

ଅମ୍ରିତା : କ’ ଣ କହିବ? ଚରିତ୍ରହୀନା, କୁଳଟା - ଏୟା ନା। ଠିକ୍ ତ କହିବ। ଜଣେ ଅବିବାହିତ ମା’ ପାଇଁ ଏ ସବୁ ଶବ୍ଦ ପ୍ରଯୁଜ୍ୟ। ତା’ ଛଡା ଯଦି ମୁଁ ଏ ପିଲାଟାକୁ ନଷ୍ଟ କରିଦିଏ, ମୁଁ କ’ ଣ ସତରେ ସତୀ ହୋଇଯିବି। ସମାଜ ଆଖିରେ ହୋଇଯାଇପାରେ, କିନ୍ତୁ ନିଜ ଆଖିରେ ସର୍ବଦା ଗୋଟିଏ ଶିଶୁ ହତ୍ୟାକାରୀ ହୋଇରହିବି। ସେ ଅପରାଧ ଠାରୁ ଏ ଅପମାନ ଶ୍ରେୟସ୍କର। ହୁଏତ ସମାଜ ଆଖିରେ ମୁଁ ଆଖି ନ ମିଶାଇପାରେ, କିନ୍ତୁ ନିଜ ସାଥିରେ ତ ଆଖି ମିଶାଇପାରିବି।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପ୍ରିତମ୍ : କିନ୍ତୁ ତୁମେ କେବେ ସେ ପିଲା କଥା ଚିନ୍ତା କରିଛ? ତାକୁ ସମାଜ କେଉଁ ଦୃଷ୍ଟିରେ ଦେଖିବ? ସାରା ସମାଜ ଆଖିରେ ସିଏ ଗୋଟିଏ ଅବୈଧ ସନ୍ତାନର ପରିଚୟ ନେଇ ବଞ୍ଚିବ। ସେତେବେଳେ ତୁମେ କ’ ଣ କହିବ?

ଅମ୍ରିତା : ସନ୍ତାନ କେବେ ଅବୈଧ ନୁହେଁ। ସେ ତ ଅମୃତର ଅଂଶ। ସନ୍ତାନ ନୁହେଁ ବରଂ ଅବୈଧ ହେଉଛି ସମ୍ପର୍କ। ଆଉ ତା’ ଛଡା ତା’ ଦେହରେ ମୋ ରକ୍ତ ପ୍ରବାହିତ ହେଉଛି, ସିଏ ସମାଜରେ ଚଳିବା ଶିଖିଯିବ।

ପ୍ରିତମ୍ : ତା’ ଦେହରେ କ’ ଣ ମୋ ରକ୍ତ ପ୍ରବାହିତ ହେଉନାହିଁ?

ଅମ୍ରିତା: ତୁମେ ତ ବିନ୍ଦୁଏ ଦେଇଛ, କିନ୍ତୁ ମୁଁ ତ ସିନ୍ଧୁଏ ଦେଇଛି। ଆଉ ଦେଇ ଚାଲିଥିବି ମଧ୍ୟ।

ପ୍ରିତମ୍ : କିନ୍ତୁ ଭବିଷ୍ୟତରେ ଯଦି ସେ ପିଲା ବା ଅନ୍ୟ କେହି ତା’ ର ପିତୃ ପରିଚୟ ମାଗେ ତେବେ ସେତେବେଳେ କ’ ଣ କରିବ?

ଅମ୍ରିତା : ତୁମ ନାଁ କହିଦେବି।

ପ୍ରିତମ୍ : ମାନେ?

ଅମ୍ରିତା : ଭୟ କରିଗଲ କି? ଆରେ ଚିନ୍ତା କରନାହିଁ। ସେମିତି ବି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ହିସାବରେ “ଯଦି ଜଣେ ଅବିବାହିତ ମା’ ପିଲାର ପିତୃ ପରିଚୟ ଦେବାକୁ ଅନିଚ୍ଛୁକ, ତାହେଲେ ତାକୁ ଏଥି ପାଇଁ ବାଧ କରିଯାଇପାରିବ ନାହିଁ।” ଜଣାନାହିଁ ଏ ରାୟ ତୁମ ଭଳି ପୁରୁଷମାନଙ୍କ ସୁରକ୍ଷା ପାଇଁ କି ଆମ ଭଳି ନାରୀମାନଙ୍କ ପାଇଁ। ଆଉ ତା ଛଡା ମୋ ଉପରେ ବିଶ୍ୱାସ ରଖ ମୁଁ କେବେ ବି ତୁମ ନାଁ କାହା ଆଗରେ ପ୍ରକାଶ କରିବି ନାହିଁ।

ପ୍ରିତମ୍ : ମୋର ତୁମ ଉପରେ ଯଥେଷ୍ଟ ବିଶ୍ୱାସ ଅଛି। ସତ କହିବାକୁ ଗଲେ ମୋ ନିଜ ଠାରୁ ତୁମ ଉପରେ ଅଧିକ ବିଶ୍ୱାସ ଅଛି। ଦେଖ ଅମ୍ରିତା, ମୁଁ ଏବେବି ତୁମକୁ ବହୁତ ଭଲପାଏ, ସାରା ଜୀବନ ପାଉଥିବି ମଧ୍ୟ। କିନ୍ତୁ ମୁଁ ଏ ଦାୟିତ୍ୱ ନେବା ପାଇଁ ଏବେ ପ୍ରସ୍ତୁତ ନାହିଁ। ନିଜେ ଗୋଟାଏ କିଛି ନ କରିବା ପର୍ଯ୍ୟନ୍ତ କେମିତି ତୁମକୁ ଆଉ ଗୋଟାଏ ପିଲାକୁ ମୋ ପାଖରେ ନେଇ ରଖିବି? ସେଥିପାଇଁ ମୁଁ ଚାହୁଁଥିଲି ଏଇ ଗୋଟିଏ ଭୁଲ୍‌କୁ ଯଦି ଆମେ ସୁଧାରିପାରିବା ତା’ ହେଲେ ଭବିଷ୍ୟତରେ ସବୁ ଠିକ୍ ହୋଇଯିବ।

ଅମ୍ରିତା : ସୁଧାରୁଛିତ।

ପ୍ରିତମ୍: ତୁମେ ଭୁଲକୁ ସୁଧାରୁଛ ନା ଭୁଲର ପରିଣାମକୁ ଅପେକ୍ଷା କରିଛ?

ଅମ୍ରିତା : ହୁଏତ ତୁମେ ଠିକ୍ କହୁଥାଇପାର।

ପ୍ରିତମ୍: ଯଦି ତୁମେ ଜାଣିଛ ତେବେ ଠିକ୍ କଥାଟା ବୁଝୁନ କାହିଁକି?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅମ୍ରିତା : କାରଣ ତୁମେ କେବଳ ନିଜ କଥା ଭାବୁଛ। ଆଉ ତା' ଛଡା କିଏ କହିବ ଏ ଭୁଲକୁ ସୁଧାରିବା ପରେ ପରିଣତି ଆହୁରି ବି ଭୟଙ୍କର ହୋଇଯାଇପାରେ!

ପ୍ରିତମ୍ : ତୁମ ସାଙ୍ଗରେ ଯୁକ୍ତି କରିବା ବେକାର। ଭାବିଥିଲି ଏତେ ଦିନ ପରେ ହୁଏତ ତୁମେ ମନ ପରିବର୍ତ୍ତନ କରି ଦେଇଥିବ। କିନ୍ତୁ ଏବେ ଦେଖୁଛି ତୁମେ ଯାହା ସ୍ଥିର କରି ସାରିଛ ତାକୁ ପୁରା ପଥରରେ ଗାର ଟାଣିଦେଇଛ। ଠିକ୍ ଅଛି। ଯାହା ତୁମ ଇଚ୍ଛା।

ଅମ୍ରିତା : ମୋର ଗୋଟାଏ କଥା ରଖିବ ପ୍ରିତମ୍।

ପ୍ରିତମ୍ : କୁହ।

ଅମ୍ରିତା : ଯଦି ପ୍ରକୃତରେ ତୁମେ ମୋତେ ଭଲପାଉଥିବ, ତେବେ ଆଜି ପର ଠାରୁ କେବେ ଦେଖା କରିବ ନାହିଁ।

ପ୍ରିତମ୍ : ମାନେ?

ଅମ୍ରିତା : ମୁଁ ଚାହୁଁ ନାହିଁ ମୋ ପାଇଁ ଲୋକମାନେ ତୁମକୁ ବଦନାମ୍ କରନ୍ତୁ।

ପ୍ରିତମ୍ : କିନ୍ତୁ?

ଅମ୍ରିତା : ପ୍ଲିଜ୍। ଏତିକି କଥା ରଖିପାରିବ ନାହିଁ।

ପ୍ରିତମ୍ : ଠିକ୍ ଅଛି। ମୁଁ ରଖିବାକୁ ଚେଷ୍ଟା କରିବି।

* * * * *

ସେଦିନ ସିନା ପ୍ରିତମ୍‌କୁ ଦେଖା ନ କରିବା ପାଇଁ କହି ଦେଇ ଆସିଲା, କିନ୍ତୁ ଘରେ ପହଞ୍ଚି ଖୁବ୍ କାନ୍ଦିଥିଲା। ଏକା ସେହି ତ ଥିଲା ଜଣେ ଯିଏ ଭଲ ମନ୍ଦ ପଚାରି ବୁଝୁଥିଲା, ନଚେତ୍ ଏ ଘରେ ବି ସେ ନିଜକୁ ଏକୁଟିଆ ମଣୁଥିଲା। ଯେବେ ଠାରୁ ଏ ଘଟଣା ବିଷୟରେ ବାପା ମା' ଜାଣିଲେ, ପିଲାଟାକୁ ନଷ୍ଟ କରିଦେବାକୁ କହିଲେ। ଅମ୍ରିତା କିନ୍ତୁ ସଫା ସଫା ମନା କରି ଦେଇଥିଲା। କହିଥିଲା ଯଦି ମୋ ପିଲାକୁ ମୁଁ ନଷ୍ଟ କରିବି, ତାହେଲେ ତୁମେ ବି ତୁମ ଝିଅକୁ ସବୁ ଦିନ ପାଇଁ ହରାଇବସିବ। ଯାପରେ ଆଉ କେବେ ବି ଏ ବିଷୟରେ କଥା ଉଠି ନଥିଲା। କିନ୍ତୁ ଅମ୍ରିତାର ବାପା ଆଉ କେବେ ତା' ସହିତ କଥାବାର୍ତ୍ତା କରିନଥିଲେ। ତା' ମା' ଭଲମନ୍ଦ ସବୁକଥା ବୁଝନ୍ତି, ବେଳେବେଳେ ସମାଜ ଆଉ ଲୋକମାନଙ୍କ କଥା କହି କାନ୍ଦି ବି ପକାନ୍ତି। କିନ୍ତୁ ସେ ସବୁର ଅମ୍ରିତା ଉପରେ କିଛି ବି ପ୍ରଭାବ ପଡେ ନାହିଁ।

ଧିରେ ଧିରେ ଏ କଥା ଘରର ଚାରି କାନ୍ଥ ଡେଇଁ ବାହାରକୁ ଚାଲିଗଲା। ଏହା ଏମିତି ଏକ ଘଟଣା ଯାହାକୁ ତୁମେ ଯେତେ ଲୁଚାଇବାକୁ ଚାହିଁବ ସିଏ ସେତେ ଫୁଟିଉଠିବ। ବିବାହିତ ହୋଇଥିଲେ ସମସ୍ତେ ଖୁସି ହୋଇଥାନ୍ତେ, କେତେ ଆଶୀର୍ବାଦ ଅଜାଡି ଦେଇଥାନ୍ତେ। କିନ୍ତୁ ଏବେ ସମସ୍ତେ ଟୁପୁରୁଟାପୁରୁ କଥା ହେଉଥିଲେ, ବେଳେବେଳେ ସମବେଦନା ବି ଦେଉଥିଲେ। ଘର ପାଖ ଆଣ୍ଟି ତ ଦିନେ ପଚାରୁ ପଚାରୁ ପଚାରି ଦେଇଥିଲେ ସେ ପିଲା ପାଇଁ ଦାୟୀ କିଏ। କିନ୍ତୁ ଅମ୍ରିତାର ଉତ୍ତର ଶୁଣି

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଚିହିଁକି ଉଠିଥିଲେ। ଅମ୍ରିତା ସିଧା ସିଧା କହିଥିଲା, ତୁମେ ବିଶ୍ୱାସ କରିବ ନାହିଁ, କିନ୍ତୁ ଏ ପିଲାର ପ୍ରକୃତ ପିତା ହେଉଛି ତୁମ ପୁଅ। ମୋର ଏ ଅବସ୍ଥା ପାଇଁ ସେ ହିଁ ଦାୟୀ। ତୁମେ କ’ଣ କେବେ ଦେଖିନ ସେ କେମିତି ମତେ କଣେଇ କଣେଇ ଦେଖୁଥାଏ, ମୁଁ ଯେବେ ଘରୁ କୁଆଡେ ବାହାରକୁ ବାହାରେ। ଏକଥା ଶୁଣି ଆଣ୍ଟିଙ୍କ ମୁଣ୍ଡକୁ ପିତ୍ତ ଚଢିଗଲା। ରାଗ ପଞ୍ଚମରେ ପହଞ୍ଚିଗଲା। ଯାହା ମନକୁ ଆସିଲା ବକିଗଲେ। ଅନ୍ୟ କାହାର ପାପକୁ ତା’ଙ୍କ ପୁଅ ନାମରେ ବୋଲି ଦବାକୁ ଚେଷ୍ଟା କରୁଛି ବୋଲି ବି କହିଲେ। ରାଗ ତମତମ ହୋଇ ଘରୁ ବାହାରିଯିବା ସମୟରେ ଆଉ କେବେ ତାଙ୍କ ଘରକୁ ନ ଆସିବା କଥା ତା’ ମା’ କୁ ଶୁଣାଇ ଦେଇ ଚାଲିଗଲେ। (ପରେ ଅବଶ୍ୟ ଅମ୍ରିତା ଶୁଣିଲା ଯେ ସନ୍ଦେହ ମୋଚନ ପାଇଁ ଏକଥା କୁଆଡେ ସେ ତା’ଙ୍କ ପୁଅକୁ ବି ପଚାରିଥିଲେ)।

ଏ ଘଟଣା ଶୁଣିଲା ପରେ ଅମ୍ରିତାର ବାପା କିନ୍ତୁ ଖୁବ୍ ପାଟି କରିଥିଲେ ସେଦିନ ଘରେ। ନିଜେ ତ ଶାନ୍ତିରେ ରହିବ ନାହିଁ କାହାକୁ ବି ଶାନ୍ତିରେ ରଖେଇଦବ ନାହିଁ। କ’ଣ ଦରକାର ଥିଲା ତା’ଙ୍କ ପୁଅ ବିଷୟରେ ସେମିତି କହିବା। ତା’ ମା’ ବହୁତ ଚେଷ୍ଟା କରିଥଲେ ରୋକିବାକୁ, ତା’ ବାପା କିନ୍ତୁ ସେଦିନ କିଛି ଶୁଣି ନଥିଲେ। ଆଉ ପରିଣତି ଏୟା ହୋଇଥଲା କି ପ୍ରାୟ ସପ୍ତାହେ ପରେ ତା’ଙ୍କୁ ଅନ୍ୟ ସହରକୁ ଯିବାକୁ ପଡିଥିଲା।

ନୂଆ ସହରରେ ବି ଲୋକମାନେ ପ୍ରଥମେ ପ୍ରଥମେ ପଚାରିଥିଲେ, କିନ୍ତୁ ଏତେ କେହି ଜୋର୍ ଦେଇନଥିଲେ। ଧାଁ ଦୌଡ ଭରା ବ୍ୟସ୍ତ ଜୀବନରେ ଅନ୍ୟ କାହା ବିଷୟରେ ମୁଣ୍ଡ ଖେଳାଇବା ଅପେକ୍ଷା ନିଜ କାମରେ ବେଶି ଧ୍ୟାନ ଦେବାକୁ ଏମାନେ ପସନ୍ଦ କରୁଥିଲେ। ଧିରେ ଧିରେ ଅମ୍ରିତା ଏ ନୂଆ ସହରରେ ନିଜକୁ ଆଡଜଷ୍ଟ କରି ଦେଇଥିଲା। ଆଡଜଷ୍ଟ କରିବା ଛଡା ଅନ୍ୟ ଉପାୟ ବି କିଛି ନଥିଲା। ଆଉ ଯଦି କିଛି କରୁଥଲା ତାହା ଥିଲା ଅପେକ୍ଷା। ଅପେକ୍ଷା କରିଥିଲା କେଉଁ ଦିନ ଗୋଟିଏ ନୂଆ ଜୀବନକୁ ଏ ପୃଥିବୀର ଆଲୋକ ଦେଖାଇବ।

ଆଜି ସକାଳୁ ହଠାତ୍ ଯନ୍ତ୍ରଣା ବଢିଯିବାରୁ ଘରପାଖ ହସ୍ପିଟାଲକୁ ସମସ୍ତେ ନେଇଆସିଲେ। ଡକ୍ଟର ଆସି ଚେକ୍‌ଅପ୍ କରି ଯାଇଛନ୍ତି। ସାଲାଇନ୍ ଲଗାଇ ଦିଆଯାଇଛି, କିଛି ଔଷଧ ବି ଦେଇଛନ୍ତି ଖାଇବାକୁ। ଟିକେ ଆରାମ ମିଳିବା ପରେ ହଠାତ୍ ସବୁ ପୁରୁଣା କଥା ମନେ ପଡିଯାଇଥିଲା, ତା ସହିତ ମନେ ପଡିଯାଇଥିଲା ପ୍ରିତମ୍। ଜଣାନାହିଁ କାହିଁକି, ଆଜି ଆଉ ଖାସ୍ କରି ଏଇ ମୂହୁର୍ତ୍ତରେ ସିଏ ପ୍ରିତମକୁ ଖୁବ୍ ମିସ୍ କରୁଛି। କିନ୍ତୁ ନିଜେ ତ ସିଏ ତାକୁ ମନା କରିଦେଇଥିଲା ଦେଖା କରିବାକୁ। ଆଜି ଆଉ ମନେ ପକାଇଲେ ଲାଭ କ’ଣ?

ହଠାତ୍ ଯନ୍ତ୍ରଣା ପୁଣି ବଢିଗଲା। ଡକ୍ଟର ଆସି ଚେକ୍‌ଅପ୍ ପରେ ଲେବର ରୁମକୁ ନେଇ ଯିବାକୁ କହିଲେ। ପ୍ରାୟ କୋଡିଏ ମିନିଟ୍ ପରେ ଶିଶୁର କୁଆଁ କୁଆଁ ଶବ୍ଦରେ ସାରା ହସ୍ପିଟାଲ୍ ଗୁଞ୍ଜରି ଉଠିଲା। କିନ୍ତୁ ସେତେବେଳକୁ ଅମ୍ରିତା ବେହୋସ୍। ଆଖି ଖୋଲିଲା ବେଳକୁ ଦେଖିଲା ହସ୍ପିଟାଲର ସେ ପୁରୁଣା ବେଡରେ ଶୋଇଛି। ପାଖରେ ବାପା ଆଉ ମା’। ତା’ ମା’ଙ୍କ ମୁହଁରୁ ଖୁସି ସମ୍ପୂର୍ଣ୍ଣ ବାରି ହୋଇଯାଉଥିଲା, କିନ୍ତୁ ବାପାଙ୍କ ମୁହଁରୁ କିଛି ଜଣାପଡୁନଥିଲା, ସିଏ ଖୁସି ନା ଦୁଃଖି। ତା’ ମା’ ପାଖକୁ ଆସି ମୁଣ୍ଡ ଆଉଁସି ଦେଇ କହିଲେ - “ଜାଣିଛୁ ଅମ୍ରିତା, ଝିଅଟିଏ ହୋଇଛି। ଦେଖ୍ ପୁରା ତୋରି

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ଭଳିଆ ହୋଇଛି। ସେଇ ସମାନ ଆଖି, ସେମିତିଆ ନାକ, ଓଠ, ସବୁ ତୋ ଠାରୁ ଛଡାଇ ଆଣିଛି।" ଏତିକି କହି ପାଖ ଦୋଳିରେ ଶୋଇଥବା ଶିଶୁ ଆଡକୁ ହାତ ବଢାଇ ଦେଖାଇଲେ।

ମୁଁ ତ ପ୍ରଥମରୁ ସେୟା ହିଁ କହୁଥିଲି।

ହଠାତ୍ କାହାର ଅପରିଚିତ ପାଟି ଶୁଣି ସମସ୍ତେ ସେହି ଆଡକୁ ଚାହିଁଲେ। ଦୁଆର ମୁହଁରେ ପ୍ରିତମ୍। ପ୍ରିତମକୁ ଦେଖି ଅମ୍ରିତା ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲା। ପ୍ରିତମ୍ ଅମ୍ରିତାର ବାପା ମା଼ଙ୍କୁ ନମସ୍କାର କରିବା ପରେ ସେ ପିଲା ପାଖକୁ ଗଲା। ପିଲାଟାକୁ ଦେଖିବା ପରେ କହିଲା - "ମୁଁ ତ ପ୍ରଥମରୁ କହୁଥିଲି, ଆମର ପ୍ରଥମ ପିଲା ଝିଅଟିଏ ହେବ, ଆଉ ଅବିକଳ ତମ ଭଳିଆ ହବ। କିନ୍ତୁ ତୁମେ ମୋ କଥାକୁ ବିଶ୍ୱାସ କରୁନଥିଲ, ଏବେ ଦେଖ ପ୍ରମାଣ ତମ ଆଗରେ।"

ପ୍ରିତମ୍‌କୁ ଦେଖିଲା ପରଠାରୁ ଅମ୍ରିତା ପାଟିରୁ କଥା ବାହାରୁନଥିଲା। ହଠାତ୍ ପଚାରିଲା - "କିନ୍ତୁ ତମେ! ଏଠି?"

ତୁମକୁ କ଼ଣ ଲାଗିଲା, ତୁମକୁ କଥା ଦେଇ ଆସିଲା ପରେ ମୁଁ ଶାନ୍ତିରେ ରହିପାରିଥା଼ନ୍ତି? ତୁମକୁ ସିନା ଦେଖା କରିବାକୁ ଯାଇ ପାରୁନଥିଲି, କିନ୍ତୁ ତୁମର ଟିକିନିଖି ସବୁ ଖବର ରଖୁଥିଲି। ହଠାତ୍ ଦିନେ ଜାଣିବାକୁ ପାଇଲି ତୁମେ ସହର ଛାଡି ଦେଇଛ। ବହୁତ ଖୋଜିଲା ପରେ ଯେତେବେଳେ ତୁମ ଖବର ପାଇଲି ସେତେବେଳେ ତୁମକୁ ଦେଖା କରିବାକୁ ଆସିଗଲି। ଦେଖ, ପହଞ୍ଚିଲିବି କେଉଁ ମୂହୁର୍ତ୍ତରେ। ତୁମେ ଠିକ୍ କଥା କହୁଥିଲ ଅମ୍ରିତା, ସାରା ସମାଜ ଗୋଟାଏ ପଟେ ହେଲେ ସନ୍ତାନ ସୁଖ ଆଉ ଗୋଟାଏ ପଟେ। ଆଇ ଆମ୍ ସରି। ଯେଉଁ ସମୟରେ ତୁମ ପାଖରେ ମୋର ସବୁଠୁ ଅଧିକ ଆବଶ୍ୟକତା ଥିଲା, ସେ ସମୟରେ ମୁଁ ନଥିଲି। କିନ୍ତୁ ଆଜି କହୁଛି ତୁମ ପାଇଁ ଆଉ ଏ ପିଲା ପାଇଁ ମୁଁ ସାରା ସମାଜ ସାଥିରେ ଲଢିଯିବି। ମୁଁ ଆଜି ସମସ୍ତଙ୍କ ସମ୍ମୁଖରେ ତୁମକୁ କିଛି କହିବାକୁ ଚାହୁଁଛି। ମୋ କଥା ରଖିବ?

ଏତିକି କହି, ଅମ୍ରିତାର ଉତ୍ତରକୁ ଅପେକ୍ଷା ନକରି ବେଡ୍ ପାଖକୁ ଘୁଞ୍ଚି ଆସିଲା। ବେଡ୍ ପାଖରେ ଆଣ୍ଠେଇ ପଡି ପିଲାଟିକୁ ହାତରେ ଧରି କହିବାକୁ ଆରମ୍ଭ କଲା। "ଆଜି ପର୍ଯ୍ୟନ୍ତ କେହି ବି ଏପରି ପ୍ରସ୍ତାବ ଦେଇ ନଥିବେ। ଏ ପିଲାକୁ ସାକ୍ଷୀ ରଖି ମୁଁ ଯାହା କହିବି ରଖିବ? ତୁମେ ଏ ପିଲାର ପିତାଙ୍କ ନାମ ସ୍ଥାନରେ ମୋ ନାମ ଲେଖିବ କି? ସାରା ସମାଜ ଆଗରେ ମୁଁ ଏ ପିଲାର ପିତା ବୋଲି ପରିଚୟ ଦେବ କି?"

ଏକଥା ଶୁଣି ଅମ୍ରିତା ପାଟିରୁ କିଛି କଥା ବାହାରି ନଥିଲା। ଖାଲି ଯାହା ବୋହିଚାଲିଥିଲା ଦୁଇ ଆଖିରୁ ଅଶ୍ରୁ।

ଅମ୍ରିତା ମନେ ମନେ ଭାବିଲା "ଏୟାକୁ ହିଁ କ଼ଣ କହନ୍ତି ଆନନ୍ଦାଶ୍ରୁ ...

ତୁ' ଜାଣିଚୁ କି ମୁଁ ତୋର କିଏ ?

ଅନସୂୟା ଲେଙ୍କା
ଇଟାମାଟି, ନୟାଗଡ଼

ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ମୋ କବିତାରେ ଶବ୍ଦ ହେଇଯାଏ ...
ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ପ୍ରତି ସକାଳେ ଶିହରଣ ଖେଳାଏ ...

ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ପ୍ରତି ସଞ୍ଜରେ ଲୁହ ପୋଛି ଦିଏ ...
ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ପ୍ରତି ରାତିରେ ଦେହକୁ ଜଳାଏ ...

ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ବାହାନା ରେ ଟିକେ ଛୁଇଁ ଦେଇଯାଏ ...
ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ମୋ ଅସଜଡା କେଶକୁ ସଜାଇ ଦିଏ ...



ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ମୋ ଆଖିରେ କଜଳ ଲଗାଇ ଦିଏ ...
ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ କଥାରେ କଥାରେ ହୃଦୟକୁ ଛୁଏଁ ...

ମୁଁ ଜାଣିନି ତୁ ମୋର କିଏ ?
ବୋଧେ ସିଏ ,
ଯିଏ ମୋ ପ୍ରତି ପ୍ରଶ୍ନର ଉତ୍ତର ହେଇଯାଏ ,
ହଁ ଉତ୍ତର ହେଇଯାଏ.....
ଏବେ କହ ?
ତୁ' ଜାଣିଚୁ କି ମୁଁ ତୋର କିଏ ?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବଂଶୀ ବେଦନା ...

ଦିପଙ୍କର ପଣ୍ଡା
ମଙ୍ଗରାଜପୁର, କୁଜଙ୍ଗ,
ଜଗତସିଂହପୁର

ପୁନଃ ଆସିବ କି, ମାଧବ ମନ୍ଦିରେ,
ଅନ୍ଧକାର ଶାନ୍ତ ଭବନ୍ତିରେ ।

ସ୍ମୃତି ସରସ୍ୱତୀ ପ୍ରବାହିତ ହେଉ,
ଅଶ୍ରୁପାତ ଲୋକନାଥ ଧାରାରେ ।

ଅଞ୍ଚଳ ନିର୍ମଳ ଜ୍ଞାନପଥରେ,
ମୁକୁର ଶବ୍ଦ ଲୀନ ହୃଦୟରେ ।

ବେଦନାର ବୀଣା ଝଙ୍କାରିବ,
ନିର୍ଜନ କୋଷ୍ଠର ମଧୁର ଧ୍ୱନିରେ ।

ପ୍ରେମ ବିରହ ବନ୍ଧନ ଭାଙ୍ଗି,
ମୃତ୍ୟୁ ସ୍ମୃତି ଶାଶ୍ୱତ ଗାଥାରେ ।

ସୃଷ୍ଟି ହୃଦୟ ଜଳମୟ ହେଉ,
ଅସୀମ ଶୂନ୍ୟ ମନ୍ଥନ ଧାରାରେ ।

ପୁନଃ ଆସିବ କି ରାଧା,
ବଂଶୀ ବେଦନାର ସମ୍ମାନରେ ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ମୋ' ଗାଁ ଦୀପାବଳି ...

ନମିତା ବରାଳ
କାଶୀପୁର, ଖୋର୍ଦ୍ଧା

ସବୁ ବର୍ଷ ଦୀପାବଳି ଆସିଲେ
ଆମ ଗାଁ ପିଲାମାନେ
ଦଶ ଦିନ ଆଗରୁ ବାଣ ଫୁଟାନ୍ତି ।
ବାଣର ଶବ୍ଦ ବାରୁଦ ର ଗନ୍ଧରେ
କମ୍ପି ଉଠୁଥିବା ମୋ ଗାଁ ଟା
ସତେ ଲାଗେ ଯେମିତି
ବାହାଘର ର ବରଯାତ୍ରୀ ଆସୁଛି ।
ଲିଚୁ ମାଳ ରେ ସଜ ହୁଏ
ମୋ ଗାଁ ମନ୍ଦିର ଆଉ ଘର
ଦିନ ଟି ପାଇଁ ହେଲେ ସୁଦ୍ଧା
ମୋ ଗାଁ ଟିକେ ସହର ଭଳି ଲାଗେ ।
ଦୀପ ର ଆଲୁଅ ରେ
ସଜ ହୋଇଥିବା ମୋ ଗାଁ ପିଣ୍ଡା
ନୂଆ ବୋହୂ ଓଢଣୀ ଟାଣିଲା
ଭଳି ଲାଦେଖା ଯାଉ ଥାଏ ।
ବଡବଡ଼ିଆ ଙ୍କୁ ସ୍ୱାଗତ ଜଣାଇ
ଗଙ୍ଗା ଯା ଗୟା ଯା
ସ୍ୱର ଉତ୍ତୋଳନ ହୁଏ
ଆଖୁ ଅଦା ଗଳେଇ ନଡି
ଦଣ୍ଡା ବାଲୁଙ୍ଗା କାଉଁରିଆ କାଠି ରେ
ପୂଜା ହୁଅନ୍ତି ବଡ଼ବଡ଼ିଆ ସାଆନ୍ତ ।
ମଜା ତ ସେତେବେଳେ ଆସେ
ଯେତେବେଳେ କାଉଁରିଆ କାଠି
ମୁହଁ ରେ ଦେଇ ଆମେ ବିଡ଼ି ଟାଣୁ ।
ଲିଭି ଯାଇଥିବା ମହମବତୀ କୁ ଗୋଟେଇ ଆଣି ପୁଣି
ସେଥିରେ
ମହମବତୀ ତିଆରି କରୁ ।
ବାଣ ର ଠୋ ଠା ଶବ୍ଦ ରେ
ଶୋଇପାରୁନଥିବା ସେ ଗୁରେଇ ମା
ଶବ୍ଦ ର ବାଣ ପ୍ରୟୋଗ କରେ ।



ଦୀପାବଳୀ ର ଅନ୍ତିମ ପର୍ଯ୍ୟାୟ ରେ ବଣ୍ଟା
ହେଉଥିବା ସେ ଭୋଗକୁ
ଅଣ୍ଟିରେ ଧରି ଘରକୁ ଆସୁ ।
ସକାଳ ର ପାହାନ୍ତି ହୁଳହୁଳି ରେ
ନିଦ ଭାଙ୍ଗେ କାଉ ଚିକ୍କଣ ହେବା ପାଇଁ
ଦେହ ମୁଣ୍ଡରେ ସରସର ତେଲ ଲଗାଇ
ବୋଉ ଏବେ ବି ବିଶ୍ୱାସ କରେ
ଯେତେ ଶୀତ ହେଲେ ବି
ଦେହ ଚିକ୍କଣ ଦିଶିବ ବୋଲି ।
ଏ ଥିଲା ମୋ ଗାଁ ର
 ଆଲୋକ ର ପର୍ବ ଦୀପାବଳୀ । ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ଆପଣାର ଶୀତଋତୁ ...

ବି.ଏମ୍ ମିତ୍ରଭାନୁ
ରାଣୀ ତୋଳା, ଜଗତସିଂହପୁର

ଶୀତଋତୁ ମୋର ଅତି ଆପଣାର
ତା'ଠୁ ନିଜର କେହି ନାହିଁ ,
ଶୀତୁଆ ରାତିର ମନ ଶାନ୍ତି ନିଦ
ଭୁଲି କେ ପାରିବ ଭାଇ । ।

ସକାଳ କୁହୁଡି ପବନ ସହିତ
ଧିମି ଧିମି ଖରାତାତି ,
ମନ ଖୁସିରେ ଚାଷୀ ଭାଇ ଆମ
ଗାଏ ନିର୍ଝରଣୀ ଗୀତି । ।

ସନ୍ଧ୍ୟା ରାଣୀ ଧିରେ ଧିରେ ଆସେ
ରିମ୍ ଝିମ୍ ଶୀତ ଆଣି ,
ନାଲି ନେଳି ସାଲ୍ ନିଆରା ଲାଗେ
ଛକ ମୁଣ୍ଡ ନିଆଁ ପୁଣି । ।

ଆଇ ଅଜା ସହ ନାତି ଟୋକା ବସି
କେତେ ମଜା ଗପ କରେ ,
ମାଉସୀ ପାଖରେ ନାତୁଣୀ ବିଚାରି
ଶୋଇକି ଘୁଙ୍ଗୁଡ଼ି ମାରେ । ।

ନଅଟା ରାତି ବାରଟା ଲାଗେ
ଥଣ୍ଡା ଯାଏ ବଢ଼ି ବଢ଼ି ,
ନିଛାଟିଆ ଲାଗେ ବଜାରଟା ପୁଣି
ଦୋକାନୀ କବାଟ ଦେଇଛି ଭିଡି । ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସେ' ଦିନ ...

ଶ୍ରୀକ୍ଷେତ୍ର ସୁନ୍ଦର
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ଧନକଉଡ଼ା, ସମ୍ବଲପୁର

କେତେ ସୁନ୍ଦର ଥିଲା ସେ ଦିନ ସବୁ,
ଯେବେ ସକାଳର କଅଁଳ ସୁନେଲି କିରଣ ମୋ ଝରକା ଖୋଜୁଥିଲା
ମା'ର ଆଙ୍ଗୁଳି ଅଗରେ ଜହ୍ନମାମୁଁ ଦେଖି ହେଉଥିଲା
ଦୁଧଭାତରେ ଅମୃତର ସୁଆଦ ଥିଲା
ବୁଢ଼ୀମା' ଗପରେ ବୁଢ଼ୀ ଅସୁରୁଣୀର ମୁଁହ ଜଳଜଳ ହୋଇ ଦିଶୁଥିଲା
ବାପା କାନ୍ଧରେ ବସି ଯାତ୍ରା ଦେଖା
କାନ୍ଥରେ ଅଙ୍କାବଙ୍କା ଲମ୍ବା ଗାର ଟାଣିବା
ଘରର ଚଟାଣରେ ଗଡି ଛାତକୁ ନିରେଖି ଦେଖିବା
ଶିକୁଳିକୁ ଛୁଇଁବାକୁ କବାଟ ଉପରେ ଆଉଜି ହେବା
ଅଗଣାର ଓଦା ଲୁଗାରେ ମୁଁହ ପୁରାଇ ଆଖି ବୁଜି ଦୌଡ଼ିବା
ସାଥି ମେଳରେ ପୂଜାର ମେଢ଼ ଦେଖା, ଧାନକଟା ଛୁଟି
ଖରା ଦିନିଆ ଆମ୍ବଖିଆ, ତୋଟାବୁଲା
ଦୋଳର ଅବିର ଦୀପାବଳୀର ଆଲୋକ
ପୁନେଇ ପରବ ଯାନି ଜାତର ସେ ଦିନ
କାଲି ଭଳି ସେ ତମାମ ଘଟଣା
ଆଜି ଆଉ ସମ୍ଭବ ହୁଏନି
ନିର୍ବୋଧତାରେ ପ୍ରସନ୍ନତା ଥିଲା
ଜିଜ୍ଞାସାରେ ଜୀବନ ଥିଲା
ଦୁନିଆର ନଗ୍ନ ସତ୍ୟତାରୁ ବଞ୍ଚିତ ଏ ମନ ଖୁବ୍ ଭଲ ଥିଲା ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ରାଧା ପାଦ...

ଶକ୍ତି ଆଶିଷ ମହାପାତ୍ର
ପିପିଲି, ପୁରୀ

ଯମୁନା କୂଳ ରେ, କଦମ୍ବ ମୂଳ ରେ , ରାଧିକା କୋଳ ରେ
ଶୋଇ କୁହନ୍ତି ଶ୍ୟାମଘନ, ଆଗୋ ରାଧେ ତୁମକୁ ପଚାରିବାକୁ ଚାହେଁ
କିଛି ପଦେ,
ଏହା ଶୁଣି କୁହନ୍ତି ତ ରାଧେ କୁହ ଗୋ ମୋ ଅଧେ ଏପରି କି କଥା ଅଛି
ଯେ ପୁଣି ମୋ କାହ୍ନା ମନ ରେ ପ୍ରଶ୍ନ ସେ ସାଜେ
ପୁଣି ଶ୍ୟାମଘନ କହିବାକୁ ଯାଇ
ଯେବେ ଆସ ତୁମେ ମୋ ପାଖକୁ ଧାଇଁ
ସେ ଯମୁନା କୁ ଆଉ ରୁକ୍ମଣୀ ଙ୍କୁ କାହିଁକି ବାଧେ
ଆଗୋ ରାଜ ଜେମା
ପ୍ରେମ ରେ ତୁମ ଉଲଂଘନ କରିଦେଲ ତୁମେ ସବୁ ସୀମା
ପ୍ରେମ ପାଇଁ ତୁମେ ଆସିଥିଲ ଧାଇଁ
ମୋତେ ପାଇବା ର ଆଶା ନେଇ
ସେଥିପାଇଁ ତୁମେ ସଜିଲନି ସମ୍ପର୍କ ରେ ତୁମେ ମାଇଁ
ଦୁନିଆ କୁ ନ ଦେଖି ଚାଲି ଆସିଥିଲ ମୋ ସହ ରାସ କରିବା ପାଇଁ
ତୁମେ ତ ମୋ ପାଇଁ ପ୍ରେମ ର ରାହା
ପୁଣି ମୋ ପାଇଁ ତୁମେ ବଞ୍ଚିବା ସାହା
ଯଦି କିଏ ପଚାରେ ପ୍ରେମ ର ମାନେ
ଦୁନିଆ କହିବେ ଦେଖିଆସ ଥରେ ରାଧା ଗୋବିନ୍ଦଙ୍କୁ କଦମ୍ବ ବନେ
ଆଗୋ ରାଧେ ପ୍ରେମିକା ସାଜି ଆଜୀବନ କରିଲ ତ ମତେ ପ୍ରେମ
ସେଥିପାଇଁ ମୋ ନାମ ପୂର୍ବ ରୁ ଲାଗିବ ତ ତୁମ ନାମ
ପ୍ରେମିକା ସାଜି ପ୍ରେମ କରିଅଛ ରଖିନ କେଉଁଠି କପଟ , ବାଦ
ଏଥି ପାଇଁ ଦୁନିଆ ରେ ପୂଜା ପାଇବ ତୁମ କୋମଳ ସେ ଦୁଇ ପାଦ

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସପନ...

ଗୋଲୋକବିହାରୀ ବେହେରା
ଅବସର ପ୍ରାପ୍ତପ୍ରଧାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ,
ଢେଙ୍କାନାଳ

ରୁପା କାତି ଲଗା ମାଛ ପରି ଦିଶେ
ଚକ ଚକ ତା'ର ଚେହେରା,
କାକଜ୍ୟୋସ୍ନାର କମନୀୟ କଳା
ଅଦ୍ଭୁତ ଲାବଣ୍ୟ ଭରା।

ସୁଗଠିତ ସୁଶ୍ରୀ ହିମାନୀ ବକ୍ଷୋଜ
ନାଭିପଦ୍ମ ଗଭୀର ବି,
ପ୍ରଗଳଭ ପବନ ଉଡ଼ାଏ ପଣତ
ସିଂହକଟୀ ଅନୁଭବି।

ତା'ର ଦରଶନେ ମନ ବନସ୍ପତି
ଶାଖାରେ ଫୁଟଇ ଫୁଲ,
ହଳଦୀ ବସନ୍ତ ବସା ବାନ୍ଧିବାକୁ
କରୁଥାଏ ଯେତେ ଖେଳ।

ତା'ର ହୃଦୟର ବନ୍ଧ୍ୟା ମାଟିରେ
ପ୍ରୀତି ତୃଣ ରୋପିଦେଲେ,
ଅତର କାଗଜେ ପତର ଲେଖି ମୁଁ
ହଜେ ସପନର କୋଳେ।

ବ୍ୟାକୁଳ ଭାଷାରେ ଯନ୍ତ୍ରଣା କାତରେ
ଉତ୍ତର ଯା' ପାଇଥିଲି,
ଭିନ୍ନ ବର୍ଣ୍ଣରେ ଅରାଜି ପିତାଙ୍କୁ
ନାନା ରଙ୍ଗେ ତୋଷ କଲି।



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ୱପ୍ନ ...

ନିକୁଞ୍ଜ କୁମାର ଘୋଷ
ମାଧବପୁର, ଜଳେଶ୍ୱର,
ବାଲେଶ୍ୱର

ଜୀବନ ପରିଧି ଭିତରକୁ ପଶିଆସେ
କିଛି ଅଚାନକ ସ୍ୱପ୍ନ ।
କିଛି ବାସ୍ତବ ହୁଏ
ଆଉ କିଛି ରହିଯାଏ ଅଧୁରା ।
ଆଖିର ଝଲକ
କହିଦିଏ ତା' ସ୍ୱପ୍ନର ମଧୁରତା
ଚାପି ରହିଥିବା ଓଠ ବି ବଖାଣି ଦିଏ
ତା' ପ୍ରେମର ଗଭୀରତା ।
ହୃଦୟର ନିବୁଜ କୋଠରୀ ଭିତରୁ
ଶୁଭିଯାଏ ସାତ ସୁରେ ପ୍ରୀତିର ମୂର୍ଛନା ।
କିନ୍ତୁ ଏ ସ୍ୱପ୍ନ ସେ ଦେଖେ କାହା ପାଇଁ
ତା' ସ୍ୱପ୍ନର ସୌଦାଗର କିଏ ?
ତା'ସ୍ୱପ୍ନର ସ୍ୱପ୍ନା କିଏ ?
ଜାଣନ୍ତି ଆପଣ, ମୁଁ ନା ଆଉ କିଏ ??
ଏମିତି ସ୍ୱପ୍ନ ଦେଖୁ ଦେଖୁ
ଯଦି କେବେ ରହିଯାଏ ଅଧୁରା
ସେ ଆଖିର ଝଲକ ଆଉ ଓଠର ଅସ୍ୱଷ୍ଟତା
କହିଦିଏ ବିରହର କରୁଣ ଜ୍ୱାଳା ।
କିନ୍ତୁ କ'ଣ ପାଇଁ
କାଲି ଯିଏ ମୃଦୁ ମୃଦୁ ଦେଉଥିଲା ହସି
ଆଜି ସିଏ ନିକାଞ୍ଚନେ ଗୁମ୍‌ସୁମ୍ ରୁହେ ବସି ।।
ଅତି ଆପଣା ଆପଣା ଲାଗୁଥିଲା କାଲି
ଆଜି କିନ୍ତୁ ମରୀଚିକାର ମରୁ ବାଲି ।।
କାହିଁକି ? ଜାଣନ୍ତି ଆପଣ, ମୁଁ ନା ଆଉ କିଏ ?
ତା' ସ୍ୱପ୍ନର ସୌଦାଗର କିଏ ?
ତା' ସ୍ୱପ୍ନର ସ୍ୱପ୍ନା କିଏ ?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଠିକଣା ହଜିଛି ...

ଡ଼ଃ. ଅମୂଲ୍ୟ କୁମାର ସେନାପତି
ତିହିଡି, ଭଦ୍ରକ

ଅନେକ ଦିନରୁ ଠିକଣା ଖୋଜୁଛି
ଆଜିର ଏ ଅଦ୍ଭୁତ ଯୁବକ,
ଯିଏ ନିଜେ ହଜି ଯାଇଛି ,
ରାସ୍ତା ପାଉନି ଦୁନିଆର ଦ୍ୱାର କେଉଁଠି ?
ଏଇ କେଇଟା ବର୍ଷ ଭିତରେ
ସବୁ ଏମିତି ବଦଳି ଚାଲିଛି ଯେ
ସରୁନି ଆରମ୍ଭ କରିଥିବା ଯାତ୍ରା
କି ସରୁନି, ଚାଲୁଥିବା ସେ ରାସ୍ତା .... ।

ପିଲାବେଳେ ବାପା ମା କହିଥିବା
ସେହି ବୁଢ଼ୀ ଅସୁରୁଣୀର କଥା,
ରାମ ରାବଣ, କୃଷ୍ଣ କଂସର କଥା,
ତ୍ରିଦେବଙ୍କ ମାହାତ୍ମ୍ୟ ଓ ଗୁରୁଜନଙ୍କୁ
ନତମସ୍ତକ ସମ୍ମାନର କଥା
ବୋଧହୁଏ.....
ଅସଲ ବୀରତ୍ୱ ପାଖରେ
ବୀର କର୍ଣ୍ଣଙ୍କ ସାଧନା ଅଲୋଡ଼ା ହୋଇଛି,
ଏସବୁ କାଳ୍ପନିକ ବୋଲି...
ରାସ୍ତା ବଦଳିଯିବାରେ ଲାଗିଛି
ବଦଳିଛି ଗାଁ ମଝିରେ ଥିବା ଚାଟଶାଳୀ,

ଯେଉଁ ଦିଗକୁ ଚାହିଁଲେ
ରାସ୍ତାରେ ରାକ୍ଷସର ଭୟ ,
ବଣ ଜଙ୍ଗଲରେ ବି ଘୁରିଲେ
ହିଂସ୍ରଜନ୍ତୁଙ୍କର ଆକ୍ରମଣ ଥୟ,
ମୁନି ଋଷିଙ୍କର ଗୋଟେ ଦେଖାନାହିଁ,
କୁହୁକର କୁଟୀରଟେ ନାହିଁ ବିଶ୍ରାମ ପାଇଁ,
ଗୁରୁ ବି ଆଜିକାଲି ଦୀକ୍ଷା ଦେବାକୁ
ଅରାଜି ହୋଇ ଅନ୍ତର୍ଦ୍ଧାନ ହେଲେଣି,
ତେଣେ ଇତିହାସ ବି ଆଖିଠାରି ହସିଲାଣି,

କେହି ଜଣେ ପୂର୍ବଜ ଦେଖା ଦିଅନ୍ତେ କି,
ହଜିଥିବା ଯୁବକର ରାସ୍ତାର ଠିକଣା
ଚିହ୍ନଟ କରିବାକୁ ସକ୍ଷମ ହୁଅନ୍ତା !!!

ତେବେ ଅନ୍ତ ହେବାପାଇଁ
ଅନ୍ତରୀକ୍ଷକୁ ପଠାଯାଇଥିବା
ସେହି ମହାକାଶ ଚାରି ସହ
ଭୂପୃଷ୍ଠରୁ ଯୋଗାଯୋଗ ନହେଲେ
ସବୁଦିନ ମହାଶୂନ୍ୟରେ ଘୁରି ବୁଲିବା
ବୋଧହୁଏ ହୋଇପାରେ
ଯୁବକର ଭାଗ୍ୟଫଳ,
ଅବା ଭାଗଶେଷର ଅନ୍ତିମ ଠିକଣା...

ଯୋଗିନୀ ...

ଡ଼.ଶୁଭେନ୍ଦୁ ମେହେର
ଯାଲୋଏ, ସୁବର୍ଣ୍ଣପୁର

ମୋତେ ଆଉ ଚୌଷଠି ସାଧନା ଲୋଡ଼ନାହିଁ ଦେବୀ !
କେଉଁ ତନ୍ତ୍ର ବିଦ୍ୟାରେ
ତୋତେ ଆବାହ୍ନ କରିବି
ତୋ' ଭିତରେ ହିଁ ଚୌଷଠି କଳା
ବିଦ୍ୟା ମହାବିଦ୍ୟା ସବୁ ମହଜୁଡ଼୍ ।

ସେ' କାଛ ଦେହରୁ
ଓହ୍ଲେଇ କଞ୍ଚା ହୋଇ ଯା'
ଯୋଗରୁ ଭୋଗ ଆଡ଼କୁ ଆଗେଇ ଯା ।

ତୋ' ପାଇଁ.....
ଅମୁହାଁ ଘାଟର ପାଣି
ବାରଙ୍ଗନା ମାଟି ଆଣିଛି
ମାଟିକୁ ମନ୍ତୁରେଇଛି
ଦେହ ଦେଉଳକୁ ଖୋଲା ରଖି
ତୋତେ ଆବାହନ କରୁଛି ।

ଆ ଦେବୀ.....!
ବଳଦ କି' ମହିଷା କ'ଣ ଲୋଡ଼ା ଯେ'
ମୋ' ପିଠିରେ ସବାର ହେବୁ
ମୋର ପ୍ରଶସ୍ତ ଛାତିରେ
ତାଣ୍ଡବ ନାଚିବୁ ।

ଚୌଷଠି ଭୋଗ,ଗାୟତ୍ରୀ
ଚୌଷଠି କାମଶାସ୍ତ୍ର
ସବୁ ତ, ଏବେ ମୂର୍ଚ୍ଛା ଖାଇଲାଣି !

ବ୍ୟାଧିର ବ୍ୟାଧ ତୁ
ପ୍ରାଣର ସମର୍ପଣ ତୁ
ରୋଗ ଶୋକରୁ ମୁକ୍ତି ଦେ
ସେ' ଗୁପ୍ତ ମହିମାରେ ସୁପ୍ତ ରହିଲେ
କ'ଣ ପାଇବୁ ଯେ'
ଗ୍ରାମ ଦେବୀରୁ ଉତୁରି
ହୃଦୟ ଦେବୀ ହୋଇ ଯା' ।

ତୁ' ଆଇଲେ....
ଝାଟିମାଟି କାନ୍ଥ ସବୁ ମୁକ ପାଲଟିବେ
ଯନ୍ତ୍ର ମନ୍ତ୍ର କୋଠି ତିଆରିବେ
ତନ୍ତ୍ରୀ ସବୁ ତନ୍ତ୍ର ସାଧିବେ !

ଥରେ ତ,
ମୋ' ହୃଦୟର ଶିଳାଲେଖ
ଦେଖିବୁ ଆ'
ତୋ'ର ଚିରାଚରିତ ଇତିହାସ ସବୁ
ଥାକ ଥାକ ହୋଇ
ମୋ'ର ନିବୁଜ କୋଠରୀରେ
ସଙ୍ଗୋପନେ ରହିଛି
ଅଛୁଆଁ ସ୍ୱର୍ଶର ପ୍ରତୀକ୍ଷାରେ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପ୍ରଣୟର ଅଦ୍ଭୁତ ପରିଣାମ...

ଶିବାଶିଷ ମିଶ୍ର
ବଲାଙ୍ଗିର, ଓଡ଼ିଶା

ପ୍ରକୃତି ନିତ୍ୟ ପରିବର୍ତ୍ତନଶୀଳ । ସତତ ପରିବର୍ତ୍ତନ ଶୀଳତା ପ୍ରକୃତିର ଗୁଣ । ଏହାର ଅନ୍ତରରେ ସର୍ବୋତ୍ତମ ଓ ଶ୍ରେଷ୍ଠତମ ତୃଷ୍ଣା ରହିଛି, ଏଣୁ ପ୍ରକୃତି ପ୍ରତିକ୍ଷଣ ସକ୍ରିୟ ରହିଛି । ତା ମଧରେ ନିତ୍ୟ ନୂତନ ନିର୍ମାଣ କରିବା, ଜୀର୍ଣ୍ଣଶୀର୍ଣ୍ଣ ପୁରୁଣାକୁ ନଷ୍ଟ କରିବା ଏବଂ ନୂତନର ବାରମ୍ବାର ସୃଜନ କରିବାର ଆପଣା ଶକ୍ତି ବିଦ୍ୟମାନ। ସେ ଅନ୍ତକାଳରୁ ସୃଜନରତ ରହିଛି । ନିଜ ସୃଜନ ଦ୍ଵାରା ସର୍ବଦା କ୍ରିୟାଶୀଳ ଜଣାପଡୁଥିବ ପ୍ରକୃତି ଏକ ଶାଶ୍ୱତ ସତତ ସଂଶୋଧନ ହେଉଥିବା କବିତା ଭଳି । ମନୁଷ୍ୟ ଏହି ପ୍ରକୃତିର ସୃଜନ ଅଟେ ।

ପ୍ରକୃତିର ମନୁଷ୍ୟକୁ ନିଜର ଅନ୍ତକାର୍ଯ୍ୟାରେ ବିକଶିତ କରିଛି,ଏଣୁ ପ୍ରକୃତିର ସମସ୍ତ ଗୁଣ ମନୁଷ୍ୟ ମଧରେ ସମ୍ମିଳିତ ହୋଇଯାଇଛି । ପ୍ରକୃତି ଆମ ଅନ୍ତରରେ ସର୍ବଦା କ୍ରିୟାଶୀଳ, ପ୍ରତୀକ୍ଷଣ ନୂଆ ରଚନା କରିଥାଏ, ଯଥା - ନୂଆ ବନସ୍ପତି, ନୂଆ ଫୁଲ, ନୂଆ ଶିଶୁ, ପଶୁ ପକ୍ଷୀ, କୀଟ ପତଙ୍ଗ ,ନୂଆ ମେଘ , ନୂଆ ବୃଷ୍ଟି, ଓ ନୂଆ ସୃଷ୍ଟି। ମନୁଷ୍ୟ ମଧରେ ବି ପ୍ରକୃତିର ସର୍ଜକ ଗୁଣ ରହିଛି । ମନୁଷ୍ୟ ଯାହା ପ୍ରାପ୍ତ କରେ ସେଥିରେ ଅସନ୍ତୁଷ୍ଟ ରହିଥାଏ । ସୃଜନରତ କବି,ସାହିତ୍ୟିକ,କଳାକାର ପ୍ରତିକ୍ଷଣ ନୂତନ ନୂତନ ପ୍ରୀତିରେ ରମଣ କରନ୍ତି । ସେମାନେ ଜନ ସମୂହ ଦ୍ୱାରା ପ୍ରଭାବିତ ହୋଇଥାନ୍ତି, ଯଥାର୍ଥରୁ ସାମଗ୍ରୀ ନିଅନ୍ତି, ଭବର୍ଥାକୁ ଯୋଡ଼ନ୍ତି କାଟନ୍ତି। ତର୍କ ବିତର୍କ କରନ୍ତି । ଜନସମୂହର ଜୀବନ ପ୍ରଣାଳୀ କୁ ପ୍ରଭାବିତ କରନ୍ତି ।

ଏମିତି ଏକ ତର୍କ ବିତର୍କ ଜୀବନରେ ଛନ୍ଦି ହୋଇଯାଇଛି । ଆଜି ଯଦି ପଦଟିଏ କହିପାରନ୍ତି ମୁଁ ଛିନ୍ନମସ୍ତା ସାଗର ଛାତିତଳେ ଲୁହଢ଼ାଳି କ୍ଳାନ୍ତଶ୍ରାନ୍ତ ଆକାଶର ଦୁଃଖ ସବୁ ଅଜାଡ଼ି ଦିଅନ୍ତି । ଯେତେସବୁ ଦୁର୍ଭାବନା, ଅପାଶୋରା, ଅଖୋଜା,ଅଲୋଡ଼ା, ଦୁଃସ୍ୱପ୍ନର ଦୁର୍ବିସହ ନିର୍ମମ ପ୍ରହାର ସବୁକୁ । ଯନ୍ତ୍ରଣାର ଅଗ୍ନିକୁଣ୍ଡରେ ଜର୍ଜରିତ କୋହ ସବୁକୁ ଯାଇ ଅଜାଡ଼ି ଆସନ୍ତି । କେଉଁ ଏକ ଅଜଣା ଗ୍ରହରେ ପାଦରଖିଛି ମୁଁ। ପଳାତକ ଆଲୁଅର ପିଛା କରୁ କରୁ ଅନ୍ଧାରରେ ଝୁଣ୍ଟିପଡ଼ି କ୍ଷତାକ୍ତ ହୋଇଯାଇଛି ମୋ ଅନ୍ତରାତ୍ମା । ଯଦି କେଉଁଠି ହଜିଯାଏ ମୋ ମନର ନିଷିଦ୍ଧ ଇଲାକା ଡେଇଁ ମୁଁ ଚାଲିଆସେ ପୁଣି । ଖୋଜିଚାଲେ ଶୂନ୍ୟତାରେ ଶେଷବିନ୍ଦୁକୁ । ନିଜ ପ୍ରତିଧ୍ୱନି ବାରି ନିଜେ ପୁଣି ଫେରେ ମୋର ଆରମ୍ଭକୁ । କିଏ ଜାଣେ କେଉଁଠି ସେ ଲୁଚିଯାଏ! ବାରମ୍ବାର ଖେଳେ ଲୁଚକାଳି । ଆଜି ଯଦି ପଦିଏ କହିପାରନ୍ତି ମୁଁ ସବୁକିଛି ମିଛଥିଲା ମୋ ଜୀବନରେ । ସବୁ ପ୍ରେମ ନିରୋଳ ଛଳନା,ସବୁ କଥା ଏଠି ଆତ୍ମପ୍ରବଞ୍ଚନା । ନାହିଁ ଏଠି ପ୍ରେମ ନାହିଁ ଏଠି ସୁଖ ନାହିଁ ଏଠି ସେ ପ୍ରୀତିର ସାଗର । ଯେଉଁଠାରେ ବୁଡ଼ିକି ଶାନ୍ତି ମିଳିବ । ପୁଣି ଆସେ ଅନେକ ଭାବନା ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଦୁନିଆରେ ଏମିତି କୌଣସି ମଣିଷ ନାହିଁ ଯାହା ଦେହରେ କଳଙ୍କଲାଗି ନାହିଁ । ମଣିଷ କେବେ ହେଲେ କଳଙ୍କ କୁ ଭଲ ପାଏନି। କଳଙ୍କ ଆପେ ଲାଗିଯାଏ । ସନ୍ଦେହ କରେ ଯେ ସନ୍ଦେହ ନ ସହେ ଯେ ସେହି ପ୍ରେମ କେବେ ପ୍ରେମ ନୁହଁ। ପ୍ରତାରିତ କରେ ଯେ ପ୍ରତାରଣା ନ ସହେ ଯେ ସେ କେବେ ପ୍ରେମିକ ନୁହଁ। ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ପୁଣି ଅଭୁଲା ଗଳ୍ପ ହୁଏ । ମୋ ଜାଣିବାରେ ପ୍ରେମ କେବଳ ଲୁହ ଓ କଷ୍ଟ ର ନଈ ହୁଏ । ଏ ଦୁନିଆରେ ସମସ୍ତ ଙ୍କୁ ସତ ପ୍ରେମ ହୁଏ ନାହିଁ, ଯାହାକୁ ହୁଏ ସେ ବୁଝିପାରେ ନି। ତାକୁ ଦରକାର୍ ଧନ,ରୂପ, ଏବଂ ସୁନ୍ଦର ଶରୀର । ଏବଂ ଯିଏ ସତ ଭଲପାଇବା ଖୋଜେ ତାକୁ ମିଳେ ଦୁଃଖ ଓ କଷ୍ଟ । ଏଠି ବୁଝନ୍ତିନି ମଣିଷ ମନର ଭାବନା ଓ ସମର୍ପଣ କୁ । ଏଠି ପ୍ରେମ ହୁଏନାହିଁ ହୁଏ ବ୍ୟାପାର ।

ଏମିତି ଗୋଟିଏ ଦିନ ରାତିରେ ମୁଁ ଘର ସାମନା ପିଣ୍ଡାରେ ବସି ଘଡ଼ିଏ ଜହ୍ନକୁ ଦେଖିଲି ।କେଜାଣି କାହିଁକି ସେ ଧୋବ ଫରଫର ଉଦିଆ ଜହ୍ନଟି ଭାରି ଆପଣାର ଲାଗୁଥାଏ । ପଚାରି ଚାଲି ଯାଉଥାଏ ଅସରାଏ ପ୍ରଶ୍ନ । ପ୍ରଶ୍ନ ପୁଟୁଳିରେ ଥିଲା ମୋର କିଛି ଅବାନ୍ତର ପ୍ରଶ୍ନ - କଣ ସତରେ ପ୍ରେମର ଅର୍ଥ ଧୋକା ଓ ପ୍ରତାରଣା ? କଣ ସତରେ ପ୍ରେମ ବଦଳରେ ପ୍ରେମର ଆଶା କରିବା ଭୁଲ ?କଣ ସତରେ ପ୍ରେମ ସର୍ବଦା ସଂଜ୍ଞାହୀନ ? ପ୍ରେମ ପାଇଁ କେବଳ ଲୁହକୁ ବଳିଦାନ ଦେବାକୁ ପଡ଼େ? ପ୍ରେମ କଣ ଅନ୍ୟ ର ହୃଦୟକୁ ଚିରେ ? ଏମିତି ପ୍ରଶ୍ନ କରୁ କରୁ ସେ ଜହ୍ନ ଟା କିରଣ ଦେଇ ଗୋଟିଏ ଶବ୍ଦରେ ଉତ୍ତର ଦେଲା - ଅପେକ୍ଷା କର !



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ତୁମେ ଆସିବ ଶେଷଲଗ୍ନରେ ...

ନାରାୟଣ ରାଉତ
ନଛିପୁର, ଖଇରା,
ବାଲେଶ୍ୱର

ତୁମେ ଆସିବ ଛାଇ ଆଲୁଅରେ
ସତ୍ୟର ସନ୍ଧାନରେ
ମୋ ଛାଇ ସହ ଲୁଚକାଳି ଖେଳି
 ତମେ ଆସିବ ନାଲି ରଙ୍ଗ ଶାଢ଼ିରେ
ଏତେ ସଜବାଜ କଣ ଯେ,
ଅଚିରେ ଫେରିବାକୁ ପଡ଼ିବ
ତୁମରି ସାଥିରେ ||୧||

ତୁମେ ଆସିବ ଅନ୍ଧାର ରାତିରେ
ସହଚରି ମାନଙ୍କ ସାଥିରେ
ତମକୁ ଦେଖି ଯଦି ମତେ ଡ଼ରଲାଗେ
ମୁଁ କରିବି କ'ଣ ?
ମୁଁ ତୁମ କଥା ଶୁଣିଛି
ଖଇ ଓ କଉଡି ସାଇତି ରଖିଛି
କେବେ ଯଦି ଆସିଯିବ
ଅଚାନକ ଭାବରେ
ମତେ ଯିବାକୁ ପଡିବ
ତୁମର ସାଥିରେ....||୨||

ତୁମେ ଆସିବ ସମୟ ଅନ୍ତରେ
କାଳର କାରାଳ ଗତିରେ
ସମୟ ତ ହୋଇ ଗଲାଣି
ଆୟୁ ସୂର୍ଯ୍ୟ ଗତି ଗଲାଣି
କ'ଣ ତୁମର ଦେଖାନାହିଁ
ମୋ କଥା ଭୁଲି ଯାଇନାହତ
ମତେ ନେବାକୁ ପଡିବ
ତୁମରି ସାଥିରେ.... ||୩||

ଆମେ ଆସିବ ବିଦାୟ ଲଗ୍ନରେ
ମୁଁ ସତ୍ୟର ସବାରୀରେ
 ଆଉ ତୁମେ ଶୂନ୍ୟର କଳ୍ପନାରେ
ଚାହିଁଲେ ବି ଛୁଇଁ ପାରିବିନି
ତୁମର ବର୍ତ୍ତମାନ କୁ
ତଥାପି ସର୍ତକତା ସହ
ମତେ ଖେଳିବାକୁ ପଡିବ
ତୁମରି ସାଥିରେ .... ||୪||

ତୁମେ ଫେରିବ ଖୁସି ମନରେ
ମତେ ଦେଖି ଜୁଇ ନିଆଁରେ
ମଶାଣି ଭୂଇରେ
ଗଦା ଗଦା ପାଉଁଶ ଭିତରେ
ମୁଁ ବି ଉଡ଼ିବି ପବନେ ଗଗନେ
ମତେ ନେବାକୁ ପଡିବ
ତୁମରି ସାଥିରେ ..... ||୫||

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସାଇବର ଭୂତ ...

ରାଜେଶ୍ ରାୟ
ଅଧ୍ୟାପକ (ଉଦ୍ଭିଦ ବିଜ୍ଞାନ ବିଭାଗ),
ଜୟପୁର

ଆମେ ବ୍ୟବହାର କରୁଥିବା ମୋବାଇଲ୍ ଫୋନରେ ସାଇବର ଭୂତ ଅଛନ୍ତି ଯେଉଁମାନେ ଖାଲିଆଖିକୁ ଦେଖା ଯାଆନ୍ତି ନାହିଁ କିନ୍ତୁ ଥରେ ସେମାନଙ୍କ କବଳରେ ପଡ଼ିଲେ ସେମାନେ ଆମକୁ ମାରିଦେବେ । ଟୁବୁନ୍ ର ସ୍କୁଲକୁ ଥାନା ଅଧିକାରୀ ଆସି ଏହିଭଳି କଥା କହି ପିଲାଙ୍କୁ ବୁଝାଉଥିଲେ । ସ୍କୁଲରେ ସାଇବର ସଚେତନତାକୁ ନେଇ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ବିଧାୟକ, ସରପଞ୍ଚ ଏବଂ ଥାନା ଅଧିକାରୀ ଅତିଥି ହୋଇ ଆସିଥିଲେ । ଲୋକମାନେ କିପରି ସାଇବର ଭୂତର ମାୟାରେ ପଡ଼ି ଠକାମିର ଶିକାର ହେଉଛନ୍ତି ସେ ବିଷୟରେ ଅତିଥିମାନେ ପିଲାମାନଙ୍କୁ ଭଲଭାବରେ ବୁଝାଇ କହୁଥିଲେ । ଥାନା ଅଧିକାରୀ ପିଲାମାନଙ୍କୁ କହିଲେ " ଜାଣିଛ ପିଲେ , ଆମ ମୋବାଇଲ୍ ଭିତରେ ସାଇବର ଠକମାନେ ଭୂତ ହୋଇ ଲୁଚିଛନ୍ତି । ବିଭିନ୍ନ ବାଟରେ ସେମାନେ ଆମକୁ ମେସେଜ ପଠାଇ ଏବଂ ଫୋନ୍ କରି ଆମର ବ୍ୟାଙ୍କଖାତା ନମ୍ବର , ବ୍ୟକ୍ତିଗତ ସୂଚନା ଆଦି ନେଇଯାଉଛନ୍ତି ଯାହାଦ୍ୱାରା ଆମ ବ୍ୟାଙ୍କ ଖାତାରୁ ସହଜରେ ଟଙ୍କା ଚୋରି ହେଉଛି । ଥାନା ଅଧିକାରୀ ପିଲାମାନଙ୍କୁ ଏହି ଠକାମିରେ ନପଡ଼ିବା ପାଇଁ ପରାମର୍ଶ ଦେଲେ ଏବଂ କହିଲେ " ଯଦି ତୁମ ଚାରି ପାଖରେ କେହିବି କୌଣସି ଲୋକକୁ ଏମିତି ଠକିବାକୁ ଚେଷ୍ଟା କରୁଥିବ ତେବେ ୧୯୩୦ ନମ୍ବରରେ କଲ୍ କରି ତୁମେ ପୋଲିସକୁ ଜଣାଇପାରିବ ଯାହାଦ୍ୱାରା ସାଇବର ଭୂତମାନେ ଧରାପଡ଼ିବେ ।

ଟୁବୁନ୍ ମନଦେଇ ସବୁକଥା ଶୁଣିଲା ଏବଂ ସାଇବର ସୁରକ୍ଷା ଉପରେ ବିଭିନ୍ନ କଥା ଜାଣିଲା । ଦିନକର ଘଟଣା କଲେଜରେ ପାଠ ପଢୁଥିବା ଟୁବୁନ୍ ର ବଡ଼ଭାଇ ଶିବୁନ୍ ଘରକୁ ଆସି ମାଆଙ୍କୁ କହିଲା ଅନଲାଇନ୍ ଖେଳ ଖେଳି ସେ ୨ଲକ୍ଷ ଟଙ୍କା ଜିତିଛି ଏବଂ ସେହି ଟଙ୍କା ପାଇବା ପାଇଁ ବ୍ୟାଙ୍କ୍ ଖାତାର ନମ୍ବର, ଆଧାରକାର୍ଡ ନମ୍ବର ଏବଂ ୫ ହଜାର ଟଙ୍କା ଆଗୁଆ ଜମା କରିବାକୁ ପଡ଼ିବ ବୋଲି ମେସେଜ ଆସିଛି । ଏକଥା ଶୁଣିବା ପରେ ମାଆ କହିଲେ " ସତରେ କଣ ୫ ଲକ୍ଷ ଟଙ୍କା ମିଳିବ ! ଏସବୁ ମତେ ମିଛବୋଲି ଲାଗୁଛି । କୋଉ ଠକ ତତେ ଠକିବା ପାଇଁ ଏମିତି କାମ କରୁଥିବ " । ଶିବୁନ୍ କିନ୍ତୁ ବୁଝିଲା ନାହିଁ , ମାଆଙ୍କୁ ଜିଦ୍‌କରି ଟଙ୍କା ମାଗିଲା ଏବଂ ଘରେ ପାଟିତୁଣ୍ଡ କଲା । ଏସବୁ ଦୃଶ୍ୟ ଦେଖି ଟୁବୁନ୍ ଶିବୁନ୍ ପାଖକୁ ଯାଇ ସାଇବର ଭୂତ ମାନେ କିପରି ନିରୀହ ଲୋକମାନଙ୍କୁ ହଇରାଣ କରୁଛନ୍ତି ସେ କଥା ଗୋଟି ଗୋଟି କରି କହିଲା ଏବଂ ସ୍କୁଲରେ ଥାନା ବାବୁ କହିଥିବା କଥାକୁ ମାନିବା ପାଇଁ ଅନୁରୋଧ କଲା ହେଲେ ଶିବୁନ୍ ତା କଥାକୁ ଆଦୌ ଧ୍ୟାନ ଦେଲା ନାହିଁ ।

ବହୁତ୍ ଥର କହି କହି ନିରାଶ ହେଲାପରେ ଟୁବୁନ୍ ନିଷ୍ପତ୍ତି ନେଲାଯେ ସବୁକଥା ସେ ଥାନା ଅଧିକାରୀଙ୍କୁ ଜଣାଇବ । ସଙ୍ଗେ ସଙ୍ଗେ ଘରୁ ଫୋନ୍ ଆଣି ୧୯୩୦ ନମ୍ବର ଡାଏଲ୍ କରି ଥାନାରେ

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସବୁକଥା କହିଲା । କିଛି ସମୟ ପରେ ଥାନା ଅଧିକାରୀ ଆସି ଟୁବୁନ୍ ର ଘରେ ପହଞ୍ଚିଲେ ଏବଂ ଶିବୁନ୍ ସାମ୍ନାରେ ସାଇବର ଭୂତ ମାନଙ୍କ ଠକାମିର ସତକୁ ପ୍ରମାଣ କରି ଦେଖେଇଲେ । ଏତେବଡ଼ ଠକାମିରୁ ରକ୍ଷା ପାଇଥିବାରୁ ଶିବୁନ୍ କାନଧରି ଭୁଲ୍ ମାଗିଲା ଏବଂ ଭବିଷ୍ୟତରେ ଏହିପରି ଭୁଲ୍ ନକରିବା ପାଇଁ ସଂକଳ୍ପ ନେଲା ।

ଟୁବୁନ୍ ର ବୁଦ୍ଧିମାନ କାମଯୋଗୁ ସାଇବର ଭୂତ ଧରାପଡ଼ିଥିବାରୁ ଥାନା ଅଧିକାରୀ ତାକୁ ପ୍ରଶଂସା କଲେ ଏବଂ ସାବାସି ଦେଲେ । ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ମୋବାଇଲ୍ ଇଣ୍ଟରନେଟ ଏବଂ ସାମାଜିକ ଗଣମାଧମରେ ସାଇବର ଭୂତମାନେ ଲୁଚି ରହି ଆମକୁ ବିଭିନ୍ନ ମାୟାଜାଲ ବିଛାଇ ଠକିବାକୁ ପ୍ରୟାସ କରୁଛନ୍ତି ଯାହା ଫାଶରେ ଥରେ ପଡ଼ିଗଲେ ଆମେ ସହଜରେ ଖସି ପାରିବା ନାହିଁ ତେଣୁ ବେଳ ଥାଉ ଥାଉ ଆମକୁ ସେହି ସାଇବର ଭୂତ ମାନଙ୍କୁ ଚିହ୍ନିବାକୁ ଏବଂ ସେମାନଙ୍କୁ ରୋକିବା ପାଇଁ ସଜାଗ ରହିବାକୁ ହେବ । ଆମେ ମନେରଖିବା ଦରକାର ଯେ ସାଇବର ସଚେତନତା କେବଳ ଆମର ସଂକଳ୍ପ ନୁହେଁ ବରଂ ନୈତିକ ଦାୟିତ୍ୱ ।

ଆମ ଗଞ୍ଜାମ ...

ପ୍ରଣତି ସେଠୀ
ରମ୍ଭା,ଗଞ୍ଜାମ

କେତେଯେ ମହାନ ମହାନ ମୋ ଗଞ୍ଜାମ ଜିଲ୍ଲା
ଭରିଅଛି ଦେହେ କେତେ ଶିଳ୍ପୀ କଳା,
ସମୃଦ୍ଧ ସଂସ୍କୃତି ନାମେ ଆମ ଭାଷା ସୁଶୀଳା
ଖୋଦିତ ହୋଇଛି କେତେ ଚାରୁ ଚିତ୍ରପୋଲା।।

ଝଗଡ଼ାପଲ୍ଲୀରୁ ବ୍ରହ୍ମପୁର,ପୁଣି ବ୍ରହ୍ମପୁରରୁ କେଶପୁର
ବିସ୍ତାର ହୋଇଛି କେତେ ଗଞ୍ଜାମ ଜିଲ୍ଲାର,
ରହିଛି ତା ଦେହେ କେତେ ଖ୍ୟାତିଯେ ଆମର
ନିଆରା ପରମ୍ପରା ଆମ ଗଞ୍ଜାମ ଜିଲ୍ଲାର।।

ବ୍ରହ୍ମପୁର ହେଉଛି ଆମ ରେଶମ ସହର
ଆଚାର,ପାମ୍ପଡ ପାଇଁ ପ୍ରସିଦ୍ଧ ଓଡ଼ିଶାର,
ଗୋପାଳପୁରେ ଲାଗେ ଭେଳା ଭେଳା ବନ୍ଦର
ସମସ୍ତଙ୍କ ପାଇଁ ତାହା ବଡ଼ ଆଦର।।

ପୁରୁଷୋତ୍ତମପୁରେ ରହିଛି ମା ତାରାତାରିଣୀ ପୀଠ
ଦୁଇ ଭଉଣୀ ନାମେ ସେଠି ମାଆ ବିରାଜିତ,
ଗଞ୍ଜାମେ ପ୍ରସିଦ୍ଧ ପୁଣି ମା ବାଳକୁମାରୀ ପୀଠ
ପ୍ରକୃତି ଦେଖିଲେ ସେଠି ହୋଇଯାଏ ପୂରିତ।।

ତମ୍ପରା ଏକ କ୍ଷୁଦ୍ର ଜଳ ପୂର୍ଣ୍ଣ ହ୍ରଦ
ମଧୁର ହ୍ରଦ ନାମେ ତାହା ଓଡ଼ିଶା ପ୍ରସିଦ୍ଧ,
ରମ୍ଭା ଚିଲିକା ହେଉଛି ଲବଣାକ୍ତ ହ୍ରଦ
ପକ୍ଷୀ ବିହାର ନାମେ ବିଶ୍ୱେ ପ୍ରସିଦ୍ଧ।।

ସାହସ ନାହିଁ ବର୍ଣ୍ଣନା କରିବା ମୋ କଲମ ମୁନକୁ
କିପରି ଲେଖିବି ମୋ ଗଞ୍ଜାମ ଜନ୍ମଭୂଇଁ କୁ,
ବିଶ୍ୱେ ଦରବାରେ ଆଦୃତ ନିଆରା ପରମ୍ପରାକୁ
ଆହରଣ କରିଥାଉ ସେଇ ସୁଗନ୍ଧିତ ବାସ୍ନାକୁ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ସ୍ମୃତି ତୀର୍ଥ ...

ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର

ଅତୀତ ପୃଷ୍ଠାର ମିଠା ଅନୁରାଗ ଆଲୋଡିତ ରୋମନ୍ଥନ,
ସ୍ମୃତି ତୀର୍ଥ ତୁମେ ମମତାର ବର୍ଷା ମୋତିଝରା ସମ୍ମୋହନ ।
ଲୁଚି ଲୁଚି ତୁମେ ଲୁହର ଶ୍ରାବଣ ଲକ୍ଷେ କଲ୍ଲୋଳିନୀ ନଈ,
ମଧୁର ସ୍ୱାର୍ଥର ଐଶ୍ୱର୍ଯ୍ୟ ରଙ୍ଗରେ ମୃଦୁ ମଳୟର ଛାଇ ।

ନୀରବତା ତୁମ ଶରତ ସନ୍ଧ୍ୟାରେ ନଇପଠା ଭାବଗୀତ,
ଜହ୍ନରାତି ତୋଳେ ମନ ଆକାଶରେ ଜୀଇଁବାର ଚିତ୍ର କ୍ଷେତ।
ଅବୁଝାପଣର ମେଘ ପାଲିଙ୍କିରେ ଝରୁଥାଏ ଅନୁରାଗ,
ଆନମନା ଋତୁ ଆଗମନେ ତୁମ ହୃଦ ଓଦା ଅନୁଭବ ।

ସ୍ମୃତି ଭାଙ୍ଗି ପୁଣି ଗଢୁଥାଅ ନିତି ସରଗ ସୁଖର ଘର,
ଛାଇ ଆଲୁଅର ଆନନ୍ଦ ଖେଳରେ ଚମକଇ ଛନ୍ଦସ୍ୱର ।
ଚପଳା ଛାତିର ଫାଙ୍କରେ ତୁମେ ତ ଚିତ୍ରିତ ଚାନ୍ଦିନୀ କୋହ,
ଜୀବନ ଯମୁନା ଉଛୁଳି ପାଲଟେ ଯୌବନର ପ୍ରୀତିମୋହ ।

ତୁମ ଗପସବୁ ଗୋପନ କୁଞ୍ଜରେ ଅତନ୍ଦ୍ର ଆଳାପ ଭରା,
ତୁମେ ଆବେଗର ଶୁଷ୍କ ଭୂଇଁ କେବେ ତାରାଫୁଲ ସ୍ୱପ୍ନଧାରା ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, **ମୁଖ୍ୟ ପରିଚାଳିକା:** ଶିବଦୂତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପ୍ରୀତିର ଅମିୟ ଧାରା ...

ବେଣୁଧର ସୂତାର
କେଶଦୁରାପାଳ, କେନ୍ଦୁଝର

ତାରକା ଖଚିତ ଚନ୍ଦ୍ରିକା ଚର୍ଚ୍ଚିତ
ଚାରୁ ଜ୍ୟୋସ୍ନାର କୋଳେ
ମଧୁ ଯାମିନୀର ରେଶମୀ ପଣତେ
ସୁଷମା ଭଉଁରୀ ଖେଳେ
ସବୁଜ ଧରଣୀ କୋଳେ
ମାଧୁର୍ଯ୍ୟମୟ ଏ ମଧୁ ଚନ୍ଦ୍ରଜ୍ୟୋତି
ବିମୁଗ୍ଧ ଆବେଗ ତୋଳେ ।।

ଚାରୁ ଚନ୍ଦ୍ରାହାସ ତନ୍ମୟ ଉଭାସ
ପୁଲକିତ କରେ ପ୍ରାଣ
ଚମକ ତୃପ୍ତିର ଚନ୍ଦ୍ରିକା ଲହର
ଅଙ୍ଗେ ଭରେ ଶିହରଣ
ବିଭାମୟ ବିଭୂଷଣେ
ମଧୁର ଏ ତିଥି ଫୁଲ ଭରା ବିଥି
ଉନ୍ମାଦନା ଭରେ ପ୍ରାଣେ ।।

ଜ୍ୟୋସ୍ନାର ଜୁଆରେ
ଭରା ଅଭିସାରେ
ଛନ୍ଦ ତୋଳେ ମଧୁରାତି
ଶାନ୍ତ ମେଦିନୀର ସାତ୍ତ୍ୱିକପ୍ରେମରେ
ମହୁଆ ମାଦକ ପ୍ରୀତି
ଭାବର ବିଭୋର ପଣେ
ତନୁ ରୋମାଞ୍ଚିତ ପ୍ରୀତି ଉନ୍ମାଦିତ
ବୟସର ଆକର୍ଷଣେ ।।

ଭାବୁକ ଅନ୍ତରେ ଭବ୍ୟ ଭାବାନ୍ତର
କାମିନୀ ଉଛୁଳେ ପ୍ରେମେ
ତପସ୍ୱୀ ଭୁଲଇ ବିଭୁ ଅନୁଚିନ୍ତା
ଭବଦୀୟ ଭାବ ଭ୍ରମେ
ମଦନ ଆତୁର କ୍ଷୁଧା
ତୃଷିତ ତନୁରେ ଅଭିଳାଷ ଭରେ
ପ୍ରୀତିମୟୀ ପ୍ରେମ ସୁଧା ।।

ମଧୁର ଚାନ୍ଦିନୀ ଉନ୍ମାଦ ଦାୟିନୀ
ରୂପବତୀ ରାକା ରାତି
ସମୟ ସୁଅରେ ବୟସ ଝୁମଇ
ନିଶିଥ ସ୍ୱପ୍ନରେ ମାତି
ଝରା ଶେଫାଳିର ବାସେ
ବିଧୁ ବଧୂ ଝୁମେ ସୁଧା ମଧୁ ଯାମେ
ଅମୃତ ମିଳନ ଆଶେ ।।

ଆହା କି ମଧୁର ନିବିଡ଼ ନିଶିର
ରୂପ ଚିତ୍ର ମନୋହର
ସପନ ରହିଛି ଅଧୁରା ଅଧୁରା
ବାକୀ ଅଛି ଅଭିସାର
ବୟସ ଉଛୁଳା ଭାର
ନବ ଯଉବନା ରାସେ ରଚିଯିବ
ମିଳନର ହସ୍ତାକ୍ଷର ।।

ରଜତ ରଜନୀ ଅମୃତ ବେଳାରେ
ପ୍ରଣୟର ମାଳା ଗୁନ୍ଥି
ପ୍ରତୀକ୍ଷା ହିଁ ତାର ପ୍ରାରବ୍ଧ ପ୍ରାଚୀର
ଶୂନ୍ୟ ରହିଛି ତା ସିନ୍ଥି
ସାଜି ପ୍ରୀତି ଅଭିମାନୀ
ଜୋଛନା ରାତିରେ
ମଧୁ ମୂର୍ଚ୍ଛନାରେ
ଗାଏ ପ୍ରିୟ ଆବାହନୀ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କୁନି କୁନି ଫୁଲ ...

ଦୀପାଲି ବେହେରା
ମୟୂରଭଞ୍ଜ

କୁନି କୁନି ଫୁଲର କଢ଼ି ସବୁ
ଦିଅନ୍ତି ଖିଲି ଖିଲି ହସ
ସେ ହସରେ ହସେ ଆକାଶ
ଭୁଲି ଯାଏ ଅନେକ କ୍ଲେଶ । ।

ଶୁଆଶାରୀ ଯାଆନ୍ତି ଉଡ଼ି
ଏତେ ସାରା ପିଲା ଦେଖି,
ପ୍ରଭାତେ ସ୍କୁଲରେ ପିଲା
ଫଟୋକୁ ଦିଅନ୍ତି ସଜାଇ । ।

ଶୁଆଶାରୀ ବଣରେ ପହଞ୍ଚି
ବାଘ ମାମୁଁଙ୍କୁ ଡାକେ
ଗୋଟି ଗୋଟି କଥା କହେ,
ବାଘ ମାମୁଁ ସବୁ ଶୁଣେ । ।

ବାଘ ମାମୁଁ କାଉକୁ ଡାକି
ସ୍କୁଲକୁ ପଠାଇ ଦିଏ,
କାଉ ଉଡ଼ି ଉଡ଼ି ଯାଇ
ସ୍କୁଲ ଝରକାରେ ଦେଖେ ।।

ପିଲା ସହ ଗୁରୁଜୀ ଗୁରୁମା
ଫଟୋ ପାଖେ ସବୁ ଠିଆ
ହେଡ଼ମାଷ୍ଟର ଦୀପ ଲଗାଇ
ଧୂପ ଦେଇ ମୁଣ୍ଡିଆ ମାରନ୍ତି । ।

ଗୁରୁଜୀ କହନ୍ତି ଶୁଣ ପିଲେ
ଏ ହେଉଛନ୍ତି ନେହେରୁ
ନଭେମ୍ବର ଚଉଦ ତାରିଖ
ପାଳନ ହୁଏ ତାଙ୍କ ଜନ୍ମଦିନ । ।

ତମ ପରି ଛୋଟ ପିଲାଙ୍କୁ
ସିଏ ଭାରି ଭଲ ପାଆନ୍ତି
ସ୍ନେହରେ କୋଳେଇ ନେଇ,
ମହତ କଥା ବୁଝାଇ ଦିଅନ୍ତି । ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ
ଜବାହରଲାଲ ନେହେରୁ ,
ଖୁସିରେ ପିଲା ଡାକନ୍ତି ସଭିଏଁ
ଚାଚା ନେହେରୁ ବୋଲି ।।

କଂଗ୍ରେସ ଦଳର ସଭାପତି ସିଏ
ଗାନ୍ଧୀ ସହ ମିଶି ଇଂରେଜଙ୍କୁ
ଭାରତରୁ ବାହାର କରିଦେଲେ,
ଭାରତ ମାଆର ସମ୍ମାନ ରଖିଲେ ।।

ପିଲାମାନେ ଦେଶର ଭବିଷ୍ୟତ
ପାଠ ପଢ଼ି ସୁନାମ ଅର୍ଜନ କରି,
ଭାରତ ମାଆର ପରିଚୟକୁ
ଦେଶ ବିଦେଶରେ ରଖିବେ ଟେକ । ।

ଏହି କଥା ଶୁଣି ସଭିଁଏ ମାରିଲେ
ହାତରେ କର ତାଳି,
ପିଲାଙ୍କୁ ଚକୋଲେଟ ବାଣ୍ଟି
ଭାଷଣ ସଭିଙ୍କର ସରିଗଲା ।।

କାଉ ଉଡ଼ି ଉଡ଼ି ଗଲା ଆକାଶେ
ସଭାରେ ସବୁ କହିଲା ,
ବାଘ ମାମୁଁ ଶିଶୁ ଦିବସରେ
ପିଲାଙ୍କୁ ଅଭିନନ୍ଦନ ଜଣାଇଲେ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମୋବାଇଲ ...

ଆକୁଳାନନ୍ଦ ପୃଷ୍ଟି
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମହାଳପଡ଼ା, କଖଡି, କଟକ

ମୋବାଇଲ ମାୟାରେ ପାଗଳ ସମସ୍ତେ
ଶିଶୁ ଠାରୁ ବୃଦ୍ଧ ଯାଏ
ଯେତେବେଳେ ଦେଖ ଯେଉଁଠି ବି ଦେଖ
ହାତେ ମୋବାଇଲ ଥାଏ ।



କଅଁଳ ଶିଶୁ ବି ମୋବାଇଲ ଧରି
ଖିଲି ଖିଲି ହସୁ ଥାଏ
ପାଠ ପଢ଼ାରତ ପ୍ରମୁଖ ମଧ୍ୟମ
ଶିକ୍ଷକଙ୍କ ସ୍ଥାନ ନିଏ ।

ଶ୍ରବଣ ସହିତ ଦର୍ଶନର ସୁଖ
ମନୋରଞ୍ଜନ ମାଧ୍ୟମ
ଚାଟିଙ୍ଗ ମିଟିଙ୍ଗ ସପିଙ୍ଗ ସୁଟିଙ୍ଗ
ଭାବ ଆଦାନ ପ୍ରଦାନ ।

ଅର୍ଥ କାରବାର ତଥ୍ୟ ଦିଆନିଆ
ସାଇବର ଅପରାଧ
ମୋବାଇଲ ଧରି ଯୁଆ ଖେଳୁଛନ୍ତି
ହେଉଛନ୍ତି ବରବାଦ ।

ତଥ୍ୟ ମାଗୁଛନ୍ତି ସାଇବର ଠକ
ମିଥ୍ୟା ପରିଚୟ ଦେଇ
ତଥ୍ୟ ପଠାଇଲେ ଆଖି ପିଛୁଳାକେ
ସବୁ ଅର୍ଥ ଯିବେ ନେଇ ।

ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି
କରୁଛନ୍ତି ବ୍ଲାକମେଲ
ପ୍ରେମିକ ପ୍ରବର ସବୁ ଲୁଟି ନିଏ
ଅନ୍ଧ ପ୍ରେମିକା
ବୁଝି ପାରେନି ତା ଚାଲ୍ ।

ମୋବାଇଲ ରୁ ସବୁ ତଥ୍ୟ ମିଳେ
ଭଲ ମନ୍ଦ ଯାହା କର
ଖସି ପାରିବନି ଅପରାଧ କରି
ଦଣ୍ଡ ଭୋଗିବାଟା ସାର ।

ଗାଡ଼ି ଚାଳକ ବି ମୋବାଇଲ ଧରି
ଗାଡ଼ିକୁ ଚଳାଇଥାଏ
ଦୁର୍ଘଟଣା ଘଟି ମରେ ଅବା ମାରେ
ସେଥି ପାଇଁ ଦାୟୀ କିଏ ?

ସେଲ୍ଫିନିଶାରେ ପାଗଳ ସମସ୍ତେ
ଭୁଲି ସବୁ ଲାଭ ହାନି
ସାପ ସହ ଖେଳେ ଟ୍ରେନରେ ଝୁଲେ
ଅକାଳରେ ପ୍ରାଣ ହାନି ।

ସମୟ କାହାକୁ ଅପେକ୍ଷା କରେନି
ବେଳ ଦେଖି କର୍ମ କର
ବୃଥାରେ ସମୟ ନଷ୍ଟ କରନି
ମୋବାଇଲ ଧରି ନର ।

ମୋବାଇଲ ଏକ ସରଳ ଯନ୍ତ୍ର
ବିଜ୍ଞାନର ବରଦାନ
ଅପବ୍ୟବହାର ଆମ ପାଇଁ କାଳ
ମିଳିବନି ପରିତ୍ରାଣ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପ୍ରତିଦ୍ୱନ୍ଦୀ ...

ଜ୍ୟୋତ୍ସ୍ନାରାଣୀ ନାହାକ
ମନଶିଳା, ପୋଲସରା, ଗଞ୍ଜାମ

ପ୍ରତିଦ୍ୱନ୍ଦୀ" କୌଣସି ଏକ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରତିଦ୍ୱନ୍ଦୀ କୁହାଯାଏ।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ହିଁ ଭଲ କୁନି ଚିତ୍ରକାର ଥିଲେ। ସେ ଷଷ୍ଠ ଶ୍ରେଣୀର ପ୍ରଭାତ ଥିଲେ। ସବୁ ଚିତ୍ର ପ୍ରତିଯୋଗିତାର ପ୍ରଥମ ପୁରସ୍କାରର ଅଧିକାରୀ ସିଏ ହିଁ ହେଉଥିଲେ। ଜଣେ ସବୁ ସମୟରେ ବିଜୟ ହେଉଥିବ, ସେମିତି ସବୁଦିନ ସମାନ ହେବ। ଜୀବନ ତାହା ଚିରସ୍ଥାୟୀ ହେବ ନାହିଁ ନା ...

ବର୍ଷେ ପରେ ଦିନେ ବିଦ୍ୟାଳୟରେ ଗୋଟିଏ ସଭା ହେଲା, ଯେଉଁ ସଭାରେ ସପ୍ତମ ଶ୍ରେଣୀର ପୃଥିବୀ ଯିଏ କି ପଞ୍ଚାୟତ ସ୍ତରରେ ଚିତ୍ର ପ୍ରତିଯୋଗିତାରେ ପ୍ରଥମ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ଅନ୍ୟ ପିଲାଙ୍କୁ ପ୍ରେରଣା ଦିଆଗଲା କି ଆଗକୁ ଅନ୍ୟମାନେ ମଧ୍ୟ ଏହା ହାସଲ କରି ପାରିବେ ଯଦି ଚେଷ୍ଟା କରିବେ । ସଭାର ସମାପ୍ତି ଘଟିଲା।

ପୃଥିବୀ ପ୍ରଭାତ ଦୁହେଁ ବନ୍ଧୁ ହେଲେ। କିନ୍ତୁ, ପୃଥିବୀ ପ୍ରଭାତ ଠାରୁ ଭଲ ଚିତ୍ର କରୁଥିବାରୁ ଆଗ ଅପେକ୍ଷା ପ୍ରଭାତଙ୍କ ମୂଲ୍ୟ ଏବଂ ତାଙ୍କୁ ଗୁରୁତ୍ୱ ଦେଉଥିବା ସାଙ୍ଗମାନଙ୍କ ଦୂରତା ବଢ଼ିଲା। ସମସ୍ତେ ପୃଥିବୀଙ୍କୁ ବେଶୀ ଗୁରୁତ୍ୱ ଦେଲେ। ସେ ଏ ସବୁ ସହ୍ୟ ନ କରିପାରି ପୃଥିବୀ ଉପରେ ଈର୍ଷା କରିଲେ ତାଙ୍କୁ ଆଉ ବନ୍ଧୁ ନ ଭାବି ପ୍ରତିଦ୍ୱନ୍ଦୀ ଚିତ୍ର କରିଲେ। କିନ୍ତୁ କିଏ କେବେ ମଧ୍ୟ କାହା ସହ ସମ ହୋଇଛି ନା ହେବ। ସିଏ ହଜାରେ ପ୍ରାୟାସରେ ବି ପୃଥିବୀ ପରି ଚିତ୍ର କରି ପାରିଲେ ନାହିଁ। କାରଣ ପ୍ରଭାତ ଜଣେ କାଠ କଲମରେ ସାଧା ଚିତ୍ରକାର ଆଉ ପୃଥିବୀ ରଙ୍ଗରେ ରଙ୍ଗୀନ୍ କରି ଆଙ୍କୁ ଥିବା ଚିତ୍ରକାର।

ତାଙ୍କ ଭାବନା ସିନା ପୃଥିବୀ ପରି ହୋଇ ତାଙ୍କୁ ହରାଇବା।କିନ୍ତୁ, ପୃଥିବୀ ପୂର୍ବରୁ କରିଥିବା ଚିତ୍ର ଠାରୁ ଭଲ କରିବାକୁ ପ୍ରାୟାସ କରୁଥିଲେ। ସେ ପ୍ରଭାତଙ୍କୁ ଶିଖାଇବା ପାଇଁ ଚେଷ୍ଟା କରୁଥିଲେ କିନ୍ତୁ, ପ୍ରଭାତ ଇର୍ଷାରେ ଶିଖୁ ନ ଥିଲେ।ଏ ଛୋଟ ଛୋଟ ବିଫଳତା ପ୍ରଭାତଙ୍କ ଚିତ୍ର ପ୍ରତି ଥିବା ଆଗ୍ରହ କମିଗଲା। କିନ୍ତୁ, ପୃଥିବୀ ଚେଷ୍ଟା କରି ଚିତ୍ରକାର ହେଲେ।

ଜଣେ ନିଜକୁ ପ୍ରତିଦ୍ୱନ୍ଦୀ କରି ସଫଳ ହେଲେ ଅନ୍ୟ ଜଣେ ଅନ୍ୟକୁ ପ୍ରତିଦ୍ୱନ୍ଦୀ କରି ନିରାଶ ହେଲେ । ଆମେ କାହା ସହ ସମାନ ହୋଇ ପାରିବା ନାହିଁ। ତେଣୁ ଆମେ ହିଁ ଆମ ପ୍ରତିଦ୍ୱନ୍ଦୀ ନିଜକୁ ନିଜର ପ୍ରତିଦ୍ୱନ୍ଦୀ କରିଥିଲେ ସବୁ ସ୍ଥାନେ ସଫଳତା ପାଇବା।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଲଗ୍ନ ...

ମନ୍ଦାକିନୀ ପାଢ଼ୀ
ଅଧ୍ୟାପିକା, ପଦ୍ମପୁର, ବରଗଡ଼

ଶ୍ରାବଣୀ ଲଗ୍ନର
ଭିଜା ଭିଜା ମନରେ
ସାଉଁଟି ହୁଏନି ସ୍ମୃତି
ନିଜକୁ ଫିଙ୍ଗିଦେଲେ ଗୋଟାପଣେ
ହଜାଇ ପାଇ ହୁଏ
କିଛି ପ୍ରୀତି
ନୀଳଜ୍ୟୋସ୍ନାର ନୀଳ ଇସ୍ତାହାରରେ ।।

ରୂପ ତ ଅନେକ
ଭାବ ବିନିମୟର
କେତେବେଳେ ବାଆ
ବତାସୀ ଝଡ଼ ତ
ସମୟ ଆସିଲେ ପ୍ରଚଣ୍ଡ ରୌଦ୍ରତାପ
ଛନ୍ଦାୟିତ ଚରଣରେ
ଲକ୍ଷେ ନୁପୂରର ତାନ
ଦରଦୀ କଣ୍ଠ ଗାଇଯାଏ
ବିରହ ଗୀତଟିଏ ।।

ଗ୍ରୀଷ୍ମର ଜ୍ୱଳନ ପରେ
ଜାଣିନି ବର୍ଷାର
ଆଗମନ କେବେ
ଯେମିତି ଜୀବନର ଶେଷ
ଜାଣି ହୁଏନି ।।

ଆର୍ଦ୍ରା ଧରଣୀର
କୁଆଁ ରାବରେ ମନ
ଉଚ୍ଛନ୍ନ ହେଲେ
ଅନୁଭବି ଯିବାକୁ ହୁଏ
ଏଇ ବର୍ଷା ହେଲା
ମେଘ ଡ଼ମ୍ବରୁ ବଜାଇବ
ରିମଝିମ୍ ବର୍ଷାର ସୁରେ ।।

ଆପଣାପଣର ମହୁଆ
ନିଶାରେ ମନ
ହଜାରେ ବାସ୍ନା ଖୋଜି ଥାଏ
ଭୟାର୍ତ୍ତ ଅତୀତକୁ
ଏଡ଼ାଇ ଦିଏ
ସଂଶୟ ଅବକାଶ ନ'ଥାଏ
ଯେମିତି ପଉଷରାତିର
ଶୀତ ଚାଲି ଆସିଛି
ଲାସ୍ୟ ଲୀଳା ରଚିବା ପାଇଁ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଆମର ଗାଁ ବୁଢ଼ାରଜା ଦଶରା ...

ପଞ୍ଚାନନ ନାଏକ
ଐତିହ୍ୟ ଓ ସଂସ୍କୃତି ଗବେଷକ
ତଥା ସ୍ନାତକୋତ୍ତର ଛାତ୍ର

କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର ସୀମାନ୍ତବର୍ତ୍ତି ଅଞ୍ଚଳ ଆମପାଣି ଘାଟି ପ୍ରାରମ୍ଭରେ ପୂଜା ପାଉଥିବା ଠାକୁର ଶ୍ରୀ ଶ୍ରୀ ବୁଢ଼ାରଜା କାହିଁ କେଉଁ ଆବହାମାନ କାଳରୁ ପୂଜିତ।

ଲୋକେ ବୁଢ଼ାରଜା କହିଲେ କେବଳ ଆମପାଣିଠାରେ ବିରାଜମାନ ପ୍ରଭୁ ବୁଢ଼ାରଜାଙ୍କ ପୀଠକୁ ଜାଣିଛନ୍ତି । ଠାକୁରଙ୍କ ଅନନ୍ୟ ଦ୍ୱିତୀୟ ପୀଠ ଏ ପର୍ଯ୍ୟନ୍ତ ଲୋକାଲୋଚନକୁ ଆସିପାରି ନାହିଁ। ଉକ୍ତ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ବ୍ଲକ୍ ଅନ୍ତର୍ଗତ ନନ୍ଦଗାଁ ଗ୍ରାମଠାରେ ପ୍ରଭୁଙ୍କୁ ୭୮ ବର୍ଷ ପୂର୍ବରୁ ସ୍ଥାପିତ କରାଯାଇ ସମାନ ରୀତିକାନ୍ତି ଓ ବିଧି ଅନୁସାରେ ପୂଜା କରାଯାଉଛି।

ତେବେ ନନ୍ଦଗାଁ ବୁଢ଼ାରଜାଙ୍କ ଇତିହାସ ସହିତ ଜଡିତ ଉଭୟ ଲୋକକଥା ଓ କିମ୍ବଦନ୍ତୀ ଘଟଣା। ୧୯୪୭-୪୮ ମସିହାର ଘଟଣା ଠିକ ଏହି ସମୟ ମଧ୍ୟରେ ଅଞ୍ଚଳରେ ଏକ ବିରାଟକାୟ ଅଜଣା ମହାମାରୀର ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ନନ୍ଦଗାଁରେ ମହାମାରୀ ଏତେ ଉତ୍କୃଷ୍ଟ ରୂପ ଧାରଣ କରିଥିଲା ଯେ ଲୋକେ ଭୟରେ ଆତଙ୍କିତ ସହ ଅକାଳରେ ମୃତ୍ୟୁବରଣ କରୁଥିଲେ। ତାପରେ ଗାଁରେ ଏକ ବୈଠକ ଡକାଯାଇ ଆମପାଣି ଦେବତାଙ୍କ ଆଶ୍ରୟ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରଦିନ ଅର୍ଥାତ ଶନିବାର ଦିନ ଗାଁ ଲୋକେ ମିଶି ଆମପାଣି ବୁଢ଼ାରଜା ଠାକୁରଙ୍କ ନିକଟରେ ଶରଣ ପଶିଥିଲେ ଏବଂ ଦେବା ଦେବୀଙ୍କୁ ନିଜ ଗାଁକୁ ଯିବା ପାଇଁ ଅନୁରୋଧ କରିଥିଲେ।

ଗାଁ ଲୋକଙ୍କ ଅନୁରୋଧ କ୍ରମେ ଦେବତାଙ୍କ ସହ ପ୍ରତୀମା ଲାଠି କୁର୍ଚୀ ପୁଝାରୀ ଦିଶାରି ଓ ମଣିଷ ଦେହରେ ସ୍ୱାରୀ ହୋଇ ନନ୍ଦଗାଁକୁ ଆସି ଗାଁ ପରିକ୍ରମା କରିଥିଲେ । ସେହିଦିନ ଠାରୁ ଅଞ୍ଚଳରେ ଦୈବିକ ମହାମାରୀ ଆଉ ଦେଖା ଦେଲା ନାହିଁ, ଏପରିକି ପ୍ରାକୃତିକ ଦୁର୍ଭିକ୍ଷ ଦୁର୍ବିପାକ ଗାଁକୁ ଛୁଇଁ ପାରିଲା ନାହିଁ। ଏଭଳି ଆଶ୍ଚର୍ଯ୍ୟ ଦୈବ ଶକ୍ତି ଗାଁରେ ପଡିବାରୁ ସମସ୍ତେ ଖୁସିରେ ରହିଲେ ଏବଂ ଶପଥ ନେଲେ ଯେ ନିଜଗାଁରେ ବୁଢ଼ାରଜା ଠାକୁରଙ୍କ ପୀଠ ସ୍ଥାପନ କରିବେ ।

ଗାଁର ବାସିନ୍ଦାମାନେ ସମସ୍ତେ ଚାନ୍ଦା ଆଦାୟ କରି ଏକ ଅସ୍ଥାୟୀ ବୁଢ଼ାରଜାଙ୍କ ପୀଠ ନିର୍ମାଣ କଲେ। ପରବର୍ତ୍ତୀ ସମୟରେ ବିଧାୟକ ପାଣ୍ଠିରୁ ଏକ ମନ୍ଦିର ନିର୍ମାଣ ହେଲା। ସବୁଠୁଁ ବଡ଼ କଥା ଏହା ଯେ, ଏବେ ମଧ୍ୟ ଆମପାଣି ବୁଢ଼ାରଜା ଠାକୁରଙ୍କ ସମାନ ରୀତିନୀତି ଓ ଉଭୟ ତନ୍ତ୍ର ଏବଂ ମନ୍ତ୍ର ସମନ୍ୱୟ ପରମ୍ପରାରେ ନନ୍ଦଗାଁ ଗ୍ରାମରେ ପୂଜାର୍ଚ୍ଚନା ଏବଂ ଯାତ୍ରା ପାଳିତ ହୋଇଆସୁଛି । ପ୍ରଭୁ ବୁଢ଼ାରଜା ଠାକୁରଙ୍କ ବାର୍ଷିକ ପୂଜା ମହୋତ୍ସବ ଦଶରା ପ୍ରତ୍ୟେକ ବର୍ଷ କୁମାର ପୂର୍ଣ୍ଣିମାର ପ୍ରଥମ ଶନିବାର ଦିନ ମହା ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, *ସହ-ସମ୍ପାଦକ:* ରଶ୍ମି ରଞ୍ଜନ ସାହୁ, *ସହ-ସମ୍ପାଦିକା:* କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, *ମୁଖ୍ୟ ପରିଚାଳିକା:* ଶିବଦୂତିପାଣିଗ୍ରାହୀ, *ସଂଯୋଜକ:* ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଲାଠିଯାତ୍ରା ଏକ ବିରାଟ ପଟୁଆର ସହ ପୂଜକଙ୍କ ଘରୁ ଗ୍ରାମ ପରିକ୍ରମା କରି ଶୋଭାଯାତ୍ରାରେ ବାହାରି ବୁଢାରଜାଙ୍କ ମୁଖ୍ୟ ପୀଠକୁ ପହଞ୍ଚେ । ଏହାପରେ ମନ୍ଦିରରେ ମୁଖ୍ୟ ପୂଜାପାଠ ଓ ଦେବା ଦେବୀଙ୍କ ଦୈବୀ ଶକ୍ତି ପ୍ରଦର୍ଶନ ଆରମ୍ଭ ହୁଏ, ସନ୍ଧ୍ୟାରେ ଅନୁଷ୍ଠିତ ହୁଏ ବିଭିନ୍ନ ପ୍ରକାରର ଲୋକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ। କିନ୍ତୁ ପୂଜା କାର୍ଯ୍ୟ ସପ୍ତାହର ଉଭୟ ମଙ୍ଗଳବାର ଓ ଶନିବାର ଦିନ ମନ୍ଦିରରେ ହୁଏ, ଉକ୍ତ ଦିନ ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ନିଜର ଗୁହାରି କରିବେ ବୋଲି ସୁଅ ଛୁଟାନ୍ତି । ପରବର୍ତ୍ତୀ ସମୟରେ ମନସ୍କାମନା ପୂରଣ ହେଲେ ଶୁକ୍ଳ କିମ୍ବା ରକ୍ତ ଭୋଗ ଦେଇ ପ୍ରଭୁଙ୍କୁ ସନ୍ତୁଷ୍ଟ କରିଥାନ୍ତି। ପୀଠରେ ଦୁଇଟି ଲିଙ୍ଗକୁ ପୂଜା କରାଯାଉଥିବା ବେଳେ ଗୋଟିଏ ରେ ଶୁକ୍ଳ ଓ ଅନ୍ୟଟିରେ ରକ୍ତ ଭୋଗ ଲାଗିହୁଏ।

ଲୋକଙ୍କର ଆସ୍ଥା ବିଶ୍ୱାସ ପରମ୍ପରା ଶୁଭକାର୍ଯ୍ୟ ଶୁଭାରମ୍ଭ ସୁଖଦୁଃଖ ର ପ୍ରତୀକ ଦୀୟ ପ୍ରଭୁ ଶ୍ରୀ ଶ୍ରୀ ବୁଢ଼ାରଜା ଠାକୁର ଅଞ୍ଚଳର ଇଷ୍ଟ ଦେବତା ରୂପେ ପୂଜିତ ।

ଭାବିବାକୁ ହୁଏ...

ମନୋଜ କୁମାର ଦାସ
ଆଳିଜଙ୍ଗା, କପାଳେଶ୍ୱର,
କେନ୍ଦ୍ରାପଡ଼ା

ବନ୍ଧୁତ୍ୱ ର ବାତାବରଣ
ଖୁବ ନିବିଡ
ସମ୍ପର୍କ ର ସେତୁ କେବେ ଠାରୁ
କହି ହେବ ନାହିଁ ।
ସବୁଠି ଚର୍ଚ୍ଚା ଜୋରଦାର
ଏ କି ଭଳି ଭଲପାଇବାର ଦୃଷ୍ଟାନ୍ତ
ଦୁହିଁଙ୍କ ମଧରେ
ସାରାକାଳ ପାଇଁ ହୃଦୟରେ ।
ସମୟର ମାୟା ଜାଲରେ ଛନ୍ଦିହୋଇ
ଟିକକ ସ୍ୱାର୍ଥ
ଆଜି କରିଦେଲା ବାଟବଣା
ଭାବିବାକୁ ହୁଏ
ସମ୍ପର୍କ ଆଉ ହାତ ପାହାନ୍ତାରେ ନାହିଁ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ମାଟି ମୂର୍ତ୍ତି ...

ଦୀପକ କୁମାର ନାୟକ
ଗଣ୍ଡାନାଳୀ,
ହିନ୍ଦୋଳ,ଢେ଼ଙ୍କାନାଳ

ମାଟିର ମୂର୍ତ୍ତିକୁ ପୂଜିଲେ କି ଲାଭ
ବୁଝିପାରେନା ମୁଁ କିଛି
ଚଳନ୍ତି ଠାକୁର ଘରେ ଥାଉ ଥାଉ
ପୂଜୁ ଆମେ ମାଟି ମୂର୍ତ୍ତି ।।
ନିର୍ଜୀବ ଦେହରେ ଲକ୍ଷ ଲକ୍ଷ ଟଙ୍କା
ଖର୍ଚ୍ଚ ଆମେ କରିଯାଉ
ପିତାମାତା ପାଇଁ ଖର୍ଚ୍ଚ କରିବାକୁ
କୁଣ୍ଠାବୋଧ କରିଥାଉ ।।
ଖାଇବାକୁ ମୁଠେ ଦାନା ଦେବାପାଇଁ
ଭାଇ ମଧ୍ୟେ ହୁଏ କଳି
ହଜାର ହଜାର ଟଙ୍କା ଖର୍ଚ୍ଚ କରି
ମୂର୍ତ୍ତି ପାଖେ ଦେଉ ବଳି ।।
ବାପାମାଙ୍କୁ ଆମେ କରୁ ହତାଦର
ଦେଉ ପୁଣି ନିର୍ଯ୍ୟାତନା
ମାଟି ମୂର୍ତ୍ତି ଦେହେ ଖର୍ଚ୍ଚ କରୁ ଟଙ୍କା
ପାଇବାକୁ ପୁଣ୍ୟ ସିନା ।।
କେବେ ଦୂର ହେବ ଏ ମାନସିକତା
ହୀନ ସବୁ ଚିନ୍ତାଧାରା
ଯେବେ ଦୂର ହେବ ଏ ମାନସିକତା
ସୁନ୍ଦର ହୋଇବ ଧରା
ସୁନ୍ଦର ହୋଇବ ଧରା ।।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ନିଜ ଦେଶ ପାଇଁ ତୁମେ ଜାଗରେ...

ଶୁଭ ପ୍ରକାଶ ପତି
ଦେସାହି ,ଆଳି , କେନ୍ଦ୍ରାପଡ଼ା

ନିଜ ଦେଶ ପାଇଁ ତୁମେ ଜାଗରେ...
ଧର୍ମ ଜାତିପ୍ରଥା ସବୁକୁ ଭୁଲି
ଭାରତୀୟ ତୁମେ କୁହରେ ବୁଲି
ବୀର ପୁରୁଷଙ୍କ ଗାଥାକୁ ଭାବି
ପୁଣି, ଆଉଥରେ ଆଜି ଉଠରେ
ନିଜ ଦେଶ ପାଇଁ ତୁମେ ଜାଗରେ...

କଙ୍କାଳ ପରି କେତେଯେ ଶୋଇବ
ଅତ୍ୟାଚାର ତୁମେ କେତେ ସହିବ
ପାପୀମାନଙ୍କୁ ପହଞ୍ଚାଇ ଦିଅ
ତାଙ୍କ, ମରଣ ଦୁଆର ମୁହଁରେ
ନିଜ ଦେଶ ପାଇଁ ତୁମେ ଜାଗରେ...

ଲୁହ ତ କେତେ ଝରି ସାରିଲାଣି
ମୁଣ୍ଡ ତ ଏଠି ଗଡ଼ି ସାରିଲାଣି
ନଦୀ ପୁଣି ଏଠି ରକ୍ତ ହେଲାଣି
ଏହି ଦେଶକୁ ସ୍ୱାଧୀନ ହେବାରେ
ନିଜ ଦେଶ ପାଇଁ ତୁମେ ଜାଗରେ...

ଶିକ୍ଷକ ସାଜଇ ଭକ୍ଷକ ପୁଣି
ମଣିଷ ହୁଅଇ ରାକ୍ଷସ ଜାଣି
ପୁଣି ରାକ୍ଷସ, ଘୁରି ବୁଲୁଥାଏ
ଧନୀ ନେତା ଓ ମନ୍ତ୍ରୀଙ୍କ ଭାବରେ
ନିଜ ଦେଶ ପାଇଁ ତୁମେ ଜାଗରେ...

ସୁପ୍ତ ସିଂହ ମୁଖେ ଆହାର ନାହିଁ
ବିନା ସ୍ୱାଧିନରେ ଜୀବନ କାହିଁ
ପରାଧୀନ ପରି କେତେଯେ ଆଉ
ଶୋଇ ରହିବ ଘରର ଭିତରେ
ନିଜ ଦେଶ ପାଇଁ ତୁମେ ଜାଗରେ...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପ୍ରେମ କଣ ସରେ ...

ଜୟନ୍ତ ଦାସ ପ୍ରଫୁଲ୍ଲ
ଥାଲସଡା, ବାହାନଗା ,
ବାଲେଶ୍ୱର

ଆଛା ଯଦି ପ୍ରେମ ସରେ
ତେବେ ଅନ୍ଧାରକୁ ଡରୁଥିବା ପୁଅଟା କାହିଁକି ଆଜି ପ୍ରେମିକ ସାଜି ତା ପ୍ରେମକୁ
ନିତି ଅନ୍ଧାରରେ ଝୁରେ ।
" ଆଛା ପ୍ରେମ କଣ ସରେ ",,,,,,

ଯଦି ପ୍ରେମ ସରେ, ତେବେ ଗୋଲାପର କଣ୍ଟାର ଆଘାତକୁ ସହି ଯାଉଥିବା
କଅଁଳ ହାତଟା
ଆଜି କଇଁ ଫୁଲ ଧରିବାକୁ କାହିଁକି ଡରେ,,
" ଆଛା ପ୍ରେମ କଣ ସରେ ",,,,,,,

ଯଦି ପ୍ରେମ ସରେ
ତେବେ ସିଗାରେଟ୍ ର ଧୂଆଁରେ ଅଣନିଶ୍ୱାସୀ ହେଇ ଯାଉଥିବା ପୁଅଟା
ଆଜି କାହିଁକି ସେ ସିଗାରେଟ୍ ର ଶେଷ ସ୍ୱର୍ଷ ଯାଏଁ ତାକୁ ଓଠରେ ଲଗେଇ ଧରେ,,,,
" ଆଛା ପ୍ରେମ କଣ ସରେ "

ଯଦି ପ୍ରେମ ସରେ
ତେବେ ମଦକୁ ଘୃଣା କରୁଥିବା ସେ ପୁଆଟା ଆଜି ପ୍ରେମିକ ସାଜି କାହିଁକି ମଦ ବୋତଲ କୁ ହାତରେ ଧରେ,
"ଆଛା ପ୍ରେମ କଣ ସରେ ",,,,

ଜଦି ପ୍ରେମ ସରେ,
ତେବେ ଅନ୍ୟର ନିରବତା କୁ ଡରୁଥିବା ପୁଅଟା ଆଜି
କାହିଁକି ନିଜେ ନିରବତା କୁ ଜାବୁଡ଼ି ଧରେ ,,
" ଆଛା ପ୍ରେମ କଣ ସରେ " ,,

ଯଦି ପ୍ରେମ ସରେ
ତେବେ ବଞ୍ଚିବାର ଇଛା ରଖିଥିବା ମନଟା ଆଜି କାହିଁକି
ନିଇତି ଜଳି ଜଳି ମରେ,,
"ଆଛା ପ୍ରେମ କଣ ସରେ",,,,

ଯଦି ପ୍ରେମ ସରେ
ତେବେ ନିସ୍ୱାର୍ଥ ଭଲ ପାଇ ତାକୁ ହରେଇ ବସିଲା ପରେ ମଧ
ତା ଫେରିବାର ବାଟ ଖୋଲା ରଖେ ହୃଦୟ ଦ୍ୱାରେ ,,
" ଆଛା ପ୍ରେମ କଣ ସରେ" ,,,,

ପ୍ରେମ ସରେନା,ପ୍ରେମ ମରେନା
ମରେ ତ କେବଳ ପ୍ରେମିକା,
ସାଥୀ ରହେନା,ସ୍ମୃତି ଲିଭେନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବଞ୍ଚିବାକୁ ହୁଏ ଏକା।।

ପ୍ରେମ ସରୁଥିଲେ ରାସ୍ତା କଡର ପାଗଳ ସଂଖ୍ୟା କମି ଯାଆନ୍ତା,
ଏ ମନ ନିଜ ପସନ୍ଦର ସାଥୀ ପାଇ ଯାଆନ୍ତା,
ନା ପ୍ରେମ ହାରନ୍ତା
ନା ସ୍ମୃତିକୁ ଜାବୁଡ଼ି ପାଗଳ ସାଜନ୍ତା,,

" ସତରେ ଯଦି ଏ ପ୍ରେମ ଗୁଡ଼ାକ ସରି ଯାଆନ୍ତେ,,,"
ହୁଏତ ମାଆ କୋଳକୁ ଅନେକ ପୁଅ ପ୍ରତାରଣାର ଯୁଇରୁ ଉଠି ଆସନ୍ତେ ,
ବାପାଙ୍କ ତ୍ୟାଗ ବଳିଦାନ ଆଗରେ ଏ ପ୍ରେମ ତୁଚ୍ଛ ବୁଲି ବୁଝି ଯାଆନ୍ତେ,
ଖାଇବା ଥାଳିର ଭାତ ଗୁଡ଼ାକ ଆଉ ଆଖି ଲୁହରେ ନ ଭାସନ୍ତେ,,,
"ସତରେ ଏ ପ୍ରେମ ଗୁଡ଼ାକ ଯଦି ସରିବା ବଦଳେ ମରି ଯାଆନ୍ତେ" ,,

ପ୍ରେମ ପିଏ ଅବିଶ୍ୱାସର ମିଠା ଜହର,
ପ୍ରେମ ଜାଳେ ବିଶ୍ୱାସ ହୃଦୟର ସହର,
ପ୍ରେମ ଭାଙ୍ଗେ ମନର ଗଢା ନଅର,
ପ୍ରେମ ସଜାଏ ପରକୁ ଆପଣାର
ଆଉ ନିଜକୁ ସ୍ୱାର୍ଥପର,,

ଆଉ ତା ପାରେ ପ୍ରେମିକ ସାଜେ ଯାଯାବର,
ତା ମନରେ ନ ଥାଏ ପରିଶୋଧ ର ଆଂଶିକ ସ୍ୱର,
ତା ହୃଦୟକୁ ମିଳେ ଅନ୍ୟ ସ୍ମୃତିର ନିଷ୍ଠୁର ପ୍ରହାର,
ତଥାପି ସେ ଯାଏନି ହୃଦୟ ଗଢ଼ିବାକୁ ଅନ୍ୟର ଦୁଆର,,

ଆଛା ଏତେ ପରେ କଣ ପ୍ରେମ ସରେ,,
ହଁ କିଛି ମୁହୂର୍ତ୍ତରେ ପ୍ରେମ ସରେ ,ପ୍ରେମ ମରେ
ପ୍ରେମିକା ଜିତେ ପ୍ରେମିକ ହାରେ ,,
ପୁଣି କେବେ ପ୍ରେମିକ ମନରୁ ପ୍ରେମିକା ମରେ
ପ୍ରେମିକ ଜିତେ ,
ପୁଣି ପ୍ରେମିକାର ସ୍ମୃତିରେ ପ୍ରେମିକ ମରେ ,,,
ହାଏ ବୋଧେ ଏ ପ୍ରେମ କେବେ ପ୍ରେମିକ ମନରୁ ନ ସରେ ,,

ପୂର୍ଣ୍ଣିମାର ଜହ୍ନର କିରଣ କୁ ଚାତକ ପରି ଚାହୁଁଥିବା ପ୍ରେମିକ ଆଜି
ଅମାବାସ୍ୟାର ଅନ୍ଧକାରକୁ ଅପେକ୍ଷା କରେ ,,,

ସତରେ କଣ ଧୀରେ ଧୀରେ ପ୍ରେମ ମରେ ,ସତରେ କଣ ଧୀରେ ଧୀରେ ପ୍ରେମ ସରେ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସନ୍ଧ୍ୟା ଗୋ' ...

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

ଥିରି ଥିରି ଆସ ରାତ୍ରୀ ଶିଉଳିରେ
ପ୍ରଥମ ପାହାଚ ଡେଇଁ ତିନିଗାର
ଯଦି ଖସି ପାଦ ବୁଡିବ ଅଥଳ ଜଳର
ହେବ ସୁକୁମାରୀ କୋଉ କୂଳର
ନିଜେ କେବେ ଦେଖିଛକି
ନିଜ ରୂପ ଥରେ ଆଇନା ଭିତର
କେତେ ଭଲ ଲାଗ ଗୋଧୂଳି ବେଳାର
କେତେ ଭଲ ଲାଗ ନୀଡ଼ ଫେରିବା ପହର
ପୁଣି ଭଲ ଲାଗ ପ୍ରାର୍ଥନା କାଳର
ଭଲ ଲାଗ ପୁଣି ଧୂପ ଦୀପ ଓ ଝୁଣାର
ସବୁଠୁ ଭଲ ତୁମ କଳା ପରଦାର
ଭିତରେ ବାହାରେ ସ୍ୱଛ ଅପାର
ବୁର୍ଖା ତୁମର ଭାରି ସୁନ୍ଦର
ରଙ୍ଗ କଳା ସିନା ଜାଣେ ହୃଦର
କଳା ଚଷମା ଫାଙ୍କରେ କିଏ
ଦିଅଁ ଗଡୁ ଗଡୁ କରେ ବାହର
ତୁମେ କିନ୍ତୁ ରଖି ସତ୍ୟ ଶାନ୍ତି ନିଜର
ଶୁଣ ଓଁକାର ପ୍ରତି ଘରୁ ଝଙ୍କୃତ ସ୍ୱର
କାହା ବେଣୀରେ ଆସ ଗୋଚର
କାହା କୁନ୍ତଳେ ଦିଶ ସମ୍ଭାର
ବର୍ଷା ଭିତରେ ମେଘ ସବାରୀରେ
ମୁହଁ ଦିଶେ ତୁମ ଘନ ଅନ୍ଧାର
ସେ ଅନ୍ଧାର ଦିଏ ଆଲୋକ ଅପାର
ସତ୍ୟ ଶିବ ସୁନ୍ଦରଙ୍କର
ନାହିଁ ଅହଙ୍କାର ଏକଦମ ନିରାକାର
ଏଯାବତ ଭାବେ ସନ୍ଧ୍ୟା ସତେ ନବଗୁଞ୍ଜର
ଶାଶ୍ୱତ ପ୍ରେମରେ ସନ୍ଧ୍ୟା ପାରିଜାତ ଧରାର
ବାହାକ କୁହୁକ ଆଲୋକ ଗୋଲକ
ନିଜେ ଶିକ୍ଷା ନିଜେ ଶିକ୍ଷକ ଜଭର ପ୍ରହର
ପ୍ରଶ୍ନ ପଚାରି ହଜାରେ ଥର
ପାଇନି ଏଯାଏଁ ନିଜ ଉତ୍ତର
ତୁମେ ଦେବ କି ନଦେବ କୈଫତ
ତୁମେ ତ ପ୍ରେମିକା ନିଶ୍ଚେ କବିର
ତୁମ ବିନା କବିତା ବିଧୁରା ଅଧୁରା ଛାର
ତୁଳୀ ତଳ୍ପ ଶଯ୍ୟାର ତୁମେ ମେଘ ମହ୍ଲାର
ଓଲ୍ହେଇ ଆସିଛ ଯଦି ରାଣ
କର ସମ୍ଭାବନା ସକାରଣ
ଧରା ଓ ମନପାରା ସବୁଙ୍କୁ ଏଥର

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କଳା ଠାକୁର ...

ଆଶୁତୋଷ ପରିଡ଼ା

ଚପଳ ଚଞ୍ଚଳ ଚଳାଚଳ ତୁହି
ନୀଳାଦ୍ରି ବସନ ନୀଳମାଧବ
ପତିତ ଜନ ଉଦ୍ଧାରକାରୀ ତୁ
ବଡ଼ ଦେଉଳେ ବିଜେ ବଡ଼ଠାକୁର
ଦାଣ୍ଡ ଯେ ଯାହାର ବଡ଼ ଦାଣ୍ଡ
ପାଟେରୀ ଉଠାଇଛୁ ମେଘନାଦ
ଭାବ ପ୍ରବଣତା ର ଆଖି ଦୁଇ ମୋର
ଚକା ଚକା ଆଖି ପରା ତୋର
ଅଧରେ ଢାଳିଚୁ ପାରିଜାତ ରଙ୍ଗ
ଶ୍ରୀ ମୁଖେ ଢାଳିଛ ଜୀମୂତ
କି ମାୟା କରୁଛୁ କାଳିଆ ରେ
ଯିଏ ସେ ଦେଖୁଚି ହଉଛି ମୋହିତ
ଲକ୍ଷ୍ମୀ ଛନ୍ତି ବୋଲି ତୋ ମନ୍ଦିରେ
ବସିଅଛୁ ତୁ ଶ୍ରୀ ମନ୍ଦିରେ
ଲକ୍ଷ୍ମୀ ଛଡ଼ା ହୋଇ ବାର ବର୍ଷ ତୁହି
ବୁଲୁ ଥିଲୁ ଶ୍ରୀ ହୀନ ହୋଇ ରେ
କି ମାୟା କରୁଛୁ ଏ ମର ଜଗତେ
ବାନା ଉଡାଉଛୁ ବିପରୀତେ
ଅବଢ଼ା ବାଣ୍ଟୁଛୁ ସବୁତ କରୁଛୁ
ପାଖକୁ ନ ଆସୁ କାହିଁରେ
ତତେ ଦେଖି ବାକୁ ଆଖି ମୋ ଆତୁର
ରତ୍ନ ସିଂହାସନେ ବଡ଼ ଠାକୁର

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପ୍ରତାରଣା ...

ମନୋଜ କୁମାର ମେହେର
ବଣ୍ଡାକୁଟୁରା, ଜୁନାଗଡ଼,
କଳାହାଣ୍ଡି

ଦୁନିଆର କଥା କାହାକୁ କହିବି
  ସବୁଏଠି ସ୍ୱାର୍ଥପର,
ମିଛ ମାୟାର ସଂସାର ଯେ ଏହି
  କେହି ନୁହନ୍ତି କାହାର।(୧)
କେତେ ଆଶା ନେଇ ବାପାମାଆମାନେ
  ସନ୍ତାନଙ୍କୁ ପାଳିଥାନ୍ତି,
ନିଜେ ଦୁଃଖ ସହି ସେମାନଙ୍କ ପାଇଁ
  କେତେ ସ୍ୱପ୍ନ ଦେଖିଥାନ୍ତି।(୨)
ସେଇ ପିଲାଦିନେ ବଡ଼ ହେଲାପରେ
  କରିଥାଏ ପ୍ରତାରଣା,
ବୃଦ୍ଧାଶ୍ରମେ ଛାଡି ଦେଇ ସେମାନଙ୍କୁ
  ଭୁଲିଯାଏ ଟି ଠିକଣା।(୩)
ଶାଶ୍ୱତ ପ୍ରେମଟି ବିଲୁପ୍ତ ଯେ ପ୍ରାୟ
  ଖୋଜିଲେ ବି ମିଳୁନାହିଁ,
ପ୍ରେମ ଯେ ଅମର ପ୍ରେମ ଯେ ପବିତ୍ର
  ଅଛି ଖାଲି କଥା ରହି।(୪)
ଆଜିକାଲି ପ୍ରେମ କେବଳ ସ୍ୱାର୍ଥର
  ପ୍ରେମ ଏଠି ପ୍ରତାରଣା,
ସ୍ୱାର୍ଥ ସରିଗଲେ ପ୍ରେମିକ ପ୍ରେମିକା
  ଲାଗନ୍ତି ସତେ ଅଜଣା।(୫)
ବିପଦେ ଆପଦେ ଠିଆ ହେବାପାଇଁ
  ବନ୍ଧୁ ଯେ ସାହା ଭରଷା,
ସେହି ବନ୍ଧୁ ପୁଣି ପ୍ରତାରଣା କରି
  କରିଥାଏ ଲୋକହସା। (୬)
ଭାଇଭଉଣୀର ପବିତ୍ର ବନ୍ଧନ
  ଭାଇ ଭାଇର ସେନେହ,
ଦେଖିବାକୁ ଆଉ ମିଳୁନାହିଁ ଏବେ
  ପ୍ରତାରଣା ଦିଏ କୋହ।(୭)
ସରକାର ଏଠି ପ୍ରତାରଣା କରେ
  ଦେଇ ମିଥ୍ୟା ପ୍ରତିଶୃତି,
ନିରିହ ଜନତା ହୁଅଇ ଶୋଷିତ
  କଳୁଷିତ ରାଜନୀତି।(୮)

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବାଲି ...

ଦଶରଥ ମାଝୀ
କୁରୁମାଚୁଆଁ, ଭବାନୀପାଟଣା,
କଳାହାଣ୍ଡି

ବାଲୁକା ମାଟିରୁ ଆଳୁ ଖୋଳି ଆଣି
କରିଥାନ୍ତି ତରକାରୀ
ସବୁ ଦୋକାନରେ ସହଜରେ ମିଳେ
କିଣି ଗଲେ ଟଙ୍କା ଧରି (1)
ଚିନାବାଦାମରେ ବାଲୁକା ହସୁଛି
ଚୌଦିଗେ ଶାଗୁଆ ଶିରୀ
କନ୍ଦମୂଳ ଆଉ ପୁଣି ଖମ୍ବଆଳୁ
ରଖିଛି ଲୁଚାଇ କରି (2)
ବାଲି କାଢି ଆଣି ଆମର ଭଉଣୀ
କରିଥାନ୍ତି ମକା ଗଜା
ଭାଇଙ୍କର ଲାଗି ମହାଷ୍ଟମୀ ଦିନେ
କରିଥାଏ ଦୁର୍ଗାପୂଜା (3)
ଜଳସ୍ରୋତ ଧାରେ ବାଲି ସବୁ ଭାସି
ଜମା ହୋଇ ସମତଳେ
ମାଟି ସୃଷ୍ଟି କରି ହସାଏ ଫସଲ
ଧରଣୀର ମାଆ କୋଳେ (4)
ଅପବିତ୍ର ନୁହେଁ ମହୀର ବାଲୁକା
ପବିତ୍ର ଶରଦା ବାଲି
ମୁଣ୍ଡରେ ମାରନ୍ତି ହାତରେ ଧରିକି
ଶରଦା ବାଲିର ଧୂଳି (5)
ବାଲୁକା ଶିଳ୍ପୀଙ୍କ ବାଲୁକା ମୂରତି
ଲୋକଙ୍କୁ କରେ ଚକିତ
ଯୁଗଳ ନୟନେ ଦେଖିକରି ଲୋକ
ହୋଇଥାଏ ଆନନ୍ଦିତ (6)

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବାପାଙ୍କ ରେଡ଼ିଓ ...

ଅଭୟ କୁଣ୍ଡ
ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ପଡ଼ିଆଭଙ୍ଗା, ତାଳଚେର

ଏଗାର ବର୍ଷ ପରେ ଗାଁକୁ ଫେରିଛି ପୁଅ ବିଜୟ । ବାପାଙ୍କ ଉପରେ ରାଗି ଘରଦ୍ୱାର, ଗାଁ ଆଉ ଭିଟା ମାଟି ଛାଡ଼ି ଚାଲି ଯାଇଥିଲା ସୁରାଟକୁ । ଏବେ ବାପାଙ୍କର ମୃତ୍ୟୁ ଖବର ଶୁଣି ଗାଁକୁ ଫେରି ଆସିଛି ପୁଅ । ବାପା ରତ୍ନାକର ପଞ୍ଚଷଠି ବୟସରେ ହୃଦଘାତରେ ଆରପାରିକୁ ଚାଲିଗଲେ । ଏବେ ଗାଁ ଲୋକମାନେ ପୁଅ ବିଜୟକୁ ଦୋଷୀ ବୋଲି କହୁଛନ୍ତି ।କିନ୍ତୁ ବିଜୟ ଘରେ ପହଞ୍ଚିଲା ପରେ ଦେଖେ ତ' ବାପା ତାଙ୍କ ଭଙ୍ଗା ଖଟ ଉପରେ ଶୋଇଛନ୍ତି , ଚାରିପଟେ ଲୋକ , ହଲ ନାହିଁ କି ଚଲ୍ ନାହିଁ । ସମସ୍ତେ ନୀରବ, ସ୍ତବ୍ଧ ହେଇଗଲା ବିଜୟ ଯେତେବେଳେ ବାପାଙ୍କ ହାତରେ ତାଙ୍କ ରେଡ଼ିଓଟି ଦେଖି ।

ଲୋକେ କହୁଛନ୍ତି କାଲି ରାତିରେ ରେଡ଼ିଓଟି ବାଜୁଥିଲା ଆଜି ତା'ର ବ୍ୟାଟେରୀ ସରି ଯିବାରୁ ବନ୍ଦ ହେଇଯାଇଛି । ତାହା ସହ ରତ୍ନାକରର ନିଃଶ୍ୱାସ ବି ବନ୍ଦ ହୋଇଯାଇଛି ।ସବୁକିଛି ଶୁଣି ସାରିବା ପରେ ବିଜୟ ବାପାଙ୍କ ନିକଟକୁ ଦୌଡ଼ି ଯାଇ ବାପାଙ୍କୁ ଛାତିରେ ଚାପି ଧରି ବହୁତ୍ କାନ୍ଦିଲା । ମନେ ମନେ ବହୁତ କଥା ଗପିଗଲା । ତା ପାଇଁ ଆଜି ତା ବାପାର ମୃତ୍ୟୁ ହୋଇଛି ବୋଲି ଚିତ୍କାର କରି କହି ଉଠିଲା ।ଗାଁର ଦାଦା ଭାଇମାନଙ୍କୁ ନେଇ ଶବ ସତ୍କାର କରି ଫେରି ଆସି ବହୁତ୍ କାନ୍ଦୁଥାଏ ବିଜୟ । ହଠାତ୍ ନଜର ପଡିଗଲା ସେହି ରେଡ଼ିଓ ଉପରେ , ଯାହା ପାଇଁ ସେ ଘର ଦ୍ୱାର ସବୁ ଛାଡ଼ି ବିଦେଶ ଯାଇଥିଲା । ସେହି ରେଡ଼ିଓଟିକୁ ଛାତିରେ ଚାପି ଧରି କଣ ଗୁଡ଼ିଏ ଭାବୁଥାଏ । ଏଇ ରେଡ଼ିଓ ...

ଏଇ ରେଡ଼ିଓ ବାପାଙ୍କୁ ତାଙ୍କ ବାପା ଦେଇଥିଲେ । ମାଆର ମୃତ୍ୟୁ ପରେ ବାପା ସେହି ରେଡ଼ିଓଟିରେ ସବୁବେଳେ ଆକାଶବାଣୀ ଲଗାଇ ଶୁଣନ୍ତି । ରାମାୟଣ ମହାଭାରତ ପ୍ରତିଦିନର ଖବର ଜାଣନ୍ତି ।ଜେଜେବାପାଙ୍କର ସ୍ମୃତି ରୂପେ ରଖିଥିଲେ ସେହି ରେଡିଓକୁ । ରେଡ଼ିଓଟିର ବହୁତ୍ ଯତ୍ନ ନିଅନ୍ତି ବାପା । " ମତେ ମଧ ବହୁତ୍ ଭଲ ପାଆନ୍ତି । ମାଆ ଛେଉଣ୍ଡ ଥିଲି ମୁଁ । ମାଆର ସ୍ନେହ କ'ଣ ଜାଣିନଥିଲି । ବାପା କେବେ ହେଲେ ବି ମାଆ ସ୍ନେହର ଅଭାବ ରଖିନଥିଲେ । ବହୁତ୍ ଦୁଷ୍ଟ ଥିଲି ମୁଁ । ପାଠ ଶାଠ କିଛି ବି ପଢୁନଥିଲି । ବହୁତ୍ ଜିଦିଆ ଥିଲି । " ଏ କଥା ଭାବି ଭାବି କାନ୍ଦୁଥାଏ ବିଜୟ ।

ଏଇ ଛୋଟିଆ ଯନ୍ତ୍ରଟି ଥିଲା ତାଙ୍କ ବାପାଙ୍କର ପ୍ରିୟ ସାଧନ ଏବଂ ଏହା ହିଁ ଥିଲା ବିଜୟ ଓ ତାଙ୍କ ବାପାଙ୍କ ମଧରେ ବଡ଼ ଦୂରତା ।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଏଗାର ବର୍ଷ ତଳର କଥା ମନେପଡିଗଲା । ବିଜୟର ସେତେବେଳେ ମାତ୍ର ଷୋହଳ ବର୍ଷ ବୟସ ।ଗାଁରେ ମାଟ୍ରିକ ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରିଥାଏ ବିଜୟ । ସେ କଳାକାର ହେବାକୁ ଚାହୁଁଥିଲା ଗୀତ ଗାଇବାକୁ ଭଲ ପାଉଥିଲା । ସବୁଦିନ ତାର ଗୋଟିଏ ଜିଦ୍ ଥିଲା ବାପା ତା'କୁ ସହରକୁ ପଠାନ୍ତୁ ସଙ୍ଗୀତ ଶିକ୍ଷା ଲାଭ ପାଇଁ । କିନ୍ତୁ ବାପା ରତ୍ନାକର ଜଣେ ପୁରୁଣା କାଳିଆ ମଣିଷ । ତାଙ୍କ ଇଛା ଥିଲା ପୁଅ ଗୋଟେ ସରକାରୀ ଚାକିରି କରୁ ହାକିମ ହେଉ ।

ସେଦିନ ବିଜୟ ରାତିରେ ନିଜ ପସନ୍ଦର ଏକ ରେଡ଼ିଓ କାର୍ଯ୍ୟକ୍ରମ ଶୁଣୁଥିଲା । ପୁରୁଣା ଖଟର ଏକ ଭଙ୍ଗା ଡେସ୍କ ଉପରେ ସେହି ରେଡ଼ିଓଟି ଥୁଆ ହୋଇଥାଏ । ବାପା ଆସିଲେ ଏବଂ ଉଚ୍ଚ ସ୍ୱରରେ କହିଲେ " କେତେ ଦିନ ଆଉ ଏହି ଅକାମୀ ଯନ୍ତ୍ରରେ ନିଜର ସମୟ ନଷ୍ଟ କରିବୁ । ପାଠ ପଢ଼ିବୁ କି ନାହିଁ ? ଚାକିରି ନ କଲେ ଗାଁ ରେ ମୁଣ୍ଡ ଟେକି ଚାଲିବୁ କିପରି ?

ବିଜୟର ରାଗ ମୁଣ୍ଡକୁ ଚଢ଼ିଗଲା ।ସେ କହିଲା ମୁଁ ଚାକିରି କରିବି ନାହିଁ ।ମୋତେ ଗୀତ ଗାଇବାକୁ ପସନ୍ଦ । ତେଣୁ ମୁଁ ଗୀତ ଗାଇବାକୁ ଚାହେଁ । ବାପା ରାଗରେ ତାଙ୍କ ହାତ ପାଖରେ ଥିବା ରେଡ଼ିଓଟିକୁ ତଳକୁ ଫିଙ୍ଗି ଦେବା ବେଳକୁ ବିଜୟ ତାଙ୍କ ହାତକୁ ଠେଲି ଦେଲା ।

ଏହା ପରେ ବାପାଙ୍କ ଆଖିରେ କ୍ରୋଧ ନୁହେଁ ବରଂ ଗଭୀର ଆଘାତର ଛାଇ ଦେଖାଗଲା । ସେ ରାଗି କହିଲେ , " ଯଦି ତୋର ଏହି ପଥରେ ଯିବାର ଅଛି ତେବେ ତୁ ଏଇ ଘରେ ରହି ପାରିବୁ ନାହିଁ । ଏ ଘରେ ତୁ ରହିବା ଯୋଗ୍ୟ ନୁହଁ । " ତା ପରେ ବିଜୟ ଘର ଛାଡ଼ି ଯାଇଛି ଯେ ଯାଇଛି । ଏହି କଥାକୁ ଭାବି ଭାବି ଆଖିରୁ ଲୁହ ସରୁନଥାଏ ।

ସେହି ରାତି ବାପା ଆଉ ନାହାଁନ୍ତି ବିଜୟ ରେଡ଼ିଓଟିକୁ ଧରି ବସିଛି । ରେଡ଼ିଓଟି ପୁରୁଣା ହୋଇଯାଇଛି ଓ ବ୍ୟାଟେରୀ ସରିଯାଇଛି । ସେ ରେଡ଼ିଓଟିକୁ ଛାତିରେ ଚାପି ଧରିଥାଏ । ହଠାତ୍ ରେଡ଼ିଓ ଉପରେ ହାତ ବୁଲେଇ ଆଣିଲା । ସେଥିରେ ଲାଗିଥିବା ଏକ ପୁରୁଣା କାଗଜ ଟୁକୁରା ଉପରେ ନଜର ପଡିଗଲା ।

କାଗଜଟି ଥିଲା ଏକ ପୁରୁଣା ଖବରକାଗଜର ଏକ କଟା ଅଂଶ । ସେଥିରେ ଲେଖାଥିଲା " ଆଜି ସନ୍ଧ୍ୟାରେ ଆପଣମାନେ ଶୁଣିବେ ନୂଆ ପ୍ରତିଭା ବିଜୟ କୁମାରଙ୍କର ସୁଲଳିତ କଣ୍ଠ । ବିଜୟର ମନେ ପଡିଗଲା । ସେ ସୁରଟ ଯିବା ପୂର୍ବରୁ ଲୁଚି ଛପି ଭୁବନେଶ୍ୱର ଆକାଶବାଣୀ କେନ୍ଦ୍ରକୁ ଯାଇ ଏକ ସାକ୍ଷାତକାର ଦେଇ ନିଜର ଏକ ଗୀତ ରେକର୍ଡ କରିଥିଲା । ସେ ଭାବିଥିଲା ବାପା କେବେ ବି ଜାଣିପାରିବେ ନାହିଁ । କିନ୍ତୁ ତାର ବାପା ରତ୍ନାକର ସେହି ରେଡ଼ିଓକୁ ନିଜ ପାଖରେ ରଖୁଥିଲେ । ଖବରକାଗଜର ସେହି ଅଂଶଟିକୁ କାଟି ନିଜ ପାଖରେ ରଖିଥିଲେ ଓ ପ୍ରତିଦିନ ତାକୁ ଦେଖୁଥିଲେ ବୋଲି ବିଜୟ ଗାଁ ଲୋକଙ୍କ ଠାରୁ ଶୁଣିବାକୁ ପାଇଲା । ଲୋକମାନେ ମଧ୍ୟ କହିଲେ ରତ୍ନାକର

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପ୍ରତିଦିନ ରେଡ଼ିଓଟିକୁ ବହୁତ୍ ଧୀରେ ବଜାଉଥିଲେ ଓ କହୁଥିଲେ ଏଥିରେ ମୋ ପୁଅର ସ୍ୱର ଅଛି । ଏକଥା ଶୁଣିବା ପରେ ବିଜୟର ଆଖିରୁ ଲୁହ ଝରିଗଲା ।

ସେ ଜାଣିପାରିଲା ଯେ ବାପା ତାଙ୍କ ହାତରୁ ଯେଉଁ ରେଡ଼ିଓଟିକୁ ଫିଙ୍ଗି ଦେବାକୁ ଚାହୁଁଥିଲେ ତାକୁ ହିଁ ପରବର୍ତ୍ତୀ ଏଗାର ବର୍ଷ ନିଜ ଛାତିରେ ଚାପି ଧରି ସମୟ ଅତିବାହିତ କରୁଥିଲେ ।

ବାପା କ୍ରୋଧିତ ନ ଥିଲେ । ସେ ତା'ର ସ୍ୱପ୍ନକୁ ବୁଝିଥିଲେ କିନ୍ତୁ ସମାଜର ଭୟରେ ପ୍ରକାଶ କରି ପାରୁନଥିଲେ ।

ସେ ବାପାଙ୍କର ଭଙ୍ଗା ଖଟ ଉପରେ ବସିଲା । ହାତରେ ସେହି ପୁରୁଣା ରେଡ଼ିଓ । ସେ ରେଡ଼ିଓର ବ୍ୟାଟେରୀ ବନ୍ଦ ହେଇ ଯାଉଥିଲା କିନ୍ତୁ ବିଜୟର ହୃଦୟ ଭିତରେ ତାର ବାପାଙ୍କର ପ୍ରେମର ସ୍ୱର ସବୁ ଦିନ ପାଇଁ ବାଜି ଉଠିଥିଲା । ସେ ବୁଝି ପାରିଲା ବାପା ତାର ଶତ୍ରୁ ନ ଥିଲେ ଥିଲେ ଜଣେ ନୀରବ ସମର୍ଥକ । ବିଜୟ ପାଇଁ ତା ବାପା ମରି ନାହାଁନ୍ତି , ସେହି ରେଡ଼ିଓରେ ଶେଷ ସ୍ୱର ହୋଇ ତାର ହୃଦୟରେ ବାଜି ରହିଛନ୍ତି ।

ବ୍ୟାଟେରୀ ଶେଷ ହେଲେ ରେଡ଼ିଓ ବନ୍ଦ ହୁଏ , ଖଟ ପୁରୁଣା ହେଲେ ଭଙ୍ଗିଯାଏ କିନ୍ତୁ ସମ୍ପର୍କ , ସ୍ମୃତି ପୁରୁଣା ହେଲେ ଇତିହାସ ପାଲଟି ଯାଏ । ଯାହାର ଇତି ନାହିଁ ତାହା ଇତିହାସ । ବାପା ଚାଲିଗଲା ପରେ ଆମ ବଂଶ କୁଳର ଇତିହାସ ପାଲଟି ଯାଆନ୍ତି । ତାକୁ ସ୍ମୃତିରେ ସାଇତି ରଖିବା ସବୁ ପୁଅ ଝିଅଙ୍କର ଧର୍ମ । ଭୁଲିବା କେମିତି ?

ତାଙ୍କ ବାଣୀ ରେଡ଼ିଓ ଭଳି ଆମ ହୃଦୟରେ ନିନାଦୀତ ହେବ । ବିପଦ ଆପଦରେ ମାର୍ଗ ଦର୍ଶନ କରିବ ଆମକୁ ମଧ୍ୟ ଜୀବନ ଥିବା ପର୍ଯ୍ୟନ୍ତ ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅଦୃଶ୍ୟ ଗୁରୁ ...

ସିଦ୍ଧିଶ୍ରୀ ପଧାନ
ବଡବାଉସେନ୍, ବିଜେପୁର,
ବରଗଡ

ସନ୍ଧ୍ୟାର ରଙ୍ଗୀନ ଆକାଶ ତଳେ, ସମୁଦ୍ର ପାରେ ଏକାକୀ ବସିଥିଲା ନୀଲ — ଜଣେ ଯୁବ ଚିତ୍ରକର। ସେ ଜୀବନର ସବୁ ସ୍ୱପ୍ନକୁ କ୍ୟାନଭାସ ଉପରେ ଆଣିବାକୁ ଚେଷ୍ଟା କରୁଥିଲା, କିନ୍ତୁ ପ୍ରତ୍ୟେକ ଚିତ୍ର ତା' ର ଅପୂର୍ଣ୍ଣତାର କଥା କହୁଥିଲା। ନୀଲ ମନେମନେ ଭାବୁଥିଲା — "କାଳେ ମୁଁ ଏ ଜନ୍ମେ ହିଁ ଶିଳ୍ପୀ ନୁହେଁ..."

ସେଇ ସମୟରେ ଏକ ବୃଦ୍ଧ ବ୍ୟକ୍ତି ଆସିଲେ। ଧୀର ହସି ସେ କହିଲେ — "ପୁଅ, ତୁମ ହାତ ଚିତ୍ର ଆଙ୍କୁଛି, କିନ୍ତୁ ମନ ଶୂନ୍ୟ। ଯେତେବେଳେ ମନ ଜାଗିଉଠେ, ତେବେ ତା' ର ରଙ୍ଗ ଆଲୋକ ହୋଇ ବାହାରି ଆସେ। ଗୁରୁ ମାନେ ସେ, ଯିଏ ତୁମ ମନର ଆଲୋକକୁ ଜାଗେଇ ଦେଇଥାନ୍ତି।"

ସେ ରାତିରେ ନୀଲ ଘରକୁ ଫେରି ଚିତ୍ର ଆଙ୍କିଲା — ଏଥର କେବଳ ହାତ ନୁହେଁ, ମନ ଆଙ୍କୁଥିଲା। ଚିତ୍ରର ମଧ୍ୟରେ ଅନ୍ଧକାର ଭିତରୁ ଜଣେ ବୃଦ୍ଧ ଆଲୋକ ହୋଇ ଦେଖାଯାଉଥିଲେ।

ନୀଲ ଆଶ୍ଚର୍ଯ୍ୟ ହୋଇ ବୁଝିଲା — ସେଇ ବୃଦ୍ଧ କେହି ଅନ୍ୟ ନୁହେଁ, ନିଜ ମନର ଅଦୃଶ୍ୟ ଗୁରୁ।

ସେଇ ଦିନଠୁ ସେ ଶିଖିଲା —
ସତ୍ୟ ଗୁରୁ ବାହାରେ ନୁହେଁ, ନିଜ ଅନ୍ତରାଳରେ ଲୁଚିଥିବା ଆଲୋକ।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମନୁଷ୍ୟ ର ପରିତୃପ୍ତି ...

ଶରତ ଚନ୍ଦ୍ର ବାଗ
ବାଗ୍ ଭାଡ଼ି, ଖୁଜେନ ପାଲି,
ବଲାଙ୍ଗୀର

ବହୁ ସମୟର କଥା ବିଶାଳ ନଗରୀ ନାମରେ ଏକ ରାଜ୍ୟ ଥିଲା | ଯେଉଁ ଠାରେ ବିଶ୍ୱଦତ୍ତ ନାମ ଏକ ରାଜା ଶାସନ କରୁଥିଲେ । ସେ ଅନେକ ପରୋପକାରୀ ଥିଲେ ହେଲେ ବିଶ୍ୱସଘାତକତା, ଚୋରି , ଡକାୟତି, ଆଦି କରୁଥିବା ଲୋକଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରୁଥିଲେ । ହେଲେ ସେହି ନଗରୀରେ ଅନେକ ଜାତିର ଲୋକ ବାସ କରନ୍ତି ସେଥି ମଧ୍ୟରୁ ଭୀମା ମାଝୀ ନାମକ ଏକ ଗରିବ ଶ୍ରେଣୀ ର ଲୋକ ଯେକି ତାର ପରିବାର କୁ ନେଇ ସେଠି ବାସ କରୁଥିଲା ଯାହାର ଦ୍ରବ୍ୟ ପରିତୃପ୍ତିର ର ଆକାଂକ୍ଷା ତତ୍ପରତା ଯେତିକି ଦ୍ରବ୍ୟ ପ୍ରାପ୍ତି ହେଲେ ମଧ ସେ ଭଗବାନ ଙ୍କୁ ସବୁବେଳେ ନିନ୍ଦୁ ଥିଲା | ହେଲେ ତା ମଧରେ ଧନର ଲାଳସା ସବୁ ବେଳେ ଚାଲି ଥାଏ । ତାର ଦୁଇ ଟି ସନ୍ତାନ ଗୋଟିଏ ଝିଅ ଗୋଟିଏ ପୁଅ ଝିଅ ନାମ - ସୁକୁମାରୀ ଓ ପୁଅ ର ନାମ ସନାତନ ଦୁହେଁ ବାପା ଙ୍କ କଥାକୁ ମାନି ଚଳନ୍ତି କେବେ ହେଲେ ଅବା ହେଲା କରି ନାହାନ୍ତି କାରଣ ସେ ମାନେ ଶୁଣି ଛନ୍ତି କାଳେ ପିତା ମାତା ବା ବାପା ମା ଭଗବାନ ସ୍ୱରୂପ ।

ପତ୍ନୀ ସୁଜାତା ଲକ୍ଷ୍ମୀ ସ୍ୱରୂପା, ସବୁ ବେଳେ କୁହେ ଭଗବାନ୍ ଯାହା ଦେଇ ଛନ୍ତି ତାକୁ ଭାଗ - ବଣ୍ଟା କରି ଖାଇ ଚାଲିବା ଦିନେ ନିଶ୍ଚିନ୍ତ ଭାବରେ ଆମେ ବି ଗୋଟାଏ ବଡ଼ ଲୋକ ପରି ରହିବା ସମୟ କୁ ଅପେକ୍ଷା କର ହେଲେ ଭିମା ମାଝୀ ତା କଥା କୁ ଖାତିର ନ କରି ଖାଲି ଭଗବାନ କୁ ଧନ ଲାଳସା ଉପରେ ନିନ୍ଦା କରେ ହେଲେ ଭଗବାନ ବି ତା କଥା କୁ ଶୁଣୁ ଥାନ୍ତି ତାକୁ ଦିନେ ଜଙ୍ଗଲ ରେ କାଠ କାଟି ଯିବା ସମୟ ରେ ଦେଖା ବା ଦର୍ଶନ ଦେଇ ଛନ୍ତି ତାକୁ ପରୀକ୍ଷା କରିବା କୁ ଯାଇ ତୋର ଯାହା ଇଚ୍ଛା ବର ମାଗିବୁ ମାଗ ବୋଲି କହିଛନ୍ତି । କାରଣ ସେହି ସବୁ ଜୀବର କଥା ଜାଣନ୍ତି ବା ଦୁଃଖ ଲାଘବ କରିବାରେ ସହାୟକ ହୋଇ ଥାଆନ୍ତି । ଭୀମା ଭଗବାନ ଙ୍କ ଆବିର୍ଭାବ କୁ ଦେଖି ଉତ୍ସାହ ପୂଳକିତରେ ଖୁସି ହୋଇ ଯାଇ ଛି ଓ ଭଗବାନ ଙ୍କ ଆଦେଶ ରେ ଭଗବାନ ଙ୍କୁ ତାର ଘର ଧନ ରେ ପରିପୂର୍ଣ ହେଇ ଯାଉ ବୋଲି କହିଛି ଭଗବାନ ଏହି ବରଦାନ ରେ ରାଜି ହୋଇ ତଥାସ୍ତୁ!କହି ହଠାତ୍ ଶୂନ୍ୟ ପଥକୁ ଚାଲି ଗଲେ । କିଛି ସମୟ ପରେ ଘରେ ପହଞ୍ଚି ଦେଖିଲା ବେଳକୁ ସୁନା , ରୂପା, ହୀରା, ମୋତି , ମାଣିକ କରେ ଭିମା ର ଘର ପରି ପୂର୍ଣ୍ଣ ଓ ଏକ ଆକର୍ଷଣୀୟ ଆଲୋକ ର ଜ୍ୟୋତି ପରି ଦୂରରୁ ଦେଖା ଯାଉ ଛି ଏହା ଦେଖି ସେ ଭାରି ଖୁସି ଖୁସି ରେ ସପରିବାରଙ୍କ ମୁଖ ରେ ଗୋଟିଏ ନିର୍ବିକଳ୍ପ ହସ ର ଝଲକ ଦେଖି ବାକୁ ମିଳିଛି । ହେଲେ କେତେ ଦିନ ପରେ ଏହି ଖବର ରାଜା ବିଶ୍ୱଦତ୍ତ ଙ୍କ ପାଖରେ ପହଞ୍ଚିଛି କାରଣ ଏହା ଏକ ଆଶ୍ଚ୍ୟାର୍ଯ୍ୟ ଜନକ କଥା ଗୋଟିଏ ଗରିବ ଲୋକ କାଠ ବିକାଳୀ ପାଖରେ କେମିତି ଏତିକି ଧନ ରତ୍ନ ଆସିଲା ? ହଠାତ୍ କିପରି ପାଇଲା ? କିଏ ତାକୁ ଏତିକି ଆଣି ଦେଲା ? ରାଜା ଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରିଲା ତାକୁ ରାଜା ସନ୍ଦେହ କଲେ ସେ ନିଶ୍ଚୟ ରାଜ କୋଷ ରୁ କୌଣସି ଉପାୟ ରଞ୍ଜି ଚୋରି କରିଛି | ତାକୁ ବନ୍ଦୀ କରି ଆଣି କାରାଗାର ରେ ବନ୍ଦୀ କରାଗଲା ଦୋଷୀ ସାବ୍ୟସ୍ତ କରି ସେ ଗୋଟିଏ ଚୋର କହି ପ୍ରଚାରିତ ହେଲା ରାଜାଙ୍କ ରାଜ କୋଷ ରୁ ଚୋରି କରିଛି ବୋଲି ଲୋକଙ୍କ ମୁଖରୁ ମୁଖକୁ ପ୍ରସାରିତ ହେଲା | ଭୀମା ବହୁତ୍ କାନ୍ଦିଛି ମୁଁ ନିର୍ଦ୍ଦୋଷ ବୋଲି ହେଲେ ତା କଥାକୁ କେହି ମଣି ନାହାନ୍ତି ରାଜା ଆଦେଶ ମାନେ ବନ୍ଦୀ

ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା : ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ : ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କରିବା ନିଶ୍ଚିନ୍ତ ଗୋଟିଏ ଦିନ ପରେ କେଉ ଦଣ୍ଡ ଦିଆ ଯିବ ତାହା ତାର ପରିବାର ଲୋକ ଏବଂ ଗାଁ ଲୋକ ଙ୍କ ଆଗରେ ରାଜା ଆସି ଶୁଣାଣି କରିବେ ବର୍ତ୍ତମାନ ସେ ବନ୍ଦୀ ଘରେ କାରାଦଣ୍ଡର ଭୋଗ କରୁଛି । ଭୀମା ର ମନ୍ ପ୍ରାଣରେ ଥୟ ନାହିଁ ଆଉ, ସେ କାଳେ ଫାଶୀ ହେଇ ଗଲେ ତାକୁ ତାର ପରିବାର ଭାସିଯିବ ତାହା ଭାବି ବହୁତ୍ ବ୍ୟାକୁଳ ଓ କାକୁଲ୍ୟ ହୃଦରେ ଆଘାତ ର ଅନୁତାପ କରିଛି ଭୋ- ଭୋ ହୋଇ ଖାଲି କାନ୍ଦି ଚାଲିଛି ଭୋ - ଦଇବ ଏହା କଣ ହେଲା କହି କାନ୍ଦି ଚାଲିଛି |

ତା'ର ଭୁଲକୁ ସେ ଧିରେ ଧିରେ ଅନୁତାପ କରି ଭଗବନ ଙ୍କୁ କ୍ଷମା ମାଗିଛି | ବାରମ୍ବାର ଭାଗବାନ କୁ ସେ ଡାକୁଛି ,ସ୍ମରଣ କରିଛି ମନ ଭିତରେ |

ହେଲେ ବିହିଙ୍କ ର ଏହା ଏକ ପରୀକ୍ଷା ବା ବିହିଙ୍କ ର ବିଧାନ କେ କରିବା ଆନ| ହେଲେ ବିହି କେବଳ ସେ ସେମିତି ବିନା ଦୋଷ ବିନା କୁ କର୍ମ ରେ ଲୋକଙ୍କୁ ସହଜରେ ଦଣ୍ଡିତ କରନ୍ତି ନାହିଁ ସେ ତାଙ୍କୁ ଉଚିତ୍ ମାର୍ଗ , ପଥରେ ଆଣିବାକୁ ପରୀକ୍ଷା କରିଥାନ୍ତି । ହେଲେ ଶେଷ ରେ ଭଗବାନ ତାର ଡାକ କୁ ଶୁଣି ଛନ୍ତି ଅପେକ୍ଷା ଓ ସମୟ ର ଅନ୍ତ ଘଟିଛି କାରାଗାର ଭିତରେ ଆସି ତାର ସମ୍ମୁଖରେ ଉଭା ହୋଇଛନ୍ତି ହଠାତ୍ ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଛି - ତାକୁ ଭଗବାନ କହି ଛନ୍ତି " ମନୁଷ୍ୟ ର ପରିତୃପ୍ତିର ଅସମ୍ପୂର୍ଣ୍ଣ ତେଣୁ ଏ ଦଶା ଭୋଗି ବାକୁ ତୁ ଆଜି ବାଧହେଲୁ | ଯେତିକି ଅଛି ସେତିକିରେ ସନ୍ତୁଷ୍ଟ ନ ହୋଇ ବିନା କଷ୍ଟ ସାଧରେ ଲାଳସା ଜାଗ୍ରତ ମନରେ କଳ୍ପନା କରି ସ୍ୱପ୍ନ ଦେଖି ଚାଲିଲୁ " ଏ ପରି ହେଲେ ମନୁଷ୍ୟ ମାନେ କଷ୍ଟ , କର୍ମ , ପରିଶ୍ରମ ସବୁ ଭୁଲିଯିବେ କେହି କର୍ମ କରିବେ ନି ସମସ୍ତେ ଏପରି କରି ଚଳିବେ ତେଣୁ ମନୁଷ୍ୟ ର ପରିତୃପ୍ତିର ନାହିଁ କଳ୍ପନା ମାତ୍ର ହୋଇ ପାରେ ଯାହା ମନୁଷ୍ୟ କୁ ଲାଳସା, ମୋହ , ମାୟା, ଏବଂ ଧନ୍ ପ୍ରାପ୍ତି ପରେ ଗର୍ବ , ଅହଙ୍କାର, ଆଦିର ଜନ୍ମ ନେବା ସୁନିଶ୍ଚିତ | ତେଣୁ ମନୁଷ୍ୟ କଷ୍ଟ କରି ସୁ କର୍ମ କଲେ ସାଫଲ୍ୟ ନିଶ୍ଚୟ ହେଲେ ସମୟ କୁ ଅପେକ୍ଷା କରିବାକୁ ପଡ଼ିବ ଉଚିତ୍ ସମୟ ରେ ତାହା ତାକୁ ପ୍ରାପ୍ତି ହେବ । ପ୍ରଭୁ ଙ୍କ ଏହି ସବୁକଥା ଶୁଣି ସେ କ୍ଷାମାପ୍ରାର୍ଥନା କରିଛି | ତାଙ୍କ ସେହି କଳ୍ପନା ବିଳାସକୁ ଫେରେଇ ନେବାକୁ ଭିମା ପ୍ରଭୁଙ୍କୁ କହି ହାତଯୋଡ଼ି ନମସ୍କାର କରିଛି | ଏତିକି ଶୁଣି ପ୍ରଭୁ ପୁଣି ତାକୁ "ତଥାସ୍ତୁ" ! କହି ଚାଲି ଯାଇଛନ୍ତି । ହେଲେ ମୁକ୍ତ କିପରି ହେବ ତାହା ତାକୁ ଜଣା ନାହିଁ । ପାହାନ୍ତିଆ ହୋଇ ଆସିଲା ରାଜା ଭିମା ମନରେ ଥୟନାହିଁ | କିଛି ସମୟ ପରେ ସକାଳ ତିମିରଙ୍କ ଉଦୟ ଘଟିଛି | ଦଣ୍ଡ ବିଚାର କରିବା ପୂର୍ବରୁ ସବୁ ଧନ , ସୁନା , ରୁପା, ହୀରା , ଆଦି ଅଳଙ୍କାର ସମୂହ ସମସ୍ତ ଙ୍କ ସମ୍ମୁଖରେ ଅଣାଯାଇଛି | ତାକୁ ପରଖିବାକୁ ପୁଣି ଥରେ ରାଜା ଆଦେଶ ଦେଇଛନ୍ତି | ସମସ୍ତ ଆଗରେ ବିଚାର ମଣ୍ଡଳୀ ସମ୍ମୁଖରେ ହେଲେ ସବୁ ତକ ଅଳଙ୍କାର ନକଲି ଅଳଙ୍କାର ରେ ବଦଳି ଯାଇଛି ଏହା ଶୁଣି ରାଜା , ମନ୍ତ୍ରୀମଣ୍ଡଳ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି ଭିମା ମଧ ଆଶ୍ଚର୍ଯ୍ୟ ହେଲା, କେମିତି ହେଲା ଏହା ? ତା ପରେ ରାତିରେ ପ୍ରଭୁ ଙ୍କ କଥା କୁ ମନେ ପକାଇ ପ୍ରଭୁ ଙ୍କ କୃପା ବୋଲି ଅନୁତାପ କରିଛି ଅଶେଷ ଅଶେଷ ଧନ୍ୟବାଦ ପ୍ରଭୁ ଙ୍କୁ କହିଛି | ରାଜା ତାକୁ କାରାଦଣ୍ଡରୁ ମୁକ୍ତ କରିବାକୁ ଆଦେଶ ଦେଇଛନ୍ତି ଓ ତାର ଅଙ୍ଗ ର ଶିକୁଳି ଗୁଡିକ ଖୋଲା ହୋଇଛି | ସେ ରାଜାଙ୍କ ସହ ସମସ୍ତ ପ୍ରଜା ମନ୍ତ୍ରି ମଣ୍ଡଳଙ୍କୁ ହାତ ଯୋଡ଼ି ନମସ୍କାର କରି ନିଜ ପତ୍ନୀ ଓ ପୁତ୍ର ,ପୁତ୍ରି ପାଖରେ ଦୌଡ଼ି ଚାଲି ଆସିଛି, ସମସ୍ତଙ୍କୁ କୁଣ୍ଡେଇ ଧରି କାନ୍ଦି ଚାଲିଛି ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ନ୍ୟାୟ ନିକିତି ...

ପୂଜାରାଣୀ ଚଣ୍ଡ
ଗଞ୍ଜାମ , ଖାଡ଼ସାହି

ଦେଶର ନିକିତି ଆଜିବି ଶୂନ୍ୟରେ ଝୁଲୁଛି,
କିଛି ସତ୍ୟ, କିଛି ଅସତ୍ୟକୁ ନେଇ,
ହେ ନ୍ୟାୟର ଦେବୀ,
ଅସତ୍ୟର ଭାରକୁ ତୁମେ କେମିତି ସମ୍ଭାଳୁଚ,
ସେ ନିକିତି ଦିନେ ଯମ ଦୁଆରକୁ ଯିବ,
ନ୍ୟାୟର ହିସାବ କିତାବ ପାଇଁ···!

ତୁମେ ନ୍ୟାୟ ଅନ୍ୟାୟ ବିଚାର କରୁକରୁ..
ଏଇ ଅସତ୍ୟର ନିକିତି ଧରିଥିବା କୁଜି ମାଙ୍କଡ଼ ମାନେ
ହିସାବ ବରାବର କରିବାକୁ ଆଗେଇ ଆସନ୍ତି..
ତୁମ ଆଖିରେ ଅନ୍ୟାୟର ଅନ୍ଧପୁତୁଳି ବାଡ଼ ବୁଜିବାକୁ,
ଦିଅଁ ଖାଇ ଖଟୁଲି ଖାଇଲା ଭଳି..
ନ୍ୟାୟ ଓ ସତ୍ୟତାକୁ ଗୋଟା ଗିଳିବାକୁ..!

ନ୍ୟାୟ ଟିକେ ମାଗିମାଗି
କିଏ କାହାକୁ ହରାଇଛି କେଜାଣି?
ସେଇଟା ତ କେବଳ ସେଇ ନ୍ୟାୟଦେବୀ ହିଁ ଜାଣିଚି
ଯାହା ଆଖିରୁ ଏବେ କଳା କପଡ଼ାଟା ଉଠି ଯାଇଛି..
ତାକୁ ପଚାର ସେ କହିବ···
କିଏ ଏଇ ଧର୍ମବତାର ଦରବାରରୁ ମୁକ୍ତରେ ଯାଇଚି,
ଓ କିଏ ବିଜୟ ହାସଲ କରି ମଧ
ହାରିଯିବାକୁ ବାଧ ହୋଇଛି..!

ନ୍ୟାୟର ନିକିତି ଆଜିବି ଧରିଛି ସତ,
ହେଲେ ମାଙ୍କଡ଼ କ'ଣ ଧରିଛି ଅସଲ ନିକିତି?
ତା ଉପସ୍ଥିତିରେ..
ଲାଗୁଚି ଏପଟୁ ସେପଟୁ ଖାଇବା ଆଶାରେ
କୁଜି ମାଙ୍କଡ଼ ପିଠାଧରି ବସି ଖାଉଛି..
ହେଲେ..ନ୍ୟାୟ ଟିକେ ପାଇଁ ଆଶାବାଦୀ ଜନତା କରିବେ
କଣ?
ଛିଡ଼ା ହୋଇ ସବୁ ଦେଖୁଚି,ମାତ୍ର ମଉନ···?

ନିର୍ଭୟା ନ୍ୟାୟ ମାଗୁଚି ହେଲେ ନ୍ୟାୟ କାଇଁ
କାହା ଭୟରେ ତୁମ ହାତ ଥରୁଛି,
ନ୍ୟାୟର ଅଦାଲତ କଣ ପାଇଁ,
ହାତରେ ଏ ନ୍ୟାୟ ନାମକ ନିକିତି କଣ ପାଇଁ?
କଣ ଦୋଷୀକୁ ଛାଡି
ନିର୍ଦ୍ଦୋଷୀକୁ ଦଣ୍ଡାଦେଶ ପାଇଁ..!

ନିକିତି ଯଦି ସମ୍ଭାଳି ନପାରୁଛ,
ଦେଇଦିଅ ଜନମାନଙ୍କୁ
ସର୍ବେ ନିଜକୁ ନିଜେ ନ୍ୟାୟ ଦେବେ,
ଯେଝା ଚଉକି ଯେଝା ସମ୍ଭାଳିବେ..!

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବନ୍ଦୀ ପକ୍ଷୀ ...

ପୂଜା ବାରିକ୍
ବେଗୁନିଆଁ, ହରିପୁର,
ବାଲେଶ୍ୱର

ବନ୍ଦୀ'

ଏହି ଶବ୍ଦଟି ଶୁଣିଲା ମାତ୍ରେ ମନରେ ଏକ ପ୍ରକାର ଚିତ୍ର ଆଙ୍କି ହେଇ ଯାଉଥିବ | ଲୁହା ରଡ ଦ୍ୱାରା ଆଚ୍ଛାଦିତ ଏକ କୋଠରି ହେଇଥାଏ ପାରେ କିମ୍ବା ଇଟା ରେ ତିଆରି ଏକ କୋଠରି | ଯାହାକୁ ବନ୍ଦୀଘର ବୋଲି କୁହାଯାଏ|ବିଲକୁଲ ଜେଲ ପରି କହିବା ଭୁଲ ହେବନି|

ପୁଣି ବନ୍ଦୀ ଜଣେ ଦୋଷୀ ହେଇଥାଏ ପାରେ କିମ୍ବା ଜଣେ ନିର୍ଦ୍ଦୋଷୀ ବି ହେଇଥାଇ ପାରେ ସତ୍ୟ ବାଦୀ ହେଇ ଥାଇ ପାରେ ମିଥ୍ୟା ଆରୋପି ହେଇ ଥାଇ ପାରେ| ଯଦି ଆମେ ଏହାକୁ ମାନିବା, କି' ମନୁଛେ ତେବେ ପକ୍ଷୀର ଦୋଷ କଣ?? କଣ ତାର ଭୁଲ?? ତାକୁ ବିଧାତା ଗଢିଛି ଖୋଲା ଆକାଶରେ ଉଡ଼ି ବୁଲି ପ୍ରକୃତି କୁ ଛୁଇଁବା ପାଇଁ |

ମୁଁ ବାଟରେ ଯାଉଥିଲି ହଠାତ୍ ମୋ ଆଖି ଜଣଙ୍କ ଘର ଉପରେ ପଡିଲା ପକ୍ଷୀ ଟି ମିଟୁ ମିଟୁ ଡାକ ଦେଉଥାଏ ଆଉ ଛଟ ପଟ ହେଇଥାଏ|ମୁଁ ତାଙ୍କ ଘରକୁ ଯାଇ ପଚାରେ ବିହଙ୍ଗ ତ ମୁକ୍ତିର ପ୍ରତୀକ ତାକୁ ପଞ୍ଜୁରୀରେ ବନ୍ଦୀ କରି କଣ ପାଇଁ ରଖିଛ କଣ ମିଳୁଛି। ଉତ୍ତର ଆସେ ଗୋଟିଏ କଥା ଆମକୁ ଭଲ ଲାଗେ ତ' ସେ ଲାଗି ରଖିଛୁ। ଆମେ ତାର ଭଲ ଯତ୍ନ ନେଉଛୁ। ମୁଁ ଶୁଣି ସାରି ଉତ୍ତର ଦିଏ ଭଲ ଯଦି ଲାଗୁଚି ଖୋଲା ରେ ରଖ ପଞ୍ଜୁରୀ ରେ ରଖିବା କଣ ଦରକାର।

....ଆରେ ବାବା, ପଞ୍ଜୁରୀରେ ନ' ରଖିଲେ ଉଡ଼ି ଯିବ ଯେ....

ବାଃ ବାଃ ରେ ମଣିଷ?? ତୁମକୁ ଭଲ ଲାଗୁଚି ବୋଲି କଣ ଜଣଙ୍କର ଇଚ୍ଛା ବିରୁଦ୍ଧରେ ତାକୁ ବାନ୍ଧି ରଖିବା ଏଇଟା କଣ ନୀୟା।

ସ୍ୱଚ୍ଛନ୍ଦରେ ଆକାଶରେ ଉଡ଼ି ବୁଲୁଥିବା ପକ୍ଷୀ କୁ ଏମିତି ପଞ୍ଜୁରୀ ଭିତରେ ଦେଖିଲେ ମୁଁ ଭାରି ଚିନ୍ତା ରେ ପଡ଼ିଯାଏ। ବେଳେବେଳେ ଦେଖିଚି କେହି କେହି ପଞ୍ଜୁରୀ କୁ କେତେ ରଙ୍ଗ କରି ଆକର୍ଷିତ କରିଥାନ୍ତି। ସତରେ କଣ ପଞ୍ଜୁରୀ ଯେତେ ସୁନ୍ଦର ହେଲେ ବି ତା ଭିତର ବନ୍ଦୀ ଜୀବନ କାଟିବା ସହଜ ହେଇଥାଏ??

କେହି କେହି ତା ଗୋଡ଼ କୁ ସୂତା ରେ ବାନ୍ଧି ରଖି ଥାଆନ୍ତି ପଞ୍ଜୁରୀ ପୁଣି ତା ଭିତରେ ତା ଭିତରେ ପୁଣି ସୂତା। ଯେମିତି ସତରେ ସେ ପଞ୍ଜୁରୀ ନେଇ ଉଡ଼ିଯିବ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

କହିବାକୁ ଗଲେ ମଣିଷ ମଧ ବନ୍ଧି ଜୀବନ ସହ ବେଶ୍ ପରିଚିତ କାରଣ ମଣିଷ ମଧ କୋରାନା ସମୟରେ କେତେବେଳେ ଲକ୍-ଡାଉନ୍ ପୁଣି ସହୋର୍ଟ ଡାଉନ୍ ଏଇଥି ବୋଧେ ଭଗବାନ ଅବଗତ କରାଇବା ପାଇଁ ଏମିତି ପରିସ୍ଥିତି ଆସିଲା।

କାଳେ ଏହି ନିର୍ଦୟୀ ମଣିଷ ଏହି ବନ୍ଦୀ ପକ୍ଷୀ ର ଦୁଃଖ ବୁଝିପାରିବ। କିନ୍ତୁ ମଣିଷ ଭାବେ ସେ ସବୁ କିଣି ପାରିବ କାହାକୁ ବି ବାନ୍ଧି ରଖି ପାରିବ। ସେ ପାଇଁ ତ ଗୋଟିଏ ପ୍ରାଣୀ ଆମକୁ ଭଲ ଲାଗୁଚି ବୋଲି ତାକୁ ବାନ୍ଧି ରଖିବାର କଣ ଯଥାର୍ଥତା ଅଛି। ଜଣଙ୍କ ଠାରୁ ତାର ସ୍ୱାଧୀନତା ଛଡାଇ ନେଇ ଆମେ ତା ଠାରୁ ତା ଠୁଁ କଣ ଆମ ଭଲ ପାଇବା। ଆମେ ନିଜେ କିଛି ଦିନ ବନ୍ଦୀ ହେଲେ କେମିତି ଲାଗୁଛି କେତେ କଷ୍ଟ ଅନୁଭବ ହୋଉଛି ସେମିତି ତାକୁ ବି ହୋଉଥିବ ଯୋଉ ଖୁସି ତାକୁ ଉଦଡେଇବାରେ ମିଳିବ ତାକୁ କୃତିମ ଭାବରେ ଯେତେ ଦେଖିଲେ ମିଳିବନି। ଆଉ ତା ଛଡା ତୁମ ଭଲ ପାଇବା ଯଦି ଥିବ ତେବେ ସେ ପଞ୍ଜୁରୀ ଦରକାର ପଡିବନି ସେ ନିଜ ଇଛା ରେ ଫେରି ଆସିବ । ପ୍ରକୃତି ତାକୁ ଗଢିଛି ଉଡ଼ିବା ପାଇଁ ତାକୁ ବାନ୍ଧିଲେ କଣ ମିଳିବ। ଯେଉ ମାନେ ପୋଷା ପକ୍ଷୀ ରଖିଛନ୍ତି ତାକୁ ଉଡେଇ ଦିଅନ୍ତୁ। ତା ପରେ ଦେଖିବେ ଆପଣଙ୍କ ଆଖିରେ ସେ ଉଡ଼ିବ ଦୁରର ଦୁରନ୍ତର। ତାକୁ ମିଳିଯିବ ତାର ସ୍ୱାଧିନତା।

ଏତିକି ମାନବ ସମାଜକୁ ଅନୁରୋଧ ଥରେ ନିଜକୁ ସେ ପକ୍ଷୀ ଜାଗାରେ ରଖି ଦେଖନ୍ତୁ ତା ପରେ ପ୍ରଶ୍ନ କରନ୍ତୁ ନିଜ ବିବେକ କୁ।

ପ୍ରତିଷ୍ଠାତା/ ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ଶବ୍ଦ ବ୍ରହ୍ମ ...

ଅଶୋକ କୁମାର ନାୟକ
କେନ୍ଦୁଢ଼ିପି, ନୟାଗଡ଼

ଶବ୍ଦ ବ୍ରହ୍ମରେ ବିଚାରି ଚିରନ୍ତନ
ଶବ୍ଦ ପାଇଁ ପୂଜାରିଣୀ,
ବ୍ରହ୍ମାନୁଭବରେ ଗୋଚର ହୁଅଇ
ହେଉଥାଉ ସଦା ଗୁଣୀ ।।
କେବେ ଧରା ଦିଏ କେବେ ରଷିଯାଏ
ଅଭିମାନୀ ଶବ୍ଦ ପ୍ରିୟା,
ନ ପାଇଲେ ତାକୁ ମନ ବୁଝେ ନାହିଁ
ବ୍ୟାକୁଳ ହୁଅଇ ଯାହା ।।
କେଉଁ ଶବଦଟି ସରଳ ଲାଗଇ
କେଉଁ ଶବଦ ଜଟିଳ,
କେଉଁ ଶବଦଟି ଦ୍ୱିଅର୍ଥବୋଧକ
ପାଏ ନାହିଁ ଥଳକୂଳ ।।
ଶବ୍ଦରେ ଶବ୍ଦରେ ପଦର ରଚନା
ପଦରୁ ହୁଏ କବିତା,
କବିତା ଶବଦ ବ୍ରହ୍ମାନୁଭବ ମୋ
କହେ ମୋ ଅନ୍ତର କଥା ।।
ରାତି ଅଧେ କେବେ ମନେ ପଡ଼ିଗଲେ
ତନ୍ଦ୍ରା ଯାଏ ମୋର ତୁଟି,
କଲମରେ ତାକୁ ଫୁଟାଇଥାଏ ମୁଁ
ଆଖି ମଳି ମଳି ଉଠି ।।
ଯତିପାତ ପାଇଁ ଶବ୍ଦ ଲୋଡ଼ା ହୁଏ
ଖୋଜିବୁଲୁ କେତେ କାହିଁ,
ଶବଦ ବ୍ରହ୍ମରେ କାହିଁ ହଜିଯାଏ
ସହଜେ ହୁଏନା ପାଇ ।।
ପାଇଲେ ବି ଶବ୍ଦ ମନ ବୁଝେ ନାହିଁ
ଆଉ ଭଲ ଖୋଜୁଥାଏ,
କବିତା କନ୍ୟାକୁ ସଜାଇବା ପାଇଁ
ମନ ବ୍ୟାକୁଳିତ ହୁଏ ।।
ସବୁଠୁ ସୁନ୍ଦର ସବୁଠୁ କୋମଳ
ଶବ୍ଦ ବ୍ରହ୍ମ ଅଟେ ସାର,
ସାରସ୍ୱତସ୍ରଷ୍ଟାଙ୍କୁ ବ୍ରହ୍ମାନୁଭବ ଏ
ସାର୍ଥକ ପଥେ ଗୋଚର ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଦୂର ପାହାଡ ...

ଅନୁପମା ବିଶ୍ୱାଳ
ସମ୍ବଲପୁର

ଦୂର ପାହାଡଟି ଦିଶଇ ସୁନ୍ଦର
ଆଖିକୁ କରଇ ଖୁସି ,
ଦେଖୁଥିଲେ ଆଖି ହୋଇଯାଏ ଲାଖି
ପ୍ରକୃତି ସହିତ ମିଶି ।

ଯେଉଁ ଜନ ଯାଏ ନିକଟେ ତାହାର
ଭଲମନ୍ଦ ଜାଣିପାରେ ,
ସହଜ ସୁନ୍ଦର ଲାଗୁଥିଲେ ଅବା
ଥାଏ ବଡ଼ କଠିନରେ ।

ମାନବ ଜୀବନ ସେ ରୂପ ଅଟଇ
ଦୂରରୁ ଦିଶେ ସୁନ୍ଦର ,
ତା' ଅନ୍ତର କଥା ଯିଏ ବୁଝିଥାଏ
ସେ ଜାଣେ କି ପ୍ରକାରର ।

ବାହାରରେ କିଏ ହସୁଥିଲେ ଅବା
ନୁହେଁ କେବେ ସିଏ ସୁଖୀ ,
ଭିତର ତାହାର ଦୁଃଖେ କାନ୍ଦୁଥାଏ
ତେଣୁ ହୋଇଥାଏ ଦୁଃଖୀ ।

ସଂସାର ଭିତରେ ଘର କରିଥିଲେ
ନାନାଦି ସମସ୍ୟା ଆସେ ,
ସବୁ ସମସ୍ୟାର ନାହିଁ ସମାଧାନ
ତଥାପି ରହେ ସରସେ ।

ମଉଳା ମୁହଁଟି ଆତ୍ମୀୟ ସ୍ୱଜନ
ଦେଖି ନ ପାରନ୍ତି କେବେ ,
ସେଥିପାଇଁ ସିନା ଜ୍ଞାନୀ ଜନ ସଦା
ସେଇ କଥା କ୍ଷଣେ ଭାବେ ।

ସ୍ୱାମୀ ସ୍ତ୍ରୀ ମଧରେ ଭୁଲ ବୁଝାମଣା
ହୋଇଥାଏ ବେଳେବେଳେ ,
ମନରେ ତିକ୍ତତା ରହିଥିଲେ ମଧ
ଓଠରେ ହସଟି ଖେଳେ ।

ପାଖର ଦରବ ସତ୍ୟରେ ନିହିତ
ଦୂରେ ଆଖି ଧୋକା ଖାଏ ,
ଦୂର ପାହାଡ଼ଟି ସେରୂପେ କେବଳ
ସୁଶୋଭନ ଲାଗୁଥାଏ ।



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ନିଜର କିଏ ? ...

ପାରଦ କୁମାର ପାଢ଼ୀ
ଅବସରପ୍ରାପ୍ତ ଶିକ୍ଷକ,
ରାଜା ସାହି, ହିଞ୍ଜିଳିକାଟୁ

ଯାହା ଆମ ଚକ୍ଷୁ ଦେଖି ବୁଝେ ଦେହ ,
ସହିତ ବୁଦ୍ଧି ଓ ମନ ,
ରକ୍ତ,ମାଂସ ,ଅସ୍ଥି ,ମଜ୍ଜା ରେ ଗଠିତ
ଏହି ପିଣ୍ଡରାବରଣ ||
ଉପରୋପାଦାନ ପ୍ରତ୍ୟେକେ ବିନାଶୀ
ଆତ୍ମା ମାତ୍ର ଅବିନାଶୀ ,
ଯାହାର ଆକାର ବିସ୍ମୃତି କଳିବା
ଯେତେବା ହେଲେ ଅନ୍ୱେଷୀ ||
ସମ୍ଭବ ହୁଏନି ଅଦୃଶ୍ୟ ତା ରୂପ
ଇଏ ତ ଅତି ବିଚିତ୍ର ,
ଆମଛଅ ପାର୍ଶ୍ୱେ ଥାଇବି ଆକାଶ
ଦେଖି ହୁଏନି ତା ଚିତ୍ର ||
ଯେମନ୍ତ ଆକାଶ ଛୁଏଁ ସିନା ଦେହ
କୁପ୍ରଭାବ ତାର ନାହିଁ ,
ଆତ୍ମା ସେହିପରି ସବୁଠାରେ ଅଛି
କିନ୍ତୁ ତାର ଦେଖା ନାହିଁ ||
କପଟ ବିହୀନ ଆତ୍ମା ଆମ ନିଜ
ସ୍ୱାର୍ଥ କିଛି ନାହିଁ ତାର ,
ଅନିଷ୍ଟାଚରଣ କେବେ ଚିନ୍ତେ ନାହିଁ
ଜଗତ ମଧ୍ୟେ କାହାର ||
ସ୍ୱାର୍ଥ ସିଦ୍ଧି ଅର୍ଥେ ଯେତେ ଅମଙ୍ଗଳ
କରିପାରୁ ଆମେ ତାର ,
ମାତା ଭଳି ସିଏ ସବୁ ସହିଥାଇ
ରହିଥାଏ   ନିର୍ବିକାର ||
ସବୁରି ଶରୀର ଆତ୍ମା-ଜ୍ଞାନାଲୋକେ
ଆଲୋକିତ ହୋଇଥାଏ ,
ଯାହାରି ଫଳରେ ଜୀବ ର ଶରୀର
କର୍ମକ୍ଷମ ହୋଇଥାଏ ||
ସମସ୍ତ ଦିଗରୁ କରିଲେ ତାତ୍ତ୍ୱିକ
ଦୃଷ୍ଟିରୁ ପର୍ଯ୍ୟାଲୋଚନା ,
ଆତ୍ମା ହିଁ କେବଳ ଆମର ନିଜର
ଅତି ନିକଟର ଜଣା ||
ତାକୁ ଆମେ ମିତ୍ର ଆଖ୍ୟା ଦେବା ଭୁଲ
ଆମେ ନିଜେ ଅଟୁ ସିଏ ,
ସବୁ ଜୀବଙ୍କର ଶୁଭାକାଂକ୍ଷୀ ସିଏ
ନଖକୁ ମାଂସ ବି ସିଏ ||

ବିଶ୍ୱ ଯୁଦ୍ଧାବସାନ ସ୍ମୃତି-ସ୍ମରଣ ଦିବସ ...

ଶମ୍ଭୁନାଥ ଦାସ
ଯାଜପୁର
(ମୁଖ୍ୟ ସମ୍ପାଦକ : ଅଭିଯାନ)

ବିଶ୍ୱଯୁଦ୍ଧ ପରେ ଜର୍ମାନୀ ପ୍ୟାରିସ
କ୍ଷୟକ୍ଷତିରେ ଚିନ୍ତନ,
ଅନୁତପ୍ତ ହୃଦେ ବିଚାର ବିମର୍ଶେ
ସନ୍ଧିରେ ଯୁଦ୍ଧାବସାନ ।

ଏଗାର ତାରିଖ ଏକାଦଶ ମାସ
ଉଣେଇଶ ଶ' ଅଠର,
ଦିନ ଏଗାରଟା ସମୟେ ରଚିଲେ
ସ୍ମୃତି-ସ୍ମରଣ କାଳର ।

ଚାରି ବର୍ଷ ସାଢ଼େ- ତିନି ମାସ ଯୁଦ୍ଧ
ଯେ' ପ୍ରଥମ ବିଶ୍ୱଯୁଦ୍ଧ,
ପୁନର୍ବାର ଯୁଦ୍ଧ ନ କରିବାକୁ ଯେ'
ଦେଶ ଅଙ୍ଗୀକାରବଦ୍ଧ ।

ତଥାପି ଦ୍ୱିତୀୟ ବିଶ୍ୱଯୁଦ୍ଧ ହୁଏ
ଏକୋଇଶ ବର୍ଷାନ୍ତର,
ହିରୋସୀମା ଆଉ ନାଗାସାକି ଦ୍ୱୟ
ବୋମାରେ ଧ୍ୱଂସ ସହର ।

ଦୀର୍ଘ ପଞ୍ଚସ୍ତରୀ ବର୍ଷ ପରେ ପୁନଃ
ଦାନା ବାନ୍ଧୁଛି ତୃତୀୟ,
ଏହା କି ବିଜ୍ଞାନୀ ସୁଜ୍ଞାନୀ ରାଷ୍ଟ୍ରର
ବିଶ୍ୱପ୍ରେମ ପରିଚୟ ?

ପ୍ରଥମ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯଦି
ହୋଇ ନ ଥା'ନ୍ତା ବିଶ୍ୱର,
ମଙ୍ଗଳ ଗ୍ରହରେ ମାନବ ସମାଜ
କରି ସାରନ୍ତାଣି ଘର !

ସାମାନ୍ୟ କବି ମୁଁ କିପରି କେମିତି
କାହାକୁ ବାଣ୍ଟିବି ଜ୍ଞାନ ?
ସ୍ମୃତି ଓ ସ୍ମରଣ ଦିବସେ କେବଳ
ବିଷାଦରେ ମ୍ରିୟମାଣ !!

ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା : ଶିବଦୃତିପାଣିଗ୍ରାହୀ, ସଂଯୋଜକ : ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅସୁମାରୀ ସ୍ୱପ୍ନର ବ୍ୟଥା ...

ବିକ୍ରମାଦିତ୍ୟ ପୁରୋହିତ
ଜଗନ୍ନାଥ କଲୋନୀ,
ବୁଢ଼ାରଜା, ସମ୍ବଲପୁର

ଲାଗି ରହିଛି ତ ନିର୍ବାଚନ ଗଣତନ୍ତ୍ର
ଶାସନରେ, ରାଜନୀତିର ପଶାପାଲି
ରେ ଉବୁଟୁବୁ ଜନତା,ହାତୀ ନେ ଓ
ଘୋଡା ନେ,ମୋ ପେ କାଳି ବଜାଇ
ଦେ ନୀତିରେ ଚାଲିଛି ହିଁ ଗଣତନ୍ତ୍ର ।

ହୁଏ ତ ବାଜୁଥାଏ ପେଏ କାଳି ଶୁଣି
ଶୁଣି ଜନତା ରହିଥାଏ ଚାହିଁ ଆକାଶ
ବ୍ୟର୍ଥ ଚାହାଁଣୀରେ ହୁଏ ବୋକା ଓ
କର୍ମକୋଢୀ ଜନତା,ମାହାଲିଆ ବଣ୍ଟା
ଚାଉଳ ଖୁସିରୁ ଶସ୍ତା ଭୋଟ ବ୍ୟାଙ୍କ ।

ଦୁଲୁକୁଥାଏ ମାଟି ମେଘର ଡମ୍ବରୁରେ
ଚାଲିଯାଏ ମେଘ ବାଟରେ ମେଘର
ଗର୍ଜନ,ତୃଷାର୍ତ୍ତ ମାଟି ଚାହିଁ ଆକାଶକୁ
ଜଗିଥାଏ ବର୍ଷା ହେବ କେବେ ଯିବ ତ
ଦୁଃଖ ମୋର ଅସୀମ ବ୍ୟଥାର ପୀଡା ।

ଭାରତର ଆଭିସାର ଭାଗ୍ୟ ସହିତ
ସ୍ୱାଧୀନତାର ଦ୍ୱାହି ଦେଇ ନେତାଙ୍କ
ଭାଷଣ ବାଜି ହିଁ ତ ମଣିଷ ଜୀବନକୁ
କରେ ହନ୍ତ ସନ୍ତ, ଦ୍ୱନ୍ଦରେ ଜନତାଙ୍କ
ଧୈର୍ଯ୍ୟ,ଭୋଟ ଦେବେ ବା କାହାକୁ ।

ମାନବିକତାର ମନ୍ତ୍ରରେ ହିଁ ଦିକ୍ଷୀତ
ଆମ ଭାରତୀୟ ଜନତା, ହାତରେ
ଧରି ଆମ ସମ୍ବିଧାନର କପି ଘୋଷି
ଚାଲିଛି ମହାନ ସୂତ୍ର ସବୁ, ନାହିଁ ତ
ମୁକ୍ତ ବିଚାର ନ୍ୟାୟ ଆଧାରିତ କର୍ମ ।

ଧର୍ମ ବର୍ଣ୍ଣ ଜାତି ପ୍ରୀତି ଆପଣାଇ ଏକ
ସଭ୍ୟ ଦେଶ ଆମ ଭାଷା ସାହିତ୍ୟ ଓ
ସଂସ୍କୃତି ସଭ୍ୟତାକୁ ଯୁବପିଢ଼ୀଙ୍କ ନାହିଁ
ଧ୍ୟାନ, କେତେ ଆଦର୍ଶ ଆମ ଜୀବନ
ଦର୍ଶନ ଧାରା, ଯାଇଛି ହଜି ଗଣତନ୍ତ୍ର ।

ଗାନ କରାଯାଏ କ୍ଷମତାର ଶୀର୍ଷରୁ
ଗଣତନ୍ତ୍ରର ଗାଥା ସବୁ, ପରିତୃପ୍ତିର
ହୁଏ ଆହ୍ଲାଦିତ ଆମ ତନୁ ମନ ହୃଦ
ସ୍ପନ୍ଦିତ ହୋଇ ବନ୍ଧୁ ଗାଇ ଦୁଃଖ ସୁଖ
ଦେଉଛି ଖୁସି ପ୍ରାଣକୁ ଅସୀମ ଶାନ୍ତି ।

ଅସୁମାରୀ ସ୍ୱପ୍ନର ବ୍ୟଥା ବଖାଣିବା
ହିଁ ହେଉଛି ସାର,ମାଟି ସହିତ ଯୁଝୁ
ଥିବା ମଣିଷ ହିଁ ଜାଣେ ସ୍ନେହ ମମତା
ବନ୍ଧନର ଦୁଃଖ କଷ୍ଟ ଯନ୍ତ୍ରଣାର ସ୍ୱର
ହେବ ସ୍ୱପ୍ନ ସାକାର କେବେ ଦେଶର ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ବୋଉ, ତୋ' ତୁଳସୀ ପୂଜା ପାଇନି ...

ଗରୁଡ଼ ସ୍ୱାଇଁ
ତାଳପଡା, ଖଲ୍ଲିକୋଟ,
ଗଞ୍ଜାମ୍

ବୋହୂ ଆଣିଥିଲୁ ସହରୁ ଯାଇ
ସମ୍ପତ୍ତି ଲୋଭରେ ହେଲୁ ତୁ ବାଇ
ପ୍ରତ୍ୟୁଷେ ସମୟ ବିତିଗଲାଣି
ତପନର ତାପ ବଢ଼ି ଗଲାଣି
ସହରୀ ବହୁ ର ନିଦ ଭାଙ୍ଗୁନି
ବୋଉ ତୋ ତୁଳସୀ ପୂଜା ପାଇନି ।।

ପିତଳ ଭିତରେ ସୁନା ପରଖି
ଆଣିଥିଲୁ ବୋହୂ ମଧସ୍ଥି ରଖି
ସହରୀ କନ୍ୟା ସେ କନକଲତା
ଅଧୁନା ଯୁଗର ଅପରାଜିତା
ଚନ୍ଦ୍ରମା ନଦେଖି ନିଦ ଆସୁନି
ସୁରୁଜ ଉଇଁଲେ ଆଖି ଫିଟୁନି
ବୋଉ ତୋ ତୁଳସୀ ପୂଜା ପାଇନି ।।

ରୋଷେଇ ଶାଳରେ ଧୂଆଁ କୁ ଦେଖି
ଚମକି ପଡୁଛି ସେ ନୀରିମାଖୀ
ଗରମ ପାଣି କୁ ତତଲା ଟା
ଚାଉଳ ଦେଖିଲେ ଡାକୁଛି ମା
ପଖାଳ ଭାତ ସେ କେବେ ଖାଇନି
ମୁଖେ ତାର ଶୋହେ ପିଜା ଚାଉମିନି
ବୋଉ ତୋ ତୁଳସୀ ପୂଜା ପାଇନି ।।

ଓଢ଼ଣା ଟାଣିଲେ ଲାଜ ଲାଗୁଛି
ଓଡ଼ିଆ ଯାତୀ ର ଠାଣି ଭୁଲିଛି
ମଥା ନୁଆଁଇ ସେ ପ୍ରଣାମ କଲେ
ଧଳା ବଦନ ତା ରାଗରେ ଜଳେ
ପ୍ରେମ ସଙ୍ଗୀତ ତା ଓଠୁ ସରୁନି
ଲକ୍ଷ୍ମୀ ପୁରାଣ ତା ମନେ ରହୁନି
ବୋଉ ତୋ ତୁଳସୀ ପୁଜା ପାଇନି ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଯାହା କରିବ ନାହିଁ ତାହା କହିବ ନାହିଁ ...

ହରପ୍ରିୟା ସାହୁ
ସିଂହାରପୁର, ଜଗତସିଂପୁର

ଅନେକ ସମୟରେ ଦେଖିଥିବେ ବହୁତ୍ ଲୋକ ବହୁତ ଗୁଡ଼ାଏ ନୀତି ବାଣୀ ଦେଇ ଥାଆନ୍ତି । ତାହା ମଧ୍ୟ ରୁ କେତେକ ଲୋକ ନିଜେ କହୁଥିବା କଥାକୁ ନିଜେ ପାଳନ କରନ୍ତି ଆଉ କିଛି ଲୋକ ପ୍ରଶଂସା ପାଇବାକୁ ଯାଇଁ କେତେ ଗୁଡ଼ାଏ ଭଲ କଥା କହି ଥାଆନ୍ତି । କିନ୍ତୁ ସେ କଥା ସେ ନିଜେ କେବେବି ପାଳନ କରିନଥାନ୍ତି । ଆସନ୍ତୁ ସେମିତି ଏକ କାହାଣୀ ଶୁଣିବା ।

ଦିନକର କଥା ଶ୍ୟାମପୁର ଗ୍ରାମ ରେ ଜଣେ ବ୍ରାହ୍ମଣ ଲୋକ ଟିଏ ଥିଲା । ସେ ଆଉ ତା ସହଧର୍ମିଣୀ ସେ ଗାଁ ରେ ରହୁଥିଲେ । ସେମାନଙ୍କ ର କିଛି ସନ୍ତାନ ନଥିଲା । ସେ ବ୍ରାହ୍ମଣ ପୁଜା ପାଠ କରିବା ସହ ବିଭିନ୍ନ ଧର୍ମ ଅନୁଷ୍ଠାନ ରେ ପ୍ରବଜନ ଦିଅନ୍ତି ।ହେଲେ ବ୍ରାହ୍ମଣୀ କେବେ ତା ସ୍ୱାମୀର ଧର୍ମ ଅନୁଷ୍ଠାନ ରେ ପ୍ରବଚନ ଦେବା ପ୍ରତ୍ୟକ୍ଷ ଭାବରେ ଶୁଣି ନଥିଲା । କିଛି ଦିନ ପରେ ଶିବରାତ୍ରି ଆସିଲା । ସେ ଦିନ ବ୍ରାହ୍ମଣ ପ୍ରବଚନ ଦେଲା । ବ୍ରାହ୍ମଣୀ ମନ୍ଦିର ରେ ଯାଇଁ ତା ସ୍ୱାମୀ ର ପ୍ରବଚନ ଶୁଣୁଥିଲା ।
ଜୀବନ ରେ କଣ କରିବା ଉଚିତ୍, କଣ ନ କରିବା ଅନୁଚିତ୍ ,ସେ ସମ୍ପର୍କ ରେ ବ୍ରାହ୍ମଣ ପ୍ରବଚନ ଦେଉଥିଲେ । ପିଆଜ ରସୁଣ ଖାଇବା ଅନୁଚିତ୍, ମାଛ,ମାଂସ ଖାଇବା ଅନୁଚିତ୍, ମିଥ୍ୟା କହିବା ଅନୁଚିତ୍ । ସତସଙ୍ଗ କରିବା, ସମସ୍ତଙ୍କୁ ସ୍ନେହ,ପ୍ରେମ, ଶ୍ରଦ୍ଧା କରିବା ଉଚିତ୍ । ଏହି ପରି କେତେ କଥା ବ୍ରାହ୍ମଣ କହିଲେ ।ବ୍ରାହ୍ମଣୀ ସେ ପ୍ରବଚନ ଶୁଣି ତା ମନ ରେ ଗଭୀର ପରିବର୍ତ୍ତନ ଆସିଲା । ସେ ଘରକୁ ଗଲା ଘର ର ସବୁ କାମ କଲା, ସମସ୍ତଙ୍କୁ ସ୍ନେହ ,ପ୍ରେମ, ଶ୍ରଦ୍ଧା ,ସମ୍ମାନ ପ୍ରଦର୍ଶନ କରିଲା ।

ଏମିତି କିଛି ଦିନ ଗଲା ପରେ ବ୍ରାହ୍ମଣ ଘରକୁ ମାଛ ଆଣିଥିଲା । ପତ୍ନୀ ରୋଷେଇ କଲେ ବ୍ରାହ୍ମଣ ବ୍ରାହ୍ମଣୀ ମିଶିକି ଖାଇବେ । ହେଲେ ବ୍ରାହ୍ମଣୀ ସେ କଟା ମାଛ କୁ ଦେଖିକି ଫିଙ୍ଗି ଦେଲା । ବ୍ରାହ୍ମଣ ଆଶିକି ରାଗିକି ବ୍ରାହ୍ମଣୀ ଙ୍କୁ ପଚାରିଲା ।
"ତୁ କଣ ପାଇଁ ମାଛ ଫିଙ୍ଗି ଦେଲୁ"?
ବ୍ରାହ୍ମଣୀ ଉତ୍ତର ଦେଲା " ତମେ ପା ସେ ଦିନ ପ୍ରବଚନ ରେ କହୁଥିଲ ଆମିଷ ଭୋଜନ କରିବା ଅନୁଚିତ୍ । ଏହା ପାପ ହୋଇଥାଏ" । ତେବେ ଆଜି ତୁମେ କିପରି ତାହା ଭକ୍ଷଣ କରିବ?
ବ୍ରାହ୍ମଣ ପତ୍ନୀକୁ କହେଲେ "ଆରେ ଶୁଣ ମୁଁ ସେଦିନ ଏମିତି ଲୋକ ଙ୍କ ଆଗରେ କହି ଦେଇଥିଲି ନା! ତମେ କଣ ଜାଣିନ ମୋର ଉଚ୍ଚାରଣ ଗୋଟେ ଆଚରଣ ଅନ୍ୟ ଗୋଟେ ।
ବ୍ରାହ୍ମଣୀ ବହୁତ୍ ଯୋରେ ରାଗିଗଲା
ଏବଂ ବ୍ରାହ୍ମଣ କୁ କହିଲା - "ଏହି ଭୁଲ୍ ପାଇଁ ତମେ ଦାଇ । ତମେ ଯଦି ସେଦିନ ପ୍ରବଚନ ରେ ଏ କଥା କହି ନଥାନ୍ତ , ତେବେ ମୁଁ ସେ ମାଛ ଫିଙ୍ଗି ନଥାନ୍ତି ।
ଯାହା ନିଜେ କରିବନି ତାହା ଅନ୍ୟକୁ କଦାପି କହିବନି ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଉଚ୍ଚାରଣ, ଆଚରଣ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ବ୍ୟକ୍ତି କେବେବି ସଫଳତା ର ସହ ଆଗକୁ ଯାଇ ପାରିବ ନାହିଁ। ସେହି ବ୍ୟକ୍ତି ହିଁ ଦୁନିଆଁର ସବୁଠୁ ବଡ଼ ପାପି ଅଟେ। ଏହି ଭଳି ବ୍ରାହ୍ମଣୀ ବ୍ରାହ୍ମଣ ଙ୍କୁ ରାଗିକି କହିଥିଲେ।
ଏହି କ୍ଷୁଦ୍ର ଗଳ୍ପରୁ ଆମେ ଏଇୟା ଶିଖିଲେ କି ଯାହା ଆମେ ନିଜେ କରିବା ନାହିଁ ତାହା ଅନ୍ୟକୁ କରିବା ପାଇଁ କଦାପି କହିବା ନାହିଁ। ତାହା ଠିକ୍ ହେଉ କି ଭୁଲ୍।

ଶ୍ରୀମଦ୍ ଭାଗବତ ଗୀତା ରେ ବି ଉଲ୍ଲେଖ ହୋଇଛି। ଗୁରୁ ବିଷ୍ମ ରାଜା ଯୁଧିଷ୍ଠିର ଙ୍କୁ ରାଜଧର୍ମ ପାଳନ କରିବା ସମୟ ରେ କହି ଥିଲେ ଯେଉଁ ଧର୍ମ ର ମାର୍ଗ ରାଜା ଆପଣେଇବେ ସେହି ଧର୍ମ ର ମାର୍ଗ ରେ ଯିବା ପାଇଁ ପ୍ରଜା ଙ୍କୁ କହିବେ। ଯାହା ନିଜ ପାଇଁ ଠିକ୍ ନୁହେଁ ସେହି କଥା ପ୍ରଜାଙ୍କୁ କରିବା ପାଇଁ କଦପି କହିବା ଉଚିତ୍ ନୁହେଁ।

ସୁନାବେଶ ...

ରାଜେଶ କୁମାର ଗୁରୁ
ରାମଚନ୍ଦ୍ରପୁର, ଫତେଗଡ଼,
ନୟାଗଡ଼

ହେ' ଚକା ନୟନ , ଭାବ ମୋଚନ,,,
ତୁମକୁ ଦେଖିଲେ ବିତିଯାଏ ମୋ ଦିନ ।।
ଅନାଥ ଜନଙ୍କୁ ଦେବ ଦର୍ଶନ,,,
ତମ ସୁନାବେଶ ଦେଖି ହେବେ ପ୍ରସନ୍ନ ।। (୨)
ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାର,,,
ହୋଇବ ରାଜା ରାଜେସ୍ୱର ବେଶ ।।
ଏ ବ୍ରହ୍ମାଣ୍ଡ ସବୁ ନର, ନାରୀ କହିବେ,,,
ଇଏକି ବିଚିତ୍ର ରୂପ ।। (୨)
ମନୁଷ୍ୟ ରୂପରେ ଦର୍ଶନ ଦେବ,,,
ଇଏ ତୁମ ସୁନା ବେଶ ।।
ସବୁଠାରୁ ଏ ଦୂଲଭ ରୂପ,,,
ଦେଖିବ ସରା ଜଗତ ।। (୨)
ସୁନା ବେଶ ରେ ମନୁଷ୍ୟ ରୂପରେ,,,
ଦେବ ଦର୍ଶନ ।।
ଚତୁର୍ଦ୍ଧା ମୂରତି ସୁନାବେଶ ଦେଖି,,,
ଭକ୍ତ ଜନ ହେବେ ପ୍ରସନ୍ନ ।।(୨)
ହେ ଚକା ନୟନ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ସତେ ଅବା ଆସନ୍ତନି ମୋ ପାଖକୁ ...

ପ୍ରଶାନ୍ତ ଖଟୁଆ
ନୀଳାଦ୍ରି ବିହାର , ଚନ୍ଦ୍ରଶେଖରପୁର ,
ଭୁବନେଶ୍ୱର

ଆଜି ସ୍ମୃତି ଗୁଡ଼ା କାଇଁ
ଖୋଜି ଉଠୁଛନ୍ତି,
ତୁମର ସେ ସାବଲୀଳତା
ପ୍ରେମର ଉଚ୍ଛ୍ୱାସ ପଛିକୁ..
ସତେ ଯେପରି ବାଟବଣା ବାଟ ଖୋଜେ
ପରେ, ଫେରେ ତା ବସାକୁ..
ସତେ ଅବା ଅସନ୍ତନି ମୋ ପାଖକୁ..।

ତୁମେ ଆମେ ମିଶି ମିଶି ପ୍ରେମ ଗୁଞ୍ଜରଣ
ଅହର୍ନିର୍ଶି ହେଉଥିଲେ ଅତୀତେ,
କେତେ ଭ୍ରମୁଥିଲେ..
ବାରିପଟ ଅବଡ଼ା ଖବଡ଼ା
ନାତିଶିପ୍ରସସ୍ତ ରାସ୍ତାରେ
କ'ଣ, କଇଁଆର ଆମ୍ବିଳିସ୍ୱାଦ
ମନେନାହିଁ..?
ଯାଆନ୍ତେନି ତା' ପାଖକୁ
ସତେ ଅବା ଆସନ୍ତନି ମୋ ପାଖକୁ..।

ଗତ ରାତିରେ ମୁଁ ସ୍ୱପ୍ନ ଦେଖେ
ତୁମେ ଆସିଚ
ଯେଉଁପରି ଗୋଠ କୁ ଫେରିଛି
ବଇଁଶିଆଳ
ଶିହରି ଉଠୁଥାଏ ବାରମ୍ବାର ତନୁ
ପ୍ରଥମ ସ୍ପର୍ଶ ମନେ ପକେଇ ପକେଇ
ପୁଣି ନୟନ ତୀକ୍ଷ୍ଣ ନଜର କରେ
ତୁମ ରକ୍ତଫୁଟା ଓଠ କୁ
ସତେ ଅବା ଆସନ୍ତନି ମୋ ପାଖକୁ..।

ସ୍ୱପ୍ନରେ ତୁମ ଆଗମନ ଦେଖି -
ମୋ ଅଗଣାର ଆମ୍ବଗଛରେ
କୋକିଳ ର କୁହୁ କୁହୁ ତାନ..
ସତେ ଯେପରି ବସନ୍ତ ଆସିଛି
ତୁମେ ପୁଣି ନେଇ ଆସିଥିଲ
ଉଷ୍ମ ଚୁମ୍ବନ ଭରା ବର୍ଷାକୁ
ସତେ ଅବା ଆସନ୍ତନି ମୋ ପାଖକୁ..।

ଜାଣିଛ ପ୍ରିୟା !!
ସଦା ମଉସା ର ମନ ଭାରି ଦୁଃଖ
ଚାହା ପିଇ ଯାଉନେ ବୋଲି,
ତା ସହ ଗରମ ଗରମ ବରାକୁ ଆଳୁକଷା ଖାଇ ।
ନଇପଠା ସୁଲୁସୁଲୁ ପବନ
ନୂଆ ନୂଆ ଉପନ୍ୟାସ ପଢ଼ା ପ୍ରତିଯୋଗିତା
ଆଦି କଥା
ମନେ ପଡ଼ି...ମନ ମୋ
କୋହରି ଉଠୁଛି ପ୍ରତିଥରକୁ
ସତେ ଅବା ଆସନ୍ତନି ମୋ ପାଖକୁ..।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସେ ଓ ମୁଁ ...

ପୂଜା ସାହୁ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଦ୍ୱିତୀୟ ବର୍ଷ,ଓଡ଼ିଆ ବିଭାଗ, ଜିଲ୍ଲା -
ନୟାଗଡ

ସେ ନିରିହ,ଶୁଭ୍ର, ଶାନ୍ତ ର ପ୍ରତୀକ
ମୁଁ ଅଭିମାନିନୀ ପ୍ରେମିକା ର ଅନୁରାଗ ।
ସେ ସୀମା ହୀନ ଧୈର୍ଯ୍ୟ ର ଗନ୍ତାଘର
ଆଉ ମୁଁ ଅଧର୍ଯ୍ୟର ଦିଗନ୍ତ ତୀବ୍ର ଶର ।
ସେ ପ୍ରତ୍ୟୁଷାର କାକର ବିନ୍ଦୁ
ମୁଁ ଅପରାହ୍ନ ର ଅଝଟ ସିନ୍ଧୁ।
ସେ ଭାସମାନ ବାଦଲର ଉତ୍ତାଳ ବର୍ଷା
ମୁଁ ଅସୁମାରୀ ନୟନେ ନୂଆ ଆଶା ।
ସେ ସବୁଜ ସବୁଜିମା ଭରା ଦୂର ପାହାଡ଼
ମୁଁ ତାଙ୍କ ପ୍ରତି ଆକର୍ଷିତ ବାଳକ
ସେ ବସନ୍ତ ର ନିଭୃତ କୋକିଳ କୂଜନ
ମୁଁ ଗୁଞ୍ଜରିତ ଧ୍ୱନିକୁ ଚାହିଁରହିଥିବା ଚାତକ ।
ସେ ମୋହାବିଷ୍ଟ ଉତ୍ତାଳ ଭ୍ରମର
ମୁଁ ଶ୍ୟାମାୟିତ ସୁରଭି ପୁଷ୍ପର।
ସେ ମଦ୍ୟାସକ୍ତ ପ୍ରମତ୍ତ ପ୍ରେମିକ
ମୁଁ ଉନ୍ମୁକ୍ତ ଅଳୀକ ଗ୍ରାହକ ।
ସେ ଗ୍ରୀଷ୍ମଦିନିଆ ବୃକ୍ଷ ତଳର ବିଶ୍ରାମ
ମୁଁ ଅନ୍ଧାର ରାତିର ଉଜ୍ଜ୍ୱଳ ମହମ ।
ସେ ଓ ମୁଁ ଦୁହେଁ ଭିନ୍ନ
ମାତ୍ର ଉଭୟ ଉଭୟଙ୍କର ଆନୟନ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ବଡ଼ ପୁଅ ...

ବବୁନ୍ ସାହୁ
ସାଲେପାଲି, ଗଜବନ୍ଧ,
ସୁବର୍ଣ୍ଣପୁର

ମୁଣ୍ଡରେ ମୋଟିଆଏ କର୍ତ୍ତବ୍ୟ ର ବୋଝ
ଛାତିରେ ଛାତିଏ ଭଙ୍ଗାସପ୍ନ ର ଦରଜ
ଆଖିଆଗେ ଅତୀତର କେତେ କରଜ
ଘରର ବଡ଼ପୁଅ ହେବା ନୁହେଁ ସହଜ !

କେବେ ଶୁଆଇ ଦିଏନି ଘର ତିଆରି ର ସପ୍ନ
ଅନିଦ୍ରା ରାତି ପଚାରେ ନିଜ ବାହାଘରର ପ୍ରଶ୍ନ
କେବେ କେବେ ଉଙ୍କିମାରେ ଇଏମଆଇ କାଗଜ
ଘରର ବଡ଼ ପୁଅ ହେବା ନୁହେଁ ସହଜ !

କେବେ ନିଜର ଖର୍ଚ୍ଚ ତ' ପୁଣି କେବେ ସ୍ତ୍ରୀ ର ଇଛା
କେବେ ଘରଭଡ଼ା ତ କେବେ ବନ୍ଧୁବାନ୍ଧବ ଚର୍ଚ୍ଚା
କେବେ ଲାଇନ୍ ବିଲ୍ ତ କେବେ ଗାଁ ର ମଉଜ
ଘରର ବଡ଼ ପୁଅ ହେବା ନୁହେଁ ସହଜ !

ଚା ର ଧୂଆଁ ରେ ଆତ୍ମତୃପ୍ତି ହୁଏ, ମୋର ଅନେକ ଚିନ୍ତା
ଘର, ସଂସାର ମୋହ ମାୟା ଅଟଇ ମୃତ୍ୟ ର ଯନ୍ତା
ଲୁହ ନୁହଁ ହସରେ ଲୁଚାଏ, ମୁଁ ମୋର ଛାତିର କୋହ
ଘରର ବଡ଼ ପୁଅ ହେବା ଜମା ସହଜ ନୁହଁ !

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବାପା ...

ବିକାଶ ରଞ୍ଜନ ନାୟକ
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା)
ଦୟାନିଧି ପୁର. ବାଲିମେଦ. ଭଦ୍ରକ.

ହାତ ଧରି ମୋ ବାଟ ଦେଖାଇଲେ
ଛୋଟ ରୁ କରିଛ ଏତେ ବଡ଼.
ବାପା ତୁମ କଥା ବେଶୀ ମନେ ପଡେ
କାନ୍ଦି କାନ୍ଦି ତଳେ ଯାଏ ଗଡେ |
କେମିତି ବଞ୍ଚିବି ତୁମେ ବିନା
କେବେଠୁ ଆମକୁ ଯାଇଛ ଛାଡି.
କେଉଁଠି ଅଛ, କେମିତି ଅଛ ବାପା
ତୁମ ବିନା ଦାନାପାଣି ଦେଲିଣି ଛାଡି |
ବାପା ତୁମ ସରି ସାରା ଦୁନିଆ ରେ
କେହିଁ ତ ଜଣେ ହେଇ ପାରିବନି.
ବାପା ତୁମେ ଥିଲେ ଆମରି ପାଖରେ
ଭାରି ଭଲ ଲାଗୁଥିଲା ସବୁଦିନ |
କେବେ ଭୁଲୁ ବୁଝିବନି ବାପା
ଦୋଷ ଥଲେ କରିଦେବ ଟିକେ କ୍ଷମା.
ବୋଉ ସେମିତିକା ଆଗ ପରି ଆଉ
ଠିକସେ ଶୋଇ ପାରୁ ନାହିଁ ଯମା |
ମୋ ବାପା ପରି କିଏ ସେ ହେବ
ଛାତି କୁ ପଥର କରି ସବୁ ସହି ଯିବ?
ବାପା ମାଆ ଋଣ କିଏ ସୁଝି ପାରିବ
ଭାଙ୍ଗି ଯାଇ ଥିଲେ ପୁଣି ଗଢି ଦେବ !
କେଉଁଠି ଅଛ ଫେରି ଆସ ବାବା
ତୁମ ବିନା ଆଦୁ ଭଲ ଲାଗେନା.
ତୁମେ ଫେରି ଆସ ଖୁବୁ ମସ୍ତି କରିବା
କୁହ ଆସିବ କେବେ କେଉଁ ଦିନ |
ବାପା ତୁମ ସ୍ମୃତି ଭାରି ମନେ ପଡେ
କଥା ଭାବି ବହୁତ କାନ୍ଦ ମାଡ଼େ.
ତୁମେ ତ ମୋ ପାଇଁ ସରଗ ଠୁ ବଡ଼
ତୁମ ଲାଗି ହେଇଛି ଏତେ ବଡ଼ |

ନ' ଭାବ ଛୋଟିଆ କାହାକୁ ...

ସଂଯୁକ୍ତା ପୃଷ୍ଟି
ବଡ଼ଚାତ୍ର, ମୟୂରଭଞ୍ଜ

ମହୁଠୁ ମଧୁର ପଦେ ମିଠା କଥା
ପରକୁ କରଇ ନିଜର ,
ନିଆଁଠୁ ଅଧିକ ପଦେ ଟାଣ କଥା
ଭାଙ୍ଗି ପାରେ ସୁନା ସଂସାର ...

ଚେନାଏ ହସରେ ହଜିଯାଏ ଦୁଃଖ
ମୁହଁଟି ଦିଶଇ ସୁନ୍ଦର ,
ଟୋପାଏ ଲୁହରେ ଭିଜି ଯାଏ ଆଖି
ଚଉଦିଗ ଦିଶେ ଅନ୍ଧାର ...

ଟିକେ ରାଗ ରୁଷା ଟିକିଏ ବଚଷା
ଭାଇ କୁ କରଇ ଭଗାରି ,
ଟିକେ ବୁଝାମଣା ଅଭାବ ରହିଲେ
ଘରେ ଛିଡା ହୁଏ ମଝି ପାଚେରୀ ...

ଅଳ୍ପ ଅଳ୍ପ ସଞ୍ଚି ମହୁମାଛି
ମହୁଫେଣା କରେ ତିଆରି ,
ବିନ୍ଦୁ ବିନ୍ଦୁ ଜଳ ମିଶି ହୁଏ ସିନ୍ଧୁ
ସୁନ୍ଦର ଦିଶେ ଲହରୀ ...

ଟିକି ଦାନା ଭଳି ସରୁ ସରୁ ବାଲି
ସୁନ୍ଦର ଦିଶଇ ବେଳାକୁ ,
ଟିକି ତାରା ଫୁଲେ ଆକାଶ ସୁନ୍ଦର
ନ'ଭାବ ଛୋଟିଆ କାହାକୁ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସ୍ମୃତି ଧରି ବଞ୍ଚିଯିବି ...

ସୌମ୍ୟ ରଞ୍ଜନ ନନ୍ଦ
ସମଣା, ହାଟଡିହି,
କେନ୍ଦୁଝର

ସୁଖରୁ ଟିକିଏ ଦୁଃଖରୁ ଟିକିଏ
ମିଶିଗଲେ ହୁଏ ଜୀବନ,
ଟିକେଟିକେ ରାଗ ଟିକେଟିକେ ରଷା
ଆଉଟିକେ ଅଭିମାନ ||୧

ଟିକେଟିକେ ରାତି ଟିକେଟିକେ ନିଦ
ମିଶି ହୋଇଯାଏ ସପନ,
ଟିକେଟିକେ ଦିନ ଟିକେଟିକେ ଜହ୍ନ
ଦେଇଯାଏ ମିଠା ଚୁମ୍ବନ ||୨

ଅଳ୍ପଅଳ୍ପ ବ୍ୟଥା ବେଶୀ ମନକଥା
କହିବାକୁ ଲାଗେ ଭଲ,
ପ୍ରିୟା ତୁମ ଓଠ ମନେ ପଡ଼ିଗଲେ
କରନ୍ତି କି ଟିକେ ଗେଲ ||୩

ଅଳପ ନିଃଶ୍ୱାସ ଅଧିକ ବିଶ୍ୱାସ
ତୁମ ପାଇଁ ସାଇତିଛି,
ଆରମ୍ଭ ପ୍ରତୀକ୍ଷା ତୁମ ଶେଷଦେଖା
ରାତିସାରା ଜଳାଉଛି ||୪

ଭାରିଭାରି ଦେହ ନିଦଭରା ମୁହଁ
ଅଳସୀ ପ୍ରେୟସୀ ମୋର,
ଛୋଟଛୋଟ ଆଖି ପ୍ରେମଭରା ପକ୍ଷୀ
ଉଡିଗଲା ବହୁ ଦୂର ||୫

ବଦମାସ୍ ରାତି ଅବୁଝାସେ ସାଥୀ
ପାହିବାକୁ ଅଳ୍ପ ବାକି,
ସକାଳ ସୁରୂଜ କହିଲାନି ସତ
ପାହିଗଲା ହସି ହସି ||୬

ଟିକେଟିକେ ଲୁହ ପିଇଯାଏ ଓଠ
ସବୁଦିନ ଭାବୁଥିବି,
ଟିକେଟିକେ କୋହ ସରିଗଲା ମୋହ
ସ୍ମୃତି ଧରି ବଞ୍ଚି ଯିବି ||୭

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବିଜୟିନୀ ...

ରାଜଶ୍ରୀ ଓଝା
ଭଦ୍ରକ

ସମାଜ ମଣୁଛି ଦୁର୍ବଳା ବୋଲିକି
ଶରୀରେ ଶିକୁଳି ବାନ୍ଧି,
ହେ ନିର୍ଲଜ ମଣିଷ ଦେଖେରେ ଦେଖ
ନାରୀ ନୁହେଁ ଦୁର୍ବଳା ବୋଲି ||
ବୋଝ ନୁହେଁ ନୂଆ ସମ୍ଭାବନା ନାରୀ
ଆଗାମୀ କାଲିର ସେ ପରିଚୟ,
ସବୁ ବାଧା ସତ୍ତ୍ୱେ ଆଜି ସେ ଶୀର୍ଷରେ
ସର୍ବତ୍ର ଶୁଭୁଛି ନାରୀର ଜୟ ||
ବିଜୟୀ ତ୍ରିରଙ୍ଗା ଉଡ଼ିଛିରେ ଦେଖ
ନାରୀ ଟିଏ ପାଇଁ ଆଜି,
ବିଶ୍ୱଜୟ ଆମେ ନିହାତି ହେଇଛେ
ଶୁଭିଛି ଭାରତ ଜୟ ଜୟ ବୋଲି ||
ନାରୀ ଉଡିଲାଣି ଉଡ଼ା-ଜାହାଜରେ
ସୁଦକ୍ଷ ଚାଳକ ହୋଇ,
କିଏ ରହିଲାଣି ମହାକାଶେ ଯାଇ
ଗବେଷଣା କରିବା ପାଇଁ ||
ଯୁଦ୍ଧ ଜାହାଜକୁ ଚଳାଏ ସାଗରେ
ହୋଇ ଶ୍ରେଷ୍ଠ ବୀରାଙ୍ଗନା,
ଆଜି ଦେଖ ନାରୀ ବିଜୟିର ଟୀକା
ପିନ୍ଧେଇଛି ସାରା ଦୁନିଆ ||
ଆଜି ଆଉ ନାରୀ ଘରକୋଣେ
ରହେନା ଲୁଚିକି ଭାଇ,
ପରିବର୍ତ୍ତନର ସ୍ରୋତେ ଭାସିଚାଲେ
ଭରି ନୂଆ ଆଶା ମନ ନେଇ ||
ପୁରୁଷ ପରି ସେ କରିପାରେ ସବୁ
ଯେତେ ବଡ଼ କାମ ହେଉ,
ନୁହେଁ ସେ ଦୁର୍ବଳା ସେ ତ ସବଳା
ଦେଖରେ ପ୍ରମାଣ ସାରା ଦୁନିଆ ||
ଦେଶ ପ୍ରେମେ ମଜ୍ଜି ବାହାରିଲା ନାରୀ
ମନରେ ବିଶ୍ୱାସ ରଖି,
ବିଜୟିନୀ ହୋଇ ପ୍ରଚାର ହୋଇଲା
ନାରୀ ଟିଏ ପରା ସେଇ ||
ଯଜ୍ଞରୁ ସମ୍ଭୂତ ଯାଜ୍ଞସେନୀ ସେତ
ତାରକି ହୋଇବ ସରି,
ନିର୍ଲଜ, ଲମ୍ପଟ କିଛିଟା ଅଛନ୍ତି
ନାରୀ ସହ ଖେଳ ଖେଳନ୍ତି ||
ସେହି ନାରୀ ଯଦି ନାରାୟଣୀ ସାଜେ
ବର୍ତ୍ତିବ ଆଉ କିଏ କୁହ ||
ନାରୀଟିଏ ଅଟେ ଦେବୀଙ୍କର ରୂପ
ଜାଣରେ ନିର୍ଲଜ ଲୋକ,
ଅଟେ ସେ ସର୍ବଦା ବିଜୟିନୀ ନାରୀ
ହୋଉ ଥିବ ବିଜୟିନୀ ହିଁ ବିଜୟିନୀ ||

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

କଇଁଛର ପିଠି...

ଅଲିଶା ବି.ମହାରଣା
ଅନନ୍ତପୁର, ସିମୁଳିଆ,
ବାଲେଶ୍ୱର

ତୁମ ହୃଦୟଟା....
କଇଁଛର ପିଠି ପରି ଖୁବ ଶକ୍ତ ନା !!
ଏତେ ସବୁ ପରେ କେମିତି ଶାନ୍ତ ଅଛ ତୁମେ...
କେମିତି ସହୁଛ ମିଛ ଅପବାଦ ଆଉ ଲାଞ୍ଛନା....?

ଦେଖୁଛ...ଦେଖୁଛ ସୁଦୂର ପାହାଡ଼କୁ
ସେ ବି ଠିକ ତୁମପରି....,
ସବୁ କିଛି ସହି ନିସ୍ତବ୍ଧ, ନିଶ୍ଚଳ ହୋଇ ଠିଆ ହୋଇଛି...
ସେ ବି ଅଭିଯୋଗ କରିବ କାହାକୁ....
ବହୁଥିବା ପବନ ନା
ବର୍ଷୁଥିବା ଆକାଶକୁ....!!

କଛପ ସିନା ମୁହଁ କୁ ଲୁଚାଇଦିଏ
ପିଠିକୁ ଆବୋରି,
ହେଲେ ତୁମେତ ତା ପିଠି ସମ ଖୁବ ଶକ୍ତ
ସର୍ବଂସହା ମାଟି ମାଆ ପରି।

ହେଲେ ପ୍ରିୟ...!!
କାହିଁକି ସହୁଛ ଏସବୁ....
ମୁହଁ ଫିଟାଇ କିଛି କହୁନ କାହିଁକି...?
ଦୋଷ ନଥାଇ ଦୋଷୀ ସାଜି..
ଟିକେହେଲେ କଷ୍ଟ ହେଉ ନାହିଁକି...!!

ମଣିଷ ରୂପୀ ତୁମେ ଭଗବାନ ବୋଧେ....
ଅବା କେଉଁ ଅଲଗା ଗ୍ରହର ଜୀବ...,
ଏତେ ସବୁ ଦୁଃଖ, ଯନ୍ତ୍ରଣା..
କୁହ...! ଆଉ କିଏ ସହିଯିବ...?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଆସିବକି ମା' ବାସ୍ଳୀ ...

ଜୟଶ୍ରୀ କ୍ରାନ୍ତିପୂରଭି
କୁଆଖିଆ, ଯାଜପୁର

କେମିତି ଡାକିବି ମାଆ ଲୋ ତତେ
ମୁଁ ଯେ ଛାର ଭିକାରୁଣୀ ,
କୋଟି ମୁଲକର ପାଳନଧାତ୍ରୀ ତୁ
ପାଳୁଛୁ ହୋଇ ମାଲିକାଣୀ ।।

ମୋ ଘରକୁ ମାଆ ଡାକିବି ଭାବୁଛି
ସରାଗେ ବନ୍ଦେଇ ଆଣୀ,
ମନେ ପୁଣି ମୋ ନିରାଶା ଖେଳୁଛି
କୁଡ଼ିଆକୁ ଆସେ କି ରାଣୀ ।।

କି ଆତିଥ୍ୟ ଲୋ ମୁଁ କରିବି କହ
କି ଭୋଗ ଦେବି ତ ଆଣି
ଛପନ ପଉଟି ରତ୍ନର ଭଣ୍ଡାର
ସମ୍ଭାଳୁ ଜଗତମାଲିକାଣୀ ।।

ତୁଛ ଧନ ମାନ ତୁଛ ଏ ସମ୍ମାନ
ପାଖେ ନାହିଁ ଯଦି ଶିରି,
ତୋର ଦୟା ବିନା ସଂସାର ନିଷ୍ଫଳ
ସବୁ ତ ଯିବ ପାଶୋରି ।।

ଭାତ ଦୁଇ ମୁଠା ପେଟରେ ଦେଉଛୁ
ସନ୍ତାନ ର ଭୋକ ଜାଣି ,
କରୁଣାମୟୀ ତୁ ଦୟା କରୁଥାଲୋ
ମୁଁ ଯେ ତୋ ପାଖେ ଋଣି ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଭୁଲେଇ ଦେଇଛି ଆଜି ...

ପ୍ରିୟଙ୍କା ରାଉତ
ଗୁଡଭେଲି ପଦର, ବୌଦ୍ଧ

ସୁଖ ପରେ ଦୁଃଖ ,ଦୁଃଖ ପରେ ସୁଖ
ଦୁନିଆ କହେ ଯେ ଆମକୁ ।
ଭୁଲେଇ ଦେଇଛି ଆଜି ସେ ଦୁଃଖ କୁ
ଯାହା ପାଇଁ ସୁଖ ଆସୁନଥିଲା ମୋ ପାଖକୁ ।।

କହିଦେଇଛି ମୁଁ ସେଦି ' ଜଣଙ୍କୁ
ଯଦି ଆସିବ ମୋ ପାଖକୁ ।
ସମାନ ଭାଗରେ ଦ୍ଵି-ଅଂଶ ହୋଇ
ବାଣ୍ଟି ଦେଇଯିବ ଏ ଦୀନ ଦୁଃଖି କୁ ।।

ସୁଖ ରେ ଥିଲେ ଦୁନିଆ ସହେନା
ସୁଖ କୁ ଦୁଃଖରେ ପରିଣତ ପାଇଁ
ଖୋଜେ ଖାଲି ନୂଆ ନୂଆ ବାହାନା ।
ଦୁଃଖ ରେ ଥିଲେ ସାଥିରେ ଅଛି ବୋଲି
ବାର୍ ବାର୍ କରନ୍ତି ଛଳନା ।

ସେଥିପାଇଁ ଭୁଲେଇ ଦେଇଛି ଆଜି ସେ ସୁଖକୁ
ଯାହା ପାଇଁ ଦୁଃଖ ଆସୁନଥିଲା ମୋ ପାଖକୁ ।।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବିଲେଇ ଓ ଫୁଲର କଥା ...

ଶିମାନ୍ ପାଣି
ରାୟଗଡ଼ା

କିଛି ଦିନର କଥା । ଗୋଟିଏ ବଗିଚାରେ ସୁନ୍ଦର ଭାବରେ ଗୋଟିଏ ଫୁଲ ଫୁଟିଛି।ତାହା ଦେଖିଲେ କି ସୁନ୍ଦର,ଭାରି ମନଲୋଭା। ହେଲେ କିଛି ଦିନର କଥା। ଏକ ବଗିଚା ପଟେ ଗୋଟିଏ ବିଲେଇ ଚାଲିଯାଉଥାଏ। ଏବଂ ସେ ହଠାତ୍ ସେ ଦେଖେ ଓ ଭାବେ କି ସୁନ୍ଦର ଏହି ଫୁଲ।ଏହା ଭାବି ବିଲେଇ ଫୁଲ ପାଖକୁ ଯାଏ । ଠିକ୍ ସେହି ସମୟରେ ପବନ ଧୀରେ ଧୀରେ ହେଉଥାଏ।ଫୁଲଟା ଟିକେ ହୋଲିଲା ଓ ତାହା ଦେଖି ବିଲେଇ ଭାବେ ଆରେ ଏହା କଣ କହୁଛି କି ! ଏହା ଭାବି ସେ ପଚାରେ_

ବିଲେଇ : କଣ କହିବୁକି ତୁମେ
ଫୁଲ: କିଛି କହେନାହିଁ
ବିଲେଇ: କଣ କହିବକି ତୁମେ
ଫୁଲ: କିଛି କହେନାହିଁ

ଧୀରେଧୀରେ ପବନ ଆସେ ଏବଂ ତାହା ହୋଲେ।ତାହା ଦେଖି ବିଲେଇ ପଚାରେ ତମେ ଏତେ ସୁନ୍ଦର କେମିତି ହେଲ।ଏହା ଶୁଣି ଫୁଲ ହୋଲେ।ଏହି ପରି ବହୁଦିନ ଚାଲିଯାଏ।ତାପରେ କିଛିଦିନର କଥା ବିଲେଇ ଫୁଲ ପାଖକୁ ଆସେ ନାହିଁ।ଫୁଲଟି ମୁହଁ ଶୁଖାଇ ଦେଇଥାଏ। କିଛିଦିନ ପରେ ବିଲେଇ ଆସେ ଆଉ କହେ_

ବିଲେଇ: ତୁମେ କଣ ମୋ ସାଙ୍ଗ ହେବ
ଫୁଲ: ହେବି
ବିଲେଇ: ତୁମକୁ ଇଛା କଣ
ଫୁଲ: ମତେ ସବୁ ଇଛା
ବିଲେଇ - ଆଛା ପ୍ରଥମେ ମୁଁ କଣ ଦେବି ତୁମକୁ
ଫୁଲ: ତମ ଇଛା

ଏହା ଶୁଣି ବିଲେଇ କଣ ଦେବି ବୋଲି ଭାବେ। ତା ମନରେ ହଠାତ୍ ମନେ ପଡେ,ଆରେ ସେତ କହିଛି ମୋ ଇଛାରେ ଯାହାବି ନେଇ ଦେଲେ ସେ ଗ୍ରହଣ କରିବ।ବିଲେଇ ଟିକେ ଚାଲାକ୍। ସେ କିଛି ଅବ୍ୟବହାର ଦ୍ରବ୍ୟ ନେଇଦେଇଥାଏ।କିନ୍ତୁ ତାହା ଉପଯୋଗି ନୁହେଁ।

ବିଲେଇ: ତମେ ଏହା ଗ୍ରହଣ କର
ଫୁଲ: ଏହା ମୁଁ ଗ୍ରହଣ କରିପାରିବି ନାହିଁ
ବିଲେଇ: କାହିଁକି
ଫୁଲ: ଯେହେତୁ ତମେ ପ୍ରଥମ ଥର ପାଇଁ ଉପହାର ଦେଉଛ କିଛି ନୂଆ ଦେଲେ ଭଲ ହୁଅନ୍ତା।ଏହା ମୁଁ ଗ୍ରହଣ କରିବି କିନ୍ତୁ ପରେ।
ବିଲେଇ: ଆଛା କଣ ତୁମ ପାଇଁ ଆଣି ଦେବି
ଫୁଲ: ମତେ ଜଳ ଆଣିକି ମୋର ପାଦରେ ଦେଲେ ମୁଁ ତାହା ଗ୍ରହଣ କରିବି।
ବିଲେଇ: ହଉ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଏହିପରି ଭାବରେ ସମୟ ଯାଏ।କିଛି ସମୟ ପରେ ବିଲେଇ ଫୁଲକୁ କୁହେ। ବହୁଦିନ ହେଲାଣି ମୁଁ ତୁମକୁ ଧରିପାରିବି କି

ଫୁଲ: ଧରିବ କିନ୍ତୁ ସ୍ୱଳ୍ପମାତ୍ରରେ
ବିଲେଇ: ହଉ

ଫୁଲ ପଚାରେ,ବିଲେଇକୁ ତମେ କଣ ପାଇଁ ମତେ ସାଙ୍ଗ ଭାବରେ ଗ୍ରହଣ କରିଲ।
ବିଲେଇ: କିଛି ନୁହ ତମେ ଭଲ ଲାଗିଲ ସେଥିପାଇଁ
ଫୁଲ: ଓ ବିଲେଇ ଭାବେ ଯଦି ଏହାକୁ ମୁଁ କୁହେ ଯେ ତମକୁ ମୁଁ ତୋଳିପାରିବି କି ଇୟେ କଣ କହିବ।
ବିଲେଇ: ବହୁ ବର୍ଷ ହେଲାଣି ତମକୁ ମୁଁ ତୋଳି ନାହିଁ ।ତୋଳି ପାରିବି କି ?
ଫୁଲ: ମୋତ୍ତେ ଯଦି ତୁମେ ତୋଳି ଦିଅ ତାହାହେଲେ ମୁଁ ଆଉ ମୁଁ ହୋଇ ରହିବି ନାହିଁ।
ବିଲେଇ: କାହିଁକି
ଫୁଲ: ମୋ ପାଖରେ ଭାଇଭଉଣୀ ବାପାମା ଅଛନ୍ତି।
ବିଲେଇ: ଆରେ ମୁଁ ତୋ ତମକୁ ହିଁ ତୋଳିବି।
ଫୁଲ: ମୋତେ ଯଦି ତୁମେ ତୋଳିବ ତାହାହେଲେ ଠିକ୍ ଅଛି।କିନ୍ତୁ ଏକ ସତ୍ୟକଥା ମୋତେ ତୋଳିବାକୁ ଚାହୁଁଛ ମୋତେ ତୋଳିପାରିବତ ?
ବିଲେଇ: ହଁ
ଫୁଲ: ତାହାହେଲେ ତୋଳ ମୋତେ।କିନ୍ତୁ ମୁଁ କହୁଛି ମୋତେ ତୋଳିପାରିବ ନାହିଁ।କାରଣ ମୋ ପାଖକୁ ପହଞ୍ଚିବାକୁ ହେଲେ ମୋ ଦ୍ୱାର ଦେଇ ଆସିବାକୁ ପଡିବ। ଏବଂ ମୋ ପାଖରେ କେତେଯେ ଗଛର ଘେରା ରହିଛି।ଆଉ ଗଛରେ କଣ୍ଟା ରହିଛି।ମୋତେ ତୋଳ ନାହିଁ ।କାରଣ ମୋ ପରି ଜୀବନ ତୁମକୁ ନାହିଁ। କି ତୁମ ପରି ମୁଁ ନାହିଁ। ମୁଁ ସଭିଙ୍କୁ ଆଦର କରେ କିନ୍ତୁ ମୋତେ କିଏ ଆଦର କରନ୍ତି ନାହିଁ।ଯଦି ବି କରନ୍ତି ଅଧିକ ମାତ୍ରାରେ କରନ୍ତି ନାହିଁ। ଏହା ଶୁଣି ବିଲେଇ ଚକିତ ହୋଇଗଲା।
ବିଲେଇ: ହାଁ
ଫୁଲ ଭାବେ ବିଲେଇ ଏହିପରି କହିଛି ଯଦି ତାହାହେଲେ ସେ କିଛି ବି କରିଦେଇ ପାରେ ।ଏହା ଭାବି ଫୁଲ ଭଗବାନ୍ ଙ୍କୁ ପ୍ରାର୍ଥନା କରେ ଆଉ କୁହେ ହେ ଭଗବାନ୍ ମୁଁ କରିଥିବା ଭୁଲକୁ କ୍ଷମା କର। ସବୁବେଳେ ସମସ୍ତଙ୍କୁ ଭଲରେ ରଖିଥାନ୍ତୁ।ମଣିଷ ସିନା ମଣିଷକୁ ବୁଝିଥାଏ ।କିନ୍ତୁ ଆମକୁ କିଏ ବୁଝିବ।ଆମ ଜୀବନ ତୋ ଏମିତି।
ବିଲେଇ: ଆରେ ସତେତ,ମୁଁ ଯଦି ଫୁଲ ତୋଳେ ତାହାହେଲେ ଗଛରେ ଘେରା ହୋଇଥିବା ଗଛର କଣ୍ଟା ମୋ ଦେହରେ ଲାଗିଯାଇ ପାରେ।

ବିଲେଇ ଭାବେ ଆରେ ମୁଁ ତୋ ଫୁଲକୁ ତୋଳିପାରିବି ନାହିଁ।ପାଣି ବଦଳରୁ ମୁଁ କିଛି ଅବ୍ୟବହାର ଦ୍ରବ୍ୟ ପୋକାଏ ତାହାହେଲେ କିମିତି ହୁଅନ୍ତା ।ଏହାଭାବି ବିଲେଇ ସେହି ଗଛରେ ତାହା ଢାଳି ଦିଏ।କିଛି ସମୟ ପରେ ଫୁଲ ସହ ଘେରାରେ ରହିଥିବା ଗଛ ସମୂହ ମଧ୍ୟ ମୃତ୍ୟୁ ହୋଇଗଲେ । ବିଲେଇ ଆଶା କରିଥିବା ଜିନିଷ ଚାଲିଗଲା।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଗଢ଼ିବି ବୈକୁଣ୍ଠ ଧାମ ...

ପୁଷ୍ପାଞ୍ଜଳୀ ସ୍ୱାଇଁ
କଉଡିଆବରାଇ ,ମଣିଜଙ୍ଘା,
ତିର୍ତୋଲ ,ଜଗତସିଂହପୁର

ପିତା ମୋ ଅଟନ୍ତି ମରତ ଦେବତା
ମାତା ଦୟାମୟୀ ଦେବୀ ,
ସଂସାରର ସବୁ ସୁଖ ମୁଁ ପାଇଛି
ଦୁହିଁଙ୍କ ଚରଣ ସେବୀ ।।

ଧନ୍ୟ ହୋଇଛି ମୋ ମଣିଷ ଜନମ
ସ୍ନେହ ସୁଧା କରି ପାନ ,
ନାହିଁ ମୋ ମନରେ କାମନା ବାସନା
ଅଭିଯୋଗ ଅଭିମାନ ।।

ପହିଲି ଶିକ୍ଷୟିତ୍ରୀ ସାଜିଣ ଜନନୀ
ଦେଇଛନ୍ତି ମହା ଶିକ୍ଷା ,
ଅନୁଶାସନ ରେ ରଖିଛନ୍ତି ପିତା
ଦେଇଣ ଦକ୍ଷତା ଦୀକ୍ଷା ।।

ସତ୍ୟ ଧରମକୁ ମାନି ଚାଲିବାକୁ
କହିଛନ୍ତି ମୋର କାନେ,
ଚଳନ୍ତି ଠାକୁର ଠାକୁରଣୀ ଙ୍କର
ସବୁ କଥା କୁ ମୁଁ ମାନେ ।।

ଆସୁ ପଛେ ଯେତେ ଅଭାବ କଷଣ
ରୋଗ ଶୋକ ଦୁରୁଦଶା,
ଅବାଟ ରେ ଯାଇ କେବେ ହେଲେ ମୁହିଁ
ହେବି ନାହିଁ ଲୋକ ହସା ।।

ଦୁହିଁଙ୍କ ଜୀବନେ ଆଦରଣ ମଣି
କରିବି ମହତ କାମ ,
ଗଢ଼ିବି ବୈକୁଣ୍ଠ ଧାମ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ହୃଦୟର ପତ୍ର ...

ହିମାଂଶୁ ବେହେରା
ଚୌଦ୍ୱାର, କଟକ

ମନ ମୋ ଚଗଲା ଭାରି ଅମାନିଆ
ନିତି କରେ କେତେ ଅଳି,
ହୃଦୟ କାଗଜେ ଆଙ୍କେ ପ୍ରତିଛବି
ହସ୍ତେ ଧରି ପ୍ରେମ ତୂଳୀ ।
ମଳୟ ପବନେ,ସୁନେଲି ସପନେ
ଭାବନାର ସମ୍ମୋହନେ,
ଝଲସି ଉଠଇ ତୁମରି ଚେହେରା
ଏ ମୋର ବେନି ନୟନେ ।
ଚାରୁ ଚନ୍ଦ୍ରାହାସ ତୁମ ମୃଦୁ୍ୟହାସ୍ୟ
ଅଙ୍ଗେ ଭରେ ଶିହରଣ,
ଭାବରେ ବିଭୋର ଭାବୁକ ଅନ୍ତର
ପୁଲକିତ କରେ ପ୍ରାଣ ।
ପ୍ରେମ ବଗିଚାର ପାରିଜାତ ଫୁଲେ
ତୁମେ ସୌନ୍ଦର୍ଯ୍ୟରେ ଭରା,
ଉଆଁସ ରାତିର ମଲାଜହ୍ନ ମୁଁ ଯେ
ତୁମେ ନିଦାଘର ଖରା ।

ଚିହ୍ନ ...



ଅଜୟ କୁମାର ମହାନ୍ତି
ହରିପୁର, କବୀର ପୁର,
ଯାଜପୁର

ଫିକା ଫିକା ଦିଶେ ସ୍ମୃତିର ଛବି ସବୁ
ଯେମିତି ଅଝଟିଆ ସମୁଦ୍ର ଧୋଇ ଦିଏ
ତୋଳି ଥିବା ବାଲିଘର।
ଏ ସମୟଟା ବି ସେମିତି
କେତେବେଳେ ଫୁଲରେ ଫଗୁଣ ଫୁଟେ
କେତେବେଳେ ନିଧୁମ ଖରାରେ
ମୁଣ୍ଡ ମାରେ ଝାଇଁ।
ଗଲା କଥା ଗଲାଣି କହିଲେ ଚଳିବ କି
ବାରବାଟୀ ଗଡ଼ଖାଇ ତ ଅଛି ନା
ଅତୀତର ଇତିହାସ।
ଦାଣ୍ଡ ଘରେ ବାପାଙ୍କ ଫଟୋ
ମନ୍ଥି ଦେଉନି କି
ଅଙ୍ଗେଲିଭା ଜୀବନ ଯନ୍ତ୍ରଣା।
ଝୁଣ୍ଟି ପଡ଼ିଥିବା ଘାଆର ଚିହ୍ନ
ସହଜେ କି ଲିଭିଯିବ
ଦୀପ ନ ଲିଭିବା ଯାଏ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ନୂଆ ବହୁ ...

ଦୁର୍ଯ୍ୟୋଧନ ପରିଡ଼ା
ତେନ୍ତୁଳିଆଡ଼, ଚାନ୍ଦବାଲି, ଭଦ୍ରକ

ହଁ ମୋର ଏବେ ବାହାଘର ସରିଛି। ଚତୁର୍ଥୀ ଯାଇନି ସେଥିପାଇଁ ଘରୁ ବାହାରକୁ ପାଦ ପଡିନି। ଏମିତିରେ ଚତୁର୍ଥୀ ପୁର୍ବରୁ ସ୍ୱାମୀଙ୍କ ମୁହଁ ଦେଖିବା ଆମ ପରମ୍ପରାରେ ନାହିଁ। ହେଲେ ମୁଁ ମୋ ସ୍ୱାମୀଙ୍କୁ ଆଗରୁ ଦେଖିଛି, ଚିହ୍ନିଛି ଓ ତାଙ୍କ ବିଷୟରେ କିଛି ଜାଣିଛି ମଧ। ଅବଶ୍ୟ ଆମର ଏ ପ୍ରେମ ବିବାହ ନୁହେଁ, କିନ୍ତୁ ବିବାହର କିଛି ଦିନ ପୁର୍ବରୁ ଆମ ଦୁହିଙ୍କ କଥା ବାର୍ତ୍ତା ହେବାପାଇଁ ଉଭୟ ପରିବାରର ସ୍ୱୀକୃତି ମିଳିଥିଲା। ବାସ୍ ଅଳ୍ପ ଜଣାଶୁଣା।

ଯାହାହେଉ ମନରେ ଅନେକ ଡର ଆଉ ବିବ୍ରତ ମଧ କାହିଁକି ନା ନୂଆ ଘର,ନୂଆ ଲୋକ ଓ ନୂଆ ପରିବେଶ। କିଏ କଣ କହିବ ଆଉ ମୁଁ କେମିତି ସବୁ ସାମ୍ନା କରିବି କିଛି ଭାବିପାରୁନଥିଲି। ଏମିତି ଗୋଟେ ଘରେ ବସି ବସି ସଭିଙ୍କ କଥା ଶୁଣୁଥାଏ ଆଉ ସଭିଙ୍କ ସତ ମିଛ କଥାରେ ହଁ ମାରୁଥାଏ। ସମସ୍ତେ ବି ନୂଆ କନିଆଁ କୁ ଦେଖିବା ପାଇଁ ଆସୁଛନ୍ତି ଆଉ ଖୁବ୍ ପ୍ରଶ୍ନ ପଚାରୁଛନ୍ତି ଯଥା-ଭାଉଜ ତୁମ ନାଁ କଣ?, କଣ ପଢିଛ? କଣ ପସନ୍ଦ ନା ପସନ୍ଦ ଏମିତି ଅନେକ କିଛି। ସଭିଙ୍କ ପ୍ରଶ୍ନରେ ହସି ହସି ଉତ୍ତର ବି ଦେଉଥିଲି।

ଯାହାହେଉ ଚତୁର୍ଥୀ ସରିଲା, ତା ପରଦିନ ସକାଳୁ ଉଠି ରୋଷେଇ ଘରକୁ ଯିବାର ପରମ୍ପରା ଅଛି ଆଉ କିଛି ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦେବାର ଅଛି। ସତରେ କହିବାକୁ ଗଲେ ରୋଷେଇରେ ମୁଁ ଏତେ ପାରଙ୍ଗମ ନୁହେଁ କିନ୍ତୁ ପ୍ରାୟ ସବୁକିଛି ଜଣା ତଥାପି ଟିକେ ଡର ଥିଲା କିଛି ଯେମିତି ଭୁଲ ଭାଲ ନ ହେଉ। ସକାଳୁ ଉଠି ଗାଧୋଇ ସରିବାପରେ ମୁଁ ପ୍ରଥମେ ଠାକୁର ପୂଜା ସାରିଲି ଆଉ ସିଧା ତର ତର ହୋଇ ଚାଲିଲି ରୋଷେଇ ଘରକୁ। ଶଶୁରଙ୍କ ଇଛା ବହୁ ହାତର ଶାଗ ଖଡା ସହ ପଖାଳ ଖାଇବେ। ରୋଷେଇ ଘରକୁ ପ୍ରବେଶ କରିବା ସମୟରେ ହଠାତ୍ ଚଟାଣରେ ମୋ ପାଦ ଖସିଗଲା ଆଉ ମୁଁ ଆସ୍ତେ କରି ପଡ଼ିଗଲି। ସମସ୍ତେ ଧାଇଁ ଆସି ମୋତେ ଉଠେଇଲେ। ଶାଶୁ କହିଲେ ଏତେ ତର ତର ହେବା କଣ ଦରକାର ଯେ,ଆଉ ଶଶୁର କହିଲେ ଥାଉ ମାଆ ଆଉ ଶାଗ ଖଡିବା ଦରକାର ନାହିଁ ଯାଇ ରୁମ୍ ରେ ବିଶ୍ରାମ ନିଅ। ମୋ ଦିଅର ବାବୁ ସଙ୍ଗେ ସଙ୍ଗେ ଫ୍ରିଜ୍ ରୁ ବରଫ ଆଣି ଦେଲେ ଆଉ କହିଲେ ନିଅ ଭାଉଜ ବରଫ ପାଦରେ ଟିକେ ଲଗାଇଦିଅ ନହେଲେ ପାଦ ଫୁଲିଯିବ। ପ୍ରକୃତରେ ଏତେ ଜୋର ରେ ବି ପଡ଼ିନଥିଲି କି ବେଶୀ କିଛି ଦରଜ ବି ହେଉନଥାଏ।ସେମାନଙ୍କ ବ୍ୟସ୍ତତା ଦେଖି ମୁଁ ବ୍ୟସ୍ତ ହୋଇପଡ଼ିଲି ଆଉ କହିଲି ମୋର କିଛି ହେଇନି ବ୍ୟସ୍ତ ହେବା ଦରକାର ନାହିଁ।

ଏତିକି ବେଳକୁ ମୋର ହଠାତ୍ ନଜର ପଡ଼ିଲା ମୋ ସ୍ୱାମୀଙ୍କ ଉପରେ ସମସ୍ତେ ଦୁଃଖ ପ୍ରକାଶ କରୁଥିବା ବେଳେ ସ୍ୱାମୀ ମୋର କାନ୍ଥ କୁ ଆଉଜି ଛିଡ଼ା ହୋଇ ଥାଆନ୍ତି ଆଉ ମୋତେ ଚାହିଁ ମୁରୁକି ମୁରୁକି ହସୁଥାଆନ୍ତି। ତାଙ୍କୁ ଦେଖି ମୁଁ ବି ଟିକେ ହସିଦେଲି ଆଉ ଶାଶୁଙ୍କ ସହ ବସିଗଲି ଶାଗ ବାଛିବାରେ। ସେଦିନ ମୋର ଶାଗ ଖଡା ସହ ଅନ୍ୟ ରୋଷେଇକୁ ସମସ୍ତେ ବହୁତ୍ ପସନ୍ଦ କଲେ। ଯାହାହେଉ ଟିକେ ଶାନ୍ତି ଲାଗିଲା ଆଉ ସମସ୍ତଙ୍କ ଭଲପାଇବା ଦେଖି ମନ ଫୁର୍ତ୍ତି ଲାଗିଲା।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅଞ୍ଜୁଳାଏ ଆଶା ...

ଅଶୋକ କୁମାର ବାରିକ
ବେରୁଆଁବାରୀ , ନୟାଗଡ଼

ପ୍ରତିମା ରୋଷେଇ ଘରେ ମାଂସ କଷାଉଛି। ରୋଷେଇ ଘର ଟି ଆଧୁନିକ ନ ହେଲେ ବି ଏକ ପ୍ରକାର ଚଳେ। ଆଖିରେ ଲୁହ ଧାର ଗଡି ଯାଉଛି । ସେ ମା ହେବାର ଏଇ ପ୍ରାୟ ପାଞ୍ଚବର୍ଷ ହେବ । ଛୁଆ ଟି ମାଂସ ଖଣ୍ଡେ ଆଉ ଝୋଳ ଟିକେ ଖାଇବ ବୋଲି ମନ ରେ ଆଶା ବାନ୍ଧିଛି। କଇଁ କଇଁ ହୋଇ କାନ୍ଦିଲା ଆଉ କହିଲା ," ମା ମତେ ଦେ" ? ପ୍ରତିମା ଶକ୍ତ ଚପୁଡ଼ା ଟାଏ ମାରିଲା । ପିଲା ଟି କାନ୍ଦି କାନ୍ଦି ବାହାର ପିଣ୍ଡା ଉପରେ ଶୋଇପଡ଼ିଲା। ପ୍ରତିମା ଅବା କଣ କରିବ? ଆଖିରେ ଲୁହ ଆଉ ମନ ରେ କୋହ , ତା ଛଡା ଦୁଇ ଧାର ଲୁହ ଆତ୍ମ ତୃପ୍ତି ଦିଏ। ଅନ୍ୟ ପନ୍ଥା ବି ନାହିଁ। ହଠାତ୍ ପାଟି ଶବ୍ଦ ମାଂସ ଝୋଳ କାହିଁ ? ତର ତର ହୋଇ ପ୍ରତିମା ମାଂସ ଝୋଳ ନେଇ ଅଗଣା ରେ ହାଜର। ଅଗଣା ରେ ମଦନ ବାବୁ , ପ୍ରତିମା ଙ୍କ ସ୍ୱାମୀ ପୁରା ପ୍ରସ୍ତୁତି ମାଂସ ଝୋଳ ର ଆନନ୍ଦ ନେବା ପାଇଁ । ଗୋଟେ ଗ୍ଲାସ ଟାଏ କାଢ଼ି ମଦ ଢାଳିଲେ , ଆଉ ତା ସାଙ୍ଗ ରେ ମାଂସ ଝୋଳ , ଓଃ ! କି' ଆନନ୍ଦ । ଖାଇ ପିଇ ବାବୁ ଆରାମ ରେ ଶୋଇପଡ଼ିଲେ ।

ପ୍ରତିମା ପିଲା ଟି ପାଖରେ ପିଣ୍ଡା ରେ ଶୋଇପଡ଼ିଲା । ଏ କଥା ନୂଆଁ ନୁହେଁ , ମାସ ରେ ଏମିତି ୨୦ ରୁ ୨୫ ଦିନ ପିଣ୍ଡା ରେ ଶୋଇବାକୁ ପଡ଼େ। ଆଉ ବଳକା ଦିନ ସ୍ୱାମୀ ଗାଁ ମୁଣ୍ଡ ରେ ନହେଲେ କେଉଁ ମଦ ଦୋକାନ ଆଗରେ ରାତି ଟି ବେଶ ଆରାମ ରେ କଟାନ୍ତି। ବାବୁଆମର ଜଣେ ସ୍ନେହୀ ଲୋକ । ଦିନ ବେଳେ ଆଦର ଆଉ ସମ୍ମାନ । ରାତି ରେ ପାଲଟି ଯାଆନ୍ତି ସାମାଜିକ ନାଟକ ର ଖଳ ନାୟକ । ଘରେ ଯାହା ଜିନିଷ ଅଛି ତାକୁ ବିକି ସବୁ ମଦ ପାଣି ରେ ଗଲାଣି। ନିଇତି ପାଟି ତୁଣ୍ଡ। ଗାଁ ରେ ସଭା ଟେ ବସିଲେ ପିଲା ଠୁ ବୁଢ଼ା ଯାଏଁ ସମସ୍ତେ କହନ୍ତି , " ମଦନ ମଦୁଆ କେସ"। ସମ୍ମାନ କହିଲେ ଯାହା ପ୍ରତିମା ଆଉ ତା ଛୁଆ ଅଭିରାମ ଦିଅନ୍ତି ।

ଅଭି ସ୍କୁଲ ଯାଏ । ସାଙ୍ଗ ସାଥି କେତେ ରକମ ର ଖାଇବା ନେଇ ଆସନ୍ତି । ସୁଆଦିଆ ଖାଇବା ତା ପାଇଁ ସାତ ସପନ ।ଗୋଟେ ଛିଣ୍ଡା ବ୍ୟାଗ୍ କୁ ଛିଡ଼ା ଚପଲ୍ ହଲେ ତା ସାଙ୍ଗକୁ ମା ଜଳଖିଆ ଖାଇବାକୁ ଦେଇଥିବା ୧୦ ଟଙ୍କା ଟେ, ତାକୁ ଖର୍ଚ୍ଚ କରେ ନାହିଁ, ଖାଲି ଦେଖେ । ପିଲା ସିନା ୫ ବର୍ଷ ର ହେଲେ ତାର ବୁଦ୍ଧି ପ୍ରଖର । ୧୦ ଟଙ୍କା ରେ କାର୍ତ୍ତିକ ପୂର୍ଣ୍ଣିମା ଯାତରା ରୁ ହଳେ କାନ ଫୁଲ ବୋଉ ପାଇଁ ଆଣିବ । କାନ ଫୁଲ କଣ ତା ସାଙ୍ଗ କୁ ଦୁଇ ପଟ ଚୁଡ଼ି ବି ଆଣିବ ।ବାପା ସିନା ମଦ ପିଅନ୍ତି ଆଉ ନିଶା ରେ ଶୋଇ ପଡ଼ନ୍ତି ।ହେଲେ ବୋଉ କାନ୍ଦେ। କହେ ," ପୋଡ଼ା କପାଳ ମୋର" । ମନ ମାରି ବସେ । ସେଇ ପୁରୁଣା ଚୁଡି କୁ ଦେଖେ , ଅଳଙ୍କାର ବିହୀନ କାନ ଟି କୁ ଆଉଁଷେ। ଆଇନା ପାଖରେ ଥୁଣ୍ଟା ପରି ବସେ ।ତା ସାଙ୍ଗ ସାଥି ବାହା ହେଇ କେତେ ଭେଳିକି ସୁନା, ରୁପା ଗହଣା ପିନ୍ଧନ୍ତି । କିନ୍ତୁ କାନ ଫୁଲ ପାଇଁ ବଳ ଯାହାର ନାହିଁ , ସେ କାଇଁ ରାଜରାଣୀ ର ସପନ ଦେଖିବ । ବାହୁନି ବାହୁନି କାନ୍ଦେ। ଅଭି ମା ର କାନ୍ଦ ଦେଖିଛି । ସେଇ ଦିନ ଠାରୁ ଜିଦ୍ ଧରିଛି ଭୋକ ରେ ରହିବି , ହେଲେ ଏ ଥର ଯାତରା ରୁ ବୋଉ ପାଇଁ କାନ ଫୁଲ କୁ ଚୁଡ଼ି ନିହାତି ଆଣିବ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଛାଡ଼ ଖାଇ ଆସିଲା ।ଘରେ ଖାଇବାକୁ କିଛି ନାହିଁ । ପିଲା ଟା ଜିଦ୍ ଧରିଛି ଆମିଷ ଟିକେ ଖାଇବ । ପ୍ରତିମା କଳେ ବଳେ କିଛି ପଇସା ମିଶାଇ ମାଛ ଆଣିଛି , ରୋଷେଇ ହେଲେ ମିଶିକି ଖାଇବେ । ମଦନ ବାବୁ ପେଟ ମଦ ପେଇ ଆସିଲେ । ଲଥ କିନା ବସିପଡିଲେ, ହଲ ନାଇ କି ଚଲ ନାଇ । ଅଭି ବାପା ଙ୍କ କୋଳ ରେ ବସି କାନ୍ଦିଲା ଆଉ କହିଲା , ବାପା ମତେ କିଛି ଦରକାର ନାହିଁ , ମୋର ପୋଷାକ ଦରକାର ନାହିଁ, ସାଇକେଲ ଦରକାର ନାହିଁ କି ଭଲ ଖାଇବା ,ତମେ ଖାଲି ମଦ ଛାଡ଼ି ଦିଆ। ତମେ ମଦ ପେଉଛ ବୋଲି ବୋଉ କେତେ କାନ୍ଦୁଛି । ଭୋକରେ ଶୋଉଛି। ତମ ଉପରେ ରାଗି ମତେ ବାଡ଼ଉଛି । ମୁଁ ସେଇ ପିଣ୍ଡା ରେ ଶୋଉଛି । ନିଦ ଲାଗୁନି ଡର ଲାଗୁଛି। ତମେ ଜାଣିଛ ! ରଘୁ ର ବାପା ମଦ ପିଇ ମରିଗଲେ। ତୁମର ଯଦି ସେମିତି ? ନା ନା ତମର କିଛି ହବନି ତମେ ଯଦି ଛାଡ଼ି ଚାଲିଯିବ ମୁଁ ଆଉ ବୋଉ କଣ କରିବୁ? ବାପା ତମେ ଛାଡ଼ିଦିଅ... କାନ୍ଦି କାନ୍ଦି ଅଭି ଶୋଇପଡ଼ିଲା ।

ପ୍ରତିମା ପିଲା ଟିକୁ ଘର ଭିତକୁ ନେଇଗଲା । କଣ ଦିଇଟା ଖାଇବା ଦେଇ ଶୁଆଇ ଦେଲା । ଠାକୁର ଙ୍କୁ ମନେ ମନେ କେତେ କଣ କହିପକେଇଲା। କ୍ଷମା ମାଗିଲା ଆଉ କହିଲା ," ଠାକୁର ମୋତେ କଷ୍ଟ ଦିଅ, ମୋର ନିରୀହ ପିଲାଟିକୁ ଖୁସି ଦିଅ ।ମତେ ପଛେ ମରଣ ହଉ ମୋ ଛୁଆ କପାଳ ରେ ସୁଖ ଦିଅ ପ୍ରଭୁ! ପିଲା ଟିକୁ କୋଳ ରେ ଧରି ଶୋଇପଡ଼ିଲା ।

କାର୍ତ୍ତିକ ପୂର୍ଣ୍ଣିମା ଆସିଲା । ଅଭି ବେଶ ଖୁସି ଯାତରା ଯିବ ।ମା ଠୁ ତା ୧୦ ଟଙ୍କା ମାଗିନେଲା । ମା କୁ କହିଲା , ମା! ଆଜି ମୁଁ ତୋ ପାଇଁ ଗୋଟେ ଭଲ ଜିନିଷ ଆଣିବି ।ତୁ ମନେ ରଖିବୁ ଆଉ କହିବୁ ," ମୋ ବାୟା ,ମୋ ସମ୍ପତ୍ତି"। ଅଭି ଚାଲିଲା ଯାତ୍ରା ଅଭିମୁଖେ। ଯାତ୍ରା ରେ ପ୍ରବଳ ଭିଡ଼। କେତେ ଦୋକାନ ଖାଇବା ଖେଳନା, ମନୋରଂଜନ ର କେତେ ଧାରା ।ଅଭି ର ସେଥିରେ ଆଦୌ ଅଭିଳାଷ ନାହିଁ। ତାର ଇଛା କାନ ଫୁଲ ସାଙ୍ଗକୁ ଚୁଡ଼ି ହଳେ ନେବ। ଚାରିଆଡେ ବୁଲିଲା ମୂଲଚାଲ କଲା ଆଉ ଶେଷ ରେ ଚୁଡ଼ି ସାଙ୍ଗକୁ କାନ ଫୁଲ ହଳେ ନେଇ ଘର ଅଭିମୁଖେ ଯାତ୍ରା କଲା। ଆଜି ଅଭି ର ମନ ପ୍ରଫୁଲ୍ଲିତ । ସତେ ସରଗ ର ଚାନ୍ଦ ତା ହାତ ପହାନ୍ତା ରେ। ମା ନୂଆଁ ଚୁଡ଼ି ସାଙ୍ଗକୁ କାନଫୁଲ ଲଗେଇବ। କି ସୁନ୍ଦର ଦେଖାଯିବ!

ଘର ପହଞ୍ଚିଲା ବେଳକୁ ଦେଖେ, ଲୋକ ଗହଳି , ବୋଉ ର ଚିତ୍କାର କାନ୍ଦ । ଅଭି ଗହଳି ମଧ ଦେଇ ଘରକୁ ପ୍ରବେଶ କଲା । ଦେଖିଲା , ଶବ ଉପରେ ଧଳା ଚାଦର ଘୋଡ଼ା ହେଇଛି, ସେ କେହି ନୁହେଁ ତା ବାପା। ମଦ ପିଇ ଗାଡ଼ି ଚଳେଇବା ବେଳେ ଦୁର୍ଘଟଣା ରେ ପ୍ରାଣ ବାୟୁ ଚାଲି ଯାଇଛି । ଅଭି ମା ପାଖକୁ ଗଲା । ତାର ହସ ହସ ମୁଁହ ଟା ଫିକା ପଡ଼ିଯାଇଛି। ପାଦ ତଳ ମାଟି ଖସି ଯାଉଛି। ମା ପାଖକୁ ଗଲା। ଶ୍ୱାସ ରୁଦ୍ଧ କଣ୍ଠ ରେ କହିଲା ,"ବୋଉ .... !ଅଭି କାନଫୁଲ ଆଉ ଚୁଡ଼ି ସେମିତି ପକେଟ ରେ ସାଇତି ରଖିଛି। ଭଗବାନ ଙ୍କୁ କହିଲା, ହେ ଠାକୁର ! ମୋ ମା ସିନା କାନ ଫୁଲ ଚୁଡ଼ି ପିନ୍ଧିଲାନି ହେଲେ ଆଉ କୋଉ ମା ସେଇ ଭାଗ୍ୟ ରୁ ବଞ୍ଚିତ ନ ହେଉ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ମୃତ୍ୟୁ - ଏକ ପ୍ରତିଜ୍ଞା ...

ଲୋପାମୁଦ୍ରା ମହାପାତ୍ର
ଗଣ୍ଡପଡା, ଗୁଆମାଳ ,
ଭଦ୍ରକ

ମୃତ୍ୟୁ,
ଏକ ଶବ୍ଦ, ଯାହାକୁ ଆମେ ଭୟରେ ଉଚ୍ଚାରଣ କରିଥାଉ,
କିନ୍ତୁ, ସେ ଏକ ରହସ୍ୟ
ଯାହାକୁ ବ୍ରହ୍ମାଣ୍ଡ ବିଶ୍ୱାସରେ ବୁଝାଏ ଆମକୁ !

ଜନ୍ମର ମୁହୂର୍ତ୍ତରୁ
ଆମେ ଏକ ଅଦୃଶ୍ୟ ପ୍ରତିଜ୍ଞା ବାନ୍ଧି ନେଉଥାଉ-
ଫେରିବାର ପ୍ରତିଜ୍ଞା।

ଏହା ସେଇ ଆଗ୍ରଦତ୍ତ ସତ୍ୟ
ଯାହାକୁ ଜୀବନର କୌଣସି ଅନ୍ୟ ପରିଘଟନ
ବଦଳାଇ ପାରେନାହିଁ।

ଜୀବନର ପ୍ରତିଜ୍ଞାଗୁଡ଼ିକ
ସମୟ ସହିତ ଅସ୍ଥାୟୀ ହୋଇଯାଏ-
ପ୍ରେମର ପ୍ରତିଜ୍ଞା ଲିଭି ଯାଏ ସତ,
ସମ୍ପର୍କର ନିଶ୍ଚିତତା ଭାଙ୍ଗି ମୂର୍ଛିତ ହୁଏ,
ବିଶ୍ୱାସ କେଉଁଠି ନିଖୋଜ ହୋଇଯାଏ।
କିନ୍ତୁ ମୃତ୍ୟୁ?
ସେ କେବେ ନିଜ ପଥରୁ ବିଚଳିତ ହୁଏନାହିଁ।
ସେ ନା' ଧୋକା ଦିଏ,
ନା' ଅପେକ୍ଷା ଭାଙ୍ଗେ,
ନିରବରେ ସେ ନିଜ ପ୍ରତିଜ୍ଞା ପୂରଣ କରେ।

ମୃତ୍ୟୁ ଆମର ଆନ୍ତିମ ଶତ୍ରୁ ନୁହେଁ-
ସେ ଜୀବନର ଅନୁବର୍ତ୍ତୀ ଭାଗ।
ଜୀବନ ଯେଉଁଠାରେ ଅସମ୍ପୂର୍ଣ୍ଣ,
ମୃତ୍ୟୁ ସେଠାରେ ଉପସମାର ଦାର୍ଶନିକ ସଂପୂର୍ଣ୍ଣତା।

ଯେଉଁଥିରେ ଆମେ ଅଭିନୟ କରି ନିଜ ଭୂମିକା
ନିଭାଉଛୁ,
ମୃତ୍ୟୁ ସେଥିରେ 'ପରଦାପତନ' -
ଏକ ଆବଶ୍ୟକ, ଏକ ନିୟମିତ,
ଏବଂ ଏକ ଦାର୍ଶନିକ ସୌନ୍ଦର୍ଯ୍ୟ।

ଯଦି ମୃତ୍ୟୁ ନ ଥାନ୍ତା,
ତେବେ ଜୀବନର କୌଣସି ନା କୌଣସି ମୂଲ୍ୟ,
କୌଣସି ଅର୍ଥ, କୌଣସି ନିର୍ବଚନୀୟତା ଥାନ୍ତା କି?
ନା' କେବେ ବିନ ଥାନ୍ତା… ନୁହେଁ..?

ମୃତ୍ୟୁ ଆମକୁ ଶିଖାଏ-
ମନୁଷ୍ୟ ଅମର ନୁହେଁ,
କିନ୍ତୁ ସମୟରେ ଠିକ୍ ଚିହ୍ନ ରଖିଯିବା
ତାଙ୍କର ଅମରତାର ସବୁଠୁ ସୁନ୍ଦର ଉପାୟ।

ତେଣୁ ମୃତ୍ୟୁ, ଭୟର ନୁହେଁ,
ଏକ ସ୍ୱୀକାରର ଦର୍ଶନ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସଖୀ ...

ପ୍ରତିମା ପାତ୍ର
ବରଗଡ

ଅତି ସାଧାରଣ ଶୃଙ୍ଗାର ବିହୀନ
ମୁଖ ଦେଖି କହେ ସଖି ,
ଜହ୍ନର ଜ୍ୟୋଛନା ବୋଲି ଅଛି ଦେହେ
କିଏ ଏହି ନିରିମାଖୀ ।

କଜ୍ଜଳ ବିହୀନ ନୟନ ଦୁଇରେ
ସାଗର ଖେଳେ ଲହଡି ,
ମନ ଉପବନେ ସେନେହ ବଲ୍ଲରୀ
ଯାଇଅଛି ଦେଖ ମାଡି ।

ଡାଳିମ୍ବ ଅଧରେ ଲାଲିମା କି'ଲୋଡା
ପ୍ରକୃତି ଦେଇଛି ରଙ୍ଗ ,
ସୁବାସିତ ଗନ୍ଧ ବିଚ୍ଛୁରିତ ହୁଏ
ଚମ୍ପା ଫୁଲ ପରି ଅଙ୍ଗ ।

ଅର୍ଦ୍ଧ ଚନ୍ଦ୍ର ଭାଲେ ବିନ୍ଦୁ ପାଏ ଶୋଭା
ସତେକି ବାଳ ଅରୁଣ ,
କମନୀୟ କାନ୍ତି ଦେଖି କାଦମ୍ବରୀ
ଛାଡିଲା ତା ଅହଂ ପଣ ।

ରେଶମୀ ବସନ ଲାଖି ବଦନରେ
କନକ କର ବିତରେ ,
କୁଞ୍ଚିତ ଅଳକା ବଳି ମୁଖେ ଦେଖି
ରଜନୀ ଲାଜରେ ମରେ ।

ମୁଖରୁ ମଧୁର ସ୍ୱର ଶୁଣି ଦେଖ
କୋକିଳ ଗଲାଣି ଲୁଚି ,
ଅମା ଅନ୍ଧାରରେ ସିନ୍ଧୁ ଖାଇ ଧୋକା
ଉତ୍ତାଳ ହୁଅଇ ବୀଚି ।

ପୂନେଇ ଆକାଶେ ଜହ୍ନ ପରି ଦିଶେ
ମରତ ମଣ୍ଡଳେ ଶୋଭା ,
କହ କହ ଗୋରି ତୋହର ରୂପକୁ
ଆଉ କେ ଉପମା ଦେବା ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

କାହିଁ ଗୋ ପ୍ରିୟା ...

ପାର୍ଥସାରଥି ପାତ୍ର
ଚାଉଳିଆଗଞ୍ଜ, କଟକ

ଯଦି ଯିବାର ଥିଲା
ମନେ ପ୍ରେମ ଭରିଲ କାହିଁ
ଯଦି ପ୍ରେମ ହିଁ ନଥିଲା
ହୃଦେ ଭାବ ଆଣିଲ କାହିଁ!!

ଯଦି ବ୍ୟଥିତ ହେଲ
ମୋ ହାତର ସିନ୍ଦୂର ପାଇଁ
ତେବେ ନିଃସଙ୍ଗ କରି
ଆଉ କାହା ହାତ ଧରିଲ କାହିଁ?

ଯଦି ଅଥୟ ହେଲ
ମୋର ଟିକେ ସାନିଧ ପାଇଁ
ତେବେ ଏକାକୀ କରି
ହଜିଗଲ କେଉଁଠି କାହିଁ !

ଯଦି ପାଗେଳୀ ହେଲ
ମୋ' ସଂଗୀତେ ନାଚିବା ପାଇଁ
ତେବେ ଓଢ଼ଣୀ ତଳେ ହସି ହସି
ଆଉ କାହା ପାଖେ ଝୁମିଲ କାହିଁ?

ଯଦି ପ୍ରେମିକା ନଥିଲ
ନାରୀ ସ୍ନେହ ଦେଲ ଯେ କାହିଁ
ଯଦି ଏତେ କଥା କଲ
ବାନ୍ଧବୀ ହୋଇ ରହିବ କାହିଁ?
ବାନ୍ଧବୀ ହୋଇ ରହିବ କାହିଁ..

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସଂଘର୍ଷ ମୟ ଜୀବନ ...

ରୋଶନ ସାହୁ
ତରଭା, ସୋନପୁର

ମୃତ୍ୟୁ ର ବି' ମୃତ୍ୟୁ ଆସେ
ଝଡର ବି' ଝଡ ଆସିଥାଏ,
ସୁନେଲି ସ୍ୱପ୍ନ କେବେ ହଜିଯାଏ
ଅନ୍ଧାର ବି' ତାମସା ପାଲଟିଯାଏ ||
ଆଖିର ଲୁହ ଆଜି ଲହୁ ହୋଇଯାଇଛି
ହୃଦୟର ସ୍ପନ୍ଦନ ଅଟକି ଯାଇଛି,
ମନ ଆଉ କିଛି ଭାବୁ ନାହିଁ
ଓଠ ମଧ୍ୟ ଆଜି ଚୁପ୍ ହୋଇରହିଛି ||
ମୋହ, ମାୟା, କାମନା, ବାସନା ଠାରୁ
ଏ ଶରୀର ଆଜି ଆଗକୁ ଗତି କରିଛି,
ପଛଘୁଞ୍ଚା ପ୍ରତି ଆଉ ମନ ଭାବୁନାହିଁ
ଆଗରେ ସ୍ଥିର ଲକ୍ଷ୍ୟ ଦିଶିଯାଉଛି ||
ସମସ୍ତଙ୍କୁ ଛାଡି ଏକୁଟିଆ ରହିବାକୁ
କେଜାଣି ମନ ବାରମ୍ବାର କହୁଛି,
ଏହା ବୋଧେ ଜୀବନରେ ବିରାଟ
ପରିବର୍ତ୍ତନ ହେବାକୁ ଯାଉଛି ||

ରାସପ୍ରିୟ କୃଷ୍ଣ ...

ସୁନିତା ଦାଶ
ଭୁବନେଶ୍ୱର

ତୁମେ ରାସପ୍ରିୟ ରସିକ
ନାଗର ଶ୍ରୀକୃଷ୍ଣ
ଷୋହୋଳ ସହସ୍ର ଗୋପି
ତୁମ ସାନିଧ ପାଇବାକୁ
ବ୍ୟାକୁଳ...

ତୁମେ ମଧ ତୁମ ବଂଶୀ ସ୍ୱର
ର ମଧୂର ମୂର୍ଛନାରେ ବିମୋହିତ
କରି ରଙ୍ଗେଇ ଦିଅ ତୁମର ସେ
ପ୍ରେମ ରସରେ...

ମୁଁ ମୀରା ମୁଁ କିନ୍ତୁ ଆଉ କାହାକୁ
ନିଜର କରିପାରିବନି
ସାରା ଜୀବନ ଅପେକ୍ଷା ରତ
ତୁମ ପ୍ରେମର କିଞ୍ଚିତ ଅମୃତ ଧାରା
କୁ ପାନ କରିବାକୁ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଶ୍ରୀ ମନ୍ଦିର ...

ସୁଭାଗିନୀ ସିଂହ
ବଡଝରା, ପର୍ଜଙ୍ଗ, ଢେଙ୍କାନାଳ

କାଠ ପଥରରେ ନିର୍ମିତ
ହେ ନିର୍ଜୀବ ଦାରୁ ମୂରତି
ଏ ଦେଶ ଆଜି ଜାଗ୍ରତ
ବିଶ୍ୱ ର କୀରତି ।

ମାନବର ଶିଳ୍ପ କଳା
ପୁଣି କଳ୍ପନା ଗଠିତ
ମନୁଷ୍ୟ ହସ୍ତରେ ବହି ରୂପ
ଭାଗ୍ୟେ ତା'ର କରେ ବିଦ୍ରୁପ।

ହୃଦୟ ଗୁହାରି
ଶୁଣେକି ତାହାରି
ସେ ଶୂନ୍ୟ ପ୍ରାଣ
ହୋଇ ରହିଛ ପାଷାଣ ।

ଦିଏ ନାହିଁ ସ୍ୱାନ୍ତନା
ମାନବର ହୃଦୟ ଯେ ଭଗ୍ନ
କାଠ ପଥରରେ ତାର ଦେହ
କରେ ସେ ଦେବତା ନିର୍ମାଣ ।

ମଧୁର ବଚନ
ଆଉ ଆରାଧନା
ଉପଶମ ନୁହେଁ
ହୃଦୟର ବେଦନା
ଆକୁଳ ଅନ୍ତରେ
ପ୍ରଭୁ ଲୋଡ଼େ ସେହି
ଦୟା କ୍ଷମା ପାଷାଣର ଦେହୁଁ ।

ପାଷାଣର କରେ
ମଥାନତ କରେ
ଯାଏ ସବୁ ଅକାରଣରେ
ହେ ପ୍ରଭୁ କାହିଁ ଯେ ପାଷାଣ ।

ମାଗୁ ନାହିଁ ମୁହିଁ
କ୍ଷମା କରିବାକୁ ଅପରାଧ
କମାଇ ଦେବ ହେ
ବ୍ୟର୍ଥତା ଆଶାର
ଇଛାକରେ ନାହିଁ
ଲଭି ବାକୁ ତୁମ ଅନୁଗ୍ରହ।

ଧନ ମାନ ଯଶ ଖ୍ୟାତି
ମୃତ୍ୟୁ ପରେ ମୁକତି
ମାଗେ ନାହିଁ,
ବଇକୁଣ୍ଠ ଭଲଲାଗେ ନାହିଁ
ଭାବନାରେ ଦିନ ବହିଯାଏ
ମୋର ପ୍ରତିକ୍ଷଣ
ନାହିଁ ବେଳ କରିବାକୁ
ମୁକ୍ତି ଅବା ମୃତ୍ୟୁର ଚିନ୍ତନ।

ମିଳେନି କେବେ
ଅମର ଭୁବନେ
ଜୀବନେ ଲଭିଛୁ ନିଧି
ତୁଛ ଲାଗେ ସ୍ୱର୍ଗ ସିଦ୍ଧି ।

ନମଇଁ ହେ ପ୍ରଭୁ
ନିର୍ଜୀବ ପାଷାଣ
ରହିଛି କେତେ ପୂଣ୍ୟ
ଶିଳ୍ପର ପ୍ରାଣ,
ଗଢା ଯେ ହୋଇଲେ
ପାଷାଣର ଗିରି
କେତେ କଳ୍ପନା ରୁ ଚିତ୍ରିତ ଏ ଶିରୀ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଲୋଭୀ ଠାକୁରାଣୀ ...

ରାକେଶ କୁମାର ସାହୁ
କରାଣ୍ଡ, ପିଙ୍ଗୁଆ, ଢେଙ୍କାନାଳ

କଟକ ଜିଲ୍ଲାର ତିଗିରିଆ ପ୍ରାନ୍ତେ
ବିନ୍ଧାଣୀମା ଗ୍ରାମ ଧନ୍ୟ,
ଜଗତ କଲ୍ୟାଣୀ ଲୋଭୀ ଠାକୁରାଣୀ
ପାଦେ ତୋ'ର ନିବେଦନ ।

ଦୁଃଖିନୀ ମାଆର କୋଳେ ପୁଅ ଟିଏ
ଦେଉ ଥାଉ ମାଆ ବୋଲି,
କାର୍ତ୍ତିକ ପୂର୍ଣ୍ଣିମା ଦିବସେ ତୋ' ପୀଠେ
ଭକତ ଆସନ୍ତି ଚାଲି ।

ଅଳି ଅଛି ବାରେ ତୋ ପଦାର୍ବିନ୍ଦରେ
ପୂରଣ କରିବୁ ମାଆ,
ଜନ୍ମିତ ସନ୍ତାନେ ତୋ କୃପା ଦୃଷ୍ଟିରେ
ସଦା ତାଙ୍କୁ ହେବୁ ସାହା ।

ମା' ଆଖି ଆଗରେ ନ ମରୁ ସନ୍ତାନ
ତୋ ପାଶେ ଗୁହାରୀ ମୋର,
ନଅ ମାସ ଦଶ ଦିନର ମଜୁରୀ
ହୋଇବ ତା'ର ବେକାର ।

ତୋ'ର ସୁକଲ୍ୟାଣେ ତୋ'ର ଏ ସଂସାରେ
ଅନାଥ ନ ହୁନ୍ତୁ କେହି,
ପିତା ମାତା କୋଳ ସର୍ବ ସନ୍ତାନର
ଛତ୍ରଛାୟା ଯାଉ ହେଇ ।

ସୁଲକ୍ଷଣା ନାରୀ ଅକାଳେ ବିଧବା
ନ ହେଉ କେବେ ଲୋ ମାଆ,
ପତି ପତ୍ନୀ ଙ୍କର ସୁଖ ସଂସାରରେ
ତାଙ୍କୁ ସଦା ହେବୁ ସାହା ।

ନାରୀ ଅବା ନର ନିଃସଙ୍ଗ ଜୀବନ
ଅଭିଶାପ ତାଙ୍କ ପାଇଁ,
ପ୍ରେମ ପ୍ରଣୟରେ ଥିବେ ପରସ୍ପରେ
ବିନତି ତୋ' ପାଦେ ଏହି ।

ଏ ଛାର ଭକତ ତୋହରି ଦୁଆରେ
ଜଣାଏ କୋଟି ଜଣାଣ,
ମୋ ଶେଷ ମାଗୁଣୀ ଲୋଭୀ
ଠାକୁରାଣୀ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ମୃତି ତୁମ ପାଇଁ ପଦେ ...

(ଅଧ୍ୟାପିକା)
U.N କଲେଜ, ଅଡ଼ଶପୁର

ସ୍ମୃତି ! ତୁମେ କାହା ପାଇଁ
ଅତୀତ, ଅଭିଶାପ···
ପ୍ରତିଶୃତି କାହା ପାଇଁ
କୁହା ଅକୁହା କଥା ତ '
ବ୍ୟଥା ର ଆଞ୍ଜୁଳାଏ ତର୍ପନ୍ନିତ ଦୁଃଖ··· |

ମିଛ, ସତ, ପାପ ର
ଅଭିସାର ତମେ ସ୍ମୃତି,
ପ୍ରତିଶୃତି ଓ ପ୍ରତ୍ୟାଶା ର ମଞ୍ଜରୀତ ତିଥି.
ହେମନ୍ତ ରୁ ଶରତ···.
ବସନ୍ତ ରୁ ଶ୍ରାବଣ.. ଯାଏ
କୋହ ଭିଜା କଦମ୍ବର ବିକର୍ଷ ପୃଥିବୀ. |

ପ୍ରେମୀ ଯୁଗଳ କ ସନ୍ଧ୍ୟାଧୁପ କେବେ ତୁମେ,
ବଂଶୀ ର ଧୂନ, ତ ଝରଣା ର ଝର ଝର ସ୍ୱନ.
କୋଇଲି ର ନିଧୟ କାନ୍ଦଣା ତୁମେ ସ୍ମୃତି,
କେବେ ପୁଣି ନିରୋଳା ନିର୍ଜନ ପ୍ରମିକା ର ରାତି.
ବିରହୀ ନବବଧୂ ର ଓଦା ଓଦା ଆଖି.|

ସ୍ମୃତି ତମେ ବହୁରୂପୀ,
କେତେବେଳେ ବିରହୀ ପ୍ରମିକା ର
ପୁଣି ବିବର୍ଣ୍ଣ ପ୍ରେମ ର.
ହଁ ଗୋ ସ୍ମୃତି ତୁମେ ସବୁବେଳେ ନିଜର
ଅତି ଆପଣର,
 ନା ତମକୁ ଭୁଲି ହୁଏ ନାହିଁ ମନ ରଖିହୁଏ.
ତୁମେ, କେବେ ଝରି ଯାଅ ହସ ରେ
ପୁଣି କେବେ ଲୁହ ରେ···.

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

କୃଷ୍ଣ ପ୍ରେମରେ ପଡିଛି ମୋ ପାଦ ...

ତିଲୋତ୍ତମା ଦାସ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର

ପ୍ରେମରେ ଯାହାର ନାଚି ଉଠେ ପାଦ
ଅନୁଭବେ ଯାର ନୁପୁର ର ଛନ୍ଦ
ଦୁନିଆ ଟା ଆଜି ଲାଗେ ପ୍ରଫୁଲ୍ଲିତ
ପ୍ରେମରେ ତାହାର ପଡିଛି ମୋ ପାଦ ||

ମୋ ଦେହ ବାସୁଛି ଚନ୍ଦନ ଚର୍ଚ୍ଚିତ
ଅନୁଭବେ ମଧୁ ବୃନ୍ଦାବନ ପଥ
ଚତୁପାର୍ଶ୍ୱ ମୋର ଶ୍ୟାମ ହୃଷୀକେଶ
ମାୟା ସଂସାର କୁ ଦିଶେ ନାହିଁ ପଥ ||

କର୍ଣ୍ଣ ମୋ ଶୁଣୁଛି ଶ୍ୟାମ ବଂଶୀ ସୁର
ନିଶ୍ୱାସ ରେ ଆଜି ଚନ୍ଦନ କର୍ପୂର
ନାଚି ଉଠେ ଆଜି ମୋ ପାଦ ଘୁଙ୍ଗୁର
କରେ ସେ କିମିଆ ପ୍ରେମ ରେ ତାହାର ||

ପ୍ରେମରେ ଯାହାର ଜଗତ ଅଧିର
ଜଳ ବିନ୍ଦୁଟିଏ ତା ପ୍ରେମ ଜୁଆରର
ଭାସିଯାଏ ଆଜି ଯମୁନା ପୟରେ
କୃଷ୍ଣ କୃଷ୍ଣ ବୋଲି ଗାଏ ମୋ ଅଧର ||

ନିଶ୍ୱାସେ ପ୍ରଶ୍ୱାସେ ବ୍ରହ୍ମ ଅବକାଶେ
ମଧୁ ଝରେ ମୋର ହୃଦୟ ଉଆସେ
ସକାଳ ରୁ ସଞ୍ଜ ଅଧିର ମୋ ମନ
ନୁପୁର ନାଚେ ମୋ ଶ୍ୟାମ ପ୍ରେମ ରସେ ||

କି ଆନନ୍ଦ ମୟ ଏ ସାରା ସଂସାର
ଶ୍ୟାମ ବିନା କେହି ନାହିଁ ଅପଣାର
ମନ କିଣି ନିଏ ତା ବଂଶୀ ର ସ୍ୱର
ସଂସାର ପଡିଛି ପ୍ରେମରେ ଯାହାର ||

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ନିବିଡ଼ ବନ୍ଧୁତା ...

ହିମାଞ୍ଚଳ ନାଗ
ସାଲେପାଲି, ମଣିରାମପୁର
, କଳାହାଣ୍ଡି

କାହାଣୀ ସେଇ 2 ବର୍ଷର କେତେବେଳେ ଯେ ସରିଗଲା ଜାଣି ହେଲାନି ହଁ କିନ୍ତୁ ଶେଷ ଦିନ କହୁତ୍ କଷ୍ଟ ଦାୟକ ଥିଲା ତାହା ଚିର ସ୍ମରଣୀୟ ରହିବ ତାହା କେବେ ସ୍ୱଳ୍ପ ସାରଣୀ ନୁହେଁ। ବନ୍ଧୁତା ର ସୋପାନ ଆରମ୍ଭ ହୁଏ ,ସବୁ ନୂଆ ଚେହେରା ଆସି ବସିଲେ ସେଇ ଇତିହାସ ବିଭାଗର ସେମିନାର ପ୍ରକୋଷ୍ଠ ରେ ଦିନ ଥିଲା 10ଟା ଅଗଷ୍ଟ ମାସ 19 ତାରିଖରୁ।

କେମିତି ସେଇ ବନ୍ଧୁତା ର ଆରମ୍ଭ ହେଲା ଯଦି ପ୍ରଶ୍ନ ଆସେ ଆମେ କେହି ବି ଜାଣିନୁ କାରଣ ବନ୍ଧୁତା କେବେ ଜାଣି ଶୁଣି ହୁଏ ନା କି ଗୋଟିଏ ଦିନରୁ ବି ହୁଏନା। ଥିଲୁ ଆମେ ମାତ୍ର 28 ଜଣ କିନ୍ତୁ ଲାଗୁଥିଲା ଯେମିତି ଗୋଟିଏ ପରିବାର । ପ୍ରଥମେ ତ ଲାଗୁଥିଲା ଯେ ସବୁ ନୂଆ ନୂଆ ଚେହେରା ସବୁ ଭିନ୍ନ ଭିନ୍ନ ଅଞ୍ଚଳ ରୁ ସବୁ ଭିନ୍ନ ଭିନ୍ନ ଭାବନା ର ମଣ୍ଡଳିରୁ କିନ୍ତୁ କିଛି କ୍ଷଣ ପରେ ଲାଗିଲା ଯେ ନା ଆମେ ସମସ୍ତେ ଏଇ ଶିକ୍ଷ୍ୟାଳୟରୁ। କେହି କାହା ନା ଜାଣିନ ଥିଲେ କିନ୍ତୁ ଭାବର ଆଦାନ ପ୍ରଦାନ ବେଶ୍ ସ୍ୱଚ୍ଛଳ ରେ ହୋଇଥିଲା ।

ମଧ୍ୟସ୍ଥି ଥିଲେ ମିଷ୍ଟର ସାନୁ, କାରଣ ସେ ଥିଲେ ଏଇ ଶିକ୍ଷ୍ୟାଳୟର ପୁରୁଣା ଛାତ୍ର ପରବର୍ତ୍ତୀ କାଳରେ ତାଙ୍କ ଭାବ ବେଗ ରେ କିଛି ସୁଧାର ଆସିଥିଲା ସତ କିନ୍ତୁ ସବୁ ବେଳେ ସେ ଚୁଲ ବୁଲ ନାୟକ ପରୀ ଥିଲେ ସେ।
ଦିନ ହେଲା ସବୁ କ୍ଲାସ ଚାଲିଲା ନୂଆ ନୂଆ ଚେହେରା ଆସିଲେ କିଏ ଥିଲେ କେନ୍ଦ୍ରାପଡ଼ା ରୁ ତୋ କିଏ ଥିଲେ ସମ୍ବଲପୁର ରୁ କିଏ ଥିଲେ ଜଗତପୁର ତୋ କିଏ ଥିଲେ ବଲାଙ୍ଗୀର ରୁ କିନ୍ତୁ ଅଧିକାଂଶ ଥିଲେ କଳାହାଣ୍ଡି ରୁ।

ଦିନ ଗଡି ଗାଡ଼ି ଚାଲିଲା ସେହି ପରୀ ସମସ୍ତ ଙ୍କ ଭିତରେ ଚିହ୍ନା ପରିଚୟ ସୃଷ୍ଟି ହେଲା। ଦିନ ଆସିଲା ଆମେ ଶିଖି ଥିବା ବିଦ୍ୟା ର ପରୀମାର୍ଜିତ ସମୟ । ସେହି ସମୟରେ ଜଣା ପଡିଲା ଯେ ଆମ ଭିତରେ ମାତ୍ର 28 ଜଣ ପରୀକ୍ଷା ଦେଇଛୁ, ସେୟ ପୁଣି କିଛି ଅନବରତ ଥିବା କିଛି ବନ୍ଧୁ ଙ୍କୁ ନେଇ , ମୋର ମନେ ହୁଏ ସେହି ସମୟରେ ମୋର ବନ୍ଧୁ କେହି ଜଣ ଫୁସୁରୁ ଫସୁରୁ ହେଉଥିଲେ କାରଣ ,ନିୟମ ଥିଲା 75% ଉପସ୍ଥାନ ଥିବା ପିଲା ହିଁ ପରୀକ୍ଷା ରେ ବସିପାରିବେ।
ସେ ଯାହା ହେଉ ନା କାହଁକି ପରୀକ୍ଷା ସରିଲା ଇତି ମଧ୍ୟରେ ଆମର ମିତ୍ରତାର ଭଲ ପାଇବା ଭିତରେ ଏକ ଚଞ୍ଚଳମୟ ପର୍ବ ପାଳନର ଶୁଭାରମ୍ଭ ହୋଇ ଯାଇଥିଲା ,ତାହା ଥିଲା ଜନ୍ମ ଦିନ ପାଳନ ।ଅଥଚ କିଛି ସମୟ ଅତିବହିତରେ ତାହା ର ଅନ୍ତ ହେଇଯାଇଥିଲା କାରଣ ତ ପଛରେ ଥିଲା କିଛି ହସ୍ତୀ ଙ୍କର

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଦୃଢ଼ ଅନାବାଦୀ ମନସ୍ତତ୍ତ୍ୱ ସମାନ ଯାହା ଶେଷ ପର୍ଯ୍ୟାୟରେ ସାର୍ ମାନଙ୍କ ସହ ଭୋଜି ରେ ମଧ ବାଧା ସାଜିଲା ।

ଏମିତି ଚାଲିଥାଏ 2ୟ ସେମିଷ୍ଟର ରେ ପଦାର୍ପଣ ହେଲୁ ଯହିଁରେ ଆମର ଏକ ଫିଲ୍ଡ ଷ୍ଟଡି ନାମକ ସୋପାନ ଥିଲା ଯଉଥି ପାଇଁ ଆମେ ପ୍ରଥମେ ତ ଧାର୍ଯ୍ୟ କାଲୁ କଳାହାଣ୍ଡି ର 5 ସ୍ଥାନ ନାର୍ଲା ର ଅସୁର ଗଡ, ମୋହନଗିରି ର ଶିବ ମନ୍ଦିର ,ବେଲଖଣ୍ଡିର ଶୈବ ପୀଠ , ଅମଟ ଗଡ ଦୁର୍ଗ ଇତ୍ୟାଦି ପରେ କିନ୍ତୁ ଭୁବନେଶ୍ୱର ଧାର୍ଯ୍ୟ ହେଲା ।ଏଥିରେ ପ୍ରାମୁଖ ଥିଲେ ରଣା ସାର୍ ଏବଂ ରାକେଶ ସାର୍ ।

ଫିଲ୍ଡ ଷ୍ଟଡି ଥିଲା ଆମ ବନ୍ଧୁତାର ନିବିଡ଼ ତମ ଅଧ୍ୟାୟ । ଏଥିରେ ନିଜକୁ ଝଙ୍କିଲେ ବେଲ ମନୋରମ ବେଳାର ସ୍ୱର ଶୁଭେ ।ସାର୍ ମାମ୍ ଙ୍କ ସହ ବିତେଇଥିବା ସେ ଅଭୁଲା ରେଳ ଯାତ୍ରା ହେଉ କିମ୍ବା ଭୁବନେଶ୍ୱର ର ମନ୍ଦିର ସହରେ ବସ୍ ରେ ବିତେଇଥିବ ଅଭୁଲା ସ୍ମୃତି । ମନେ ପଡେ ସେଇ ଧଉଳିର ସେଇ ହାତୀରେ ଖୋଦିତ ଲେଖା ଯାହା ପାଇଁ ଖାଲିପାଦରେ ପୁରା ଚକ୍କର କରିଥିଲୁ,ମନେପଡେ ସେଇ   ଲହଢି ର ଶବ୍ଦ ଯାଉଥି ଆମେ କୋଣାର୍କ ଭ୍ରମଣ ଓ ପଢ଼ା ସାରି ଯାଇଥିଲୁ । ମନେ ପଡେ ସେଇ ଫଟୋ ଚିତ୍ର ଯାହା ଆମେ ସେଇ ସମୟରେ ନେଇଥିଲୁ ,ତାହା ଖାଲି ଯେ ଫଟୋ ଚିତ୍ର ନ ଥିଲା ବରଂ ଅତୀତର ଅଭୁଲା ସ୍ମୃତି ଯାହା ଆଜି ବେଶ୍ ଭଲ ଭାବରେ ବୁଝି ହେଉଛି ।

ଫିଲ୍ଡ ଷ୍ଟଡି ସାରି ଫେରିଲୁ , ବାସ ଏହି ସମୟରୁ ଆରମ୍ଭ ହେଲା କିଛି ଶିଖିବାର କିଛି ନୂଆ ସୋପାନର ଯାହା ଏହି ଶିକ୍ଷ୍ୟାଳୟରେ ବୋଧେ ପ୍ରଥମ ଥର ହେଇଥିବ ତାହା ଥିଲା ପୋଷ୍ଟର ଉପସ୍ଥାପନା | ଯାହା ଆମକୁ ପ୍ରଥମ ଥର ପାଇଁ ନିଜକୁ ଇଂରାଜୀ ଭାଷାରେ କହିବାର ସୁଯୋଗ ଦେଇଥିଲା । ଏହା ପଛରେ ଥିଲେ ଆମ ପ୍ରିୟ ସାର୍ ଡଃ ନଳିନୀକାନ୍ତ ରଣା ଯାହାଙ୍କୁ ଆମେ ରଣା ସାର୍ ଡାକୁ ,କାରଣ ସାର୍ ହିଁ କହିଥିଲେ ଯେ ଏ ଥର କିଛି ଅଲଗା କରିବା interview ବଦଳରେ ପୋଷ୍ଟର ଉପସ୍ଥାପନ କରିବା । ଏହି ସମୟ ଥିଲା ସାର୍ ମମ୍ ଙ୍କ ସାଙ୍ଗରେ ସମ୍ପର୍କର ସେଇ ନିବିଡ଼ ତମ ଅଧ୍ୟାୟ ର ପ୍ରାରମ୍ଭ । ଇତି ମଧରେ ଆମେ ସାର୍ ଙ୍କ ସାଙ୍ଗରେ ଅଟେ ଘନୀଭୂତ ଭାବେ ଜଡ଼ିତ ହେଲୁ ଯେ ସେ ସାର୍ ନୁହେଁ ଆମ ଭଡ୍ଡୁ ତୁଲ୍ୟ ମନେ ହେଉଥାଏ । ଶ୍ରେଣୀ ପ୍ରକୋଷ୍ଠ ରେ ପାଠ ପଢ଼ା ମଝିରେ କେତେବେଳେ କାହା ବ୍ୟକ୍ତିଗତ କଥା ଚାଲି ଆସେ ଜାଣି ବି ହୁଏନା । ସବୁ ପ୍ରୋଗ୍ରାମ ରେ ସାର୍ ଆମ ସହ ମିଶି ସବୁ କରନ୍ତି ଓ ସବୁରି ମୂଳରେ କହନ୍ତି ପିଜି ପିଲା ମୋ ପାଇଁ ସବୁଠୁ ବେସୀ ନିକଟତର ।
 ସେ ଯାହା ହେଉ 2 ନଂ ଯାଇ 3 ନଂ ସେମିଷ୍ଟର ଆସିଲା ସେଥିରେ ଥିଲା ପୁଣି ପ୍ରୋଜେକ୍ଟ ପେପର୍ ଟୋଟାଲ ଥିଲୁ 28 ସେ ମଧରୁ ସାର୍ ଙ୍କ ପାଖରେ 20 ଗୀତା ମାମ୍ ପାଖରେ 3 ଓ ବର୍ଣ୍ଣି ମାମ୍ ପାଖରେ 5 ଭାଗ ହୋଇ ନିଜ ପ୍ରୋଜେକ୍ଟ ସାରିଲୁ , କିନ୍ତୁ ଇଣ୍ଟରଭ୍ୟୁ ଦିନ ସମସ୍ତଙ୍କ ସ୍ପନ୍ଦନ ଧକ୍ ଧକ ହେଉଥାଏ ବେଶ୍ କରି ରେଣୁକା,ସୋନାଲି ଓ ଦୂଲ୍ଲବ କାରଣ ସୋନାଲି ଥିଲେ ରୋଲ ୧ ଓ ଦୁଲ୍ଲବ ଥିଲେ ରୋଲ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

୨ ଆଉ ସମସ୍ତଙ୍କୁ ଥିଲା ଡର ଯେ କେମିତି ହେବ କିନ୍ତୁ ସାର୍ ମାମ୍ ଆସି ଶାନ୍ତ୍ଵନା ଦେଉଥାନ୍ତି । ଯାହା ହେଉ ସବୁ ସରିଲା ।

ଝ୪ର୍ଥ ସେମିଷ୍ଟର ରେ ସମସ୍ତେ ପଦାର୍ପଣ ହେଲୁ ।ସେତେବେଳେ ସମସ୍ତଙ୍କ ମନରେ ଆସିଥାଏ ଶେଷ ସମୟର ବେଦନା , ଉଦ୍ଦୀପନା ଓ ପ୍ରରୁଥାକି କରଣ ର ଆଭାସ କାରଣ ଆଉ କିଛି ଦିନ ପରେ ପିଜି ସରିଯିବା ସମୟ ସାରଣୀ ପାଖେଇ ଆସୁଥାଏ । ସମୟ ଆସିଲା ସମସ୍ତେ ନିର୍ଣ୍ଣୟ ହେଲୁ ସେହି ସମୟରେ ଆମ ଡିପାର୍ଟମେଣ୍ଟ ର ରାଷ୍ଟ୍ରୀୟ ସେମିନାର ହେବାର ଧାର୍ଯ୍ୟ ହେଲା ୨୦ ଅପ୍ରେଲ ୨୦୨୫ ଦିନ ଆଉ ସାର୍ ଙ୍କ ଚେତାବନୀ ଥିଲା ସମସ୍ତେ ସେମିନାର ରେ ନିଜକୁ ନିୟୋଜିତ ରଖିବା ପାଇଁ କିନ୍ତୁ ସମସ୍ତେ ଉପସ୍ଥିତ ହେଲୁ , ଯାଣି ଥିଲୁ କି ୪ ଦିନ ପରେ ଆମ ୪ ର୍ଥ ସେମିଷ୍ଟର ଅଛି କିନ୍ତୁ ଆମ ଶେଷ ସ୍ମୃତି।

ପରୀକ୍ଷା ଆସିଲା ସମସ୍ତେ ନିଜକୁ ପ୍ରସ୍ତୁତ କଲୁ ପ୍ରଥମ ପେପର୍ ମଧ ଦେଲୁ ।ଇତି ମଧରେ ଆମ ୩ ୟ ସେମିଷ୍ଟର ର ଫଳ ଫଳ ମଧ ବାହାରି ଗଲା ଯାହା କିଛି ଙ୍କ ମନରେ ଆନନ୍ଦ ଦେଲା ତ କିଛି ଙ୍କ ମନରେ ଦୁଃଖ ଭରିଦେଲା , କାରଣ ଥିଲା ୫ ଜଣଙ୍କ ପେପର୍ ରେ ବ୍ୟାକ ଲାଗି ଯାଇଥିଲା ।କାହାର ଠିକ୍ ଥିଲା ତ କାହାର କମ୍ ଥିଲା କିନ୍ତୁ ସମସ୍ତେ ପାସ ହେଉଥିଲୁ ଖାଲି ୫ ବ୍ୟତୀତ । ସମସ୍ତ ପେପର୍ ସରିବା ପରେ ସେଇ ଦିନ ଆସିଲା ଯାହା ଅମ ମାନଙ୍କ ମଝିରେ ବିରହି ସାଜିଲା ଇଛା ଥିଲା ପରବର୍ତ୍ତୀ ଦିନ ସାର୍ ମାମ ସମସ୍ତେ ମିଶି ଗୋଟେ ଭୋଜି ଆୟୋଜନର କିନ୍ତୁ ତାହା ହେଲା ନାହିଁ କାରଣ ଥିଲା କିଛି ଜଣଙ୍କର ମନ ଦୁଃଖ । ସେ ଯାହା ହେଉ ତା ପର ଦିନ ଆମେ ପିଲା ମାନେ ଗୋଟେ ଭୋଜି ଆୟୋଜନ କଲୁ ସମସ୍ତେ ଆସିଲୁ କିନ୍ତୁ କାରଣ ବଶତଃ ୩ ଜଣ ଆସି ନ ଥିଲେ । ଏଇଠି ପଡ଼ିଥିଲା ଆମ ନିଇତି ଦେଖଣା ର ବନ୍ଧୁତ୍ଵ ର ଫାଟକ କିନ୍ତୁ ମନରେ ସବୁ ବେଳେ ସେଇ ବନ୍ଧୁତା ଜନ୍ମି ରହିବ ଜନ୍ମ ଜନ୍ମାନ୍ତର ପାଇଁ ରହିବ ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସାବଧାନ ...

କୃଷ୍ଣ ଚନ୍ଦ୍ର ବାରିକ
ସାରସ ମାଳ, ସୁବର୍ଣ୍ଣପୁର

ଦୋଷୀ ଖସିଯାଏ ଦେଇଯାଇ ଦୁଃଖ
ନିର୍ଦ୍ଦୋଷ ପାଏ ଟି ସଜା
ସତ କଥା ଯେବେ ପଡିଯାଏ ଜଣା
ସରମେ ପତିତ ଧ୍ଵଜା

ଯେତେ ଯେତେ ବଡ ଅପରାଧ କଲେ
ବଡଙ୍କୁ ନାହିଁ ଉତ୍ତର
ଛୋଟ ଲୋକ ଦେଖି ଦୋଷ ଲଦି ଦ୍ୟନ୍ତି
ଇଏ ଆଜିର ବେଭାର

ଛୋଟ ଲୋକ ଯେତେ ଚୁପଚାପ ରହି
କରନ୍ତି ମଉନ ବ୍ରତ
ମୌନ ବ୍ରତ ପରା ସମ୍ମତି ଲକ୍ଷଣ
ସଂସାରରେ ପ୍ରତିଭାତ

ଅସତ୍ୟ ଅଧର୍ମ ନୁହେଁ ଚିରସ୍ଥାୟୀ
କାଳାନ୍ତେ ହୁଅଇ କାଳ
ଅନୁତାପ ବହ୍ନି କରେ ଛାରଖାର
ଭକ୍ଷଣେ ସେ ମହାକାଳ

ମହାଭାରତରେ ଦେଖିଛ ସମସ୍ତେ
କୁରୁବଂଶ ଧ୍ଵଂସ ଲୀଳା
ସେମିତି ଲୋକ ଠୁ ଦୂରେଇ ଯିବାଟା
ଉଚିତ ଲୋ ରତ୍ନମାଳା। ।

ମହ୍ଲାର ନୂତନ ଆଶାରେ ପ୍ରାଣ ସଞ୍ଚାର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ତୁମ ପରେ ମୁଁ ଆଉ ମୁଁ ନୁହେଁ ...

ସସ୍ମିତା ପଣ୍ଡା
ନରସିଂହପୁର,କଟକ

ତୁମେ ଥିଲ , ଥିଲା ସେ ଜହ୍ନରେ ଯୋଛନା ।
ତୁମେ ଥିଲ ,ଥିଲା ଗୋଧୂଳିରେ ବାସ୍ନା।।

ତୁମେ ଥିଲ , ଥିଲା ଶ୍ରାବଣରେ ଶିହରଣ ।
ତୁମେ ଥିଲ, ଥିଲା ବସନ୍ତରେ ମୃଦୁ ସମୀରଣ।।

ତୁମେ ଥିଲ, ବିନା ଘୁଙ୍ଗୁରରେ ନାଚି ଯାଉଥିଲା ପାଦ।
ତୁମେ ଥିଲ, ବିନା ନିଶାରେ ମତୁଆଲା ଥିଲା ମନ।।

ତୁମେ ଥିଲ , ବାସି ଗଜରାରେ ବି ଥିଲା ବାସ।
ତୁମେ ଥିଲ, ମହକି ଯାଉଥିଲା ମୁକୁଳା କେଶ।।

ତୁମେ ଥିଲ, ଆଖି ପଲକରେ ଥିଲା ଲାଜ।
ତୁମେ ଥିଲ, ଓଠ ଧାରେ ଥିଲା ପ୍ରେମ ପରଶ।।

ତୁମ ପରେ, ନିଛାଟିଆ ଛଟପଟ ଏଇ ମନ ।
ତୁମ ପରେ , ଯୌବନ ଲାଗେ ଝଡ଼ ସମାନ।।



ତୁମ ପରେ , ପାରିଜାତ ପୁଷ୍ପ ଲାଗେ ବାସହୀନ।
ତୁମ ପରେ, ସବୁ ସ୍ୱପ୍ନ ଲାଗେ ରଙ୍ଗ ହୀନ।।

ତୁମ ପରେ, ଫିକା ଲାଗେ ବସନ୍ତର ପହିଲି ସ୍ପର୍ଶ।
ତୁମ ପରେ , ଉଦାସୀନ ପୁଣି ଶ୍ରାବଣର ସଞ୍ଜ।।

ତୁମ ପରେ, ଧୀର ପବନ ବି ଲାଗେ ବାତ୍ୟାର କରାଳ।
ତୁମ ପରେ, ବାଟବଣା ଲାଗେ ଜଣାଶୁଣା ସହର।।

ତୁମ ପରେ ,ଲାଗେ ମୁଁ ଆଉ ମୁଁ ନୁହଁ।
ତୁମ ପରେ , ଖୋଜି ପାଉନାହିଁ ମନକୁ ମୋର ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, **ମୁଖ୍ୟ ପରିଚାଳିକା:** ଶିବଦୁତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପାଷାଣୀ ମୁଁ ...

ଶିଳ୍ପାଲିପି ବେହେରା
+3 ଶେଷ ବର୍ଷ ଛାତ୍ରୀ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଜଗତସିଂହପୁର

କ୍ଷୁବ୍ଧ ପରିତ୍ୟକ୍ତ କାହିଁକି ପଡ଼ିରହିଛି ମୁଁ
ଯୁଗ ଯୁଗର କାହାଣୀ ମନରେ ଧରି,
ଗ୍ରୀଷ୍ମ ବର୍ଷା ଶୀତର କାକରେ ଭିଜି
ଦେହ ସହ ମନ ବି ଯାଇଛି ମୋ ମରି ||
ନିତି ମୁଁ କଥା କହେ ଆକାଶ ସହ
ବିବିଧ ରଙ୍ଗର ମୋତେ ଉତ୍ତର ଦିଏ,
ମୋ କୋହର ଆଭାସ ପାଇ ସେ
କେବେ କେବେ ଅଦିନରେ ବରଷି ଯାଏ ||
ମୋ ଗୀତ ଶୁଣି ପକ୍ଷୀ କ୍ଷଣିକ ପାଇଁ
ବସିଯାଏ ମୋ ତପ୍ତ ଟାଙ୍ଗରା ଦେହରେ,
ମୋ ସ୍ୱରରେ ମିଶାଇ ସ୍ୱର ଗାଏ
କ୍ଷୁବ୍ଧ ହୁଏ ଅଜଣା କ୍ଷତ ଦେଖି ମୋ ଶରୀରେ ||
କେମିତି ବୁଝାଇବି ମୁଁ ମୋ କୋହକୁ
ବିସ୍ତାରି ତା ଆଗରେ ନିଜକୁ,
ବୁଝିବ କି ମୋ ମନର କଥା
ସ୍ୱାର୍ଥବିନା ଏଠି କିଏ ବୁଝେ କାହାକୁ?

ଶରତ ଆସିଲେ ତୁମେ ମନେପଡ଼ ...



ତୁଷାରକାନ୍ତ ବଳବନ୍ତରାୟ
ପାଇକବାରବାଟି ,
ନରସିଂହପୁର , କଟକ

ଶରତ ଆସିଲେ ତୁମେ ମନେପଡ଼
ଶରତ କୋଳରେ ପୋଖରୀ ହୁଡ଼ାରେ
କାଶତଣ୍ଡି ମନ୍ଦ ହସେ
ତାକୁ ଦେଖି ମୋର ମନ ଅଗଣାରେ
କାହା କଥା ଖାଲି ଭାସେ
ଶରତ ରାତିରେ ଦୂର ଆକାଶରେ
ଜହ୍ନ ହାତଠାରି ଡାକେ
ଜହ୍ନ କୁ ଦେଖିଲେ ତାର ପାଟି ସ୍ୱର
କାନରେ ମୋହର ବାଜେ
ଶରତ ଆସିଛି ସୁନ୍ଦରତା ନେଇ
ସମସ୍ତଙ୍କ ମନେ ହସ
ମୋତେ କିନ୍ତୁ ସିଏ ଭାବୁକ କରିଚି
ମନେ ପଡ଼େ ତା'ର ହସ
ତା ହସ ଦେଖିଣ ଖୁସି କବିକୂଳ
ଲେଖିବସେ କେତେ ଗାଥା
ହେଲେ ତାକୁ ଝୁରି ମନ ଯାଏ ଘୂରି
ଘୂରିଲାଣି ମୋର ମଥା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସେହି ଭୂତ ଘର ...

ହିମାଳିନୀ ହୋତା
ବ୍ରହ୍ମପୁର

ବହୁତ ଦିନ ପରେ ମନ ଆଜି ବହୁତ ଖୁସି ଯେ ଦୀର୍ଘ ୩୪ବର୍ଷ ପରେ ମୁଁ ଆଜି ସେଇ ଗାଁ କୁ ଯାଉଛି, ଯୋଉ ଗାଁ ରେ ମୁଁ ମୋର ଛୋଟ ବେଳର କିଛି ଦିନ ଅତିବାହିତ କରି ଥିଲି । ସେ ଗାଁ ପ୍ରତି ମୋର ଆକର୍ଷଣର ଅଲଗା କିଛି କାରଣ ବି ରହିଥିଲା, ଏକ ରେ ପିଲା ବେଳ ର କିଛି ସମୟ କଟିଥିଲା, ଦୁଇ ରେ ସବୁ ଠୁଁ ମୁଖ୍ୟ କଥା ଥିଲା ସେ ଗାଁ ରେ ଆମେ ଯୋଉ ଘରେ ରହିଥିଲୁ ସେଇ ଘର କୁ ଟିକେ ଦେଖିବା । ପିଲା ଦିନ ର ସବୁ ସ୍ମୃତି ଅପାସୋରା ସେଇ ହିସାବ ରେ ସେ ଘର କୁ ଟିକେ ଦେଖିବା ପାଇଁ ମନ ଭିତରେ ଥିଲା ପ୍ରବଳ ଆଗ୍ରହ । ଆଉ ଗୋଟେ ମୁଖ୍ୟ ଆକର୍ଷଣ ଥିଲା ସେଇ ଘର ବିଷୟରେ ଥିବା କିଛି ଗୁଜବ.. ଯାହାକୁ ସେ ଘରେ ଯିଏ ରହୁଥିଲେ ଅନୁଭବ କରିପାରୁଥିଲେ । ଆଉ ଆମ ପରିବାର ବି ଯେହେତୁ ସେଇ ଘରେ କିଛି ଦିନ ପାଇଁ ରହିଥିଲେ ସେଇ ଗୁଜବ ଓ ତାସହ ଥିବା ଅଦୃଶ୍ୟ ଶକ୍ତି କୁ କିଛି ମାତ୍ରା ରେ ଅନୁଭବ କରି ପାରି ଥିଲେ । ବିଶେଷ କରି ମୋ ବାବା ମା ।
ସେଇ ଗାଁ ର କୌଣସି ଲୋକ ସେଥିପାଇଁ ସେ ଘରେ ରହିବାକୁ ପ୍ରାୟ ମନା ହିଁ କରୁଥିଲେ। ବିଶେଷ କରି ଘର ମାଲିକ । ନିହାତି ଆବଶ୍ୟକ ନ ଥିଲେ ସେଠି ପ୍ରାୟ କିଏ ରୁହନ୍ତିନି କହିଲେ ଚଳେ । ଯେଉଁ ମାନେ ବି ଏଇ ଅଦୃଶ୍ୟ ଶକ୍ତି କୁ ବିଶ୍ୱାସ ନ କରି ରହିବାକୁ ଚାହୁଁଥିଲେ, କିଛି ଦିନ ପରେ ଚାଲି ଯାଉଥିଲେ । ମୋଟା ମୋଟି ଭାବେ କହିବାକୁ ଗଲେ ସେ ଶକ୍ତି ସେଠାରେ କାହାକୁ ରହିବାକୁ ହିଁ ଦେଉ ନଥିଲା ।

କୁହାଯାଏନି "ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା", ସଂଯୋଗ ବଶତଃ ସେହି ଗାଁ ରେ ଜଣେ ସମ୍ପର୍କୀୟ ଙ୍କ ଭୋଜି ଯୋଗୁଁ ପୁଣି ଥରେ ସୁଯୋଗ ମିଳିଯାଇଥିଲା ଗାଁ କୁ ଯିବା ପାଇଁ, ଆଉ ମନ ଟା ମୋର ଖୁସି ରେ ନାଚି ଉଠୁଥିଲା ଏଥିପାଇଁ କେବଳ ଯେ କିଛି ଟା ପୁରୁଣା ଲୋକଙ୍କୁ ଭେଟିବି ଆଉ ସେ ଘର କୁ ଯିବି, କିଛି ଯଦି ଭୌତିକ ସତ୍ତା ଥାଏ ଦେଖିବି । ପିଲଦିନେ ସିନା ଭୂତ ନାଁ ରେ କୋକୁଆ ଭୟ ଉଠୁଥିଲା ମନ ଭିତରେ । ଏବେ ବୟସ ର ଅପରାହ୍ନ ରେ ଆଉ କି ଭୟ!!, ଅନ୍ତତଃ ଭୌତିକ ଶକ୍ତି ଅଛି କି ନାହିଁ ସେ ବିଷୟରେ ତ ସତ୍ୟତା ଜଣା ପଡିବ । ମନ ରୁ ଉଠୁଥିବା ଏଇ ଉଦବିଗ୍ନ କୁ ତ କାହାକୁ ଜଣେଇ ପାରିବିନି ଯିଏ ବି ଶୁଣିବ ହସିବ । ମନ କଥା ମନ ରେ ରଖି ଗ୍ରାମ ଅଭିଯାନ ଆରମ୍ଭ ହେଲା ।

ଏତେ ଦିନ ପରେ ଗାଁ.....

ଗାଁ ଆଉ ଗାଁ ହୋଇ ନଥିଲା..... ସହର ସହର ବାସୁଥିଲା । ଯୁଆଡେ ଦେଖ ଚାଳ ଘର ବଦଳ ରେ ଦୁଇ ମହଲା କୋଠା । ଜମା ଜାଣି ହଉ ନଥାଏ କାହାର କୋଉ ଘର । ଘର ଗୁଡାକ କଥା ତ ଛାଡ଼ ଦେଉଳ, ଚାନ୍ଦିନୀ, ମଠ ଘର, କୋଠ ଘର ସବୁ ର ରୂପ ରେଖ ମଧ ବଦଳି ଯାଇଥିଲା । ଦୀର୍ଘ ବର୍ଷ ର ବ୍ୟବଧାନ ଯୋଗୁଁ ମତେ ସେଠାରେ କିଏ ଚିହ୍ନିବ ବା କଣ ପାଇଁ ,ସାଙ୍ଗରେ ସେଥିପାଇଁ ନେଇଥାଏ ମୋ ବୋଉ ଙ୍କୁ । କାହିଁ ସେ ପିଲାଦିନ.... କାହିଁ ଏ ବୟସ ର ଅପରାହ୍ନ ସମୟ,ସାଙ୍ଗ ସାଥୀ ତ ଦୂର ର କଥା ବୟସ୍କ ଲୋକ ମାନେ ବି ଦେଖିଲେ ମତେ ଚିହ୍ନି ପାରିବେ ନାହିଁ । ତଥାପି ଗୋଟେ ଆଶା ନେଇ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ମୋର ମାତୃଦେବୀ ଙ୍କୁ ନେଇ ସାହି ଆଡେ ଚାଲିଲି । କାରଣ ତାଙ୍କ ବିନା ମୋ ପରିଚୟ ଅଧୁରା । ମୋ ବୋଉ ବି ବହୁତ ଖୁସି ଥାଏ । ପୁରୁଣା ସାଙ୍ଗ ମାନଙ୍କ ସହ ଦେଖା କରିବାକୁ କାହାକୁ ବା ଇଛା ନ ହବ । ଦେଖୁ ଦେଖୁ ତା ସମସ୍କନ୍ଦ ସ୍ତ୍ରୀ ଲୋକଙ୍କ ସହ ମିଶି ତାର ଗପ ର ପସରା ଆରମ୍ଭ ହୋଇଗଲା । ମୋର ଆଉ ଏ ଗପ ର ପସରା ଉପରେ ଆଦୌ ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ କେମିତି ସେ ଗୃହ ପ୍ରସଙ୍ଗ ରେ କଥା ଉଠିବ ଆଉ ମୁଁ ସେଥିରେ ମିଶି ଆଉ ଦୁଇ ପଦ ପଚାରିବି ।
ସେମାନଙ୍କୁ ସିଧା ସଳଖ ନ ପଚାରି ପାରି ବୋଉ କୁ ମୋର ଇସାରା ରେ ବାରମ୍ବାର କହୁଥାଏ ମୁଖ୍ୟ ପ୍ରସଙ୍ଗ କୁ ଆସିବା ପାଇଁ । ବୋଉ ତା କଥା ରେ ବ୍ୟସ୍ତ...

କଥୋପକଥନ ଭିତରେ ଜଣେ ସ୍ତ୍ରୀ ଲୋକ କୁ ମୁଁ ମୋ ନିଜ ଆଡୁ ପଚାରିବା ଆରମ୍ଭ କଲି । ଆମେ ଯୋଉ ଘରେ ରହୁଥିଲୁ ସେ ଘର ଟା ଏଇ ପାଖରେ ବୋଧେ....ଟିକେ ଦେଖେଇ ଦିଅନ୍ତିନି, ମୋ କଥା ଶୁଣି ଉକ୍ତ ଭଦ୍ର ମହିଳା କିଛି ସମୟ ଚୁପ ରହିଲେ,ତା ପରେ, କହିଲେ ତତେ ଆଉ କିଛି ମିଳିଲାନି, ସେ ଘର କୁ ଆହୁରି ମନ ରଖିଛୁ? ସେ ଘର ଯେମିତି ଥିଲା ସେମିତି ହିଁ ଅଛି । ଗୃହ ମାଲିକ ନିଜ ପୂର୍ବ ପୁରୁଷ ର ଘର କୁ ନ ଭାଙ୍ଗି ରଖିଛନ୍ତି ଯାହା , ଏବେ ବି ସେଠି କେହି ରହିବାର ସାହସ କରିପାରିନାହାନ୍ତି । କେବେ କେମିତି ସାହି ଭିତରେ ଭୋଜି ଭାତ ହେଲେ ପ୍ରବେଶ ଘର କୁ ଜିନିଷ ପତ୍ର ରଖିବା ପାଇଁ ହିଁ ଯାହା ବ୍ୟବହାର କରନ୍ତି । ଭିତରେ ଥିବା ଅନ୍ୟ ଗୃହ ଗୁଡିକ ସେମିତି ଅବ୍ୟବହୃତ ଅବସ୍ଥା ରେ ହି ଅଛି । ରେଳ ଡବା ପରି ପୁରୁଣା କାଳିଆ ଘର ଏବେ ବି ଦେଖିଲେ ଭୁତିଆ ଘର ର ଭ୍ରମ ସୃଷ୍ଟି କରୁଛି ।

ଏତିକି ଶୁଣିବା ପରେ ବି,ମୋର ଉତ୍କଣ୍ଠା କମିଲାନି । ଜିଦ ଧରି ବସିଲି ସେଇ ସ୍ତ୍ରୀ ଲୋକଙ୍କ ଅଗରେ, ଚାଲ ଯାଇ ଟିକେ ବୁଲିଦେଇ ଆସିବା । ମୁଁ ସିନା ବହୁତ ଦିନ ପରେ ଆସିଛି ବୋଲି ମୋର ଏତେ ଆଗ୍ରହ ସେମାନେ କାହିଁ ବା ମୋ କଥା ଶୁଣନ୍ତେ, ଭୂତ ଥାଉ କି ନ ଥାଉ ପୂର୍ବ ରୁ ଯେହେତୁ ଗୁଜବ ଅଛି ସେମାନେ କାହିଁକି ବା ଯିବାକୁ ଇଛା ପ୍ରକାଶ କରନ୍ତେ, କେହି ବି ରାଜି ହେଲେ ନାହିଁ ମୋ କଥା ରେ , କିନ୍ତୁ ସେହି ଭିତରୁ ଜଣେ ସ୍ତ୍ରୀ ଲୋକ କହିଲେ, ଯାଉନ,....ଯାହାର ଭୋଜି କୁ ଆସିଛ ତାଙ୍କୁ କହିବ... ଏମିତି ରେ ତାଙ୍କ ର ଭୋଜି ପାଇଁ ଆବଶ୍ୟକ ଜିନିଷ ପତ୍ର ସବୁ ସେଠି ହିଁ ରଖାହୋଇଛି, କାହା ସହ ଯାଇ ବୁଲିଦେଇ ଆସିଯିବ ।

ମୋ ଭିତରେ ଘର କୁ ଦେଖିବାର ଆକାଂକ୍ଷା ଏତେ ଥିଲା ଯେ ସେଠାରେ ଆଉ ମୁହୂର୍ତ୍ତେ ଅପେକ୍ଷା ନ କରି ସମ୍ପର୍କୀୟ ଙ୍କ ଘର ଆଡେ ଚାଲିଲି । ସମସ୍ତେ କାମ ରେ ବ୍ୟସ୍ତ,ଏଇ କଥା ଯଦି କାହାକୁ କହିବି ଯିଏ ନାହିଁ ସିଏ ବିରକ୍ତ ହବ ମୋ କଥା ରେ ତେଣୁ ସୁଯୋଗ ର ଅପେକ୍ଷା ରେ ରହିଲି,କେତେବେଳେ କିଏ ସେହି ଘର ଆଡେ ଯିବ ମୁଁ ତା ସହ ଯିବି । ଅପେକ୍ଷା ର ଅନ୍ତ ଘଟିଲା ସେତେବେଳେ, ଯେତେବେଳେ କି ରୋଷେଇ ପାଇଁ ଆବଶ୍ୟକ ସରଞ୍ଜାମ ଆଣିବା ପାଇଁ କଥା ପଡିଲା, ପିଲା କେତୁଟା ବାହାରିଲେ ଆଣିବା ପାଇଁ । ଆଉ ମୁଁ କାହାକୁ କିଛି ନ କହି ଚୁପଚାପ ସେମାନଙ୍କ ପଛରେ ଚାଲିଲି ।

ଠିକ ଘର ପାଖରେ ସେମାନେ ଯେତେବେଳେ ମତେ ଦେଖିଲେ, ସେଇ ଘର ଭିତର କୁ ସେମାନ ଙ୍କ ସହ ଯିବାକୁ ବାରଣ କଲେ । ମୁଁ କିନ୍ତୁ ଥିଲି ନଛୋଡ ବନ୍ଧା । ସେମାନଙ୍କ ସହ ଭିତର କୁ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଯାଇ କେବଳ ବୁଲି ଦେଇ ଆସିବି କହି ମନେଇ ନେଲି । ପିଲା ଗୁଡାକ ବି ଚୁପ ରହିଲେ ଆଉ କଣ ବା କହିଥାନ୍ତେ ମତେ । ପିଲା ଗୁଡାକ ସେମାନଙ୍କ କାମ ରେ ବ୍ୟସ୍ତ ରହିଲେ ମୁଁ ବି ଉତ୍ସୁକତା ର ସହ ଘର, ଅଗଣା ସବୁ ବୁଲି ଶେଷରେ,ଚୌକି ଗୋଟେ ପକେଇ ଜିନିଷ ପତ୍ର ତଦାରଖ କରିବା ବାହାନା ରେ ଗୋଟିଏ ଜାଗା ରେ ବସି ରହିଲି । ରାତି ଭୋଜି...ପିଲା ମାନଙ୍କୁ କହି ରଖିଲି, ଏତେ ଥର ତାଲା ପକେଇ ତୁମେ ମାନେ ଜିନିଷ ପତ୍ର ନେବା ଆଣିବା କରିବା ଅପେକ୍ଷା ମୁଁ ଏଠାରେ ଅଛି ତୁମ ମାନଙ୍କ କାମ ସରିବା ପରେ ଏକସଙ୍ଗରେ ସମସ୍ତେ ମିଶି ଚାଲିଯିବା । ପିଲା ମାନେ ଥତ ମତ ହେଲେ ଆଉ ସତର୍କ ବି କରେଇଦେଲେ ଏଇ ଜାଗା ଭଲ ନୁହଁ, ମୁଁ କିନ୍ତୁ ସେମାନ ଙ୍କୁ ବୁଝେଇଦେଲି ଏ ଘର ମୋର ଅତି ଆପଣା ର ପିଲା ବେଳ ର କିଛି ସମୟ ମୋର ଏଠି କଟିଛି, ତୁମେ ମାନେ ସେଥିପାଇଁ କିଛି ଚିନ୍ତା କରନାହିଁ, ମୁଁ ଏଠି ଆରାମ ସେ ବସିବି । ସେମାନେ ରାଜି ନଥିଲେ ବି,ମୋ ଆଖିରେ ଥିବା ସାହସ ଓ ମନ ରେ ଦମ୍ଭ ଦେଖି ସେମାନେ ନିଜେ ନିଜ କାମ ରେ ଧ୍ୟାନ ଦେଲେ ଏବଂ ଜିନିଷ ପତ୍ର ଧରି ଚାଲିଗଲେ ।

ସେମାନେ ଯିବା ପରେ ମତେ ଟିକେ ଶାନ୍ତି ଲାଗିଲା, ବସିଗଲି ସେଠାରେ ପୁରା ଶାନ୍ତି ଚିତ୍ତ ରେ । ମୋର ଧ୍ୟାନ ଥିଲା ଘର ପାଖ ଅଗଣା ଓ ତତ ସଲଗ୍ନ କୋଠରୀ ଗୁଡିକ ଉପରେ । ପିଲାମାନେ ବନ୍ଦ କରି ଯାଇଥିବା ଅଗଣା ପଟ କୁ ମୁହଁ କରିଥିବା କବାଟ ଟିକୁ ଖୋଲି ଦେଲି । ଦଳକାଏ ଥଣ୍ଡା ପବନ ଆସି ପିଟିହୋଇଗଲା ଦେହରେ । ଘର ଟା ବନ୍ଦ ହୋଇ ରହିଥିବା କାରଣ ରୁ ଯୋଉ ଅଣନିଶ୍ୱାସୀ ଲାଗୁଥିଲା ଥଣ୍ଡା ପବନ ଦେହରେ ବାଜିବାରୁ ପୁରା ଆଶ୍ୱସ୍ତ ଲାଗିଲା । ଚୌକି ଟା କୁ ଏକ ରକମ ଟାଣି ଆଣି ମୁଁ ବସିଗଲି ଅଗଣା ରେ । ଅଗଣା ରେ ଆଲୋକ ପାଇଁ କିଛି ବ୍ୟବସ୍ଥା ନଥିଲା, ଘର ଭିତରେ ଥିବା ଶହେ ପାୱାର ବଲବ ଆଉ ଖୋଲା ଛାତ ଯୋଗୁଁ ଜହ୍ନ ଆଲୁଅ ଯାହା ଆଲୋକିତ କରୁଥାଏ । ସେଇ ଝାପ୍ସା ଛାଇ ଆଲୁଅ ଭିତରେ ଚୌକି ଉପରେ ବସି ଚାରି ଆଡକୁ ଆଖି ପହଁରେଇ ପିଲା ଦିନ ର ସ୍ମୃତି କୁ ରୋମନ୍ଥନ କରି ମନେ ମନେ ଅମୋଦିତ ହଉଥାଏ ମୁଁ । ଆଖି ଅଗରେ ଭାସି ଯାଉଥାଏ ଅଗଣା ରେ ଥିବା ଛୋଟ ଚାନ୍ଦିନୀ ଭିତରେ ଶେଫାଳି ଗଛ ।.ଆଉ ସେଇ ଗଛ ତଳେ ସକାଳୁ ସକାଳୁ ଝରି ପଡ଼ିଥିବା ଶେଫାଳି ଫୁଲ କୁ ଦୁଇ ଭଉଣୀ ସାଉଁଟି ରଖି ଘର କରି ଖେଳି ବାର ଦୃଶ୍ୟ । ଗଛ କଥା ମନକୁ ଆସିଯିବାରୁ ଅଗଣା ଭିତରେ ଖୋଜି ପକେଇଲି ପ୍ରିୟ ଗଛ ଟିକୁ । ଶେଫାଳି ଗଛ ଟି ପୂର୍ବବତ ଠିଆ ହୋଇଥାଏ ସେହି ଅଗଣା କୋଣ ରେ । ସମସ୍ତ ଙ୍କ ପରି ତା ରୂପ ରେଖ ବି ବଦଳି ଯାଇଥାଏ । କୁନି ଗଛ ରୁ ବହୁତ ବଡ଼ ଗଛରେ ପରିଣତ ହୋଇଥାଏ ସେ । ଭାରି ଆପଣା ର ଆପଣା ର ଅନୁଭବ ହେଲା ଗଛ ଟିକୁ ଦେଖି । ଆବେଗ ବଶତଃ ପାଖକୁ ଯାଇ କୁଣ୍ଢେଇକି ଧରି ପକେଇଲି ଗଛ ଟିକୁ, ପ୍ରତି ବଦଳ ରେ ମୁଠାଏ ଫୁଲ ଓଜାଡ଼ି ହୋଇ ପଡିଲା ଚାରିଆଡେ । ମନ ଉପବନ ପୁଲକିତ ହୋଇଉଠିଲା। ଏମିତି ଲାଗିଲା ସେ ବି ମୋ ପରି ଖୁସି ହୋଇଗଲା ମତେ ଦେଖି । ଭାବନା ରେ ବୁଡି ଯାଇଥିବା ମନକୁ ହଟାତ ରୋକ ଲଗେଇଲା ଖସ ଖାସ ଆବାଜ । ବିରାଟ ବଡ଼ ଅଗଣା ପୁଣି ପୁରୁଣା କାଳିଆ... ଶିଉଳି ମାଡି ଯାଇ, ସ୍ଥାନେ ସ୍ଥାନେ ପଥର ଖସି ଯାଇଥିବା ହେତୁ ମୂଷା, ବେଙ୍ଗ ଓ ଜନ୍ତୁ ଜୁନ୍ତା ଙ୍କ ର ବି ଅଭାବ ନ ଥାଇ ପାରେ, ଜାଣିଶୁଣି ବିପଦ କୁ ବରଣ କରିବି କାହିଁକି । ଟିକେ ପ୍ରକୃତିସ୍ଥ ହୋଇ ଚାରିଆଡକୁ ଅନେଇଲି, ସେମିତି କିଛି ଦେଖି ପାରିଲି ନାହିଁ । ଅନ୍ଧାର ରାତି.... ପିଲା ମାନଙ୍କ ବାରଣ ସତ୍ୱେ ବି ସେଠି ମଝି ଅଗଣା ରେ ଆବେଗ ବଶତଃ ଆସିଯାଇଥିବାରୁ ଅଘଟଣ ର ଆଶଙ୍କା ରେ ସତର୍କ ହୋଇ ଘର ଆଡକୁ ମୁହାଁଇଲି । ଦାଣ୍ଡ ପଟ କବାଟ ଖୋଲା ହୋଇ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ରହିଥାଏ, ସ୍ଥିର କଲି ଅଗଣା ପଟ କବାଟ ଟିକୁ ବନ୍ଦ କରି ଘର ଭିତରେ ବସି ରହିବି । କିଏ ଜାଣେ ଜନ୍ତୁ, ବିଛା ଯଦି ବା ଥିବେ ଘର ଭିତର କୁ ବି ଆସିଯାଇ ପାରନ୍ତି ।

ପ୍ଲାଷ୍ଟିକ ଚୌକି ଟା କୁ ଏଥର ଘର ଭିତରେ ପକେଇଲି ଏପରି ଜାଗାରେ,ଯୋଉଠି କି ବସି ମୁଁ ଅଗଣା ଆଉ ପଟ ଥିବା କୋଠରୀ ଗୁଡାକୁ ସ୍ପଷ୍ଟ ଦେଖି ପାରିବି । । ବେଶ କିଛି ସମୟ ବିତିଯାଇଥିଲା ସେ ଭିତରେ, ପିଲା ଗୁଡାକ ଯୋଉ ମାନେ ମତେ ଛାଡି ଦେଇଯାଇଥିଲେ ସେମାନେ ବୋଧେ ଭୁଲିଯାଇଥିଲେ କି କଣ ମୋର ସେହି ଘରେ ରହିବା କଥା, ସେମାନଙ୍କ ଦେଖା ଦର୍ଶନ ନ ଥିଲା । ଏତିକି ଭିତରେ ମନ ଭିତରେ ଘାଣ୍ଟି ଚକଟି ହଉଥିବା ଭୂତ ଗୁଜବ ବି ମନ ଭିତରୁ ଅପସରି ଆସୁଥିଲା, କାରଣ ସେମିତି କିଛି ସନ୍ଦେହ କଲା ପରି କଥା ନଥିଲା । ବିରକ୍ତ ହୋଇ ଭାବିଲି ସବୁ ମିଛ କଥା ମ..ଭୂତ ଫୁତ କିଛି ନାହିଁ ସମୟ ସୁଅ ରେ ସେମାନେ ବି ଆଧୁନିକ ହୋଇ ବୋଧେ ସହର ମୁହାଁ ହୋଇ ଗଲେଣି , ହସ ଲାଗିଲା ଏସବୁ ଭାବି । ଲୋକ ବି ନା....ତିଳ କୁ ତାଳ କରି ଏମିତି କହିବେ ଯେ ଭୂତ ଗୁଡାକ ଯେପରି ସାଲୁବାଲୁ ହଉଛନ୍ତି ଘର ଚାରିପାଖରେ । ବେକାର ଟା କୁ ଘର ଆଉ ଘର ମାଲିକ ଙ୍କୁ ବଦନାମ କରିବା ଛଡା ଏମାନ ଙ୍କୁ ଯେପରି ଆଉ କିଛି ଚିନ୍ତା ନାହିଁ । କିନ୍ତୁ ପର ମୁହୂର୍ତ୍ତ ରେ ଆଉ ଗୋଟେ ଭାବନା ମନ ମସ୍ତିଷ୍କ କୁ କଲବଲ କରିଦେଲା ସମସ୍ତେ ସିନା ମିଛ କହିଦେଲେ ସେ ଦିନର ଘଟଣା କଣ ମିଛ ଥିଲା...!!!!!

ସେ ଯାହା ବି ହଉ ଏତେ ବେଳ ଯାଏଁ ଯେହେତୁ ମୁଁ କିଛି ଆଭାସ ପାଇ ପାରିଲିନି, "ଯାହା ନ ଦେଖିଛ ଦୁଇ ନୟନେ ପରତେ ନ ଯିବ ଗୁରୁ ବଚନେ ନ୍ୟାୟ ରେ " ନିଷ୍ପତି ନେଲି କିଛି ଭୂତ ଫୁତ ନାହିଁ, ଏଥର କ ପିଲା ମାନେ ଜିନିଷ ନେବା ପାଇଁ ଆସିଲେ ସେମାନଙ୍କ ସହ ତାଲା ପକେଇ ଚାଲିଯିବି ମୁଁ ।

କିଛି ସମୟ ଏପରି ବିତିଗଲା.....ଅପେକ୍ଷା କରିଛି ପିଲାଙ୍କୁ । ଝରକା ବାହାରକୁ କିନ୍ତୁ ନଜର ଟା ଥାଏ । ହଠାତ ଲାଗିଲା ଅଗଣା ସାରା ବିଛେଇ ହୋଇ ପଡିଛି ଶୁଭ୍ରାଲୋକ । ଆଲୁ....ଅ...ଅ.... କବାଟ ତ ମୁଁ ବନ୍ଦ କରି ରଖିଥିଲି, ବିଦ୍ୟୁତ ଆଲୋକ ତ ପଡିବା ର ସମ୍ଭାବନା ହିଁ ନଥିଲା । ଆଲୁଅ ଆସିଲା କୁଆଡେ? କଣ ପାଇଁ ନା ଅନ୍ୟମନସ୍କ ହୋଇଗଲି କିଛି କ୍ଷଣ ପାଇଁ ।। କଣ ହୋଇଥାଇ ପାରେ!!!! ସତରେ କଣ ଭୂତ ଆସିଗଲା, ପିଲା ବେଳର ସେଇ କଥା କଣ ସତ, ଭୌତିକ ସତ୍ତା ଅଛି ତାହେଲେ ।ମନ ଓ ବିବେକ ର ଏଇ ଲଢ଼େଇ ଭିତରେ ମୁଁ ସେମିତି କିଛି ଅନୁଭବ କରିନଥିବାରୁ   ଭାବି ବାକୁ ବାଧ ହେଲି ପିଲା ଗୁଡାକ ବୋଧେ ବିପରୀତ ପଟୁ ଆସି କାମ ରେ ଲାଗିଯାଇଛନ୍ତି। ସେଥିପାଇଁ ବୋଧେ ଏଇ ଆଲୋକ । ଇଛା ହେଲା କବାଟ ଖୋଲି ଦେଖି ମନ ଭିତରୁ ଉକୁଟି ଆସୁଥିବା ଦ୍ୱନ୍ଦ ସବୁ କୁ ଦୂର କରିବା ପାଇଁ । କିନ୍ତୁ ସାହସ ର ଧର୍ଯ୍ୟଚ୍ୟୁତି ହେଲା ସେତେ ବେଳେ ଯେତେବେଳେ କି ଏଇ ଆଲୋକ ଭିତରେ ମୁଁ ଗୋଟେ ଛୋଟ ପିଲା ସେଇ ଶେଫାଳି ଗଛ ମୂଳେ ବସି ଥିବାର ଦେଖିଲି । ଝରକା ପଟ କୁ ପଛ କରି ବସିଥିବା ପିଲା ଟି ର ମୁହଁସ୍ପଷ୍ଟ ଦେଖା ଯାଉନଥିଲେ ମଧ ପୁନେଇଁ ପକ୍ଷ ର ଶୁଭ୍ର ଜହ୍ନାଲୋକ ରେ ଲାଗୁଥିଲା ପିଲା ଟି ତଳେ ବୃନ୍ତ ଚ୍ୟୁତ ହୋଇ ପଡ଼ିଥିବା ଫୁଲ ସବୁ ସାଉଁଟି ବାରେ ଲାଗିଛି । କାହିଁକି କେଜାଣି ଦେହ ସାରା ଗୋଟେ ଅଜବ ଶିହୀରଣ ଖେଳି ଗଲା । ମନ ଓ ମସ୍ତିଷ୍କ ର ଦ୍ୱନ୍ଦ ଭିତରେ ହାତ ଆପେ ଆପେ ଚାଲିଗଲା ଝରକା କବାଟ ଆଡକୁ । କବାଟ ଟିକୁ ପୁରା ବନ୍ଦ କରି

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଉତ୍କଣ୍ଠା ର ସହ ଫାଙ୍କ ପଟେ ନିରିଖେଇ ଅନେଇଲି କୋଠରୀ ଆଡେ । ଲାଗିଲା ଯେପରି କୋଠରୀ ପାଖରେ ଜଣେ ବୃଦ୍ଧା ଠିଆ ହୋଇ ପିଲା ଟି ଆଡକୁ ଅନେଇ ରହିଛନ୍ତି ।

ଟିକେ ଅନ୍ୟମନସ୍କ ହୋଇ ଗଲି, ଆଖି ଅଗରେ ନାଚିଗଲା ପିଲା ବେଳ ର କିଛି ମୁହୂର୍ତ୍ତ । ବୟସ ବହୁତ କମ ହୋଇଥିବା ଯୋଗୁଁ ସ୍ପଷ୍ଟ ମନ ନାହିଁ କିନ୍ତୁ ଏମିତି କିଛି ହୋଇଥିଲା । ସେଦିନ ଥାଏ ସାନ ଭଉଣୀ ର ଏକୋଇସିଆ......ଭୋଜି ଭାତ ପାଇଁ ନିମନ୍ତ୍ରିତ ହୋଇ ଆସିଥାନ୍ତି ବହୁତ ଲୋକ,କାର୍ଯ୍ୟକ୍ରମ ର ତଦାରଖ କରୁଥାନ୍ତି ଜେଜେ ବାପା, ମା,ଦାଦା ଖୁଡି, । ଘର ଗହଳି ଥିବାରୁ ଅଗଣା ସେପାଖ କୋଠରୀ ଗୁଡିକ ବି ଖୋଲା ରଖା ଯାଇ ଥାଏ, ସଫା ସଫି କରି ସଜେଇ ଦିଆ ଯାଇଥାଏ ସମସ୍ତେ ରହିବା ଉଦ୍ଦେଶ୍ୟ ରେ । ଦିନ ରେ ଭୋଜି ସରିଲା ଲା ରାତି ସମୟ.... ,ଖାଇସାରି ସମସ୍ତେ ବିଶ୍ରାମ ନଉ ଥାନ୍ତି ଅଲଗା ଅଲଗା କୋଠରୀ ରେ, ମୁଁ ବି ଶୋଇ ଯାଇଥାଏ ବୋଉ ପାଖରେ, ସାନ ଭଉଣୀ ସହ । ହଟାତ ଅଗଣା ପଟ ରୁ ହୋ ହାଲ୍ଲା ଶୁଭିଲା, ସମସ୍ତ ଙ୍କ ପଛରେ ମୁଁ ଆସି ଦେଖେ ତ ଅଜା, ଆଇ, ମାମୁଁ ମାଇଁ ସମସ୍ତେ ଗୋଟେ ଜାଗା ରେ ହାଜିର । ଭୟ ରେ ଥରୁ ଥାନ୍ତି ସମସ୍ତେ । କିଏ କହୁଥାନ୍ତି ଗୋଡ଼ ଘୋଷାଡ଼ି ଚାଲିବା ଶବ୍ଦ, କିଏ କହୁଥାନ୍ତି ଶାଢ଼ୀ ପଣତ ଗୋଟେ ଆସି ବାରମ୍ବାର ମୁହଁ ଉପର ଦେଇ ଯିବାର ଅନୁଭବ, ତ ଆଉ କିଏ କହୁଥାନ୍ତି ଧାନ ଉଷୁଆଁ ହୋଇ ଶୁଖା ଯାଇଥିବା ଅବସ୍ଥା ରେ ଘାଣ୍ଟିବାର ଶବ୍ଦ, ସବୁ ପରେ ଜେଜେ କହିଲେ ସେ ଯେତେ ଥର ଶୋଇବାକୁ ଚେଷ୍ଟା କଲେ ବାରମ୍ବାର ଗୋଟେ ହାତ ତାଙ୍କ ଗଳା ଆଡ଼କୁ ଆସିବାର ଅନୁଭବ ସେ କଲେ । ଜଣେ କହିଲେ ସିନା ମନ ର ଭ୍ରମ ବୋଲି ଧରି ନିଆଯାଇଥାନ୍ତା, ଏକାଥରେ ସମସ୍ତେ ଯେତେବେଳେ କହିଲେ ଭୌତିକ ଶକ୍ତି କୁ ଅବିଶ୍ୱାସ କରିବାର ପ୍ରଶ୍ନ ହିଁ ଉଠୁ ନଥିଲା । ଆଗତ୍ୟା କେହି ଆଉ କୁଆଡେ ନ ଯାଇ ଗୋଟେ କୋଠରୀ ରେ ଏକାଠି ଶୋଇବାକୁ ବାଧ ହୋଇଥିଲେ ସେ ଦିନ । ରାତି ସାରା ଚାଲିଥିଲା କେବଳ ସେଇ ବିଷୟରେ ଚର୍ଚ୍ଚା । କାହା ଆଖିରେ ପଲକ ପଡି ନଥିଲା ସେଦିନ । ଭୋର ଭୋର ରୁ ଜେଜେ ବାପା, ଆମ ମାନଙ୍କୁ ନେଇ ଗାଁ କୁ ଚାଲି ଆସି ଥିଲେ ।

ସେହିପରି ଅନେଇବା ଭିତରେ ଲାଗିଲା ସେହି ଧବଳ ବସ୍ତ୍ର ପରିହିତା ବୃଦ୍ଧା ଜଣକ ଆଉ ଛୋଟ ଛୁଆ...ଦୁଇଜଣ ଯାକ ହଟାତ ଗୋଟେ ଧୁମ୍ର ବଳୟ ରେ ପରିଣତ ହୋଇଗଲେ। ଟାହୁଁ ଟାହୁଁ ହଜିଗଲେ ଦିଗବଳୟ ଭିତରେ । ଅଗଣା ରେ ରାଜୁତି କରୁଥିଲା କିଟି ମିଟ ଅନ୍ଧାର । ଆଖିପିଛୁଳାକେ ସବୁ ହୋଇଗଲା ପରି ଲାଗିଥିଲା ।

ହଟାତ ପିଠି ପଛ ପଟୁ କାହାର ସ୍ପର୍ଶ ପାଇ ମୁଁ ଚମକି ଉଠିଲି । ମୋର ଏପରି ସମ୍ମୋହିତ ହୋଇ ଝରକା ଫାଙ୍କ ଦେଇ ଅନେଇ ରହିଥିବା ଦେଖି ସମ୍ପର୍କୀୟ ଜଣକ ପଚାରିଲେ ଏତେ ରାତିରେ ତୁ ଏଠି କାହିଁକି ବସିଛୁ? ଆଉ କଣ ଗୋଟେ ଲୟ ରେ ଦେଖି ଚାଲିଛୁ? ତତେ କଣ ଏଇ ଘର ବିଷୟରେ କେହି କିଛି କହିନାହାନ୍ତି?ମୁଁ ସେମିତି ଅନେଇ ରହିଥାଏ ତାଙ୍କ ପ୍ରଶ୍ନ ର କିଛି ଉତ୍ତର ନ ଦେଇ ।

ପୁଣି ଥରେ ସେ ସେହି ପ୍ରଶ୍ନ ଦୋହରାଇବାରୁ ମୁଁ ପ୍ରକୃତିସ୍ଥ ହୋଇ ଉତ୍ତର ଦେଲି ନା ମ ଛୋଟ ପିଲା ଟିଏ ଖେଳୁଥିଲା ତ ଅଗଣା ରେ ଦେଖୁଥିଲି । ସମ୍ପର୍କୀୟ ଆଉ କିଛି ନ କହି ମତେ ସେଠାରୁ ନେଇ ଚାଲି ଯାଇଥିଲେ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅଦେଖା ସ୍ନେହ ...



ରାଜଲକ୍ଷ୍ମୀ ବେହେରା
ବିରିଡ଼ି, ଜଗତସିଂହପୁର

ବାପାଙ୍କ ବାଇକ ପଛରେ ବସିକି ଯିବାର ଯେଉଁ ଖୁସି ତାହା ବୋଧେ ଦୁନିଆ ରେ କେଉଁଠି ବି ନଥିଲା.... । ଛୋଟ ବେଳେ ମାମୁଁ ଘରେ ରହୁଥିଲା ଗୁଡୁ । ଦିନେ ବାପା ଆସି ପହଁଚିଲେ ଆଉ...

ବାପା ଙ୍କ ସହ ଗୁଡୁ ବଜାର ବୁଲି ଯାଉ ଥିଲା । କିଣା କିଣି ସାରିବା ପରେ ଗୁଡୁ ଘରକୁ ଫେରୁଥିଲା ବାପାଙ୍କ ବାଇକ୍ ପଛରେ ବସି । ତାର ପ୍ରିୟ ନୀଳ ରଙ୍ଗର ଫ୍ରକ୍ ଟେ ପିନ୍ଧି ଗୋଟେ କୁନି କଣ୍ଢେଇ ଟିଏ ପରି ବସିଥିଲା ତାର ତଥାକଥିତ ହିରୋ ଙ୍କ ପିଠି ରେ ମୁଁହ ମାଡ଼ି । ରାଜରାସ୍ତା ରେ ଆଗକୁ ଆଗକୁ ମାଡି ଚାଲିଥିଲା ସେହି ହିରୋହୋଣ୍ଡା ଗାଡ଼ି ଟି ।

" ବାପା !ଆଜି ଟିକେ cold drinks ପିଇବା "?? ଏତିକି କହି ପିଠି ଉପରୁ ମୁଣ୍ଡ ଉଠାଇ ପ୍ରତ୍ୟୁତ୍ତର ପାଇଁ ଚାହିଁଲା ଗୁଡୁ ।

ଯେତେ ବେଳେ ଯାହା କିଛି ହାତ ଖର୍ଚ୍ଚ ପାଏ, ବଜାରକୁ ଯାଇ spice up ପିଇବାକୁ ପସନ୍ଦ କରେ ଗୁଡୁ। ଅବଶ୍ୟ ସବୁ ବେଳେ ନୁହେଁ,,,, ହେଲେ ଆଜି ତ କହିଛି ସେ ବାପା ଙ୍କୁ ?!

ବାପା ଙ୍କ ବାଇକ୍ ଅଟକିଲା ମନ୍ଦିର ପାଖ ଆଖୁ ରସ ଦୋକାନ ପାଖରେ।

ଗୁଡୁ ର ମନ ରେ ଭାବନା ଉଙ୍କି ମାରିଲା
"ଓ ! ଯାହା ହେଉ ଆଜି ସେ ବୁଢା ଆସିନି, ନହେଲେ ସେ ପାଣି ମିଶା ଆଖୁ ରସ ପିଇବାକୁ ପଡି ଥାଆନ୍ତା ।"
ତା' ପରେ ଗରୁଡ଼ ଚାଲିଲା ଆଗକୁ, ଆଗକୁ ଯାଇ ବାପାଙ୍କ ର ଗୋଟେ ଚିହ୍ନା ଦୋକାନ ରେ ଅଟକିଲା।

:- ଇଏ କଣ, ଏଠୁ ତ ବାପା ଛୋଟ ଲସି ପ୍ୟାକେଟ କିଣି ଦିଅନ୍ତି। ଛି କେଜାଣି କିଏ ତା ନା ଲସି ଦେଲା!!!! ଗୁଡୁ ର କଳ୍ପନା ତା ଜାଗା ରେ ।

"spice up ଗୋଟେ ଦେଲୁ" !!ବାପା ଙ୍କ ପାଟି ରୁ ଶୁଣିବାକୁ ମିଳିଲା!!

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଗୁଡୁ ର ଗୋରା ମୁହଁ ଟି ଲାଲ ପଡ଼ିଗଲା ସେ କଣ ଭାବୁଥିଲା ଆଉ କଣ ହେଲା ? ବାପା ବୋଧହୁଏ ତା ନିଜଠାରୁ ଅଧିକା ଜାଣନ୍ତି
ତା'ଖୁସି କେଉଁଥିରେ !!

"ୟା ଠାରୁ ବଳି ସୌଭାଗ୍ୟ ର କଥା କଣ ହୋଇପାରେ ଗୋଟେ ଝିଅ ପାଇଁ "?
ବାଇକ୍ ରୁ ଓହ୍ଲାଇ ତାର କୁନି କୁନି ପାଦ ବଢିଚାଲିଲା ଦୋକାନ ଭିତରକୁ, ପଛେ ପଛେ ବାପା ।

:- ଭାଇନା spice up ସରିଯାଇଛି, ଆଉ କଣ ଦେବି?

ଖାଲି ଏତିକି ପ୍ରତ୍ୟୁତ୍ତର ବାକି ଥିଲା ବୋଲି ଜାଣିସାରିଥିଲା ଗୁଡୁ ଯେ – ହଁ, ହଉ," ଗୋଟେ mazza କି frooti ଦେଇ ଦେ .." ତଥାପି ତା ମନ ରେ ଲେଶ ମାତ୍ର ଦୁଃଖ ନଥିଲା ।

ହେଲେ ତା ମନ ର ଅନୁମାନ କୁ ଭୁଲ ପ୍ରମାଣିତ କରି ବାପା ତା ହାତ ରେ ଲୋଟା କୋଟା କୋଡ଼ିଏ ଟଙ୍କା ଟି ଧରେଇ ଦେଇ କହିଲେ :- ଏଇ ନେ' ଯା' ରାଜୁଆ ଦୋକାନ ରୁ ଆଣିଦେ!!

ଆରେ ଆରେ! ଗୁଡୁ ର ଆଉ କିଛି ଭାବିବାର ନଥିଲା । ଖାଲି ବାପା ଙ୍କ ମୁଁହ କୁ ଅନେଇ ଗୋଟିଏ ତୃପ୍ତି ଭରା ହସ ଟେ ଫୁଟେଇ ଦେଲା।
ସତରେ ସେ ଦିନ spice up ର ଖଟା ମିଠା ସ୍ୱାଦ ଟିକେ ନିଆରା ଥିଲା ।। ଦଶ ଟଙ୍କା ର ସେଇ spice up ବୋତଲ ଟିକୁ ଦେଖି ଦେଲେ ମନେପଡ଼ି ଯାଏ, ବାପା ଙ୍କ ସେହି ଅଦେଖା ସ୍ନେହ...

(ମୋ ବାପା : ସନାତନ ବେହେରା)

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com Malharmagazine@gmail.com Malhar_magazine/ Malharmagazine/

ଭିକାରୀ ...

କୁଞ୍ଜବିହାରୀ ରାଉତ
ହମିରପୁର, ରାଉରକେଲା

ସମୟର ମରୁବାଲିରେ ମୁଁ ପଦଚିହ୍ନଟିଏ,
ମୁଁ ଅବହେଳିତ ସୃଷ୍ଟିଟିଏ ଏ ସମାଜରେ
ଅପାଂକ୍ତେୟ , ଅସ୍ପୃଶ୍ୟତା ପୋଷାକକୁ
ମୁଁ ପିନ୍ଧିଛି ଆଜନ୍ମରୁ...
କୈଶୋର, ଯୌବନ, ବୃଦ୍ଧାବସ୍ଥା
ସବୁ ଜଳାଞ୍ଜଳି ଦେଇଛି ଜୀବନ ସ୍ରୋତରେ
ବଞ୍ଚିବାର ରାହା ଖୋଜୁଛି,ନିତିଦିନ...

ଏ ସଭ୍ୟ ସମାଜରେ,
ରସ ତାଟିଆ,ଥାଳି, ବାଡିଟିଏ ଓ
ପ୍ଲାଷ୍ଟିକ ବ୍ୟାଗ, ମୋ ଆଭୂଷଣ
ସେହିଥିରେ ଚାଲିଥାଏ ଜୀବନ...
କେଉଁ ଏକ ଅଭିଶପ୍ତ ସମୟରେ, ମୋର ସୃଷ୍ଟି,
ନିଜକୁ ଭଲଭାବେ ବୁଝିବା ପୂର୍ବରୁ
ସମାଜ ମୋ'ପାଇଁ ପରିଚୟ ସୃଷ୍ଟି କରିଛି
ରାସ୍ତାଘାଟ,ମାର୍କେଟ ବଜାର ସହ
ମନ୍ଦିର ବେଢା ବାହାରେ
ମୁଁ ଜୀବନ ସହ ଅସ୍ତିତ୍ଵ ଖୋଜୁଛି
ଦୂରାରୋଗ୍ୟ ବ୍ୟାଧିରେ ମୁଁ ସଢୁଛି
ହାତ ନାହିଁ, ପାଦ ନାହିଁ
ତଥାପି ମୁଁ ଚାଲୁଛି, ହାତ ପତାଉଛି
ମାଗୁଛି, ମାଗିକି ଖାଉଛି
ମୋ ପରିଚୟ ମୁଁ ସୃଷ୍ଟି କରିଛି
ଭିକାରୀଟିଏ ବୋଲି ଦୁନିଆ ଜାଣିଛି....

ସରକାରୀ ପ୍ରୋତ୍ସାହନ ମିଳୁଛି,
ମୋ ପାଖେ ପହଞ୍ଚିଲା ବେଳକୁ
ସବୁ ବାଟମାରଣା ହେଉଛି..

ତଥାପି ମୁଁ ବଞ୍ଚିଛି,
ଭିକାରୀର ପ୍ରାପ୍ୟକୁ ହାତେଇଥିବା
ସୁବିଧାବାଦୀକୁ ଦୁନିଆ ଦେଖୁଛି
ସବୁପରେ ମଧ ମୁଁ ଆତ୍ମତୃପ୍ତିରେ ହସୁଛି...

ମୋ ପ୍ରାପ୍ୟକୁ ନେଇଥିବା ବ୍ୟକ୍ତି
ମୋ ଠାରୁ ଅଧିକ ଅଭିଶପ୍ତ
ବୋଲି ମୁଁ ଧରିନେଇଛି
ଭଦ୍ର ଖୋଳପା ଭିତରେ ...
ଅସୁସ୍ଥ ମାନସିକତାର ବ୍ୟକ୍ତି
ମୋ ଠାରୁ ଅଧିକ
ଭିକାରୀ ପାଲଟି ଯାଇଛି...ଭିକାରୀ.....



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅନୁତାପ ...

ଲକ୍ଷ୍ମୀଆତ୍ମା ନନ୍ଦତା
ବ୍ରହ୍ମପୁର, ଗଞ୍ଜାମ

ଶେଯ ରେ ପଡି ଛଟପଟ ହେଉଥିଲା ବିନ୍ଦୁ,
ନିଦ ହଜିଯାଇଛି କିଛିଦିନ ହେବ !
ମୁକେଶ ଦେହ ଖରାପ ଠାରୁ ନିଦ୍ରାରାଣୀ ଋଷି ଚାଲିଗଲେଣି ବୋଧେ ସେ ଘରୁ!
ଶାଶୁ ସ୍ଵର୍ଗବାସ ହୋଇ ଛ ବର୍ଷ ବିତିଗଲାଣି, ଶଶୁରଙ୍କ ସେବା ବିନ୍ଦୁ ତିଳେ ମାତ୍ର ଅବହେଳା କରେନି,ଭାରି ଭଲ ବାପା ସେ ସତରେ, କିଛି ମାଗନ୍ତିନି କେବେ, ମନ ଜାଣି ଦେବାକୁ ପଡେ ତାଙ୍କୁ ! ମୁକେଶ କୁ ତାଗିଦ କରନ୍ତି ବୋହୁ ମୋର ମା ଟିଏ,ତାକୁ ଦୁଃଖ ଦେବୁନାହିଁ କେବେ!ହେଲେ ମୁଖେଶ କିନ୍ତୁ ସିଗାରେଟ ମଦ ରେ ସବୁବେଳେ ବୁଡି ରୁହନ୍ତି!ଲୁଚାଇ ବା କେତେଦିନ ନିଜ ବାପ ଭାଇ ପାଖରେ ସ୍ଵାମୀଙ୍କ ବଡ଼ ପଣ ରଖି ଆସିଛି ବିନ୍ଦୁ! କେତେ କହିଲେ ଶୁଣିବାକୁ ନାରାଜ ସେ କହେ ଜୀବନ ପୂର୍ଣ୍ଣ ଉପଭୋଗ କରିବା ଉଚିତ,ଯେତେଦିନ ବଞ୍ଚିବା ଆନନ୍ଦ ରେ ରହିବା,କିନ୍ତୁ ସେ ଆନନ୍ଦ ହଠାତ ଉଭାଇ ଗଲା ଦିନେ,ଯେବେ ଡାକ୍ତରୀ ଟେଷ୍ଟ ରେ
ହୃଦରୋଗ ରିପୋର୍ଟ ଆସିଲା,ଶରୀର ଭଗବାନ ଦେଇଛନ୍ତି ଜନ୍ମ ବେଳେ ସବୁ ଅବୟବ ସୁନ୍ଦର ସୁସ୍ଥ ସବଳ କରି,କିନ୍ତୁ ମଣିଷ ନିଜ ବିଳାସ ବ୍ୟସନ ରେ ମାତି ଶରୀର ରଥକୁ ଭାଙ୍ଗି ରୁଜି ଛିନ୍ନ ଭିନ୍ନ କରନ୍ତି,ସେ କାଳରେ ମାନବ ଜାତି ଶହେବର୍ଷ ପରେ ଆୟୁଷ ନେଇ ବଞ୍ଚୁଥିଲେ,ଧୀରେ ଧୀରେ ଆଧୁନିକ ରୂପ ଢଙ୍ଗ ରେ ମାତି ଆୟୁଷ କ୍ଷୀଣ ହେବାର ମୂଳ କାରଣ ସେ ନିଜେ,କିନ୍ତୁ ଦୋଷ ଦିଅନ୍ତି ଭଗବାନଙ୍କୁ!ଅପେରସନ ହୋଇ
ଘରକୁ ଫେରି ଆସିଛନ୍ତି ମୁକେଶ,
ଧୀର ସ୍ଵର ରେ ଡାକ ଦେଲେ ମୁକେଶ
ବିନ୍ଦୁ,,,ପାଣି ଟିକିଏ ଦିଅ ଭାରି ଶୋଷ ହେଲାଣି,,,,,ମନରେ ଭାବିଲା ବିନ୍ଦୁ .
କାହିଁ ଗଲା ତୁମ ଦାମ୍ଭିକ ପଣ,ସେ ଘଟ ରେ ବିରାଜିତ ଆତ୍ମା ର ବିଳାପ କିଛି ଶୁଣି ପାରୁଛ??ପରମାତ୍ମା ଙ୍କୁ ଡାକ ସୁସ୍ଥ ହୋଇଯିବ ଶୀଘ୍ର କହି ପାଣି ଗ୍ଲାସ ହାତକୁ ଦେଇ ନିକଟରେ ବସିଗଲା ବିନ୍ଦୁ,ଦୂର ରୁ ଶଶୁର ମନେ ମନେ କହି ଚାଲିଲେ :- ଦେହରେ ବ୍ୟାଧି ଜନ୍ମ ହୋଇ
ଆତ୍ମା ସହିତ ସଂହାରଇ!
କିଛି ନ କହି ଦୋଷୀ ପରି ତଳକୁ ମୁଣ୍ଡ ପୋତି ଆଜି ଗତ ଦିନର କୃତ କର୍ମକୁ
ଅନୁତାପ ନିଆଁରେ ଜାଳିଦେବାକୁ ଚେଷ୍ଟା କରୁଛନ୍ତି ମୁକେଶ ...

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପାପ ପଞ୍ଜୁରିରେ ପୁଣ୍ୟର ଶାରୀ ...

ସସ୍ମିତା ତ୍ରିପାଠୀ
କହ୍ନଇପୁର , ଯାଜପୁର ରୋଡ

ପାପ ପଞ୍ଜୁରିରେ ପୁଣ୍ୟର ଶାରୀ ,
ମିଛ ମାୟା ତାକୁ ଯାଇଛି ଘାରି ||

ଭୁଲିଛି ନିଜେସେ ନିଜ ଅସ୍ତିତ୍ୱ ,
ଖୋଜି ପାଉ ନାହିଁ ଇଶ୍ୱର ସତ୍ତ୍ୱ ||

ଆସିଛି କୋଉଠୁ ଯିବସେ କାହୁଁ ,
ନବୁଝି କେବଳ ଅଥୟ ହେଉ ||

ପଞ୍ଚଭୂତେ ଗଢ଼ା ମାଟି ପିଣ୍ଡୁଳା ,
ତା' ପାଇଁ କରେ ସେ ଅନେକ ଲୀଳା ||

ରସନା ବାସନା ସୁଖ ସମ୍ଭୋଗ ,
ସର୍ବଦା ତତ୍ପର ତାପାଇଁ ଆଗ ||

ମୋହ ଅନ୍ଧକାର ଯେବେ ହଟିବ ,
ବୟସ ଆୟୁଷ ଆଉ ନଥିବ ||

ବେଳ ଥାଉ ଖୋଲି ଦିଅ ପଞ୍ଜୁରି ,
ମାୟା ବନ୍ଧନର ଆଦେଖା ଡୋରୀ ||

ପଞ୍ଚ ଇନ୍ଦ୍ରିୟକୁ କରି ଆୟତ ,
ଷଡ଼ରିପୁକୁ କର ବଶୀଭୂତ ||

ସତ୍ୟ ନ୍ୟାୟ ଧର୍ମେ ରଖ ବିଶ୍ୱାସ ,
ଯେମିତି ଶରୀର ପାଇଁ ନିଶ୍ୱାସ ||

ରାମ କୃଷ୍ଣ ନାମ ଜପୁଥା ଶାରୀ ,
ହରି ନେବେ ଦୁଃଖ ନିଶ୍ଚେ ଶ୍ରୀହରି ||

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ମୁଁ ଗୋଲାପ ଟିଏ ...

ଅରୁଣ ଡାକୁଆ
ଉତ୍କଳ ବିଶ୍ୱବିଦ୍ୟାଳୟ ,
ଭୁବନେଶ୍ୱର

ମୁଁ ଗୋଲାପ ଟିଏ,
ମୁଁ ପ୍ରେମର ପ୍ରତୀକ ଟିଏ,
ମୁଁ ସୁନ୍ଦରତା ମଧ୍ୟରୁ ସୁନ୍ଦର ଟିଏ,
ମୁଁ ମନ ମୋହିତ କରୁଥିବା ପଦାର୍ଥ ଟିଏ ।।

ମାତ୍ର, ସତ କହିବାକୁ ଗଲେ
ମୁଁ ଗୋଲାପ ନୁହେଁ
ମୁଁ ମଣିଷ ଟିଏ ।
ମୁଁ ପ୍ରେମର ପ୍ରତୀକ ନୁହେଁ
ମୁଁ ପ୍ରେମୀ ଟିଏ ।
ମୁଁ ସୁନ୍ଦର ନୁହେଁ
କିନ୍ତୁ, ସୁନ୍ଦର ସୃଷ୍ଟିର
ମୁଁ ଶ୍ରେଷ୍ଠ ଜୀବ ଟିଏ ।
ମୁଁ ମନ ମୋହିତ କରେନି
ମାତ୍ର, ମୋହିତ ମନକୁ ସାନ୍ତ୍ୱନା ଦିଏ ।।

ମୁଁ ନିଜେ ନିଜକୁ ସବୁବେଳେ
ଗୋଲାପ ସହିତ ତୁଳନା କରେ,
କାହିଁକିନା,କିଛି ପାର୍ଥକ୍ୟ ଓ ସାମଞ୍ଜସ୍ୟ ଅଛି
ଗୋଲାପ ଓ ମୋ ଭିତରେ ।।

ଗୋଲାପ ଓ ମୋ ଭିତରେ
ଅଛି ଅଳ୍ପ କିଛି ପାର୍ଥକ୍ୟ,
ମାତ୍ର, ସାମଞ୍ଜସ୍ୟ ଅନେକ ।।

ଗୋଲାପଟି କଣ୍ଟକିତ ଡାଳରେ ପ୍ରସ୍ଫୁଟିତ
ମୁଁ ମଧ ଦୁଃଖ,ଦୈନ୍ୟ ରେ ଜୀବିତ
ସେ କଣ୍ଟା ରଖି ମଧ ପାରୁଛି ହସି
ମୁଁ ମଧ ଦୁଃଖ, ଯନ୍ତ୍ରଣାକୁ ମଣୁଛି ଖୁସି ।।

ସଭିଏଁ ନିଜ ଖୁସି ପାଇଁ
ଗୋଲାପକୁ ନିଅନ୍ତି ତୋଳି,
ମୁଁ ଅନ୍ୟ ଖୁସି ପାଇଁ
ନିଜର ସ୍ୱାର୍ଥକୁ ପକାଏ ବଳି ।।

ଗୋଲାପ ଓ ମୋ ମଧ୍ୟରେ
ଏପରି ଅନେକ ସାମଞ୍ଜସ୍ୟ ସହ,
ବଡ଼ ପାର୍ଥକ୍ୟ ଟିଏ ଅଛି...
ଗୋଲାପ ର ଆୟୁ ଅଳ୍ପ
କିନ୍ତୁ, ମୁଁ ବର୍ଷ ବର୍ଷ ବଞ୍ଚିଛି ।।



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ଶୀତେଇ ନାନୀ ...

ଲିପିକା ବେହେରା
ନରସିଂହପୁର, ଯାଜପୁର

ଶୀତେଇ ନାନୀ ଲୋ, ଶୀତେଇ ନାନୀ
ଥରି ଥରି ପାଦେ ଯାଉଛୁ କାହିଁ
ହାତରେ ଧରିଛୁ ରଙ୍ଗପସରା
କେତେ ରଙ୍ଗରେ ସେ ଭରିଛି ପରା
କେତେ ଫୁଲ ଫଳେ ଉପବନ ଭରିଛି
ଧରିଣୀ ରାଣୀ ତ ଶାଗୁଆ ଶାଢ଼ୀ ପିନ୍ଧିଛି
ଚାଷୀ ଭାଇ ଆନନ୍ଦେ ଯାଏ ତା କ୍ଷେତକୁ
ବିଡାବିଡା ଧାନକାଟି ନିଏ ଖଳାକୁ
ଲକ୍ଷ୍ମୀ ମାତା ପୂଜା ପାଉଛନ୍ତି ଘରେ ଘରେ
ମାର୍ଗଶୀର ଗୁରୁବାର ଶୀତ ସକାଳେ ।

ତମ ପାଇଁ ...



ତମପାଇଁ ମୁଁ ଆସିବି,
ତମର ପ୍ରାଣପ୍ରିୟ ଦୁନିଆକୁ..
ସୀମନ୍ତରେ ତମ ନାମେ ସିନ୍ଦୁର ଭରି,
ତମପାଇଁ ମୁଁ ଆସିବି ...
ସବୁ ଛଳନା ପ୍ରବଞ୍ଚନା ଭୁଲିଯାଇ
ହୃଦୟରେ କରୁଣାର ବାରି ନେଇ
ତମପାଇଁ ମୁଁ ଆସିବି ...
କେଉଁ ଏକ ଶୁଭ ମୁହୂର୍ତ୍ତରେ
ଅବା କେଉଁ ଗୋଧୂଳି ଲଗ୍ନରେ
ସଂକଳ୍ପ ସିଦ୍ଧି ପାଇଁ, ତପସ୍ୟାରେ ରତ ହୋଇ'
ତମପାଇଁ ମୁଁ ଆସିବି ...

ମଧୁମୟ ଶୀତ ...

ଡ଼. ପ୍ରିୟମ୍ବଦା ସାମଲ
ନନ୍ଦନ ବିହାର, ଭୁବନେଶ୍ୱର

ତୁମେ ନୀଳନଭ ଚନ୍ଦ୍ରମାର ଜ୍ୟୋସ୍ନା
ମୁଁ ମାଟିର ମଦାଳସା ,
ମୁଁ ନଶ୍ୱର ଜନ ତୁମେ ହିଁ ଚିରନ୍ତନ
ଶାଶ୍ୱତ ପ୍ରୀତିର ଭାଷା ।
ମଧୁମୟ ଶୀତ ଭିଜା ପ୍ରଭାତରେ
ମୋହିନୀ ମୂର୍ଚ୍ଛନା ତୋଳି ,
କାକରର ମିଠା ମିଠା ସମ୍ମୋହନେ
ପ୍ରୀତି ରଙ୍ଗ ଦିଅ ବୋଳି ।
ହୃଦୟ ଛୁଅଁଇ ହୃଦୟକୁ ଯାର
ତା' ହୃଦୟ ପ୍ରେମମୟ ,
ହୃଦୟ ଝୁରଇ ଯା' ହୃଦୟ ପାଇଁ
ନଥାଏ ସନ୍ଦେହ ଭୟ ।
ମଧୁ ସମ୍ଭାଷଣେ ମଧୁର ବଚନେ
ଶୋଭାମୟ ମାଧୁରିମା ,
ମନକୁ ମୋହିତ ମାନସ ମନ୍ଦିରେ
ମନ ଜିଣା ସବୁଜିମା ।
ମାଧୁର୍ଯ୍ୟ ମହକେ ସୁଶୋଭିତ ଧରା
ପୁଲକିତ ତନୁମନ ,
ପ୍ରାଣ ପାରିଜାତ ହୁଏ ପ୍ରସ୍ଫୁଟିତ
ପ୍ରୀତିମୟ ସମ୍ମୋହନ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ପ୍ରେମର ପ୍ରଥମ ଫର୍ଦ୍ଦ...

ଦୁର୍ଗା ଚରଣ ମଲ୍ଲ
ସମାଗୋଳ, କୁଜଙ୍ଗ,
ଜଗତସିଂହପୁର

ପ୍ରଥମ ଦେଖାରେ ପ୍ରେମ ହୁଏ ବୋଲି
କାହାଣୀରେ ଶୁଣିଥିଲି ,
ହେଲେ ସେ କାହାଣୀ ଦିନେ
ସତ ହେବ ବୋଲି ଆଜି ମୁଁ ଜାଣିଲି ।।୧।।

ଜୀବନର ପ୍ରତ୍ୟେକ ଟି ଫର୍ଦ୍ଦ ଲେଉଟାଉ ଲେଉଟାଉ
ଆଜି ମୁଁ ଏଇ ଅଧ୍ୟାୟରେ ପହଞ୍ଚିଲି ,
ଯେ ଜୀବନରେ ସବୁ କିଛି ଭଲ ହୁଏ
ଯେବେ ମୁଁ କାହା ହାତ ଧରି ଚାଲିଲି ।।୨।।

ବୈଶାଖ ର ଖରା, ଶ୍ରାବଣର ବର୍ଷା
ଆଉ ଆଶ୍ୱିନ ର ଶୀତ ପରି ,
ଯେବେ ମୁଁ ତାକୁ ଭାବେ ଲାଗେ ସତେ
ସେ କୋଉ ଏକ ସରଗର ଅପସରୀ ।।୩।।

ମୋ ମନର ମ୍ୟୁଜିୟମ ରେ କେବେ
ସେ ରହିଗଲା ଏକ ଛୋଟ ଘର କରି ,
ଯେବେ ମୁଁ ତାକୁ ଫିଲ୍ କରେ ମତେ
ଖାଲି ବାସେ ସପୁରୀ ସପୁରୀ ।।୪।।

ଯେ ପ୍ରେମ କୌଣସି ଗଳ୍ପର
ଅଧା ଲେଖା ଗଳ୍ପ ନୁହେଁ କି' ନା' ,
କୌଣସି କବିତାର ଅଧା ଲେଖା ଗୀତ
ଯେ ପ୍ରେମ ହେଉଛି ଏକ ପବିତ୍ର ଉପନ୍ୟାସ
ଯାହାକୁ ପଢ଼ିଲେ ମନ ହୁଏ ତୃପ୍ତ ।।୫।।

ଆସୁ ଯେତେ ତୁମ୍ଭି ତୋଫାନ
ବା' ଆସୁ ଯେତେ ବାଧା ବିଘ୍ନ
ପଡ଼ିବନି କେବେ ବି ଆମ
ଏ କାହାଣୀରେ ପୂର୍ଣ୍ଣଛେଦ ,
ମନେ ରହିଥିବ ସବୁଦିନ ପାଇଁ
ଆମ ଯେ ପ୍ରେମର ପ୍ରଥମ ଫର୍ଦ୍ଦ...

ଅଭିଶପ୍ତ ମୁଁ ...

ଜଗନ୍ନାଥ ପରିଛା
କେନ୍ଦୁଝର

ପ୍ରତାରଣା କୁହୁଡ଼ିରେ
ପଥଭ୍ରଷ୍ଟ ମୁଁ,
ଲୁହ ପିଇ ଅନ୍ଧାରରେ
ତୃଷ୍ଣା ମାରେ ମୁଁ।

ଆଖି ଆଗେ ତୋ ଛଳନା
ଭୋଗିଅଛି ମୁଁ,
ଲହରୀଟା ଅଭିଶାପ
ବାଲିଘର ମୁଁ।



ପ୍ରେମ ନିଆଁ ଦେହ ସାରା
ବୋଳି ହେଲି ମୁଁ,
ଜଳି ଜଳି ହସୁଥିବା
ପ୍ରେମିକଟା ମୁଁ।

ପୋଷାକରେ କଣ୍ଟା ଗୁଞ୍ଛି
କ୍ଷତାକ୍ତ ଯେ ମୁଁ,
ନିଜ ରକ୍ତେ ଫଗୁ ଖେଳି
ଖୁସି ଅଛି ମୁଁ।

ଶୂନ୍ୟରେ ବଞ୍ଚିବା ଶିଖି
ଛାୟା ହୋଇଲି ମୁଁ,
ନିଜର ସ୍ୱରରେ ନିଜେ ଭାଙ୍ଗି
ନିର୍ବଚନ ହେଲି ମୁଁ।

ଧୂଳିଯୁଗର ଗଳ୍ପ ଭିତରେ
ଭାଙ୍ଗିଯାଇଛି ମୁଁ,
ପଥରର ମନ୍ଦିର ଭିତରେ
ଅଶ୍ରୁ ତଳେଇ ମୁଁ।

ସ୍ମୃତିର ତିକ୍ତ ଅମୃତ
ପିଇ ଅଛି ମୁଁ,
କାଗଜର ସ୍ୱପ୍ନ ଭାଙ୍ଗି
ପବନେ ଉଡୁଛି ମୁଁ।

କଣ୍ଟାରେ ସ୍ନେହ ଲୁଟାଇ
ବଞ୍ଚିରହିଲି ମୁଁ,
ଏବେ ତ ଅନୁଭବୁଛି
ପ୍ରେମ ନାମର ଅଭିଶାପ ଟେ ମୁଁ।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, **ମୁଖ୍ୟ ପରିଚାଳିକା:** ଶିବଦୂତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଲୋଭ ର' ପରିଣାମ ...

ଅନୁବାଦ: ମିର୍ଜା ସନୁଅର ବେଗ "ପାଭିଲ୍"
ମୂଳ ଗୁଜରାଟି: କିଙ୍କ ୱାର୍ଲ୍ଡ

ମିର୍ଜା ସନୁଅର ବେଗ
କୋରେଇ, ଯାଜପୁର

ଜଣେ ମତ୍ସ୍ୟଜୀବୀ ଗୋଟିଏ ନୂତନ ଜଳଉତ୍ସର ସନ୍ଧାନ ପାଇଲା । ସେ ସେଇଠି ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ତା' ଚାରିପାଖରେ ବୁଲି ଛୁଆଁମାଛି ପରୀକ୍ଷା କରି ଦେଖିବାକୁ ଲାଗିଲା । ଏ ଜଳ ଭଣ୍ଡାରଟି ଏତେ ବଡ଼ ଥିଲା ଏହାର ଆକାର ଓ ବିସ୍ତାରକୁ ଦେଖିଲା ଆଖି ପାଇଲା ନାହିଁ ।
ଏହା ଗୋଟିଏ ବଡ଼ ପୋଖରୀ ଅଥବା ହ୍ରଦଟିଏ ହୋଇ ଥାଇ ପାରେ ବୋଲି ମନେମନେ ଭାବିବାକୁ ଲାଗିଲା । ସେ ଯାା' ପୂର୍ବରୁ ଏହି ଜଳପୂର୍ଣ୍ଣ ସ୍ଥାନଟି ପାଖକୁ କାହିଁକି ଆସିଲା ନାହିଁ ମୁଣ୍ଡରେ ହାତ ଦେଲା । ଯଦି ସେ ପୂର୍ବରୁ ଏଠାକୁ ଆସି ଥାଆନ୍ତା ତା'ର ଏତେ ଦୁଃଖ କଷ୍ଟ ରହି ନ' ଥାଆନ୍ତା ଅଚିରେ ତା'ର ସମାଧାନର ବାଟ ମିଳି ଯାଇ ଥାଆନ୍ତା ତା'ସହ ସେ ଧନୀକ ଓ ସମ୍ଭ୍ରାନ୍ତ ଶ୍ରେଣୀରେ ଗଣା ହୋଇ ଥାଆନ୍ତା ।
ଯେତେବେଳେ ସେ ଭିତରକୁ ଚାହିଁଲା ଆଖି ଖୋସି ହୋଇଗଲା। ସେ ଅନୁଭବ କଲା ଯେ ଏହି ପୋଖରୀଟିରେ ବହୁତଗୁଡ଼ିଏ ମାଛ ରହିଛନ୍ତି। ଲାଗୁଛି ଏହା ପୂର୍ବରୁ ଏଠାକୁ ସେଇଭଳି ଆଖି ଦୃଶିଆ ମତ୍ସ୍ୟଜୀବୀ ଆଖି ପକାଇ ନାହାଁନ୍ତି। ସେଇମିତି କେହି ଏଠାକୁ ଆସୁ ନ' ଥିବେ ,ଏହା ହିଁ ହୋଇଥିବ ନିଶ୍ଚୟ। ଏ ପୋଖରୀଟି ସୁନ୍ଦର ତ ହୋଇଛି ତା' ସାଥେ ତା' ଭିତରେ ମାଛଗୁଡ଼ିକ ଖେଞ୍ଚାଖେଞ୍ଚି ଲଧାଲଧି ହୋଇ ରହିଛନ୍ତି । ମତ୍ସ୍ୟଜୀବୀଟି ବହୁତ ଖୁସି ହୋଇଗଲା ।ତେଣୁ ସେ ସ୍ଥିର କଲା ଯେ ବର୍ତ୍ତମାନ ଠାରୁ ସେ ପ୍ରତିଦିନ ମାଛ ଧରିବାକୁ ଏହିଠାକୁ ହିଁ ଆସିବ ଏବଂ ଏ ବିଷୟରେ କାହାକୁ କିଛି ଜଣାଇବ ନାହିଁ ।
ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ତା'ର ଜାଲକୁ ବାହାର କଲା। ଜାଲକୁ ଖୋଲି ପୋଖରୀ ଜଳରେ ପକାଇଲା। ସେ ମନେମନେ ଭାରୀ ଖୁସି ହେଉ ଥିଲା। ଆଜି ତ' ତା'ର ଜ୍ୟାକପଟ୍ ଲାଗିଯିବ, ଧନର ବର୍ଷା ହେବ । ଆଜି ତ' ବହୁତ ମାଛ ଧରା ହେବେ ।
ମତ୍ସ୍ୟଜୀବୀ: ଆରେ ବାଃ! ଭଗବାନ ଆଜି ତ ଲଟେରୀ ଲଗେଇ ଦେଇଛି(ଗୋଟିଏ ଖେପ ଜାଲ ପକାଇ ମାଛ ଭର୍ତ୍ତି ଜାଲକୁ ଦେଖି ଖୁସିରେ)।
ପୁଣି ଥରେ ସଙ୍ଗେ ସଙ୍ଗେ ଜାଲ ଫିଙ୍ଗିଲା। ଏଥର ବି ମତ୍ସଜୀବୀଙ୍କ ଜାଲରେ ବହୁତ ମାଛ । ସେ ଜାଲରୁ ମାଛକୁ ବାହାର କରିବାକୁ ଲାଗିଲା। ମାଛକୁ ତା' ଟୋକେଇରେ ଅଣ୍ଡାଳି ସଣ୍ଡାଳି ପୂରାଇ ଦେଲା । ସବୁମାଛକୁ ଖୁଣ୍ଟି ତା' ଟୋକେଇଟି ମାଛରେ ପୂର୍ଣ୍ଣ ହୋଇ ଗଲା ।
ମତ୍ସ୍ୟଜୀବୀ: ଆସନ୍ତା କାଲି ଗୋଟେ ବଡ଼ ଟୋକେଇ ଆଣିବାକୁ ପଡ଼ିବ।!
ମତ୍ସ୍ୟଜୀବୀ ସେଦିନ ବଜାରକୁ ଯାଇ ଟୋକେଇରେ ଥିବା ସମସ୍ତ ମାଛକୁ ବିକ୍ରି କଲା। ସେ ଏହି ସମସ୍ତ ମାଛରୁ ପ୍ରଚୁର ଟଙ୍କା ପାଇଲା । ସେଦିନ ସେ ନିଜ ପତ୍ନୀକୁ ତାଙ୍କର ବଣ୍ଡଲ ଧରାଇ ଦେଲା ।
ସ୍ତ୍ରୀ: ବାଃ! ଆପଣ ଏତେଗୁଡ଼ିଏ ଟଙ୍କା କେଉଁଠୁ ପାଇଲେ ?
ସ୍ୱାମୀ : ମୁଁ ଗୋଟିଏ ନୂତନ ପୋଖରୀର ସନ୍ଧାନ ଖୋଜି ପାଇଛି । ସେଠାରେ ପ୍ରଚୁର ମାଛ ଭରି ରହିଛନ୍ତି। ପ୍ରକୃତରେ ତାହା ମାଛର ଖାଦାନ |

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ତ୍ରୀ : ମତ୍ସ୍ୟଜୀବୀ ସ୍ୱାମୀଙ୍କୁ ଉକ୍ତ ପୋଖରୀ ବିଷୟରେ ଅନ୍ୟ କାହାରିକୁ ନ କହିବା ପାଇଁ ପରାମର୍ଶ ଦେଲା । ଯାହାଫଳରେ ସେ ସମସ୍ତ ମାଛ ପାଇବ । ସେଦିନ ସ୍ୱାମୀ - ସ୍ତ୍ରୀ ଦୁହେଁ ବହୁତ ଖୁସିରେ ଥିଲେ । ସେ ଆହୁରି ମଧ୍ୟ ସ୍ୱପ୍ନ ଦେଖିବା ଆରମ୍ଭ କଲେ ଯେ ଅଧିକ ଟଙ୍କା ଆସିବ ।
ସ୍ତ୍ରୀ ନିଜର ଦୈନନ୍ଦିନ ରୋଷେଇ କାର୍ଯ୍ୟରେ ବି ବସି ସେଇ କଥା ଭାବୁଥାଏ ।
ସ୍ତ୍ରୀ : ହଁ,ତେଣୁ ଅଧିକ ମାଛ ଅଣା ଯାଇପାରିବ । ଏଣେ ସ୍ୱାମୀ ବି ସ୍ୱପ୍ନାବିଷ୍ଟ ଅବସ୍ଥାରେ, ଆସନ୍ତାକାଲି ମୁଁ ଗୋଟେ ବଡ଼ ଟୋକେଇ ନେଇକି ଯିବି ।

ମତ୍ସ୍ୟଜୀବୀ ପରଦିନ ଏକ ବଡ଼ ଟୋକେଇ ନେଇ ଉକ୍ତ ପୋଖରୀକୁ ଗଲା । ସେ ଜାଲଟିକୁ ପାଣିରେ ପକାଇଲା । କିଛି ଥର ଜାଲ ଘୁଞ୍ଚି ଗଲା ଏବଂ ସେ ଏହାକୁ ଉପରକୁ ଟାଣିଲା । ନିଜ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲା ନିଜର ସମସ୍ତ ବଳ ଖଟାଇ ଟାଣିଲା । ସେ ଦେଖିଲା ଯେ ଜାଲରେ ବଡ଼ ମାଛଟିଏ ଫସିଛି ।
ମତ୍ସ୍ୟଜୀବୀ: ଓଃ! କଅଣ ଅଛି । ଏ କି' କଥା! ମୁଁ ଏତେ ବଡ଼ମାଛ କେବେ ବି ଧରି ନାହିଁ ?
ମାଛଟି ଜାଲରେ ଏପଟସେପଟ ଆଗପଛ ହେବାକୁ ଲାଗିଲା । ସେ ଜାଲରୁ ବାହାରକୁ ଯିବା ପାଇଁ ପ୍ରାଣମୂର୍ଚ୍ଛା ଚେଷ୍ଟା କରୁଥିଲା, କିନ୍ତୁ ମତ୍ସ୍ୟଜୀବୀ ବି ନଛୋଡ଼ ବନ୍ଧା, ସେ କାହିଁ ଯିବାକୁ ଦେବ । ସେ ବହୁତ ଜୋରରେ ଧରି ଥିଲା ।ତେଣୁ ମାଛଟି ଯେତେ ଚେଷ୍ଟା କଲେ ମଧ୍ୟ ଏପଟ ସେପଟ ହୋଇ ଛାଟି ପିଟି ହୋଇ ସୁଦ୍ଧା ବାହାରକୁ ଯାଇ
ପାରି ନ ଥିଲା । ଇତିମଧ୍ୟରେ ମତ୍ସ୍ୟଜୀବୀଟି ଦେଖିବାକୁ ଓ ଶୁଣିବାକୁ ପାଇଲା ଯେ ବଡ଼ମାଛଟି ବାର୍ତ୍ତାଳାପ କରୁଅଛି । ନିଜ ଜୀବନକୁ ବିପନ୍ନ ଦେଖି ନିଜ ଉଦ୍ଧାର ପାଇଁ ପ୍ରାର୍ଥନା କରୁଥିବାର ସେ ଦେଖିଲା ଓ ଶୁଣିଲା ମଧ୍ୟ ।

ବଡ଼ ମାଛ : ଦୟାକରି ହେ ମତ୍ସ୍ୟଜୀବୀ! ହେ ମହାନୁଭବ ! ହେ ସଦାଚାରୀ ପୁରୁଷ! ହେ ଦୁଃଖର ବେଦନା ହରଣ ଓ ଦୂର କଲା ବାଲା ଦୀନବନ୍ଧୁ! ହେ ଦୟାର ସାଗର କୃପାସିନ୍ଧୁ! ମତେ ଯିବାକୁ ଦିଅ ପ୍ରଭୁ ! ମୁଁ ମରିଯିବି,ମତେ ଛାଡ଼ି ଦିଅ । ଧର୍ମ ହେବ, ମତେ ଛାଡ଼ି ଦିଅ ।
ବିକଳ କ୍ରନ୍ଦନ ଓ ଅନୁନୟ ବିନୟରେ ମତ୍ସ୍ୟଜୀବୀ ର ହୃଦୟ ତରଳିବା ଆରମ୍ଭ କଲା । ପୁଣି ନିଜକୁ ସମ୍ଭାଳି ପଚାରିଲା; ତୁମେ କଥା କହି ପାର !
ବଡ଼ ମାଛଟି କହିଲା: ଆଜ୍ଞା ହଁ! ମୁଁ କଥା କହି ପାରେ । ଦୟାକରି ମୋତେ ଛାଡ଼ି ଦିଅ,ମୁଁ ପାଣି ବିନା ବଞ୍ଚି ପାରିବି ନାହିଁ ।
ମତ୍ସ୍ୟଜୀବୀ କହିଲା: ଯା, ଯା,... କ'ଣ କହିଲା ନା ମୋତେ ଛାଡ଼ି ଦିଅ । ତୋତେ ବିକି କରି ତ ମୁଁ ବହୁତ ଟଙ୍କା ପାଇବି । ତୁ ଜାଣୁ ମୁଁ ଜଣେ ମତ୍ସ୍ୟଜୀବୀ,ମୋର ଏହା ହିଁ ଜୀବିକା ଏମିତି ଘୋଡ଼ା ଘାସ ସହ ବନ୍ଧୁତା କରି କ'ଣ ନିଜେ ଭୋକିଲା ମାରିବ! ଏମିତି କେମିତି ତୋତେ ଛାଡ଼ି ଦେବୀ ଯେ? ମୋ ପରିବାର କିପରି ଚଳିବ ?
ମତ୍ସ୍ୟଜୀବୀ: ତୁ ତ କଥାକୁହା ମାଛ ଆହୁରି ବେଶି ତୋ ଠାରୁ ଟଙ୍କା ମିଳିବ,ତୋତେ କାହିଁକି ଛାଡ଼ିବି ଯେ !ଏବେ ତୁ କହ ତୋ ବଦଳରେ କିଏ ମୋ ପାଇଁ ଟଙ୍କା ଓ ମୋ ଆବଶ୍ୟକତା ପୂରଣ କରି ପାରିବ !

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅନ୍ୟ ମାଛମାନେ ସେତିକି ଆବଶ୍ୟକତା ପୂରଣ କରି ପାରିବେ ନାହିଁ ତୋ ଠାରୁ ଭଲ ଇନକମ ହେବ ଜଣା ପଡୁଛି। ସେମାନେ ମାନେ ଅନ୍ୟ ମାଛ ମାନେ ତୋ ଭଳି କଥା ହୋଇ ପାରିବେ ନାହିଁ ,ହାତକୁ ଆସି ଥିବା ଜିନିଷକୁ ଛାଡ଼ିବି କାହିଁକି? ମୋର ଏତେ ପରିଶ୍ରମ ବୃଥା ଯିବ ନାହିଁ କି ତୁ' କହ?

ବଡ଼ମାଛ: ତୁମେ ଜାଣିଛ କି ନାହଁ ମୁଁ ଜାଣି ନାହିଁ! ମୋ ଭଳି ମୋ ସାଥୀ ମାଛମାନେ ମୋ ଅପେକ୍ଷା ଆହୁରି ବେଶି ଭଲ କଥାବାର୍ତ୍ତା କରି ପାରନ୍ତି ।

ବଡ଼ମାଛଟି କହିଲା: ହଁ ଆଜ୍ଞା! ସେମାନେ କଥା ତ କେହି ପାରନ୍ତି ତା ସହ ସେମାନଙ୍କ ପାଖରେ କୁହୁକଶକ୍ତି ମଧ ରହିଛି । ଯଦି ତୁମେ ମୋତେ ଯିବାକୁ ଦିଅ, ମୁଁ ସେମାନଙ୍କୁ ତୁମ ନିକଟକୁ ପଠାଇବି । ଯଦି ତୁମେ ସେମାନଙ୍କୁ ନିଜ ପାଖରେ ରଖିବ ତେବେ ତୁମେ ବହୁତ ଶୀଘ୍ର ଧନୀ ହୋଇଯିବ। ତୁମେ ଜାଣ ତାଙ୍କ ପାଖରେ କ'ଣ ସବୁ ଅଛି?

ମତ୍ସ୍ୟଜୀବୀ : ସୁନା - ରୁପା ଅଛି କି?

ବଡ଼ ମାଛ:ଆଜ୍ଞା ହଁ! କେବଳ ସୁନା - ରୁପା ନୁହେଁ, ହୀରା ମଧ ତାଙ୍କ ପାଖରେ ମହଜୁଦ ଅଛି।

ମତ୍ସ୍ୟଜୀବୀ : ପ୍ରକୃତରେ ଏହା ସତ୍ୟ କି? ସେମାନଙ୍କ ପାଖରେ ସୁନା ଅଛି କି? ହୀରା ଅଛି କି? ମୋତି - ମାଣିକ୍ୟ - ରୁବି - ସୁନା - ହୀରା ସବୁ ଅଛି କି?

ବଡ଼ ମାଛ: ଆଜ୍ଞା, ହଁ! ସବୁକିଛି ଅଛି। ଯାହା ଯାହା ଖୋଜିବ ତାହା ସେମାନେ ତତ୍ କ୍ଷଣାତ୍ ଆଣି ଯୋଗାଇ ଦେବେ ।

ମାଛ କଥାରେ ପଡ଼ି ସେ ତାକୁ ଛାଡ଼ି ଦେଲା।ସେ ହୀରା ଅଳଙ୍କାର ଦ୍ୱାରା ପ୍ରଲୋଭିତ ହୋଇ ଥିଲା। ସେ ପ୍ରଲୋଭନରେ ପଡ଼ି ଗଲା। ସେ ମାଛ କଥାକୁ ସତ ବୋଲି ଭାବିଲା ଓ ସେ ବିଶ୍ୱାସ କରୁଥିଲା ଯେ ଏହି ମାଛ ପ୍ରକୃତରେ ଅନ୍ୟ ମାଛମାନଙ୍କୁ ପଠାଇବ। ମାଛଟି ମୁକ୍ତ ହେବା ମାତ୍ରେ ସେ ହସିବାକୁ ଲାଗିଲା ।

ମତ୍ସ୍ୟଜୀବୀଟି ମାଛର ଅଜବ ପ୍ରକାରର ହସକୁ ଦେଖି ପଚାରିଲା; ହେ ମାଛ! ତୁ କାହିଁକି ହସୁଛୁ?

ବଡ଼ମାଛ: ମୁଁ କାହିଁକି ହସୁଛି ତୁ ଜାଣିବା ପାଇଁ ଚାହୁଁଚୁ? ତୁ ଜାଣି ପାରୁନି କି? କାରଣ ତୁ ହେଉଛୁ ମୂର୍ଖ, - ମହାମୂର୍ଖ ଏବଂ ତା ସହ ଭୀଷଣ ଲୋଭୀ ମଧ। ମୁଁ ମୋର ଉପସ୍ଥିତ ବୁଦ୍ଧି ଖଟାଇ କୌଣସିମତେ ତୋତେ ମୂର୍ଖ ବନାଇ ବଞ୍ଚି ଯାଇଛି । ଏବେଠାରୁ ମୁଁ ଏହି ପୋଖରୀରେ ଥିବା ସମସ୍ତ ମାଛମାନଙ୍କୁ ମଧ ତୋ ଠାରୁ ସତର୍କ କରାଇ ଦେବି। ସାବଧାନତା ଅବଲମ୍ବନ କରିବା ହେଉଛି ବିପତ୍ତିରୁ ବଞ୍ଚିବାର ଗୋଟିଏ ବିଧି । ଯେପରି ସେମାନେ ତୋ ଜାଲରେ କଦାପି ଫସିବେ ନାହିଁ । ବୁଝିଲ ମୂର୍ଖ!

(ଶିକ୍ଷା: ଲୋଭର ବଶବର୍ତ୍ତୀ ହେଲେ ନିଜର ହିତାହିତ ଜ୍ଞାନ ହରାଇବାକୁ ପଡ଼େ।)

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସ୍ମୃତି ତୀର୍ଥ ...

ପ୍ରଶାନ୍ତ କୁମାର ନାଥ
ରାଜନଗର, କେନ୍ଦ୍ରାପଡ଼ା

କିଛି ସ୍ମୃତି ଏଠି ତୀର୍ଥ ସାଜି ଥାଏ
ଆଉ କିଛି ଅନ୍ତସ୍ୱର
ବିସ୍ମୃତି ବେଦନା ଅନଳ ଭିତରେ
କିଏ ତୋଳିଥାଏ ଘର ।

ଜୀବନ ଯୌବନ ଯନ୍ତ୍ରଣା ଭିତରେ
ସ୍ମୃତି ଏକ ରୂପା ଜହ୍ନ
ସୁଖ ଦୁଃଖ ସେହି ସମୟ ସ୍ରୋତରେ
ରହିଯାଏ ହୋଇ ଚିହ୍ନ ।

କିଛି ଲିଭିଯାଏ କିଛି ରହିଥାଏ
ଅଲିଭା ଅକ୍ଷତ ହୋଇ
ସୁଖ ହୋଇଥିଲେ ଖୁସି ଲାଗୁଥାଏ
ଦୁଃଖ ଯାଏ ଲୁହ ଦେଇ ।

ଅତୀତ ସ୍ମୃତିକୁ ଭାବିଲେ ମନରେ
ଖାଲି ଦୁଃଖ ଦେଇ ଥାଏ
ଜୀବନ ପଥରେ ଆସେ ନାହିଁ ଫେରି
ଦିନ ରାତି ସରିଯାଏ ।

ଏମିତି ସେ ତୀର୍ଥ ମନ ମଲାଟରେ
ହଜିଲା ଅତୀତ ସ୍ମୃତି
ଭାବନା ରାଜ୍ୟର ଭାବ ବଣିକ ସେ
ଦରିଆ ରାଜାର ଛାତି ।

କେବେ ଲହୁ ସ୍ନାନ କେବେ ଲହୁ ସ୍ନାନ
ସ୍ମୃତିରୁ ହୁଏ ତ ପ୍ରାପ୍ତି
ଜୀବନର ମାନେ ବୁଝିତ ହୁଏନା
ନକଲେ ତା ସହ ଚୁକ୍ତି ।।

ଶେଷ ନିବେଦନ ...

ଜ୍ୟୋତ୍ସ୍ନା ରାଣୀ ଜେନା
ଆଇଟିଆଇ ଛକ, ବାଲେଶ୍ୱର

ଆମେ ରେ ସେଇ ସନ୍ତାନ !
ଯା'କୋଳେ ଦେଖୁଥିଲେ ଜହ୍ନ
ଯା' ପଣତେ ଖେଳୁଥିଲେ ଦୋଳି
ଯା ପାଖେ କରୁଥିଲେ ଅଳି
ଯା'ପଣତ ଝାଡୁ ଥିଲା
ଆମ ଦେହର ଧୂଳି
ସୁଖ ଦୁଃଖରସାଥି ଥିଲାସେ ଆମର
ହେଲେ ଆମେ ଯେ ସନ୍ତାନ
ଆଜି ରଖିଲୁନି
ସେ ମା'ର ମାନ !
ଦୁନିଆ ର ରଣ ମହଲେ ଆଜି
ଆମେ ଯେ ରକ୍ତ ମୂଖା
ଯେଉଁଠି ଖାଲି ପତିଶୋଧ
ଆଉ ପ୍ରତି ହିଂସା
ଯାହା କେବେ ମା' ଆମକୁ
ଦେଇନଥିଲେ ଶିକ୍ଷା ।
ଆମ ଉଷୁମ ରକ୍ତର
ଉଷୁମ ଘାତରେ
ମଉଳି ଜାଇଛିସେ ମମତାର ଫୁଲ
ମଉଳି ଜାଇଛି ତାର
ସ୍ୱାଭିମାନ ର ମୂଳ।
ତଥାପି ତ ଜୀବନ !
ନା' ଯାର ମା' ।
ଛାଡି ନି ସେ ଶେଷ ଆଶା
ଚିରା ପଣତରେ ପକାଇ ଗଣ୍ଠି
ସେ ମା କରେ ଆଜି
"ଶେଷ ନିବେଦନ " ।
ହେ ମୋର ସନ୍ତାନ ଜନ !
କେତେ ଅସମ୍ଭବ ଯେ
ହୋଇଛି ସମ୍ଭବ
ତୁଛ ମୂଲ୍ୟ ବସ୍ତୁ ପୁଣି
ପାଇଅଛି ଅମାପ ବୈଭବ ।
କୁସୁମ ପରଶେ ଯେ ପଙ୍କ ନିସ୍ତରେ
ସଜ୍ଜନ ସଂଗେ ସଂଗୀ
ଦୁର୍ଜନ ଯେ ତରି ପାରେ ।
ଦସ୍ୟୁ ରତ୍ନାକର ସେତ
ବାଲ୍ମୀକି ହୋଇ ପାରେ,
ଛାର ହନୁ ବି ଯୁଗେ ଯୁଗେ ପୁଣି
ଅମର ରହିପାରେ ।
ପରିବର୍ତ୍ତନ ଯେବେ
ଏ ସଷ୍ଟିର ନିୟମ
ହେ ମୋର ସନ୍ତାନ ଜନ !
ସେ ଅନ୍ଧାରରୁ ତୁମେ ଆସ ହେ ଫେରି
ବାରେ ମାତ୍ର ଏ ଆଲୋକରେ
କରି ଯାଅ ସ୍ନାନ।
ଏତ ଅଂହିସାର ମୂଳ ମନ୍ତ୍ର
ଜ୍ଞାନ ବିଜ୍ଞାନ ର ଏ ଅମୋଘ ଅସ୍ତ୍ର
ବାରେ ଧାରଣ କରି ଦେଖ
ତାର ପ୍ରଶସ୍ତ ।
ଧାରଣେ ଧରଣୀ ହେବେରେ ଆଶ୍ୱସ୍ତ
ଚଣ୍ଡାଶୋକ ଯେତେ ସବୁ
ହେବ ଧର୍ମାଶୋକ
ଦୂର ହେବ ଏ ମର୍ମନ୍ତୁଦ ଶୋକ।
ହେ ମୋର ସନ୍ତାନ ଜନ !
ହୋଇକି ପାରିବନି ତୁମେ ମୋର
ସୁଯୋଗ୍ୟ ସନ୍ତାନ ?
ରଖିବ ନାହିଁ କି ମୋର
ଏ ପଣତର ମାନ ?
ରଖିବ ନାହିଁ କି ଏ ମା'ର
ଶେଷ ନିବେଦନ ?

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ହେ' ସନ୍ଧ୍ୟା ...

ସୁମିତ୍ରା ନାୟକ
କଟଣା, ବରଳାବାଗ,
ଯାଜପୁର

ହେ' ସନ୍ଧ୍ୟା,
ତମେ ଆସ ବାରମ୍ବାର
ଧୂସରିଆ ଗୋଧୂଳି ସାଙ୍ଗରେ ,
ବାସ ମହ ମହ ମାଟି ସୁଗନ୍ଧରେ ।
ଗାଁ-ଗଳି, ତୁଳସୀ ଚଉଁରା ମୂଳରେ
ଦୀପ ଶିଖାର ସେ ନାରଙ୍ଗୀ ରଙ୍ଗରେ ।
ହେଲେ,
ବିରୂପାର ମୃଦୁ ସମୀର କହୁଛି
ତୁମେ ଆସ ବୋଲି କୁଆଡେ ...
ସେ ବି ଆସେ ,
ନିରନ୍ତର ତୁମ ପାଖରେ ବସେ ।

ହେ' ସନ୍ଧ୍ୟା,
ତମେ କୁହ, ତମେ ଏତେ ବିଶେଷ କାହିଁକି..?
ଖଦ୍ୟୋତ ବି ଖେଳେ ,ତମ କୋଳେ ବଳେ
ରଙ୍ଗଣୀ ବି ହସେ ଚିକିମିକି ଦିଶେ ...
ତମ ଆଗମନ ଦେଖି ଜହ୍ନଟା ବି ମିଶେ
ବାଦଲର ଦେଶେ...

ହେ' ସନ୍ଧ୍ୟା,
ତମେ କଣ ଅଭିସାରର ପ୍ରତିରୂପ
ମୁଁ' ଶୁଣିଛି ତମେ କୁଆଡେ
ଦିନ ଆଉ ରାତି ମିଳନର ଦୃଶ୍ୟ...
ଜହ୍ନ ଜ୍ୟୋସ୍ନା ବିଞ୍ଚେ ତୁମ ପାଦ ଧ୍ୱନି ବାରି
ବଉଦକୁ ହାତେ ଧରି
ପ୍ରଣୟ ସାମ୍ରାଜ୍ୟଟିଏ ପ୍ରତିଷ୍ଠା କରି ...।

ହେ' ସନ୍ଧ୍ୟା,
ତମେ ଆସ ବାରମ୍ବାର
ଅଭିଯୋଗ ନେଇ
ଅମାବାସ୍ୟାରେ ଜହ୍ନ ଆସି ନାହିଁ କାହିଁ ..?
ଯଦି ଜହ୍ନ ଲୁଚେ ଅମାବାସ୍ୟା ପଛେ
ସନ୍ଧ୍ୟା ବି ନ ଆସିବାର ବାହାନା ରଚେ....।

ହେ' ସନ୍ଧ୍ୟା,
ମୁଁ ବି ତମ ସହଚରୀ
ସାଙ୍ଗରେ ଅଧୁରା ସ୍ମୃତିକୁ ଧରି...
ଆସେ ସବୁ ବେଳେ ଏମିତି
ଅନବରତ ଆସିଥାଅ ତମେ ଯେମିତି ...
ପରିସମାପ୍ତିର ପଥପ୍ରାନ୍ତେ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ମୃତିର ଫର୍ଦ୍ଦ ...

ଗୋବର୍ଦ୍ଧନ ସେନାପତି
ନୂଆଦିଲ୍ଲୀ

ସ୍ମୃତିର ଫର୍ଦ୍ଦରେ
ପାଉଁଜିର ଛାପ
ପୁଣି ସେ ଘୁଙ୍ଗୁରର ଶବ୍ଦରେ
ନୀରବତା ଭାଙ୍ଗେ,
ନୀଳ ସାଗରର ଢେଉ
ଅନ୍ତରାପୃଷ୍ଠ ଆଧିପତ୍ୟ କରେ ଜାହିର
ମନେପକେଇଦିଏ ଅନ୍ତରଙ୍ଗ ସମ୍ପର୍କର ଆଦର,
ଏବେ ସବୁକିଛି ଅଦୃଶ୍ୟ
ହେଲେ ଜୀବିତ
ସେ ଅଭୁଲା ଅତୀତ
କେବେ ମନେପକାଇ
ସେ ମାନ୍ଧାତାର ଅଳିନ୍ଦ
ସ୍ମୃତିର ସୌରଭ ରୁ ଝରିପଡ଼େ ବେଦନାର ଲୁହ ଧାରେ ଧାରେ
ବେଳେବେଳେ
ଶାନ୍ତ ରାତିର ଶୀତଳ ପ୍ରହରରେ
ଭାବନାର ଅନ୍ତରାଳେ
ଲମ୍ବିଯାଏ ମନ
ଲାଖିଯାଏ ଜଉମୁଦ ପରି
ସତେ ଯେମିତି ସେ ଅତୀତ ନୁହଁ ଏବେ ବର୍ତ୍ତମାନ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଚାନ୍ଦ ସୁରୁଜ ...

ଜାନକୀ ମହାନ୍ତ
ବେଙ୍ଗାଲୁରୁ
(ରାଜ୍ୟ ଉପ ସଭାପତି, ଓଡ଼ିଶା ସାହିତ୍ୟିକ ସଂଗଠନ, ଭୁବନେଶ୍ୱର, ଓଡ଼ିଶା)

ମୋ' ଚାନ୍ଦ ସୁରୁଜ ବୁଣନ୍ତି ମୁରୁଜ ଦୁଇ ବଳିୟାର ଭୁଜ
ସୁରୁଜ ଅଗ୍ରଜ ଚାନ୍ଦଟି ଅନୁଜ ମୋର ଦୁଇଟି ତନୁଜ।
ଦିବସରେ ସୂର୍ଯ୍ୟ ଯାମିନୀରେ ଚାନ୍ଦ ଦୁହେଁ ମୋ'ଅପରିହାର୍ଯ୍ୟ
ବୀରପୁତ୍ର ସାଜ ପାଠପଢ଼ି ନିଜ ମନେ ରଖିଥିବ ଧୈର୍ଯ୍ୟ।।

ମୋ' କୁମର ରାଜ ଜ୍ୟୋତି ସମ ଆଜ ଉଡ଼ାଅ କୁଳର ଧ୍ୱଜ
ଅହଙ୍କାର ତେଜ ସୁଗୁଣକୁ ଖୋଜ ପିତା କଥା ମନେ ହେଜ।
ବୁଣି ସତ୍ୟ ବୀଜ ତେଜ କରି ଶୌର୍ଯ୍ୟ କରିଯାଅ ହେ ସୁକାର୍ଯ୍ୟ
ଗୋଲାପର ଶେଯ ନୁହେଁ ପ୍ରାଣ ନିଜ ଆଗେ ବଢ଼ ହୋଇ ସଜ।।

ସୂର୍ଯ୍ୟ ସମ ତେଜ ଚାନ୍ଦ ସୁଶୀତଳ ହୋଇ ବଢ଼ାଅ ଐଶ୍ୱର୍ଯ୍ୟ
ମନେ ରଖି ଧୈର୍ଯ୍ୟ କରିଯାଅ କାର୍ଯ୍ୟ ହେବ ଦିନେ କୃତକାର୍ଯ୍ୟ
ତବ ମନକୁଞ୍ଜ ରଖିବ ସତେଜ ବଚନେ ରଖ ମାଧୁର୍ଯ୍ୟ
ଜ୍ଞାନରେ ପ୍ରାଚୁର୍ଯ୍ୟ ଖେଳରେ ଚାତୁର୍ଯ୍ୟ ରଖ ଦିବ୍ୟ ସୌକୁମାର୍ଯ୍ୟ ।।

ହେ ସୂର୍ଯ୍ୟ ବଂଶଜ ସୈନିକ ଅଂଶଜ ପ୍ରାଣ ସର ରେ ଅମ୍ବୁଜ
ସ୍ୱଚ୍ଛ ମନେ ଭଜ ହରି ନାମେ ଭିଜ ଶୁଣିବେ ନେତ୍ରପଙ୍କଜ।।

ସ୍ମୃତି ...

ବାବାଜୀ ଚରଣ ସାହୁ
ଫୁଲନଖରା, କଟକ

ଚପଳମତୀ ପୁଷ୍ପ ଅରଣ୍ୟ ର ସୁକୁମାରୀ ରାଜନନ୍ଦିନୀ
କୋମଳତାର ସ୍ୱର୍ଶ ପୁଣି ଇନ୍ଦ୍ରଧନୁର ଚାନ୍ଦିନୀ।
ପଚାରିଲା ଦିନେ ଫୁଲ ସତ୍ୟ କୁହ
ଭ୍ରମର ମୋତେ ଚୁମି ପାଉଛ ଆନନ୍ଦ।
ତୁମ ବିଛିନ୍ନ ହେବି ତ' ଦିନେ ନିଶ୍ଚିତ
ସେଥିପାଇଁ ଆଗରୁ ସାଇତି ରଖୁଛି
ଏ ସ୍ମୃତି ଅଭୁଲା ତିଥିକୁ।
କହିଲା ଫୁଲ ସ୍ମୃତି ର କି ମହତ୍ତ୍ୱପୂର୍ଣ୍ଣ।
ତାହାକୁ ସାଇତିବା ପାଇଁ ହୃଦୟରେ
ତୁମ୍ଭର ଏତେ ବ୍ୟାକୁଳତାର ମଧୁଶାଳା।
ସରିଯିବ ଯୁଗ ଯେତେଦିନ ଥିବ ସୂର୍ଯ୍ୟ ଚନ୍ଦ୍ର ।।
ସେତେ ଦିନ ପର୍ଯ୍ୟନ୍ତ ହସୁଥିବ ,
ଏ ସ୍ମୃତି ର ମଧୁବନ ହୃଦୟର ସ୍ପନ୍ଦନ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ସ୍ୱାର୍ଥପରର ମୁଖା ...

ଜସ୍ମିନୀ ନାୟକ
(ଶିକ୍ଷୟିତ୍ରୀ)
ତୁମୁଡିବନ୍ଧ, କନ୍ଧମାଳ

ମଣିଷ ପଣିଆ ଖୋଜିବୁଲିଲେ ବି
ମିଳେ ନାହିଁ ତଥ୍ୟ ଏଠି ,
ଆଙ୍ଗୁଠି ଦେଲେ ସେ କହୁଣୀ ଗିଳଇ
ଅଳ୍ପକେ ପାଏ ସେ ଶାନ୍ତି !୧!

ତୁଣ୍ଡେ ମିଠା କଥା ହୃଦେ ମନ୍ଦ ଚିନ୍ତା
ମୁହଁରେ ଲଗାଇ ମୁଖା ,
ମଣିଷ ହୃଦୟ ଜିଣିବା ପାଇଁ ସେ
କରେ ଅହରହ ଚେଷ୍ଟା !୨!

ଯାହା ସ୍ୱାର୍ଥ ଥାଏ ପାଇଗଲେ ସିଏ
ଭୁଲିଯାଏ ସର୍ବ କଥା ,
ଫେରି ଚାହିଁବାକୁ ସମୟ ପାଏନା
କରେ ସଦା ନିଜ ଚିନ୍ତା !୩!

ସରଳ ନିରୀହ ବଳି ପଡ଼େ ସଦା
ସ୍ୱାର୍ଥପରତାର ଫାନ୍ଦେ ,
ଆଜୀବନ ସେ ତ ପଶ୍ଚାତାପ କରି
ଅନ୍ତରେ ଅନ୍ତରେ କାନ୍ଦେ !୪!

ହୃଦୟରେ ପଣ କରି ବସିଥାଏ
ନା' ରଖିବ କେବେ ଆଶା ,
ଅମୃଘାତି ଜନେ ଦୁରେଇ ରହିଣ
ଦିଅ ଙ୍କୁ କରେ ଭରଷା !୫!

ଏ ଯୁଗେ ମଣିଷ ମାୟା ମରୀଚିକା
ଧୃତରାଷ୍ଟ୍ର ସାଜିଅଛି ,
ସବୁ ଜାଣି ଶୁଣି, ଅନ୍ଧତ୍ୱ ଦେଖାଇ
ନିଜକୁ ନାଶ କରୁଛି !୬!

ପ୍ରତିଷ୍ଠାତା/ ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ : ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ବାଇ ଚଢେଇ ...

ଅନିତା କୁମାରୀ ଆଚାର୍ଯ୍ୟ
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା

ବାଇ ଚଢେଇ ରେ ବାଇ ଚଢେଇ
କାହିଁ ଗଲେ କହ ତୋ ସାଥୀ ଭାଇ ?
ମୋ ସାଥୀ ଭାଇ ଙ୍କ ପରିକା କଣ୍ଟ
ଦେଇକି ଗଲେ କି ମନରେ କଷ୍ଟ ?
ନାହିଁ ଗଛ ଆଉ ଗାଁ ର ତୋଟା
ନାହିଁ ପରବତ କୁଞ୍ଜିକୁଞ୍ଜିକା ।
କେଉଁଠି କରିବୁ କହ ତୁ ବସା
ତୋ ପରି ମୋର ବି ଉଡଇ ହଂସା ।
ତୁ ତିଆରିଲୁ ଯେଉଁ ବସାଟି
କୁଟାକାଠି ଖିଅ କରି ଏକାଠି ।
ବାଆ ସାଥେ ସାଥୀ ହୋଇ ଝୁଲିଲୁ
ତଥାପି ଆଜି ତୁ ଏକାକୀ ହେଲୁ ।
ମୁଁ ସେହିଭଳି ତୋଳିଲି ଘର
କେତେ କ୍ଷେତ ବନ କରିଲି ଜୁର ।
ଶେଷରେ ଏବେ ରେ ହେଲି ଏକାକୀ
ମୋ ବିଶିକେସନ ହେଲା ପ୍ରବାସୀ ।।
ମୁଁ ହୋଇଗଲି ଅଲୋଡ଼ା ଆଜି
ଯେଣୁ ଦେହୁ ଗଲା ବଳ ମୋ ଭାଜି ।।
ତୁ ଯେଉଁ ପରି ବସା ବିହୁନେ
ହଜି ହଜି ଯାଉ କାଳ ଗରଭେ ।।
ପରିଜନ ବିନା ମୁଁ ସେପରି
ପଡ଼ି ରହିଛି ମୋ ଘର ଆବୋରି ।।
ପକ୍ଷୀ ଉଦ୍ୟାନ ରେ ଆଜି ତୋ ସ୍ଥାନ
ବସା ତିଆରି ରେ ତୁ ମହାନ ।।
ମୁଁ ସେମିତି ମୋ କର୍ମ ଫଳକ
ଖୁସି ହୁଏ ଦେଖି ଫ୍ରେମ୍ ରେ ଦେଖ ।।
ତତେ ପର୍ଯ୍ୟଟକ ଦିଅନ୍ତି ଖାଦ୍ୟ
ମୋ ପାଇଁ ଅନ୍ ଲାଇନ୍ ଯୁଗ ।।
ପୁଅ ବୋହୂ ଝିଅ ପରବାସରେ
ପଠାଇ ଦିଅନ୍ତି ନାନା ଚିଜ ରେ ।।
ହେଲେ ସେ ଦରବେ ଲାଗେ କି ମନ
ବଞ୍ଚିବା ପାଇଁ କରେ ଗ୍ରହଣ ।।
ବାଇ ଚଢେଇ ରେ ବାଇ ଚଢେଇ
ତଥାପି ତୁ କେବେ ଯାଇନୁ ହାରି ।।
ତେଣୁ ମୁଁ କରିଛି ତତେ ଆଦର୍ଶ
ଥକିବିନି ଥିବା ଯାଏଁ ଆୟୁଷ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ମୋ' ଶଗଡ଼ ଗାଡ଼ି ...

ସୀମାଲତା ସାହୁ
ଯାଜପୁର

ଘଡ଼ଘଡ଼ ହୋଇ ଗଡ଼ିଯାଏ
ମୋ ଶଗଡ଼ ଗାଡ଼ି,
ଆଧୁନିକ ଲୋକେ ତା'କୁ
ଦେଲେଣି ତ' ଛାଡ଼ି ।୧।

ଆଜି ଯେବେ ଦେଖିଦେଲି
ଦୁଇ ନୟନେ ତା'କୁ,
ପିଲାଦିନ ସ୍ମୃତି ସାଉଁଟିଲି
ଫେରି ଦେଖିବାକୁ ।୨।

ଘୋଡ଼ା ଯୋଡ଼ା ବଳଦ
ଘୁରୁଥାଏ ଅଖ ଚକ,
ଶଗଡ଼ିଆ ତୁଣ୍ଡରୁ
ଭାସିଆସେ ଗୀତର ମହକ ।୩।

ଥରେ କେବେ ବସିଦେଖ
ଭାବି ଦେଖ ସତରେ,
ହଜିଯିବ ଦୁନିଆରୁ
ସ୍ୱପ୍ନର ଅଳକାପୁରୀରେ ।୪।

ରଚିଗଲେ ବାର୍ତ୍ତାଗଳ୍ପ
ଗୋଦାବରୀଶ ମହାପାତ୍ର,
ମାଗୁଣିର ଶଗଡ଼ ଆଖିରେ
ନାଚୁଥାଏ ପଟ୍ଟଚିତ୍ର ।୫।

କି ପାଇଁ ଅସମତା ମନୋବୃତ୍ତି
କରୁ ଆଜି ଶିଳ୍ପପତି,
ବୀରମାନେ ଗରିବ ମନବୁଝି
କରିଗଲେ କେତେ ଖ୍ୟାତି ।୬।

ଯନ୍ତ୍ରଯାନ ସୃଷ୍ଟି କରି
ସଭିଙ୍କ ଠାରେ ହେଉ ଭଲ
ଗାଡ଼ି ଧୂଆଁରେ ଶ୍ୱାସରୁଦ୍ଧ
ପ୍ରକୃତି ହୁଏ କଲବଲ ।୭।

ହାଏରେ ବୁଦ୍ଧିଆ ମଣିଷ
କରି ଗଲୁ ମଟର କାର,
କେବେ ଧୂଆଁ ନ ଦେଲେବି
କଲୁ ତା'କୁ ଆଜି ପର ।୮।

ସେ ଦିନ ର ଶଗଡ଼
ମନେପଡ଼େ ଆଜି ମୋର,
ଧନ୍ୟ ରେ ଧନ୍ୟ ତୁହି
ଏ ମାଟିକୁ କରିଲୁ ନିଜର



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଶୀତ ଗୀତ ...

ସତ୍ୟବ୍ରତ ସାହୁ
କମାଳପୁର, ଅହିୟାସ,
ଯାଜପୁର

ଶୀତ ସକାଳ:-
ଶୀତ ସକାଳର କଅଁଳ ଖରାରେ ଖରା ପୁଏଁ ଯେବେ ପ୍ରିୟା,
ଖରା ପୋଇଁବାର ବାହାନାରେ ମୋର ଚାଲେ ମନ ଦିଆ ନିଆ ।
ଶୀତ ଦିନ :-
ଶୀତ ଦିନଟାରେ ଭାରି ଚିଡା ଲାଗେ ଫାଟେ ବୋଲି ଓଠ ପାଦ,
ଗାଧୋଇବା ପାଇଁ ଭାବେ ଯେବେ ପ୍ରିୟା ମନେ ଭରେ ଅବସାଦ ।
ଶୀତ ସନ୍ଧ୍ୟା:-
ଶୀତ ସନ୍ଧ୍ୟାରେ ଥରି ଥରି ଯେବେ ସନ୍ଧ୍ୟା ଦୀପ ଦିଏ ପ୍ରିୟା,
ଥରିଲା ଓଠକୁ ଦେଖିଦେଲେ ତାର ମନେ ଜାତ ହୁଏ ଦୟା ।
ଶୀତ ରାତି:-
ରେଜେଇ ଭିତରେ ମୁହଁକୁ ଲୁଚେଇ ପ୍ରିୟା ପଡ଼ିଥାଏ ଶୋଇ,
ଶୀତ କବିତାଟେ ଲେଖିବାକୁ ଭାବେ ଆଖିରେ ମୋ' ନିଦ ନାହିଁ ।

କରୁଥିବି ମୁହିଁ ସଭିଙ୍କ ହିତ ...

ରାମ ଚନ୍ଦ୍ର ପ୍ରଧାନ
ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା,
ଗଞ୍ଜାମ

ଝାଡୁ ବୋଲି ପରା ନାମଟି ମୋର
ଦର୍କାର ବେଳେ ହିଁ ପାଏ ଆଦର ।
ନୁହଁଇ କେବେ ମୁଁ କର୍ମ କୋଢ଼ିଆ
ସଫା କରେ ସଦା ଘର ଅଳିଆ ।
ଘର ଆବର୍ଜନା ନିଇତି କାଢ଼େ
ନ ହେଲେ ସବୁଠି ଅସନା ବଢ଼େ ।
ଦେହକୁ ଛିଣ୍ଡାଇ ସଫା ମୁଁ କରେ
ହିଂସା ଆଚରଣ ମନେ ନ ଧରେ ।
କାମ ଥିଲେ ମୁହିଁ ହାତକୁ ଆସେ
ଖାଲିଟାରେ ଘର କୋଣରେ ବସେ ।
ଖଜୁରୀ ପତରେ ମୋ ଦେହ ଗଢ଼ା
ବେଣ୍ଟ ଲାଗି ଛୋଟ କାଠିଟେ ଲୋଡ଼ା ।
ସଫା କରିବାକୁ ଘର ବାହାର
ଘୋଷାରି ହୋଇ ମୁଁ ଖାଏ ପାହାର ।
ବସୁ କେ' ନ ବସୁ ମୋ ସାଥେ ମିତ
କରୁଥିବି ମୁହିଁ ସଭିଙ୍କ ହିତ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବେଦନାର ଜହ୍ନରାତି ...

ପ୍ରଶାନ୍ତ କୁମାର ଦାଶ
ସଙ୍ଗଲାଇ, ପିପିଲି, ପୁରୀ

ଜହ୍ନରାତି ତୋଳେ ମନ ଆକାଶରେ
ପ୍ରୀତି ପ୍ରଣୟର ମୋହ
ଅବୁଝା ପଣରେ ଆଖି ଢାଳୁଥାଏ
ପ୍ରେମ ଅନୁରାଗ ଲୁହ ।।

ସ୍ମୃତିତୀର୍ଥ ସାଜି ମମତା ଏଡାଇ
ତୁମେ ରୁହ ବହୁଦୂରେ
ମିଠା ଅନୁରାଗଭରା ଗୀତ ଗାଏ
ଏକା ମୁଁ କରୁଣ ସୁରେ ।।

ତୁମ ନୀରବତା ଭାଙ୍ଗିଦିଏ ମୋର
ସାଇତା ସରାଗ ଯେତେ
ସାଗର ବାଲିରେ ଗଢି ଭାଙ୍ଗୁଥାଏ
ସ୍ୱପ୍ନ ବାଲିଘର କେତେ ।।

ଜୀବନ ଯମୁନା ଉଛୁଳି ପାଲଟେ
ବିଚ୍ଛେଦ ଦୁଃଖର ଗାର
ଲୁଚି ଲୁଚି ଢାଳେ ତୁମପାଇଁ ପ୍ରିୟା
ଲୁହର ଶ୍ରାବଣ ଧାର ।।

ଛାଇ ଆଲୁଅର ଆନନ୍ଦ ଖେଳରେ
ଖୋଜି ଖୋଜି ପଡେ ଥକି
ମିଳନ ମୋହକୁ ଏଡାଇ ଦିଅନା
ହୃଦୟ ତଟର ସଖୀ ।।

ଅଛି ଜହ୍ନରାତି ଫେରିଆସ ସାଥୀ
ଗୋପନ କୁଞ୍ଜକୁ ଥରେ
ଜୀବନର ଗପ ସତ ହେଇଯାଉ
ଦୁହିଁଙ୍କର ମିଳନରେ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଆମ ଗାଆଁ ଗାଡ଼ିଆ ...

ଧ୍ରୁବ ଚରଣ ଘିବେଲା
ବଉଦରାଜ, ବୌଦ୍ଧ

ଆମ ଗାଆଁ ଗାଡ଼ିଆରେ
ଫୁଟେ ପଦ୍ମ କଇଁ ହସି ରହିଥାଇ,
ଗଲା ଅଇଲା ଲୋକ ବି' ନିରେଖି
ଦେଖଇ ଟିକେ ରହିଯାଇ ।।
ମାଟିଠାରୁ କାହିଁ ଦୂର
ଆକାଶ ଇଲାକା
ନଥାଏଟି ଏକା
ଦିନ ବେଳେ ଥାନ୍ତି ସୂର୍ଯ୍ୟ
ରାତିକୁ ତାରକା
ଜହ୍ନ କେବେ ଏକା ।
ରାତି ଆକାଶରେ ପୁଣି
ଫୁଟେ ତାରାଫୁଲ
ହୋଇ ଝଲମଲ
ଜହ୍ନ ଉଇଁ ଆସିଲେ କି
ଝରେ ଜ୍ୟୋତ୍ସ୍ନା ଝର
ଲୁଚେ ତାରାଫୁଲ ।
ଆକାଶରେ ଥିଲେ ସୂର୍ଯ୍ୟ
ଉଜ୍ଜଳ ପ୍ରକାଶ
ଦିନରେ ସର୍ବତ୍ର
ସଞ୍ଜ ନଇଁ ରାତି ହେଲେ
ଅନ୍ଧାର ପ୍ରବେଶ
ଅନ୍ଧାର ରାଜତ୍ୱ ।
ରାତି ହେଲେ ଆକାଶରେ
ତାରା ଫୁଲ ଫୁଟି
ଥାନ୍ତି ଏଠି ସେଠି
ଫିଟାଇଥାନ୍ତି ଉକିଆ
ଚେଇଁ ସାରା ରାତି
ଉଷତରେ ମାତି ।
ଆକାଶ ଅଗଣା ଜହ୍ନ
ଗାଁ ଗାଡ଼ିଆ କଇଁ
ଭାବେ ବନ୍ଧା ଥାଇ
କାହିଁ ଜହ୍ନ କାହିଁ କଇଁ
ଜହ୍ନ ଜ୍ୟୋତ୍ସ୍ନା ପାଇ
କଇଁ ଖୁସି ଥାଇ ।



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଜଗତର ନାଥ ...

ସବିତା କୁମାରୀ ମିଶ୍ର
ଶିକ୍ଷୟିତ୍ରୀ, ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ, ବାଲିକୁଦା, ଜଗତସିଂହପୁର

ଜଗତର ନାଥ ପ୍ରଭୁ ଜଗନ୍ନାଥ
ଜଗତ ମଉଡ଼ମଣି,
ଯା' ନାମେ ରହିଛି ଜଗତ ଯାକର
ଭକତି ସାଇତା ପୁଣି । -୧
କି ଗୁଣ ବର୍ଣ୍ଣିବି ପ୍ରଭୁ ହେ ତୁମର
ଅସରନ୍ତି ଭାବ ଗାଥା
ସବୁତ ଦେଖୁଛି ଚକାଆଖି ତୁମ
ଭକତ ହୃଦୟ ଆସ୍ଥା । -୨
ମହିମା ତୁମର ଅବ୍ୟକ୍ତ ପ୍ରଭୁହେ
କିଏ କରିବ ବର୍ଣ୍ଣନା,
ଦୁଃଖିଜନ ପାଇଁ ହୃଦୟ ତୁମର
କରୁଣା ସାଗର ସିନା । -୩
ତୁମେ ପରା ଅଟ ଜଗତ ଗୋସାଇଁ
ସୁରକ୍ଷା କବଚ ପରି,
ସଂସାରରେ ରହି ଜାଳୁଥିବି ଦୀପ
ନିତି ତୁମ ନାମ ଧରି । -୪
ପୃଥିବୀ ପ୍ରସିଦ୍ଧ ଏ ରଥଯାତରା
ପତିତ ଉଦ୍ଧାର ପାଇଁ,
ଦେଖିବାକୁ ଲୀଳା ଆସନ୍ତି ଭକତେ
ଦେଶ ବିଦେଶରୁ ଧାଇଁ । -୫
ସେ ରଥ ଦଉଡ଼ି ଟାଣନ୍ତି ସଭିଏଁ
ନାହିଁ ତ ବାଛ ବିଚାର,
ଗଡ଼ି ଚାଲେ ରଥ ଶରଧାବାଲିରେ
ସଭିଙ୍କୁ କରି ଆଦର । -୬
ଗୁଣ୍ଡିଚା ମନ୍ଦିର ଅଭଡ଼ା ବାସନା
କିଏ ବା ପାରିବ ଭୁଲି,
ଆନନ୍ଦିତ ମନ ଗୁଣ୍ଡିଚା ମନ୍ଦିର
ଯାଆନ୍ତି ଭକତେ ବୁଲି । -୭
ଅଣସର ଘରେ ତିନି ଦିଅଁ ଲାଗି

ଲୋଡ଼ା ଯେ ଫୁଲୁରି ତେଲ ,
ବଡ଼ ଓଡ଼ିଆ ମଠରୁ ଆସି
ଜ୍ୱର ପାଇଁ ଉପଚାର । -୮
ଲକ୍ଷ୍ମୀ ସାଆନ୍ତାଣୀ କାଳିଆର ରାଣୀ
କରି ରୋଷ ଅଭିମାନ,
ହେରାପଞ୍ଚମୀରେ ରଥ ଭାଙ୍ଗି କରି
ଯାଆନ୍ତି କରି ଗୁମାନ । -୯
ଜନସମୁଦ୍ରରେ ରସଗୋଲା ଭୋଗ
ସେଦିନ ନୀଳାଦ୍ରି ବିଜେ,
ତିନି ରଥେ ତିନି ଥାଆନ୍ତି ଠାକୁର
ଦେଖି ହୁଏ ବଡ଼ଦାଣ୍ଡେ । -୧୦
ସୁନାବେଶ ପରେ ଯେ ଅଧର ପଣା
ଉଦ୍ଧିଷ୍ଟ ଚଣ୍ଡୀ ଚାମୁଣ୍ଡା,
ରଥେ ବିଜେ ଥାଇ ଠାକୁରମାନଙ୍କୁ
ସମର୍ପି ଦିଅନ୍ତି ପଣ୍ଡା । -୧୧
ବଡ଼ ଦେଉଳରେ ବିଶ୍ରାମ କରନ୍ତି
ବସି ରତ୍ନସିଂହାସନ,
ଭକତଜନର ଗୁହାରି ଶୁଣନ୍ତି
ଦୁଃଖ ଦୁରିତ ନାଶନ । -୧୨

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ବୋଉ ମୋର ସିଏ ...

ତାରାପ୍ରସାଦ ଜେନା
ରଣପୁର, ନୟାଗଡ଼

ବୋଉ ମୋର ସିଏ ମହୁ ମିଠାନାମ ଚଳନ୍ତିରେ ପ୍ରାଣଦିଅଁ
ବୋଉ ମୋର ସିଏ ଉହୁଃ ଚିଠା ଦାମ ହସନ୍ତିରେ ରାଣ ନିଅଁ ।
ବୋଉ ମୋର ସିଏ ଭାଷା ମହାଜ୍ଞାନ ଧୈର୍ଯ୍ୟଶୀଳା ପାରାବାର
ବୋଉ ମୋର ସିଏ ଆଶା ମନଧ୍ୟାନ ଚାରୁକଳା ପରିବାର ।

ବୋଉ ମୋର ସିଏ ଦୁଃଖ ଯାତନାରେ ଥମ ଥମ ଲୁହନଇ
ବୋଉ ମୋର ସିଏ ସୁଖ ସାନ୍ତ୍ୱନାରେ ଛମ ଛମ ମହାଦେଇ ।
ବୋଉ ମୋର ସିଏ ପାଟି ସୁଆଦକୁ ହାଣ୍ଡିଶାଳ ଠାକୁରାଣୀ
ବୋଉ ମୋର ସିଏ ଖଟି ବରାଦକୁ ମୁଣ୍ଡିଆଳ ସାହୁଆଣୀ ।

ବୋଉ ମୋର ସିଏ ରୋଗ ବାଧିକାକୁ ଦିନରାତି ସେବା ଧାର୍ଯ୍ୟ
ବୋଉ ମୋର ସିଏ ଭୋଗ ସାଧିକାକୁ ନାନା ସ୍ତୁତି ଦେବା କାର୍ଯ୍ୟ ।
ବୋଉ ମୋର ସିଏ ବାପା ଗୁଜୁରାଣ ସମାଦର ଆୟବ୍ୟୟ
ବୋଉ ମୋର ସିଏ ଚାପା ଗୁଞ୍ଜରଣ ଧୀରସ୍ଥିର ମନଥୟ ।

ବୋଉ ମୋର ସିଏ ଚିରା ପଣତରେ ମୁହଁପୋଛା ଶୋଭନୀୟା
ବୋଉ ମୋର ସିଏ ଧରା ଜାଣତରେ ମନଇଛା ବନ୍ଦନୀୟା ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅତୁଟ ବନ୍ଧନ ...

ରୂପାଲି ମହନ
ଚାତ୍ରା, ଜଗତସିଂହପୁର

ବନ୍ଧନ ଯେ ନୁହେଁ କେଉଁ ପଥିକ ର ତୃଷ୍ଣା ଜଳରେ ମେଣ୍ଟି ଯିବ,
ବନ୍ଧନ ତ' ମଲ୍ଲି ର ଅପୂର୍ବ ବାସ୍ନା ଦିଗନ୍ତ ଚହଟୁ ଥିବ।
ସେଇ ବନ୍ଧନ ଯେ ଅତୁଟ ବନ୍ଧନ ଭାଇ ର ଭଉଣୀ ସହ,
ସବୁ ବିପଦ ରୁ ରକ୍ଷା କରିବାର ଦାୟିତ୍ୱ ଯେ ଭାଇର।
ଖଣ୍ଡିଏ ସୂତାରେ ବାନ୍ଧି ହୋଇଯାଏ ସଂପର୍କ ର ନିଆରା ବନ୍ଧନ,
ବିପଦର ଲାଘବ କରିବାକୁ ସବୁ ଭଉଣୀ ର ଥାଏ ଭାଇ କୁ ରାଣ।
ଭାଇ ବୋଲି କେଉଁ ମଣିଷ ହିଁ ହେବ ନୁହେଁ ବିଧିର ବିଧାନ,
ମୋର ଭାଇ ତ କାଳିଆ ସାଆନ୍ତ ସବୁଠି ସେ ବିଦ୍ୟମାନ।

ଭଦ୍ର ମୁଖା ପିନ୍ଧା ନରରାକ୍ଷସ ଠାରୁ ବଞ୍ଚିବରେ ଏଠି କିଏ,
ନିଜକୁ ସମର୍ପ କାଳିଆ ଚରଣେ ସମ୍ମାନ ରଖେ ଯିଏ।
ଆଜିର ସମାଜ ରାଜନୀତି ଲିପ୍ତ ବନ୍ଧନ ର ନାହିଁ ମୂଲ୍ୟ,
ସେଥିପାଇଁ ତ କାଳିଆ ମୋ ଭାଇ ସେ ହିଁ ଦେବତୁଲ୍ୟ।
ରାକ୍ଷୀ ର ମହତ ରଖିଥିଲେ ଯିଏ ଦେବକୀ କୁ ରକ୍ଷା କରି,
ଖଣ୍ଡିଏ ଡୋର ରୁ କୋଟି ବସ୍ତ୍ର ଦାନ ପାଇଥିଲା ସେଇ ନାରୀ।
ଦରବାରେ ଥିଲେ ଅନେକ ପୁରୁଷ କେହି ବିରୋଧ ନ କଲେ,
ପାଞ୍ଚାଳୀ ଦେବକୀ ର ପାଞ୍ଚପତି ଯେ ବସି ରହି ଦେଖୁଥିଲେ।

ସଭିଙ୍କ ଦୁଃଖ ର ଲାଘବ ଯେ କରେ ସେହି ମୋ କାଳିଆ ଭାଇ,
ଯେତେ ଗାଳି କରେ ଯେତେ ଅଳି କରେ ସବୁ ବସି ଶୁଣୁଥାଇ।
ଆହାଃ ତା ନୟନ ସବୁଠୁ ନିଆରା ତା ଛଡା ଶାନ୍ତି କୋଉଠି ନାହିଁ,
ଯେତେ ଦେଖୁଥିଲେ ମନ ନ ଭରଇ ଲୁହଧାର ଯାଏ ବହି।
ସବୁ ବରଷର ରାକ୍ଷୀପୂର୍ଣ୍ଣିମା ରେ ରାକ୍ଷୀ ମୁହିଁ ବାନ୍ଧି ଦିଏ,
ଚକା ନୟନ ଯେ ଦିଶୁଥାଏ ସତେ ଅପେକ୍ଷା ରେ ରହିଥାଏ।
ଆମ ବନ୍ଧନ ନୁହେଁ ଲୋକ ଦେଖାଣିଆ କ୍ଷଣକରେ ସରିଯିବ,
ଭାଇ ସେ ମୋର ଜନ୍ମ ଜନ୍ମ ର ସବୁଦିନ ରହିଥିବ।

ମହ୍ଲାର
ପ୍ରତିଷ୍ଠାତା/ ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଫେରିବାର ବେଳା ...

ସୁବ୍ରତ କୁମାର ଜେନା
ଶୁରଡିହ,ନନ୍ଦିପୁର,ଯାଜପୁର

ଫେରିବାର ବେଳା ଏବେ,
ବାନ୍ଧି ପାରିବନି ଶିକୁଳି,
ଲୁହାର-ଲୁହର-ଲହୁର,
ପ୍ରେମର -ପ୍ରତାରଣାର,
ମିତ୍ରତାର-ଶତ୍ରୁତାର,
ଶିଥିଳ ହେବ ଧମନୀ ରୁ ରକ୍ତ ପ୍ରବାହ,
କାହା କାହା ଭାଷାରେ,
ପଥ ମୁକ୍ତିର,
ବିଦାୟ ଶକ୍ତିର,ଆୟମାରମ୍ଭ ଯାତ୍ରା ଶୂନ୍ୟତାର ।

ଖାଁ ଖାଁ ଲାଗୁଛି ବାରୁଣାବନ୍ତ,
ଏମିତିତ ହେବାର ଥିଲା ଦିନେ,
ଜଳିଥିଲା ସ୍ୱର୍ଣ୍ଣିମ ଲଙ୍କା,
ଡୁବିଥିଲା ଦ୍ୱାରିକା ମହୋଦଧିରେ,
ଧ୍ୱଂସ ପାଇଥିଲେ ସମଗ୍ର ଯାଦବ ବଂଶ ।

ତଥାପି ସରିନି ସେ ମୋହ ସିଆଳି ଲଟାର,
ମନ ବନ ପ୍ରାନ୍ତେ କିଏ ହୁଏ ଆହ୍ଲାଦିତ,
ପବନରେ ଭାସି ଆସେ ମହକ କୃଷ୍ଣା ଙ୍କର,
ଦୁରେ ଲୁଚିବୁଲେ ଜାରା,
ପୁଣି ଏକ ସମୟର ନିର୍ଦ୍ଦେଶକୁ,
ଅପେକ୍ଷାରେ କାଳ ପରେ କାଳ ,
ଆଚମ୍ୱିତ !ଉଜାଣି ବହୁଛି ପ୍ରୀତିର ଯମୁନା,
ଶୁଖି ଗଲାଣି ରସିକ କଦମ୍ବ,
ହରାଇ ଜୀବନର ସବୁ ରସାଳକୁ,
ସେ ଜାଣିଲାଣି ସମୟ ଏବେ ବାହୁଡ଼ିବାର ।

ତୃଷାର୍ଥ ଚାହିଁଛି ଗଗନେ,
ବୋଧେ ଅନ୍ତ ଘଟିବ ତା ପ୍ରତିକ୍ଷାର,
ବାରୁଣାବନ୍ତକୁ ଫେରି ପାରନ୍ତି କଳା ନାଗର,
ଆଉଥରେ ଯୋଡ଼ା ହେବ,
ସମୟର ଭଙ୍ଗା ସ୍ମୃତି ସବୁକୁ ଗୋଟି ଗୋଟି କରି ,
ପଲମ ରେ ସାଇତା ବିଶଲ୍ୟକରଣୀ,
ମୃତ୍ୟୁ ସଂଜୀବନିର ମହାନ ଆଶ୍ରିବାଦ,

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅନେକ ଦିନପରେ ଆକାଶରେ ମେଘର ବିମାନ,
ଆଲୋକ ଓ ଶବ୍ଦର ଅପୂର୍ବ ସମାହାର,
ନାଚୁଛି ବର୍ଷା,
ଭୁଲାଇ ଦେଇଛି ଯେତେସବୁ ପୁରୁଣା ଇର୍ଷା,
ଶିଆଳି ଲଟାରୁ ଭାସି ଆସେ ବଂଶୀର ମୂର୍ଚ୍ଛନା ।

ସମୟ ଫେରିବା ଫେରିବା ପ୍ରାୟ,
ତଥାପି ବୃଥା ପ୍ରୟାସ ବାନ୍ଧିଦେବାକୁ,
ହାତ ପାପୁଲିର କଅଁଳ ମୁଠାରେ,
ବସନ୍ତ ଏବେ ଏବେ ପ୍ରସ୍ଥାନ ପଥର ଯାତ୍ରୀ,
ଆଗରେ ଅନେକ ପଥ,
ଯାତ୍ରା ହୋଇପାରେ ସୁଗମ୍ୟ ନଚେତ..
ବହଳ ବହଳ ଲୁହର,କ୍ଷତର ନରମ ଛିଟା,
ଆଉ ଦେଖୁନି ସେ ବାଇଆ ବସାକୁ,
ସେତ ସେମିତି,
ନାଚିବ-ଗାଇବ-ଝୁଲିବ,
ଯେତେ ଝଡ଼ ଆସୁ ଅବା ଝଞ୍ଜା,
ଯେତେ ରାତି ଅନ୍ଧାର ହେଉ ଅବା ପୂର୍ଣ୍ଣିମା,
ଏବେ ଏବେ ବାଇଆ ପକ୍ଷୀ ଖଣ୍ଡି ଉଡାଦେବା ଶିଖିଲଣି,
ତଥାପି ଝୁଲୁଛି ଯନ୍ତା ମୃତ୍ୟୁର,
ଆସି ଛୁଇଁପାରେ କେବେ କେଉଁଠି ।



ବହୁତ ହୋଇଗଲା ହସି ହସାଇବାର ମିଛ ପ୍ରତିଶୃତି,
ଆଖିରେ ରଙ୍ଗମାଖୀ କୃତ୍ରିମ ଅଭିନୟ ର ବେଳା,
ସବୁକିଛି ନକଲି ରଙ୍ଗରେ ରଙ୍ଗା,
ସମ୍ପର୍କ ଏଠି ନିଲାମ ବାଟେ ଘାଟେ,
କାହିଁକି ଆଉ ଅଟକିବି ଏଠି ?
ମେଲାଣି ...ଦେଇପାର ଇଛାରେ ଅବା ଅନିଛାରେ,
ହସି ହସି ଅବା ଗାଳି ଗୁଲଜରେ,
ତଥାପି ମତେ ଫେରିବାକୁ ହେବ,
ସେ ଅନନ୍ତ ପଥର ନୂଆ ଯାତ୍ରୀଟେ ହୋଇ,
ସନ୍ଧାନ ଅମୃତର ଅବା ହଳାହଳ ବିଷର,
ଭେଟିବାକୁ ପରମ ସତ୍ୟ-ଶିବ-ସୁନ୍ଦରକୁ,
ଜୀବନର ଶେଷରେବି ହେଉପଛେ,
ଏବେ ଫେରିବାର ବେଳା ସନ୍ନିକଟ ।।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ମୃତି ...

ବିଶ୍ୱନାଥ କର
ଦେଉଳ ସାହି , ତୁଳସୀ ପୁର ,
କଟକ

ମୋର ବା ସ୍ମୃତି କାହିଁ ଘୁଣଖିଆ ଚଲାପଥରେ
ଯାହା ତୁମକୁ ଭେଟି ଦେବି,
କଳକଳ ବୈତରଣୀ ଛଳଛଳ ପଠା
ନଈ ଧାରେ ଧାରେ ଘଞ୍ଚ ଆମ୍ବତୋଟା
ସବୁଠି ମୋ ଫୁଙ୍ଗୁଳା ଜୀବନ ବିପଣୀ
ବଣିଜରେ ଦରିଆ ସେପାରେ
କିଣା ବିକା କରେ ମିଛୁଆ ରାଧୁଆ କାହାଣୀ ।

କି ବା ଅଛି ସ୍ମୃତି ମୋର
ଏବେ ଖାଲି ଶୁଖିଲା ନଈପଠା ବୃକ୍ଷହୀନ ତୋଟା
ଅନାବୃତ ପ୍ରେମର କାହାଣୀ ଲିଭିଯାଇଛି
କୃଷ୍ଣଚୂଡା ଲୁହେ ,
ମୋ ଚଲାପଥର ପାଦଚିହ୍ନ
ରଜକର ନେଳିକୁଣ୍ଡରେ ନିଜ ରୂପ ହଜେଇ
ନିଜତ୍ୱର ଅନ୍ୱେଷଣରେ ଅତୀତ
ଦରିଆରେ ଲଙ୍ଗର ଫିଟାଏ ।

ପଛରେ ଛାଡିଆସିଥିବା ଶୁଖାରୁଖା ଇଚ୍ଛା
ଏବେ ଆମ୍ର ସମାଧିସ୍ଥ
ବିବ୍ରତ କରନ୍ତି ମୋତେ ସମୟର ଉଲଗ୍ନ ଭୂତ
ଖୋଲା ଆକାଶତଳେ
ଅଣାୟତ ଅତୀତର ସ୍ୱପ୍ନିଳ ଆୟୁଷ
ପ୍ରେମିକାର ନାଲି ଓଠ ତଳେ ସମୁଦ୍ରଯାକର ବିଷ
ଇଏ କ'ଣ ସତେ ସ୍ମୃତିର ଅବଶେଷ ।

ବର୍ତ୍ତମାନରେ ସିମୀତ ଥିବା ଜୀବନର
କି ବା ସ୍ମୃତି ଥାଏ,
କି ବା ସ୍ମୃତି ଥାଏ ବିମୁଖ ମୋ ସପନର
ଚିତ୍ରପଟରେ
ଚକଚୁଥିବା ମିଛ ଆଲୋକରେ।

ବ୍ୟର୍ଥମଣିଷର ସମଗ୍ର ଆୟୁଷ କଟିଯାଇଛି
ଯାହା
ଜାଳିଜାଳି ଆଶାର ସଳିତା ଖୋଲା ଝରକାରେ
 ମୋ ପାଇଁ ସ୍ୱପ୍ନ ବୁଣୁଥିବା ଜହ୍ନହଜିଯାଇଛି
ହଜିଯାଇଛି ସ୍ୱପ୍ନାବିଷ୍ଟ ନିଶୀଥର ଘଞ୍ଚ ତମସାରେ
ମାୟାର ବଉଦ କୋଳେ
ଖେଳୁଥିବା ଚିରୁଡାଏ ଆଲୋକର ସ୍ରୋତେ ।

କହିବା ହୁଅନ୍ତୁ
ବନ୍ଧୁ ଜନ, ପରିଚିତ ଅପରିଚିତ ସାଥି
ଇଏ କ'ଣ ସତେ ବିସ୍ମୃତି ର ସ୍ମୃତି ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃଟିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଯାତ୍ରୀ ...

ସିଦ୍ଧେଶ୍ୱର ପଣ୍ଡା
(ଇଂରାଜୀ ଅଧ୍ୟାପକ)
ଶୁଳିଆପଦା, ମୟୂରଭଞ୍ଜ

କେତେ ସମୟ ଯେ ଯିବ
ପହଞ୍ଚିବାକୁ ଠିକଣା ଜାଗାରେ
ମୁଁ ଜାଣିଛି ଆଗ୍ରହ ହିଁ ଏକାଗ୍ରତାର ମାର୍ଗ
ଆଗରେ ଅସରନ୍ତି ପଥ
ଏକା ଏକା ଯିବାକୁ ହିଁ ହେବ
କେତେ କେତେ ବିଜନ ମୁହୂର୍ତ୍ତ ସାରି
ଅତିକ୍ରମ କରିବାକୁ ହେବ
ମରୁର ମୂଳକ ।

ମୁଁ ଏକ ବାଟୋଇ
ଆକାଶର ଏକଲା ଚଢେଇ ଭଳି
ଚାଲିଛି ଦୁର ଦୁରାନ୍ତର
କେବେ ମେଘ ଖଣ୍ଡ ଭଳି
ଝରି ପଡିଛି ଚୁପ ଚାପ
ମରୁଭୂମିରେ
ସମୁଦ୍ରରେ ।

କେବେ ବଣୁଆ ପଥିକ ସାଜି
ରକ୍ତାକ୍ତ ପାଦକୁ ଘୋଷାରି ଘୋଷାରି
ମାଡି ଚାଲିଛି ମୁଁ ଦୃଢ ସଂକଳ୍ପରେ !
ଜାଣେ ସମସ୍ତ ଛଳନାର
ଚକ୍ରବ୍ୟୂହ ଭେଦି
ସମ୍ପର୍କର ବନ୍ଧନ ତୁଟେଇ
ଦିନେ ପହଞ୍ଚିବି ତମ ଠାରେ
ତମେ ମୋର ଏକାନ୍ତ ପାଥେୟ
କରୁଣାର କୋମଳ ଅଭୀପ୍ସା ।

ଆକାଶ ଭଳି ନିର୍ବିକାର ତମେ
ତମେ ମୋର ଅନନ୍ତ ପିପାସା !
ମୁଁ ଅତିକ୍ରମ କରିଚାଲିଛି
କେତେ ଘାଟ କେତେ ହାଟ ବାଟ
ଖୋଜି ଖୋଜି ତୁମ ପୂର୍ଣ୍ଣ ପରିଚୟ
ସମସ୍ତ ଦୁର୍ଘଟଣାର ନଇ ପାର ହୋଇ
ଦୃଶ୍ୟ ଅଦୃଶ୍ୟର ଅଞ୍ଚଳ ଡେଇଁ
ପାଇବାକୁ ତୁମ ଦିବ୍ୟ ପ୍ରୀତିର ପରଶ !
ସମସ୍ତ ଭାବର ବିଭୂତି ନେଇ
ପ୍ରିୟ ପକ୍ଷୀର ଗୀତ ଶୁଣି ଶୁଣି
ମୁଁ ତଥାପି ଚାଲିଛି
ତମ ସନ୍ଧାନରେ
କେବେ କେଉଁଠି କେତେବେଳେ
ସଞ୍ଜ ଆସିବ ନଇଁ
ସ୍ୱରୂପ ମୋ ମିଶିଯିବ
ସୂର୍ଯ୍ୟାସ୍ତର ଶେଷ କିରଣରେ ।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, **ମୁଖ୍ୟ ପରିଚାଳିକା:** ଶିବଦୃତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବନ୍ଧୁତା...

ପ୍ରତିମା ଶତପଥି
ଭାଗବତ ପୁର, ଯାଜପୁର

ତିନୋଟି ଅକ୍ଷର ବନ୍ଧୁତା ଅଟଇ
ତିନି ଭୁବନରେ ଶ୍ରେଷ୍ଠ
ଏହାକୁ ବଞ୍ଚାଇ ରଖିବା ଜୀବନେ
ଆସୁ ଯେତେ ଦୁଃଖ କଷ୍ଟ।
ଜୀବନ ଭିତରେ କେତେ ବନ୍ଧୁଙ୍କର
ସହିତ ହୁଏ ବନ୍ଧୁତା
ପିଲାଦିନ ବନ୍ଧୁ ସବୁଠାରୁ ବଡ଼
ସ୍ନେହ ପ୍ରେମ ଯେ ନିରୂତା।
ପିଲା ବେଳେ ସାଙ୍ଗ ସାଥୀ ପାଠ ପଢା
ରାଗ ରୁଷା ଅଭିମାନ
କଟି ପକା ପକି ପୁଣି ଫିଟାଫିଟି
ଅବିସ୍ମରଣୀୟ ଦିନ।
ନିଷ୍କପଟ ଭାବ ସରଳ ସ୍ୱଭାବ
ନିଃସ୍ୱାର୍ଥପର ପଣରେ
ବନ୍ଧୁତା ଅଟଇ ଅତୁଟ ବନ୍ଧନ
ରହେ ସବୁ ସମୟରେ।
ଶ୍ରୀକୃଷ୍ଣ ସୁଦାମା ଗୁରୁ ଆଶ୍ରମରେ
ସାଙ୍ଗ ହୋଇ ପଢୁଥିଲେ
ଇତିହାସ ହୋଇ ରହିଲା ବନ୍ଧୁତା
ସମସ୍ତେ ମନେ ରଖିଲେ।
ବନ୍ଧୁତା ଦେଖେନି ଧନୀ କି ଗରିବ
ଉଚ୍ଚ ନୀଚ ଭେଦଭାବ
ପରସ୍ପର ମଧ୍ୟେ ସ୍ନେହ ଶ୍ରଦ୍ଧା ପ୍ରେମ
ମମତାଯେ ରହିଥିବ।
ବନ୍ଧୁର ବନ୍ଧୁତା ଜଣା ପଡ଼ିଯାଏ
ଆସିଲା ବେଳେ ବିପଦ
ପାଖରେ ପହଞ୍ଚି ମଧୁର କଥାରେ
ମନୁ ହରାଏ ବିଷାଦ।
ଦୂରରୁ ଦେଖିଲେ ଅମୀୟ ମଧୁର
ହସ ଉଚ୍ଛୁଳି ଆସଇ
ପରିବାରରେ ଯାହା କହି ହୁଏନା
ବନ୍ଧୁଙ୍କୁ କହି ହୁଅଇ।
ମନ ସହ ମନ ମିଶି ଯାଏଯେବେ
ବନ୍ଧୁତା ଚୀର ଶାଶ୍ୱତ
ଅତୁଟ ସମ୍ପର୍କ ରହେ ସବୁଦିନ
ବନ୍ଧୁତ୍ୱ ଟି ମଜଭୁତ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, **ମୁଖ୍ୟ-ପରିଚାଳିକା:** ଶିବଦୂତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ସ୍ମୃତି ତୀର୍ଥ

ଜଣେ ନାର୍ସିସିଷ୍ଟର ଗୀତ ...

ହରିଶ୍ଚନ୍ଦ୍ର ବେହେରା
କଲ୍ୟାଣ ନଗର,
ବାଲେଶ୍ୱର -୧

ଅନେକ ଦିନ ପରେ
ଭଲ କରି ଆର୍ସିରେ ଦେଖିଲି ମୋ ମୁହଁଟିକୁ
କୁଆଡ଼େ ଗଲା ମୋର ରାଜକୁମାର ଚେହେରା
ଯାହାକୁ ନେଇ ଝଡ଼ ସୃଷ୍ଟି ହେଉଥିଲା
କଲେଜ ଝିଅଙ୍କ ଭିତରେ

ବର୍ଷାରେ ମରିଯାଏ ପଦ୍ମ
ଅଥଚ ପବନ ଧରି ରଖେ ତା'ର ମହକ
ପୁଣି ଜନ୍ମିବା ଯାଏ କୁତ୍ସିତ ପଙ୍କ ଭିତରୁ
ବୁଡି ବୁଡି ମୃଣାଳ ଖାଉଥିଲେବି
ହଂସ ପାଟିରେ ଆହୁରି ଅବଶିଷ୍ଟ ରହିଯାଏ

ହଁ ଠିକ୍ ତ ଚାଲିଛି ରକ୍ତ ସଞ୍ଚାଳନ ହୃଦୟକୁ
ନା କେଉଁଠି ନା କେଉଁଠି ଅଟକି ଯାଇଛି ପବନ
ମୁହଁ ଉପରେ ଉତୁରି ପଡିଛି ତା'ର ପ୍ରତିବିମ୍ବ
ନାଡ଼ି ଖାଲି ଧକ୍ ଧକ୍

ଆଉ ଜଣେ କିଏ ଆସି ପଛରେ ଠିଆ ହୋଇ କହିଲା
ତମକୁ ଲାଜ ନାହିଁ
ଗଦରେଜ କଳାରେ ରଙ୍ଗଉଛ ବାଳ
ଲେମିନେଟେଡ଼ ମଗଜ
କୃତ୍ରିମ ଦାନ୍ତ ଆଉ ବୁଦ୍ଧି ମଡା ନେଇ
ଜାହିର କରୁଛ ଯୌବନ
ରସିକ ପଣ

ମୁଁ ଉତ୍ତରିଲି
ଦେଖ ଅପନ୍ତରା ଆକାଶକୁ ଓଳେଇ ନେଲାଣି
ଆମ ଗାଁ ସିଙ୍ଗାଣିନାକି ଝିଅ
ମଲା ନଈକୁ ସଜେଇ ଦେଲାଣି କାଶତଣ୍ଡି
ଅଦିନ ବଉଦ
ପଦ୍ମ ଫୁଲର ପରାଗ ନେଇ ଉଡିଲାଣି
ବୈରାଗୀ ଭ୍ରମର
ମୁଁ ନିଜକୁ ସଜେଇବିନିତ
ଆଉ କିଏ ଆସି ସଜେଇବ କୁହ !!

ଧୀରେ ଧୀରେ ନିଗିଡି ଯାଉଛି ବଳ
କୁଆଡ଼େ ଯିବ
କେଉଁ ଏକ ଅପ ଦେବତାର ଛଳ ଛଦ୍ମକୁ ତ
ଯାଉ ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ସ୍ମୃତି ତୀର୍ଥ ...

ଗୁରୁ ଚରଣ ମହାକୁଡ଼
ଟିକରପଡା, କେନ୍ଦୁଝର

ସ୍ମୃତି ତୀର୍ଥ ଯାତ୍ରା ଆରମ୍ଭ କରେ ମନ,
ନିରବ ଏକାନ୍ତେ ବସି ।
ଅତୀତର ଦିନ, ସେ ମଧୁର କଥା,
ଆଖିରେ ଲୁହକୁ ରସି ।।

ଭୁଲିଯାଇଥିବା ପ୍ରତିଟି ମୁହୂର୍ତ୍ତ,
ଆସି ଯୋଡ଼ିହୁଏ ଧୀରେ ।
ଜୀବନର ଖାତା ଖୋଲିଯାଏ ଆଜି,
ହୃଦୟ ଗଭୀର ନୀରେ ।।

ପ୍ରିୟ ଲୋକ ଆସି ଯା'ନ୍ତି ପାଶେ,
ଯେଉଁମାନେ ଆଜି ନାହିଁ ।
ତାଙ୍କ କଣ୍ଠସ୍ୱର ଶୁଭିଯାଏ କାନେ,
ସେ ଭାବନା ଦିଏ ଚାହିଁ ।।

ଖେଳ ପଡ଼ିଆର ଧୂଳି ଆଉ ଗାଁ' ବାଟ,
ଡାକୁଛି ସେ ପିଲାଦିନ ।
ଫୁଲ ତୋଳିବାର ସେ ଅଲିଅଳି ବେଳା,
ଆଉ ଅବୁଝା ସେ ଦିନ ।।

ପ୍ରଥମ ପ୍ରେମର ସୁରଭିଟି ଆସେ,
କୋମଳ ସ୍ପର୍ଶ ଦିଏ ମନେ ।
କିଛି ଭୁଲ୍, କିଛି ମିଠା ମଧୁରତା,
ପୁଣି ଉଭେଇଯାଏ କ୍ଷଣେ ।।

ସ୍ମୃତିର ସାଗର ଗଭୀର ହୋଇଲେ,
ଦୁଃଖର ଚିହ୍ନ ଉଠେ ଉପରକୁ ।
ତଥାପି ସେ ଭାବ ହୁଏ ଶାନ୍ତିଦାୟକ,
ଦେଖାଏ ଜୀବନର ରୂପକୁ ।।

ତୀର୍ଥ ପଥେ ଯିବା ପାଇଁ ଲୋଡ଼ା କିଛି,
ସତ୍ୟ ଓ ଆତ୍ମାର ବଳ ।
ଅନୁତାପ ଭାର କମିଯାଏ ଯେବେ,
ରହେନାହିଁ ଆଉ ମନେ ଛଳ ।।

ଏକାନ୍ତ ମିଳନ ହୁଏ ନିଜ ସାଥେ,
ଏ ସ୍ମୃତି ତୀର୍ଥର ଫଳ ।
ମନର ଆଇନାରେ ଦେଖିବାକୁ ମିଳେ,
ସବୁଠୁଁ ସୁନ୍ଦର କାଳ ।।

କିଛି କଥା ଥାଏ ଯାହା କହିହୁଏ ନାହିଁ,
ଲୁଚି ରହିଥାଏ ସବୁ ଦିନ ।
ସେମାନେ ମୂର୍ତ୍ତିମନ୍ତ ହୋଇ ଆସି ଦିଅନ୍ତି,
ହୃଦୟକୁ ନୂଆ ଚିହ୍ନ ।।

ଏ ସ୍ମୃତି ତୀର୍ଥର ଶେଷ ନାହିଁ କେବେ,
ଏହା ଏକ ନିରନ୍ତର ବାଟ ।
ଯେତେବେଳେ ମନ ଶାନ୍ତି ଖୋଜୁଥାଏ,
ଦେଖାଏ ସେ ପବିତ୍ର ଘାଟ ।।

ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବାଇଶି ପାହାଚ ...

ବଦ୍ରୀ ମହାନ୍ତି
କେନ୍ଦ୍ରୀୟ ବିହାର, ତମାଣ୍ଡୋ, ଭୁବନେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାକ୍ଷେତ୍ର ଦିବ୍ୟଭୂମି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ର। ଭାରତର ଚାରିଧାମ ମଧ୍ୟରୁ କେବଳ ଶ୍ରେଷ୍ଠ ବା ପବିତ୍ର ଧାମ ଭାବରେ ନୁହେଁ ଏହାର ଅପରୂପ ସୌନ୍ଦର୍ଯ୍ୟ,ସୁବିସ୍ତୃତ ଅନୁପମ ମହୋଦଧି ଓ ଅନୁକୂଳ ବାତାବରଣ ମନ୍ତ୍ରମୁଗ୍ଧ କରେ ଭକ୍ତଙ୍କୁ। ଉତ୍କଳୀୟ ଶିଳ୍ପକଳା ସ୍ଥାପତ୍ୟ ସହିତ ଆଧ୍ୟାତ୍ମିକ ଭାବୋଚ୍ଛ୍ୱାସର ପ୍ରତୀକ ପୁରୀ ଶ୍ରୀମନ୍ଦିର। ଗଙ୍ଗବଂଶର ସମ୍ରାଟ ଚୋଡଗଙ୍ଗଦେବଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ୨୧୪ ଫୁଟ ଉଚ୍ଚତାର ବିଶାଳ ମନ୍ଦିର ଗାତ୍ରରେ ଉତ୍କୀର୍ଣ୍ଣ ଶିଳାଲେଖ,ଦଶ ଏକର ପରିସରରେ ଥିବା ନବେଟି ଛୋଟ ବଡ଼ ମନ୍ଦିର,ସିଂହ ଦ୍ୱାର ବ୍ୟାଘ୍ର ଦ୍ୱାର ଅଶ୍ୱ ଦ୍ୱାର ଓ ହସ୍ତୀ ଦ୍ୱାର ରୂପେ ବୃହତ୍ ଚାରି ଦ୍ୱାର,ବିଶାଳ ରୋଷ ଘର,ଆନନ୍ଦ ବଜାର,ମୁକ୍ତି ମଣ୍ଡପ, ସ୍ନାନ ମଣ୍ଡପ ଆଦି ହଜାର ହଜାର ବର୍ଷ ବ୍ୟାପୀ ସମଗ୍ର ବିଶ୍ୱରୁ ସଭିଙ୍କୁ ଆକର୍ଷିତ କରି ଆସିଛି। ଏ ସବୁ ମଧ୍ୟରେ ପୂର୍ବ ଦିଗର ସିଂହ ଦ୍ୱାରଠାରୁ ମନ୍ଦିରର ପାଦଦେଶ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଅଲୌକିକ ଅଦ୍ଭୁତ ବାଇଶିଟି ପାବଚ୍ଛ ଅନନ୍ୟ ଅସାଧାରଣ। ଏହି ପାହାଚଦେଇ ଭକ୍ତଗଣ ଶ୍ରୀମନ୍ଦିରକୁ ପ୍ରବେଶ କରି ରତ୍ନ ସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ମାତ୍ର ନିର୍ଦ୍ଦିଷ୍ଟ ଭାବରେ ଏହାର ସଂଖ୍ୟା ବାଇଶି ହେବାର ରହସ୍ୟ,ଏହି ସଂଖ୍ୟାଠାରୁ ଅଧିକ ବା କମ ନହେବା ପାଶ୍ଚାତରେ କେଉଁ ଆଧ୍ୟାତ୍ମିକ ଦର୍ଶନ ନିହିତ ଅଛି,ତାହା ଅସ୍ପଷ୍ଟ। ଅନେକ ଦୃଷ୍ଟିକୋଣରୁ ଏ ପ୍ରଶ୍ନର ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି ଏବଂ ଏବେ ସୁଦ୍ଧା ଗବେଷଣାର ଅନ୍ତ ନାହିଁ।

ମାନବ ଶରୀରକୁ ପୁଣ୍ୟ ଦେବାଳୟ ରୂପେ ବିଚାର କରାଯାଏ। ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଅନୁସାରେ ମଣିଷ ଶରୀରରେ ଥିବା ବାଇଶି ସୋପାନ ଅତିକ୍ରମ କରିବା ପରେ ସାକ୍ଷାତ ସମ୍ଭବ ହୁଏ ଆତ୍ମା ସହିତ। ଅନୁରୂପ ଭାବରେ ସୃଷ୍ଟିର ପାଳନକର୍ତ୍ତା ମହାପ୍ରଭୁ ଶ୍ରଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବାଇଶି ପାହାଚ ଦେଇ ଯିବାକୁ ପଡ଼େ। ଏହି ପବିତ୍ର ପାହାଚରେ ପାଦ ଦେବା ମାତ୍ରେ ଏକ ବିଚିତ୍ର ଅନୁଭବ ସଞ୍ଚାରିତ ହୁଏ ମନରେ। ପ୍ରାଣ ସିହରିତ ହୋଇ ଉଠେ। ଯୁଗ ଯୁଗର ସଞ୍ଚିତ ବାସନା ପୂର୍ଣ୍ଣ ହେବାର ପୂର୍ବ ଅବସ୍ଥାଟି ବିଗଳିତ କରିଦିଏ ଭକ୍ତର ହୃଦୟ। ଏହା ସାଧାରଣ ପାବଚ୍ଛ ଶ୍ରେଣୀ ନୁହେଁ,ଆଧ୍ୟାତ୍ମିକ ଭାବ ଭାବନା ସହିତ ଜୀବନ ଦର୍ଶନର ପ୍ରତୀକ। ସଂପ୍ରତି ପାହାଚ ସଂଖ୍ୟା ଏକୋଇଶି ପରିଲକ୍ଷିତ ହେଲେ ସୁଦ୍ଧା ଅନ୍ୟ ଏକ ପାହାଚ ଗୋପ୍ୟ ହୋଇ ରହିଛି। ଅଠରଟି ପାହାଚ ସହିତ ଗୁମୁଟକୁ ଯିବାପାଇଁ ଥିବା ଦୁଇଟି ଓ ଆନନ୍ଦ ବଜାରକୁ ଯିବାକୁ ଥିବା ଦୁଇଟି ପାହାଚକୁ ମିଶାଇ ବାଇଶି ହୋଇଛି। ପ୍ରତ୍ୟେକ ପାହାଚରେ ଉଚ୍ଚତା ଛଅ ଇଞ୍ଚ,ପ୍ରସ୍ଥ ଛଅ ଫୁଟ,ଲମ୍ବ ସତୁରୀ ଫୁଟ ଏବଂ ଏହା ବାଉଳମାଳା ମାଙ୍କଡ଼ା ପଥରରେ ନିର୍ମିତ।

କେଉଁ ଆଧ୍ୟାତ୍ମିକ ବିଚାର ଦ୍ୱାରା ବାଇଶି ପାହାଚ ନାମକରଣ ହୋଇଛି ତାହା ଭିନ୍ନ ଭିନ୍ନ ଗବେଷକ ଓ ଆଲୋଚକ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି। ପୁରାଣ,ଲୋକକଥା ଓ କିମ୍ବଦନ୍ତୀ ପୃଷ୍ଠଭୂମିରେ ବିଚାର ଭିନ୍ନ ହେଲେ ସୁଦ୍ଧା ଏହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ସେତୁ ନିର୍ମାଣ କରିବାରେ ସମର୍ଥ ହୋଇ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପାରିଛି। ସପ୍ତଲୋକ, ସପ୍ତତଳ ଓ ଅଷ୍ଟବୈକୁଣ୍ଠ ସମଷ୍ଟିର ପ୍ରତୀକ ହେଉଛି ବାଇଶି ପାହାଚ। ଭୂଃ,ଭୂବଃ,ସ୍ୱ, ମହ, ଜନ, ତପ, ସତ୍ୟ ଆଦି ସପ୍ତଲୋକ ଓ ସପ୍ତତଳ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ,ରସାତଳ, ପାତାଳ ସହିତ କୈବଲ୍ୟ ବୈକୁଣ୍ଠ,ଶ୍ରୀବୈକୁଣ୍ଠ,ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ,ଗହୋଦୟକ - ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଆଦି ଅଷ୍ଟ ବୈକୁଣ୍ଠ ମିଶିବା ପରେ ହେଉଛି ବାଇଶି। ଏହା ବ୍ୟତୀତ ପଞ୍ଚ ମହାଭୂତ,ପଞ୍ଚ ଜ୍ଞାନେନ୍ଦ୍ରିୟ,ପଞ୍ଚ କର୍ମେନ୍ଦ୍ରିୟ,ପାଞ୍ଚନ୍ମାତ୍ର, ମନ ଓ ବୁଦ୍ଧିର ପ୍ରତୀକ ବାଇଶି ପାହାଚ। ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କ ସପ୍ତ ପୁରୁଷ ହେଉଛି ଏକୋଇଶି ଏବଂ ଶ୍ରୀ ଜଗନ୍ନାଥ ଯେ ହେଉଛନ୍ତି ପୁରୁଷରୁ ଅତୀତ ସବୁ ମିଶାଇ ବାଇଶି। ଏହାକୁ ଭାଗବତର ଦ୍ୱାଦଶ ସ୍କନ୍ଧ ଓ ଦଶତ୍ୱକୁ ସୁଦ୍ଧା ବର୍ଣ୍ଣନା କରାଯାଏ। ଭକ୍ତ ବଳରାମ ଦାସଙ୍କ ଗୁପ୍ତ ଗୀତା ଅନୁସାରେ ବାଇଶିଟି ଗୁଣର ପ୍ରତୀକ ଅଧିଷ୍ଠାତ୍ରୀ ଦେବୀଗଣ ହେଉଛନ୍ତି ମାୟା,ଚେତନା,ବୁଦ୍ଧି,ନିଦ୍ରା,କ୍ଷୁଧା,ଛାୟା,ଶକ୍ତି,ତୃଷ୍ଣା, କ୍ଷାନ୍ତି,ଜାତି, ଲଜ୍ଜା,ଶାନ୍ତି,କାନ୍ତି,ବୃତ୍ତି,ସ୍ମୃତି,ଦୟା,ତୃପ୍ତି,ଚିନ୍ତା,ମାତୃ,ଭ୍ରାନ୍ତି ଓ ପ୍ରଜ୍ଞା ।

ମହାପ୍ରଭୁଙ୍କୁ ଦର୍ଶନ କରିବା ଏବଂ ମନ୍ଦିରର ଶିଳ୍ପକଳା ପରି ପାହାଚ ନିର୍ମାଣ ପାଶ୍ଚାତରେ ଥିବା ମହତ୍ତ୍ୱ ଓ ଚିନ୍ତନର ଏକ ସ୍ୱତନ୍ତ୍ରତା ରହିଛି,ଯାହା ଅନ୍ୟ କୁତ୍ରାପି ପରିଦୃଷ୍ଟ ହୁଏନାହିଁ। କିମ୍ବଦନ୍ତୀ କହେ,"ବାଇଶି ପାହାଚ ଯେ ବୀର,ରହସ୍ୟ ତାର ସ୍ଥୁଳନାମ,ଏହା ଯେ ବାଇଶି ପାହାଚ,ଅଠର କୋଟି ଶିବଲୋକ।" ସେହି ଅନୁସାରେ ଭାନୁଦେବ ନାମକ ଅପୁତ୍ରିକ ରାଜା ଭଗବାନ ଜମ୍ବେଶ୍ୱରଙ୍କୁ ଆରାଧନା କରି ପୁତ୍ର ସନ୍ତାନ ପ୍ରାପ୍ତ ହୋଇଥିଲେ। ମାତ୍ର ଜ୍ୟୋତିଷ ଗଣନା ଓ ଜାତକ ପ୍ରସ୍ତୁତି ସମୟରେ ତାଙ୍କୁ କୁହାଗଲା-ସନ୍ତାନ ଅଳ୍ପାୟୁଷ ହୋଇ ମାତ୍ର ବାଇଶି ବର୍ଷ ବୟସରେ ଇହଧାମ ତ୍ୟାଗ କରିବ। ରାଜା ଏହା ଜାଣି ପ୍ରଭୁ ଜମ୍ବେଶ୍ୱରଙ୍କ ଶରଣ ଯିବାରୁ ବାଇଶି ପାହାଚ ନିର୍ମାଣ କରି ତା'ଉପରେ ଗଡାଇ ଦେବାକୁ ନିର୍ଦ୍ଦେଶ ପାଇଲେ। ରାଜା ଭାନୁଦେବ ପାହାଚ ନିର୍ମାଣ ସହିତ ନିଜ ସନ୍ତାନକୁ ତା ଉପରେ ଗଡାଇ ଦେଇ ଆୟୁଷ ବଢାଇ ଥିବାରୁ ଭକ୍ତଗଣ ନିଜ ସନ୍ତାନଙ୍କୁ ତା ଉପରେ ଗଡାଇ ଗଡ଼ାଇ ସିଂହଦ୍ୱାର ପର୍ଯ୍ୟନ୍ତ ଆଣିଥାନ୍ତି। ବାଇଶି ପାହାଚର ଦ୍ୱିତୀୟ ସୋପାନରେ ରହିଛି' ଯମଶିଳା',ଯାହାକୁ ସ୍ପର୍ଶକଲେ ଅକାଳ ମୃତ୍ୟୁ ଘଟେନାହିଁ ବୋଲି ବିଶ୍ୱାସ ରହିଛି।

ମଣିଷର ପଚିଶ ପ୍ରକୃତିର ଅଧିକାରୀ। ବାଇଶିଟି ପରାପ୍ରକୃତି ଓ ତିନୋଟି ଅପରାପ୍ରକୃତି ହୋଇଥିବା ଯୋଗୁଁ ତିନୋଟି ପାହାଚ ବଙ୍କା ତଥା ବାଇଶିଟି ସିଧା। ବାଇଶି ତତ୍ତ୍ୱ ବାଇଶି ଭାବ ଓ ବାଇଶି ତୀର୍ଥଭୂମିର ପ୍ରତୀକ ଭାବରେ ପାହଚ ସଂଖ୍ୟା ବାଇଶି ସ୍ଥିର କରାଯାଇଛି। ପଞ୍ଚ ରସ, ଅଷ୍ଟ ତତ୍ତ୍ୱିକ ଭାବ ତ୍ରିବୀଜ,ତ୍ରିଶକ୍ତି,ତ୍ରିଗୁଣ ଆଦି ବାଇଶିରୁ ପଞ୍ଚ ମନ ଓ ସପ୍ତ ବିକାର ତ୍ୟାଗ କରିବା ପାଇଁ କୁହାଯାଇଛି। କଥିତ ଅଛି ଗୋବିନ୍ଦଙ୍କ ସ୍ତୋତ୍ର,' ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରି,ହେ ନାଥ ନାରାୟଣ ବାସୁଦେବ'ରେ ଥିବା ବାଇଶି ଅକ୍ଷର ଅନୁସାରେ ନିର୍ମିତ ହୋଇଛି ବାଇଶି ପାହାଚ। ଉପରୋକ୍ତ ସମସ୍ତ ବିଚାର ଆଧାତ୍ମିକ ଦୃଷ୍ଟିରୁ ଗ୍ରହଣୀୟ ହେଲେ ସୁଦ୍ଧା କେଉଁ ଦର୍ଶନରେ ଅନୁପ୍ରେରିତ ହୋଇ ପାହାଚ ନିର୍ମିତ ହୋଇଥିଲା ତାର ସଠିକ୍ ତଥ୍ୟ ଅନୁପଲବ୍ଧ। ମାତ୍ର ଏହାର ମାହାତ୍ମ୍ୟ ସର୍ବକାଳୀନ ଓ ଗ୍ରହଣୀୟ। ସେଥିପାଇଁ ହଜାର ହଜାର ବର୍ଷ ବ୍ୟାପୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଚେତନାକୁ ପ୍ରଭାବିତ କରି ଆସିଛି। ନିରୋଳା ଭକ୍ତି ଶ୍ରଦ୍ଧା ପ୍ରେମରେ ଯେଉଁ ଅନୁଭୂତି ପାହାଚ ଅତିକ୍ରମ କଲାବେଳେ ପ୍ରାପ୍ତହୁଏ ତାହା ଅବର୍ଣ୍ଣନୀୟ। ଜୀବଦ୍ଦଶାରେ ଏ ଅନୁଭବର ପଟାନ୍ତର ନାହିଁ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବାଇଶି ପାହାଚରେ ଥିବା ପିତୃତୀର୍ଥ, ଯମଖର୍ପର, ମାଙ୍କଡ଼ା ପଥର ଓ ମୁଗୁନି ପଥରର ଅବସ୍ଥିତି ଯେତିକି ବିସ୍ମୟକର ତତୋଧିକ ଭାବୋଦ୍ଦୀପକ। ସିଂହ ଦ୍ୱାର ଅତିକ୍ରମ କଲାପରେ ପତିତ ପାବନଙ୍କ ପଛ ପାଖରେ କାଶୀ ବିଶ୍ୱନାଥଙ୍କ ତଳ ପାହଚ ଉତ୍ତର ଦିଗରେ, ଯେଉଁଠି ମହଳୟାରେ ଦୀପଦାନ ଓ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ ତାହା'ପିତୃତୀର୍ଥ'। ଅନୁରୂପ ଭାବରେ ପତିତ ପାବନଙ୍କୁ ଅତିକ୍ରମ କରି ତୃତୀୟ ପାହାଚରେ ମଧ୍ୟ ସ୍ଥଳରେ ଥିବା ଲୌହ ଫଳକ ହିଁ 'ଯମ ଖର୍ପର'। ବିଶ୍ୱାସ ରହିଛି ଏହି ଫଳକ ଉପରେ ପାଦ ଥାପି ମହାପ୍ରଭୁଙ୍କୁ ଦର୍ଶନକଲେ ସମସ୍ତ ପାପତାପରୁ ମୁକ୍ତି ମିଳେ। ସେଥିପାଇଁ ଦର୍ଶନ ସାରି ଫେରନ୍ତା ରାସ୍ତାରେ ଏହି ଫଳକକୁ କେହି ସ୍ପର୍ଶ କରନ୍ତି ନାହିଁ। ପାହାଚରେ ଆଉ କିଛି ଅତିକ୍ରମ କରିବା ପରେ ଏକାଦଶ ପାହାଚରେ ପରିଦୃଷ୍ଟ ହୁଏ ଗୋଟିଏ ଦେଢ଼ ଚାଖଣ୍ଡ ଓସାର ଓ ଏକ ଚାଖଣ୍ଡର ମାଙ୍କଡ଼ା ପଥର। ଦେବଶିଳା ନାମରେ ଏହି ପଥର ଉପରେ ଅପୁତ୍ରିକ ମହାପ୍ରସାଦ ଅର୍ପଣ କରେ ସନ୍ତାନସମ୍ଭବା ହେବା କାମନା କରି। ସେଥିପାଇଁ ବର୍ଷ ବର୍ଷ ବ୍ୟାପୀ ଲୋକମୁଖରେ ରହିଛି -

ହରି ବୋଲ ଭାଇ ଗୋବିନ୍ଦ ବୋଲ
ଭାସିଲା ପଥର ବୁଡ଼ିଲା ସୋଲ,
ଭାନୁଦେବ ରାଜା କାହିଁ ରଖିଲା
ଝରଣା ପଥରେ ବନ୍ଦ କଲା,
ଅପୁତ୍ରିକ ଦୋଷୁ ମୁକ୍ତ ହୋଇଲା
ଯୁଗ ଯୁଗକୁ ଆମର ହୋଇଲା।

ଗଙ୍ଗବଂଶର ତୃତୀୟ ଭାନୁଦେବ ବାଇଶି ପାହାଚ ପୁନଃ ନିର୍ମାଣ କରୁଥିବା ସମୟରେ ବିଚିତ୍ର ଘଟଣା ସବୁ ଘଟିଲା। ବାରମ୍ବାର ତ୍ରୁଟି ପରିଲକ୍ଷିତ ହେବା ସହିତ ଏକାଦଶ ପାହାଚରେ ପାଣିର ଝରଟିଏ ପଡ଼ିଲା,ଯାହାକୁ ସମସ୍ତ ଉଦ୍ୟମ ସତ୍ତ୍ୱେ ବନ୍ଦ କରାଯାଇ ପାରୁନଥିଲା। ଏହା ଦେଖି ରାଜା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକରେ ଅଧିଆ ପଡିଲେ। ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଚକ୍ରତୀର୍ଥରେ ଲକ୍ଷ୍ମୀ ନୃସିଂହଙ୍କୁ ପ୍ରାର୍ଥନା କରିବା ପାଇଁ ଏବଂ ନୃସିଂହଙ୍କ ଆଦେଶ ଦେଲେ ପରଦିନ ସକାଳେ ସମୁଦ୍ର କୂଳରୁ ସମାଧାନ ମିଳିଯିବ। ସତକୁ ସତ ପରଦିନ ପ୍ରଭାତରେ ସମୁଦ୍ର କୂଳରେ ଏକ ମାଙ୍କଡ଼ା ପଥର ଭାସୁଥିବାର ଦେଖି ତାହା ସଂଗ୍ରହ କରି ଝର ପଡ଼ିଥବା ସ୍ଥାନରେ ସ୍ଥାପନ କଲେ ରାଜା। ଆଶ୍ଚର୍ଯ୍ୟର କଥା ଝର ବନ୍ଦ ହୋଇଗଲା। ପଞ୍ଚଦଶ ପାହାଚରେ ଥିବା ମୁଗୁନି ପଥର ପାଶ୍ଚାତରେ ଥିବା ଲୋକ କଥା ମଧ୍ୟ ଜନୈକ ସାଧୁଙ୍କ ସ୍ମୃତି ସହିତ ଜଡିତ। କୌଣସି ସମୟରେ ତାହା ସୁଆର ପିଲାମାନଙ୍କ ଦ୍ୱାରା ଫିଙ୍ଗାଯାଇଥିବା ସରା ସାଧୁଙ୍କ ଶରୀରରେ ବାଜି ତଳେ ପଡି ମୁଗୁନି ପଥରରେ ପରିଣତ ହୋଇ ଯାଇଥିବା କଥିତ ଥିଲେ ସୁଦ୍ଧା ଏହାର ପ୍ରାମାଣିକ ତଥ୍ୟ ଅନୁପଲବ୍ଧ।

ଶ୍ରୀମନ୍ଦିରର ବାଇଶି ପାହାଚକୁ ସାଧାରଣ ଭାବରେ ବିଚାର ନକରି ତାକୁ କେନ୍ଦ୍ର କରି ପ୍ରତିଷ୍ଠିତ ଥିବା ଦର୍ଶନ ଓ ଆଧାତ୍ମିକ ଧାରଣାକୁ ହୃଦୟରେ ଗ୍ରହଣ କରିବାକୁ ହେବ। ସ୍ୱୀକାର କରିବାକୁ ହେବ ବୁଦ୍ଧିଠାରୁ ଆତ୍ମା ଶ୍ରେଷ୍ଠ ଏବଂ ଆତ୍ମା ମନଠାରୁ ଭିନ୍ନ ବୁଦ୍ଧି ଠାରୁ ଶ୍ରେଷ୍ଠ। ସେଥିପାଇଁ ଭକ୍ତ ଜଣକ ବା ସାଧକମାନେ ସ୍ଥୂଳ ଶରୀର ଓ ସୂକ୍ଷ୍ମ ଶରୀର ଦ୍ୱାରା ବିଷୟ ଭୋଗ ନକରି ଏ ସମସ୍ତକୁ ଉପଯୋଗ କରି ଚେଷ୍ଟା କରନ୍ତି ବ୍ରହ୍ମୋପଲବ୍ଧି ପାଇଁ। ଆତ୍ମମୟ ଅନୁଭବ ଭକ୍ତକୁ ଦିବ୍ୟ ଜୀବନର ଦ୍ୱାର ଦେଶରେ ପହଞ୍ଚାଇ ଦିଏ। ସେତେବେଳେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଓ ସଚରାଚର ଜଗତ ହୋଇଉଠେ ଜଗନ୍ନାଥମୟ। ଭକ୍ତ ଓ ଭଗବାନର ଏ ଅଲୌକିକ ସଂପର୍କ ପ୍ରଦର୍ଶିତ ହୋଇଛି ଶ୍ରୀମନ୍ଦିରର ପ୍ରତିଟି କୋଣରେ ଏବଂ ବାଇଶି ପାହାଚରେ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଅପେକ୍ଷାର ପ୍ରତିଶ୍ରୁତି ...

ସ୍ମୃତି ପ୍ରିୟଦର୍ଶନୀ ପ୍ରଧାନ
ପୂରଣ, ବିରାଡ଼ି,
ଜଗତସିଂହପୁର

ଅପେକ୍ଷାର ପଥରେ ବସି,
ମନ ଲେଖେ ନିରବ ପତ୍ର।
ଆସିବୁ ତୁଏ ଭାବି ରହି,
ରାତି କଟେ ତାରା ଗଣି ପର୍ଯ୍ୟନ୍ତର।

ପବନରେ ଯେ ସ୍ପର୍ଶ ତୁଏ,
ଅନୁଭବେ ମନ ପାଖ ଆସେ।
ଦୂରେ ଥିଲେ ମଧ କେବେ,
ଅପେକ୍ଷାର ଦୀପ ନିଅନ୍ତେ ନାହିଁ ନିଭିଯାଏ।

ପ୍ରତି ମୁହୂର୍ତ୍ତ ଆସି କହେ,
"କିଛି ଦୂରେ ରହିଛି ସଫଳତା।"
ପ୍ରତି ହୃଦୟ ଧଡ଼କା ମଧ କୁହେ,
"ଆଶା ହେଉ ଏକ ପ୍ରତିଶ୍ରୁତିର ମାଳା।"

ଆପେକ୍ଷା ତେବେ ଦୁଃଖ ନୁହେଁ,
ଏକ ଅଦୃଶ୍ୟ ଶକ୍ତିର ଆଗୁଣ।
ଜୀବନରେ ଯାହା ଥାଏ ଅବଶ୍ୟ—
ଆସିବାର ଭରସା, ପଥରେ ଥିବା ଆଲୋକ ଆଗୁଣ।

ଏମିତି ଅଛି ମନରେ ଲେଖା,
ଆପେକ୍ଷାର ଭିତରେ ନୂଆ ଜୀବନ।
ଯେଉଁଠି ପ୍ରତି ଦିନ ଅନୁଭବ ଦେଉଁ—
ପ୍ରତିଶ୍ରୁତି ମାତ୍ର ନୁହେଁ,
ଏହା ଅଟେ ହୃଦୟର ନିଷ୍ଠାର ପରିଚୟ।

ଅପେକ୍ଷା ଯେତେ ଲମ୍ବା,
ମନ ହୁଏ ସେତେ ସାହସୀ।
ପଥେ ପଥେ ଚାଲିଲେ ଆଶା,
ସଂଗ ଦେଇ ରହେ ଅବିରତୀ।

ଏକ ଦିନ ଦେଖିବୁ ନିଶ୍ଚୟ,
ସେଇ ପ୍ରତିଶ୍ରୁତିର ପୂର୍ଣ୍ଣ ଚିହ୍ନ।
ଆସୁଥିବା ପଦଧ୍ୱନିରେ
ମିଳିବ ଆଗୁଣର ଶାନ୍ତି ସ୍ୱାଲନ।

ଅପେକ୍ଷାର ଏଇ କାହାଣୀ
ଶେଷ ହୁଏ ନାହିଁ ମାତ୍ର ପାଳତେ—
ଯେତେକି ଏହା ହୃଦୟର ଶକ୍ତି,
ପ୍ରେମର ଚିରନ୍ତନ ଅର୍ଥ ବୁଝାଏ ତତେ।

ଶେଷରେ ମନ କହିଯାଏ—
"ଯାହା ପାଇଁ ଅପେକ୍ଷା କରିଲି,
ସେଇ ପଥ ମୋତେ ଦେବ କି ଧୋକା।
ପ୍ରତିଶ୍ରୁତିର ଶେଷ ଫଳ ନୁହେଁ,
ଏହି ଯାତ୍ରା ଅଟେ ମୋର ନୂତନ ଆରମ୍ଭ
ପରା।"

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ୟଃ ଧାରୟତି ସ ତାରୟତି ...

ହିତେଶ ବେହେରା
ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ
ବିଶ୍ୱବିଦ୍ୟାଳୟ , ବ୍ୟାସବିହାର ,
ବାଲେଶ୍ୱର

ସଂସ୍କୃତରେ ଗୋଟିଏ ଭଲ ଉକ୍ତି ରହିଛି ' ୟଃ ଧାରୟତି ସ ତାରୟତି ' ଅର୍ଥାତ୍ ଯିଏ ଧାରଣ କରେ ସିଏ ତାରଣ ମଧ କରେ | ଯେ ଆମକୁ ସୃଷ୍ଟି କରୁଛି ସେ ଆମକୁ ସଂହାର ମଧ କରୁଛି | ପୃଥିବୀ ପୃଷ୍ଠରେ ବସବାସ କରୁଥିବା ଆମେ ସମସ୍ତେ ପିତାମାତାଙ୍କ ଦ୍ୱାରା ଛୋଟ ବେଳରୁ କାର୍ଯ୍ୟକ୍ଷମ ହେବା
ପର୍ଯ୍ୟନ୍ତ ପରିପାଳିତ ହୋଇଥାଉ | ଆମେ ଭାବୁ ସେମାନେ ଆମ ପାଇଁ ଏକ ପ୍ରକାରର ହର୍ତ୍ତା କର୍ତ୍ତା
ବିଧାତା | କାରଣ ଆମେ ଯେତେବେଳେ କୌଣସି ଜିନିଷ ଆବଶ୍ୟକ ମନେକରୁ ତତ୍ ସଙ୍ଗେ ସଙ୍ଗେ ସେମାନେ ଅକୁଣ୍ଠିତ ଚିତ୍ତରେ ଆମକୁ ଯୋଗାଇ ଦେଇଥାନ୍ତି | ମାତ୍ର ଯେତେବେଳେ ଆମେ କୌଣସି ଖରାପ କାମରେ ଲିପ୍ତ ରହୁ , ସତ୍ ପଥରୁ ବିରତ ରହୁ , ନିନ୍ଦନୀୟ ହେଲା ଭଳି କାର୍ଯ୍ୟ କରିଥାଉ ସେତେବେଳେ ସେମାନେ ଦିବ୍ୟ ରୂପ ଧାରଣ କରି ଆମକୁ ଉପଯୁକ୍ତ ପଥରେ ଆଣି ଛିଡ଼ା କରାଇଥାନ୍ତି | ଯେଉଁ ହାତରେ ଆମ ପାଇଁ ସେମାନେ ନିତି ଅମୃତ ପରଶି ଦେଇଥାନ୍ତି ସେଇ ହାତ ଆମେ କୁପଥଗାମୀ ହେଲେ ବାଟକୁ ଆଣିବା ପାଇଁ ବାଡ଼ିଧରି ବାଡେଇବାରେ ଟିକିଏ ବି କୁଣ୍ଠାବୋଧ କରି ନଥାନ୍ତି | ଈଶ୍ୱରଙ୍କ କ୍ଷେତ୍ରରେ ମଧ ସମାନ ଭାବରେ ଠିକ୍ ସେଇଆ ହିଁ ଘଟିଥାଏ | ସଚରାଚର ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା ହେଉଛନ୍ତି ଈଶ୍ୱର | ଜୀବଜନ୍ତୁ ଠାରୁ ଆରମ୍ଭ କରି ନଦନଦୀ , ବଣ ଜଙ୍ଗଲ , ପାହାଡ଼ ପର୍ବତ ପର୍ଯ୍ୟନ୍ତ ପ୍ରତ୍ୟେକଟି ସୃଷ୍ଟି ଈଶ୍ୱରଙ୍କ ଦ୍ୱାରା ସର୍ଜିତ | ଆମେ ଜୀବନ ଧାରଣ କରିବା ପାଇଁ ଶ୍ୱାସକ୍ରିୟାରେ ଯେଉଁ ନିର୍ମଳ ବାୟୁ ନେଉଛୁ , ଶରୀର ପୁଷ୍ଟି ସାଧନ ନିମନ୍ତେ ଯେଉଁ ଫଳମୂଳ ଗ୍ରହଣ କରୁଛୁ ଏବଂ ତୃଷା ନିବାରଣ ନିମନ୍ତେ ଯେଉଁ ସ୍ୱଚ୍ଛ ମଧୁର ଜଳପାନ କରୁଛୁ - ଏ ସମସ୍ତ ଈଶ୍ୱରଙ୍କ ଦ୍ୱାରା ହିଁ ସୃଷ୍ଟ , ତାଙ୍କ ଆଦେଶରେ ହିଁ ପରିଚାଳିତ |

ଆଉ ସବୁଠାରୁ ବଡ଼କଥା ହେଲା ଆମ ଶରୀର ମଧରେ ଯେଉଁ ଜୀବନ ସତ୍ତା ସଞ୍ଚରିତ ହେଉଛି ତାହା ମଧ ଈଶ୍ୱରଙ୍କ ଦ୍ୱାରା ସଂସ୍ଥାପିତ ହୋଇଥିବା ଏକ ଆତ୍ମସତ୍ତା | ସମୟ ଓ ସୃଷ୍ଟି ଉଭୟ ପରିବର୍ତ୍ତନଶୀଳ | ସମୟର ପରିବର୍ତ୍ତନରେ ସୃଷ୍ଟି ମଧ ପରିବର୍ତ୍ତିତ ହୋଇ ଧୀରେ ଧୀରେ

ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା : ଶିବଦୂତିପାଣିଗ୍ରାହୀ, ସଂଯୋଜକ : ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ବିଲୟ ଆଡ଼କୁ ଗତି କରିଥାଏ | ଏହି ବିଧ୍ୱଂସର କାରକ ସ୍ୱୟଂ ଭଗବାନ ବ୍ୟତୀତ ଆଉ କେହି ହୋଇ ନ'ପାରନ୍ତି | ସୁନ୍ଦର ପୃଥିବୀର ସର୍ଜନା କରିଥିବା ଇଶ୍ୱର ସମୟ ଆସିଲେ ନିଜେ ହିଁ ମହାଭୟଙ୍କର ରୂପଧାରଣ କରି ତାକୁ ନଷ୍ଟ କରିଥାନ୍ତି | କାରଣ ମର୍ତ୍ତ୍ୟ ମଣ୍ଡଳରେ ସବୁକିଛି ହେଉଛି କ୍ଷଣସ୍ଥାୟୀ | ଆଉ ଏକ ବାସ୍ତବ ଦୃଷ୍ଟାନ୍ତ ମଧ୍ୟରେ ଆମେ ଏକ ତଟିନୀକୁ ନେଇପାରିବା | ଗୋଟିଏ ନିର୍ଝରିଣୀ କୁଳୁକୁଳୁ ସଙ୍ଗୀତରେ ତଟଦେଶକୁ ପ୍ରକମ୍ପିତ କରି ବୋହିଯାଏ ଏବଂ ଅନେକ ଜୀବଜନ୍ତୁମାନଙ୍କର ତୃଷା ନିବାରଣର କାରଣ ବି ସାଜିଥାଏ |

ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ବସବାସ କରୁଥିବା ଲୋକମାନଙ୍କର ଜୀବନ ଜୀବିକାର ପ୍ରଧାନ ମାଧମ ପାଲଟିଥାଏ |କିଏ ମାଛ ମାରି ନିଜର ପେଟ ପୋଷେ ତ କିଏ ନଦୀ ଜଳ ଦ୍ୱାରା ଚାଷ କରି ନିଜର ଜୀବନ ଧାରଣ କରେ |ସେଇ ଅଞ୍ଚଳର ଲୋକମାନଙ୍କ ପାଇଁ ନଦୀ ପରମେଶ୍ୱରୀ , ସଙ୍କଟହାରିଣୀ , ଜୀବନ ସଞ୍ଜୀବିନି ରୂପରେ ଉଭା ହୋଇଥାଏ | କାରଣ ଉକ୍ତ ଅଞ୍ଚଳର ମଣିଷମାନଙ୍କ ଜୀବନ ଯାହା ଦ୍ୱାରା ସଂଚରିତ ହେଉଥାଏ ତାହା ହେଉଛି ସେଇ ନଦୀମାତା | କିନ୍ତୁ ସେଇ ନଦୀ ଯେତେବେଳେ ବର୍ଷା ଦିନରେ ପୂର୍ଣ୍ଣଗର୍ଭା ହୋଇ କୂଳ ଲଙ୍ଘନ କରେ ଏବଂ ତଟବର୍ତ୍ତୀ ଅଞ୍ଚଳକୁ ବନ୍ୟାପ୍ଲାବିତ କରେ ସେତେବେଳେ ସେମାନଙ୍କ ଧନ ଓ ଜୀବନ ଉଭୟକୁ ଧ୍ୱଂସ କରିଦେଇଥାଏ |

ଯେ ନିଜର ଅମୃତ ଦାନରେ ଜୀବନକୁ ପୁଷ୍ଟ କରିଥାଏ , ସେ ମହାଭୟଙ୍କରୀ ରୂପ ନେଇ ବିନଷ୍ଟ ମଧ କରିପାରେ | ଯେ ନିଜର ସ୍ୱଚ୍ଛ ମଧୁର ଜଳ ଦ୍ୱାରା ମଣିଷରଜୀବନକୁ ତୃଷା ନିବାରଣ କରେ ସେ ଉଗ୍ର ହୋଇ ଜୀବନ ନାଶ ମଧ କରିପାରେ | ଯେ ସୁନ୍ଦର ସାକାର ମୂର୍ତ୍ତି ହୋଇ ଆମର ସର୍ଜନା କରିପାରନ୍ତି ସମୟ ଆସିଲେ ସେ ତାହାର ସଂହାର ମଧ କରନ୍ତି | ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଯାହା ପାଖରେ ଧାରଣ କରିବାର , ସର୍ଜନା କରିବାର ଅପୂର୍ବ ଶକ୍ତି ନିହିତ
ହୋଇ ରହିଛି ତାଙ୍କ ନିକଟରେ ତାରଣ କରିବାର , ନଷ୍ଟ କରିବାର ଶକ୍ତି ମଧ ବିପୁଳ ଭାବରେ ସଞ୍ଚିତ ହୋଇରହିଛି |

ଏଣୁ ' ୟଃ ଧାରୟତି ସ ତାରୟତି ' ଉକ୍ତିଟି ଯଥାର୍ଥ ମନେହୁଏ |

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ପରଂବ୍ରହ୍ମ ...

ତୁମେ ହିଁ ଆଦି
ତୁମେ ହିଁ ତ ଅନ୍ତ ।।
କୋଟି ପରଂବ୍ରହ୍ମ ମୋର
ତୁମେ ହିଁ ତ ଅନନ୍ତ ।।

ସକଳ ସୃଷ୍ଟିର ଆଦିଓଁକାର
ଗାଇ ଉଠେ ଏ ମନ ।।
ବୀଣା ଝଙ୍କାରର ତୁମେ ଆବାହକ
ନାଚି ଉଠେ ଏ ବୃନ୍ଦାବନ ।।

ସକଳ ସୃଷ୍ଟିରେ ତୁମେ ତ ନାୟକ
କୋଟି ଓଡ଼ିଆଙ୍କ ତୁହି ଯେ ମାଲିକ ।।
କେବେ ତୁ ଅଝଟିଆ ପୁଣି ରାଗୀ
ବଡ଼ଦରଦୀକାଳିଆ ତୁମେସହଭାଗୀ ।।

ଆନନ୍ଦ ବଜାରେ ନିରାନନ୍ଦ ତୁହି
ଆପଣା ପର ତୁ କେବେ ନ କରଇ ।।
କୋଟି ଓଡ଼ିଆଙ୍କ ତୁମେ ଦାରୁବ୍ରହ୍ମ
କେବେ ତୁ ଈଶ୍ୱର ପୁଣି ପରଂବ୍ରହ୍ମ ।।

ସତ୍ୟବାନ ବେହେରା
(ଯୁଗ୍ମ ସମ୍ପାଦକ: ମାତାପିତା ସାହିତ୍ୟ ସଂସଦ ଓ ପାଠାଗାର)
ବାଙ୍କିପଦା , ଈଶ୍ୱରପୁର,
ବାଲେଶ୍ୱର

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର
ସ୍ମୃତି ତୀର୍ଥ

ମୋ' ସୁନୟନା ...

ଶୁଭଙ୍କର ସାହୁ
ଛନୁଆ, ବାଲେଶ୍ୱର

ଚନ୍ଦନ ମହକୁଛି   ଫୁଲ ବି ମହକୁଛି
ତୁମର ସ୍ପର୍ଶ ମାତ୍ରେ ,
ହାତେ ରଙ୍ଗ ତୁଳୀ   ଆଙ୍କେ ତୁମ ଛବି
ମୋହର ପ୍ରେମ ପତ୍ରେ ।।

ନାନା ରଙ୍ଗ ଫୁଲ   ଫୁଟିଛି ବାରିରେ
ତଥାପି ତୁମକୁ ଚାହେଁ ,
କି' ଅତର ମାଖି   ଆସିଲ ଗୋ ପ୍ରିୟା
ତୁମରି ସୁନେଲି ଦେହେ ।।

ରାତି ଲାଗେ ଦିନ   ଦିନ ଲାଗେ ରାତି
ତୁମକୁ ଦେଖିଲା ପରଠୁ ,
କି' ମଧୁର କଥା   କି' ମଧୁର ଗୀତି
ଶୁଣିଛି ତୁମରି ଓଠୁ ।।

ତୁମରି ଜାଲରେ   ଛନ୍ଦି ଗଲି ଆଜି
କି' ଯାଦୁ କରିଛ ପ୍ରିୟା ,
ତୁମେ ମୋହର   ମୋ ସୁନେଲି ସ୍ୱପ୍ନର
ହୋଇଛ ନୂତନ ସାହା ।।

ସୁନ୍ଦର ନୟନ   ନୟନେ ପୂରିତ
ନୀଳ ଢେଉ ର ଜ୍ୟୋତ୍ସ୍ନା ,
ଆଦି ତୁମ ଠାରେ   ଅନ୍ତ ତୁମ ଠାରେ
ଆଗ ମୋ ସୁନୟନା ।।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ମୁଁ କହୁଚି ହୃଦୟ ତୋର...

ରୂପାଲି ପଲେଇ
ଟିଛିଣି, ପାରିକୁଦ, ପୁରୀ

ଥରେ ଏକାନ୍ତରେ ହୃଦୟକୁ ପଚାରିଲି କି?
ସେ ମୋର କଣ ହୋଇ ରହି ପାରିବ?

ତ' ହୃଦୟ ଉତ୍ତର ଦେଲା କି...
ସମୟ,ବୟସ,ବରଷ
ସବୁକିଛି ଚାଲିଯିବ...
ତୋ ପାଇଁ କିନ୍ତୁ ସେ ଅଭାବ ଟେ
ହୋଇ ରହିଯିବ...

ପରେ ପ୍ରଶ୍ନ କରିଲି ସେ କ'ଣ ମୋର?
ହୃଦୟ ଉତ୍ତର ଦେଲା କି...
ନା,ତୁ' ନୁହେଁ ତା'ର।
ପାଇବୁନୁ କେବେ ସେ ଅଧିକାର
ତୁ' ଯୋଗ୍ୟା ନୁହେଁ ସେ ଜାଗାର
କେମିତି ହେବ ସେ ତୋର।

ପରେ ପ୍ରଶ୍ନ କରିଲି,
କି' କାହିଁକି ଆସିଥିଲେ ଏ ହୃଦୟକୁ ମୋର?

ହୃଦୟ ଉତ୍ତର ଦେଲା କି...
ପ୍ରେମ ଜଦି ଦେବେସବୁ,ଶିଖେଇବ
କିଏ ବିରହର ସ୍ୱର
ସବୁଜାଣି ତାକୁ ମନଦେଲୁ ଯିଏ
କଷ୍ଟଦେବ ହୃଦୟ କୁ ତୋର।

ପୁଣି ପ୍ରଶ୍ନ କରିଲି ଆସିବିନି କ'ଣ
କେବେ କାହାଣୀ ରେ ତା'ର ?

ସେ ଜବାବା ଦେଲାକି....
ହେଇଟୁ ତ ତା କାହାଣୀରେ
କିଛିଟା ହସ୍ତାକ୍ଷର
ଅନେକ କାହାଣୀରେ ନାୟକ
ସାଜିବାକୁ ମନ ଯାର
ସେ କି ଆଣିବ ତତେ ତା'
କାହାଣୀରେ ପୁନର୍ବାର।

କେତେ ପାଗଳ ଥିଲୁ ମା,ଭଉଣୀ,
ପ୍ରେମିକା ଭଳି ପଚାରୁ ଥିଲୁ ଭଲମନ୍ଦ ତା'ର
ତୁ' ଗରିବ ପ୍ରେମିକା ସାଜିପାରିବୁ କି?
ସେ ଦାମିକା ହୃଦୟରେ ରାଣୀ ତାର

ଶେଷେ କହୁଚି ଏକ କଥା ଶୁଣ୍ ମୋର..
କିଛିନୁହେଁ ଯେ ତୋ ଭିତରେ ଅଛି ମୁଁ
ହୃଦୟ ହୋଇ ତୋର
ଯିଏ ତୋର ନୁହେଁ ତାକୁ ଭାବି ମତେ
କାଇଁ କଷ୍ଟ ଦେଉ ବାରବାର...
ହଁ ମୁଁ କହୁଚି ବିଚରା ହୃଦୟ ତୋର...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ସ୍ମୃତି ତୀର୍ଥ ...

ସ୍ୱର୍ଣ୍ଣ ରଥ ମହାପାତ୍ର
ବିଜୟା ଗାର୍ଡେନ,
ଜାମଶେଦପୁର, ଟାଟା

ସେ ମାଟିର ମୋହ
ଆକାଶେ କୋହର କୁହୁଡ଼ି ଢାଙ୍କିଦିଏ
ମୋର ପରିଚୟରର ପୃଥିବୀଟାକୁ
ଭର୍ତ୍ତି ପ୍ରାର୍ଥନାର କନକାଞ୍ଜଳି
ଆଞ୍ଜୁଳି ଥାଳି ଭର୍ତ୍ତି ଭବିତବ୍ୟର କାମନା ଅର୍ଘ୍ୟ
ଗାଁ ମୁଣ୍ଡ ଠାକୁରାଣୀଙ୍କୁ ସମର୍ପି ଦେଇ
ଆସିଥିଲି ସୌଭାଗ୍ୟର ଅଳତା ପାଦ ଥାପି ଥାପି ।
ସ୍ମୃତିର ସେ ପାଦ ଚିହ୍ନ ଲମ୍ବିଛି କୋଶ କୋଶ
ଅଳତା ଧୋଇ ଗଲେଣି ସମୟ ବର୍ଷାରେ
ଋତୁମାନେ ଛାଇରେ ଘୋଡେଇ ଦିଅନ୍ତି ମୋ ପାଦ ଚିହ୍ନକୁ
କାହିଁ ବିସ୍ମୃତିର ଖରା ନ ଛଡେଇ ଦେଉ ରଂଗ
ମୋ ପ୍ରତିଛବିର ସ୍ମୃତି ଚିତ୍ରକୁ,
ପର୍ବପର୍ବାଣୀ ମାନେ ପବନ ହାତେ ପଠାନ୍ତି ନିମନ୍ତ୍ରଣ
ଛାତିରେ ମୋ ମେଳଣ ବସେ ଉଚ୍ଛ୍ୱାସର ।

ବଉଳ ପେନ୍ଥି ହେଇ ମୁଁ ଝୁଲୁଥାଏ
ଗାଁ ଆମ୍ବ ତୋଟାରେ ବସନ୍ତରେ କେବେ
ଜହ୍ନି ଫୁଲ ହେଇ ଫୁଟୁଥାଏ କେବେ ଭୋଦୁଅରେ
ରଜ ଦୋଳି ହେଇ ଝୁଲୁଥାଏ ମୁଁ ନଈ ବାଆରେ
ଶୈଶବ ମୋ ଜୀଇଁ ଉଠେ କେବେ
ଧୂଳି ଧୂସର କରିବାକୁ
ଆଧୁନିକତାର ପ୍ରସାଧନ ପ୍ରଲେପର
ଶରୀର ମନ ଅନୁଭବକୁ ।
ସଞ୍ଜର ଗୋଧୂଳି ଭିତରୁ
କିଶୋରୀ ଲବଙ୍ଗ ଲତାଟିଏ ଓହ୍ଲେଇ ପଡେ
କୁମାର ପୂନେଇଁ ଜହ୍ନ ଅଗଣାକୁ କେବେ
ଜୋଛନାରେ ଗାଧେଇବାକୁ ବାଡୁଅ ପ୍ରେମକୁ
ଗାଁ ହରତାଲିକାରେ ମନଟା ମୋର
କିଏ ଯେମିତି ଚୋରେଇ ନେଇଛି ଅଧ ରାତିରେ ।

ବାରମ୍ବାର ଗାଁ ମାଟିର ଡାକ, ଆମନ୍ତ୍ରଣରେ
ଇଚ୍ଛା ଯାନରେ ଇନ୍ଧନ ଭରିଛି
ମନରେ ଡେଣା ଯୋଡିଛି କେତେ ଥର
ହେଲେ ଉଡି ପାରିନି ସମସ୍ୟାର ଟଣା ଓଟରାରେ
ଜୀବନ ଜଞ୍ଜାଳର ଶୀତଳ ଯୁଦ୍ଧରେ
ସଂଯୋଗର ସେତୁ ବାନ୍ଧି ପାରିନି
ସ୍ମୃତି ତୀର୍ଥ ପବିତ୍ର ମନ୍ଦାକିନୀରେ ।
ପ୍ରଦୁଷିତ ଶବ୍ଦର କୋଳାହଳ ଭିତରେ
ଶାନ୍ତ ସୌମ୍ୟ ଭିଟାମାଟିର ମହମହ ବାସ
ମଧୁ ଭରିଦିଏ ଶୂନ୍ୟ ଅଳିନ୍ଦ ଫେଣାରେ
ମନ କହେ ବାକି ଆୟୁଷକୁ
ଭିଜେଇ ଦବାକୁ ସେ ପୂଣ୍ୟ ଧାମର
ପାଣି ପବନ ଧୂଳି ବାଲି ତରୁ ଲତା
ସକାଳ ସଞ୍ଜର ମହାର୍ଘ୍ୟ ବେଳାରେ ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୃତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ତୁମ ପରି କିଏ ଅଛି...

ଆକୁଳାନନ୍ଦ ପୃଷ୍ଟି
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମହାଳପଡ଼ା, କଖଡି, କଟକ

ହେ' ଠାକୁର , ସବୁତ ତୁମର ଲୀଳା
ଶୃଖିଳାରେ ତୁମେ ବୁଡ଼େଇ ମାର
ବାରିଧି ରେ ହୁଅ ଭେଳା
ସବୁତ ତୁମର ଲୀଳା ।

ବିନା ଅନଳରେ ଜଳେଇ ମାର
ଆଲୁଅରେ ରଚ ମାୟା
ଅନ୍ଧ ଦେଖିଲା ତୁମ ଦିବ୍ୟ ରୂପ
ଆମକୁ ଦିଶୁନି ଛାୟା ।

ନ' ମାଗିଲେ ତୁମେ ଯାଚି ଦେଇଥାଅ
ମାଗିଲେ ଭାଙ୍ଗୁଚ ଥାଳ
ତୁମ ଇଚ୍ଛା ବିନା କିଛି ତ ଘଟେ ନି
କାହିଁକି ଫାଟେ କପାଳ ?

ଅଜାକୁ ବଞ୍ଚେଇ ନାତିକି ମାରୁଚ
ନାତିର ନାହିଁ ଆୟୁଷ
ହାତୀ କି ବଞ୍ଚେଇ କୁମ୍ଭୀର ମାରିଲ
ଏଇଟା କାହାର ଦୋଷ ?

ମୂଳ ଠୁ ଅଧିକ ସୁଧ କଷି ନିଅ
ମହାଜନୀ କାରବାର
ମଦାଙ୍ଗ ବଞ୍ଚେଇ ବୃକ୍ଷକୁ ଓପାଡ
ଛିଡେଇ ଦିଅ ତା ଚେର ।

ଗାତରେ ପକାଇ ହାତ ବଢ଼ାଉଚ
କହୁଚ ଉଠରେ ପୁଅ
ପିଠି କି ଆଁଉଶି ପେଟକୁ ନାତ
ଥାଳିକ ଭାତ
ବୁଲା କୁକୁରକୁ ଦିଅ ହେ ମଣିମାଁ
ବୁଲା କୁକୁରକୁ ଦିଅ ।

ତୁମପରି କିଏ ଅଛି
ଗଛରେ ଝୁଲୁଛି ପାଚିଲା ଫଳ
କଞ୍ଚା ଫଳ ନିଅ ବାଛି
ହେ ମଣିମାଁ , ତୁମ ପରି କିଏ ଅଛି ।

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ଠିକଣା ହଜିଛି ...

ଅମୂଲ୍ୟ କୁମାର ସେନାପତି
ତିହିଡି, ଭଦ୍ରକ

ଅନେକ ଦିନରୁ ଠିକଣା ଖୋଜୁଛି
ଆଜିର ଏ ଅଦ୍ଭୁତ ଯୁବକ,
ଯିଏ ନିଜେ ହଜି ଯାଇଛି ,
ରାସ୍ତା ପାଉନି ଦୁନିଆର ଦ୍ଵାର କେଉଁଠି ?
ଏଇ କେଇଟା ବର୍ଷ ଭିତରେ
ସବୁ ଏମିତି ବଦଳି ଚାଲିଛି ଯେ
ସରୁନି ଆରମ୍ଭ କରିଥିବା ଯାତ୍ରା
କି' ସରୁନି, ଚାଲୁଥିବା ସେ ରାସ୍ତା .... ।

ପିଲାବେଳେ ବାପା ମା' କହିଥିବା
ସେହି ବୁଢ଼ୀ ଅସୁରୁଣୀର କଥା,
ରାମ ରାବଣ, କୃଷ୍ଣ କଂସର କଥା,
ତ୍ରିଦେବଙ୍କ ମାହାତ୍ମ୍ୟ ଓ ଗୁରୁଜନଙ୍କୁ
ନତମସ୍ତକ ସମ୍ମାନର କଥା
ବୋଧହୁଏ...
ଅସଲ ବୀରତ୍ଵ ପାଖରେ
ବୀର କର୍ଣ୍ଣଙ୍କ ସାଧନା ଅଲୋଡ଼ା ହୋଇଛି,
ଏସବୁ କାଳ୍ପନିକ ବୋଲି...
ରାସ୍ତା ବଦଳିଯିବାରେ ଲାଗିଛି
ବଦଳିଛି ଗାଁ ମଝିରେ ଥିବା ଚାଟଶାଳୀ,

ଯେଉଁ ଦିଗକୁ ଚାହିଁଲେ
ରାସ୍ତାରେ ରାକ୍ଷସର ଭୟ ,
ବଣ ଜଙ୍ଗଲରେ ବି ଘୁରିଲେ
ହିଂସ୍ରଜନ୍ତୁଙ୍କର ଆକ୍ରମଣ ଥୟ,
ମୁନି ଋଷିଙ୍କର ଗୋଟେ ଦେଖାନାହିଁ,
କୁହୁକର କୁଟୀରଟେ ନାହିଁ ବିଶ୍ରାମ ପାଇଁ,

ଗୁରୁ ବି ଆଜିକାଲି ଦୀକ୍ଷା ଦେବାକୁ
ଅରାଜି ହୋଇ ଅନ୍ତର୍ଧ୍ୟାନ ହେଲେଣି,
ତେଣେ ଇତିହାସ ବି ଆଖିଠାରି ହସିଲାଣି,
କେହି ଜଣେ ପୂର୍ବଜ ଦେଖା ଦିଅନ୍ତେ କି,
ହଜିଥିବା ଯୁବକର ରାସ୍ତାର ଠିକଣା
ଚିହ୍ନଟ କରିବାକୁ ସକ୍ଷମ ହୁଅନ୍ତା !!!

ତେବେ ଅନ୍ତ ହେବାପାଇଁ
ଅନ୍ତରୀକ୍ଷକୁ ପଠାଯାଇଥିବା
ସେହି ମହାକାଶ ଚାରି ସହ
ଭୂପୃଷ୍ଠରୁ ଯୋଗାଯୋଗ ନହେଲେ
ସବୁଦିନ ମହାଶୂନ୍ୟରେ ଘୁରି ବୁଲିବା
ବୋଧହୁଏ ହୋଇପାରେ
ଯୁବକର ଭାଗ୍ୟଫଳ,
ଅବା ଭାଗଶେଷର ଅନ୍ତିମ ଠିକଣା...

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଅଭିନନ୍ଦନ

ମହ୍ଲାର ଇ-ପତ୍ରିକାର "ଅଭିନନ୍ଦନ" ପୃଷ୍ଠାକୁ ଆପଣଙ୍କୁ ସ୍ୱାଗତ.

ଏହି ପୃଷ୍ଠାରେ ଆପଣ ଆପଣଙ୍କ ପ୍ରିୟଜନଙ୍କୁ ସେମାନଙ୍କର ବିବାହ ବାର୍ଷିକୀ, ଜନ୍ମଦିନ , ଶ୍ରଦ୍ଧାଞ୍ଜଳି ଓ ଅନ୍ୟାନ୍ୟ ଦିନ ମାନଙ୍କର ଶୁଭେଚ୍ଛା ଜଣାଇ ପାରିବେ .

ନିୟମାବଳୀ :

ଏଥି ନିମନ୍ତେ ଆପଣଙ୍କ ପ୍ରିୟଜନଙ୍କ ୩-୪ ଟି ରଙ୍ଗୀନ ଫୋଟୋ , ନାମ, ଅଭିନନ୍ଦନ ଜଣାଇବାର ତାରିଖ ଏବଂ ଆପଣଙ୍କର ନାମ ଆମକୁ ଆମ ଯୋଗାଯୋଗ ଠିକଣା ରେ ପଠେଇବାକୁ ଅନୁରୋଧ.

ଯୋଗାଯୋଗ :

- ଫୋନ / ହ୍ୱାଟ୍ସଆପ୍ ନମ୍ବର : *୮୩୨୮୯୫୧୨୨୯*
- ଇ-ମେଲ : ***Malharmagazine@Gmail.Com***

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ


ମହ୍ଲାର ଇ-ପତ୍ରିକା
ଜନ୍ମଦିନର
ଅଭିନନ୍ଦନ
ଦେବାଶିଷ ଦାଶ
୦୪ ଜାନୁଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ଜନ୍ମଦିନର ଅଭିନନ୍ଦନ

ରାଜେଶ କୁମାର ସାହୁ
୦୨ ଜାନୁଆରୀ

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଏବଂ ଶୁଭକାମନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ


ମହ୍ଲାର ଇ- ପତ୍ରିକା
ଜନ୍ମଦିନର ଅଭିନନ୍ଦନ
ବବୁଲ୍ କୁମାର କବି
୧୧ ଜାନୁଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ମହ୍ଲାର ଇ- ପତ୍ରିକା
ଜନ୍ମଦିନର ଅଭିନନ୍ଦନ
ଅନିତା କୁମାରୀ ଆଚାର୍ଯ୍ୟ
୧୮ ଜାନୁଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଏବଂ ଶୁଭକାମନା

ମହ୍ଲାର ଇ- ପତ୍ରିକା

ଜନ୍ମଦିନର ଅଭିନନ୍ଦନ

ରୂପାଲି ମହନ୍ତ

୧୯ ଜାନୁଆରୀ

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, **ସହ-ସମ୍ପାଦକ:** ରଶ୍ମି ରଞ୍ଜନ ସାହୁ, **ସହ-ସମ୍ପାଦିକା:** କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, **ମୁଖ୍ୟ ପରିଚାଳିକା:** ଶିବଦୂତିପାଣିଗ୍ରାହୀ, **ସଂଯୋଜକ:** ତ୍ରିନାଥ ନନ୍ଦୀ



ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମହ୍ଲାର ଇ-ପତ୍ରିକା
ଜନ୍ମଦିନର
ଅଭିନନ୍ଦନ
ଲକ୍ଷ୍ମୀପ୍ରିୟା ସାହୁ
୩୧ ଜାନୁଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ମହ୍ଲାର ଇ- ପତ୍ରିକା
ଜନ୍ମଦିନର
ଅଭିନନ୍ଦନ
ବିକାଶ ମହାନ୍ତି
୦୧ ଫେବୃଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ

ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ମହ୍ଲାର ଇ- ପତ୍ରିକା
ଜନ୍ମଦିନର ଅଭିନନ୍ଦନ
ଅଶୋକ ତାଣ୍ଡି
୧୯ ଫେବୃଆରୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱପ୍ନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ ଓ ରିନା ପରିଡ଼ା, ମୁଖ୍ୟ-ପରିଚାଳିକା: ଶିବଦୂତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ସ୍ମୃତି ତୀର୍ଥ

ଜନ୍ମଦିନର ଅଭିନନ୍ଦନ

ନିହାର ରଞ୍ଜନ ନାୟକ

୨୬ ଫେବୃଆରୀ

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଏବଂ ଶୁଭକାମନା

ପ୍ରତିଷ୍ଠାତା/ସମ୍ପାଦକ: ଶିଶିର କୁମାର ସାମଲ, ସହ-ସମ୍ପାଦକ: ରଶ୍ମି ରଞ୍ଜନ ସାହୁ, ସହ-ସମ୍ପାଦିକା: କ୍ଷୀରାବ୍ଧି ଦାଶ & ରିନା ପରିଡ଼ା, ମୁଖ୍ୟ ପରିଚାଳିକା: ଶିବଦ୍ୟୁତିପାଣିଗ୍ରାହୀ, ସଂଯୋଜକ: ତ୍ରିନାଥ ନନ୍ଦୀ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ମହ୍ଲାର ଇ- ପତ୍ରିକା
ଜନ୍ମଦିନର ଅଭିନନ୍ଦନ
ପ୍ରତିମା ପାତ୍ର
୦୫ ମାର୍ଚ୍ଚ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ
ଆପଣଙ୍କ ଆବିର୍ଭାବ ଦିବସ ସ୍ୱନକ୍ଷେତ୍ର ଉତ୍ସବ ତଥା
ଶୁଭ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ ଏବଂ ଶୁଭକାମନା

ମହ୍ଲାର ଇ-ପତ୍ରିକା ର ଏହି ୧୨ ତମ ସଂସ୍କରଣ "ସ୍ମୃତି ତୀର୍ଥ" ଆପଣଙ୍କୁ
କେମିତି ଲାଗିଲା, ସେ ବିଷୟରେ ନିଶ୍ଚୟ ଆପଣଙ୍କର ମୂଲ୍ୟବାନ ମତାମତ
ଆମକୁ ଦେବାକୁ ଆଦୌ ଭୁଲିଯିବେନି...



ଫୋଟୋ : ସାନ୍‌ଭି ସର୍ଲେନ୍ ଷଡ଼ଙ୍ଗୀ
(ଶ୍ରେଣୀ : ପ୍ରଥମ, ବୟସ : ୦୭)

Www.MalharOdia.Com